


ଇତିହାସ ରଚିଲେ ବୈଭବ — ପୃଷ୍ଠା ୭

# ସଂଚାର
THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live    mail Id: sancharodisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 34 | ISSUE 29 | ଭାଗ ୩୪ | ସଂଖ୍ୟା ୨୯    Bhubaneswar | Monday 21 April 2025 | Page 8 Rs. 4.00    ● ଭୁବନେଶ୍ୱର ସୋମବାର ୨୧ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଭୁଶୁଡ଼ିଲା ୪ ମହଲା କୋଠା: ୧୧ ମୃତ



● ମୁଖ୍ୟମନ୍ତ୍ରୀ ଦେଲେ ତଦନ୍ତ ନିର୍ଦ୍ଦେଶ
● ମୃତକଙ୍କ ମଧ୍ୟରେ ପରିବାରର ୮

**ନୂଆଦିଲ୍ଲୀ,୨୦।୪:** ଦିଲ୍ଲୀରେ ଗତକାଲି ବିଳମ୍ବିତ ରାତିରେ ଏକ କୋଠା ଭୁଶୁଡ଼ି ପଡ଼ିବା ଫଳରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି। ଦିଲ୍ଲୀର ଉତ୍ତର-ପୂର୍ବାଞ୍ଚଳର ମୁସ୍ତାଫାବାଦ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ପାଖାପାଖି ୧୨ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଧ୍ୱଂସାବଶେଷ ତଳୁ ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣାରେ ୧୧ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଜିଟିବି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ବିଳମ୍ବିତ ରାତ୍ରି ପ୍ରାୟ ୩ଟା ସମୟରେ ଉକ୍ତ ୪ ମହଲା କୋଠାଟି ଦିଆସିଲି ଖୋଳ ପରି ଭୁଶୁଡ଼ି ପଡିଥିଲା। ଏହି ଛାତିଥରା ଦୃଶ୍ୟ ଏକ ସିସିଟିଭିରେ କଏଦ ହୋଇଥିବା ବେଳେ ଏହା ବେଶ୍ ଦ୍ରୁତ ଗତିରେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଉକ୍ତ କୋଠାରେ ୨୨ଟି ପରିବାର ରହୁଥିବା ବେଳେ ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ରହିଛନ୍ତି। ଏହି ଘଟଣାରେ ମୃତକଙ୍କ ସଂଖ୍ୟା ନେଇ ଦିଲ୍ଲୀ ପୁଲିସ୍ ମୃତକମାନଙ୍କ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ କୋଠାର ମାଲିକ ୬୦ ବର୍ଷୀୟ ତେହେସିନଙ୍କ ନାଁ ବି ରହିଛି। ସେହିପରି ମୃତକଙ୍କ ମଧ୍ୟରେ ତାଙ୍କ ପରିବାରର ଆଉ ୭ ଜଣ ସଦସ୍ୟ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ ୩ ଜଣ ମହିଳା ଓ ୪ ଜଣ ଶିଶୁ ସାମିଲ୍। କୋଠାଟି ଭୁଶୁଡ଼ିପଡ଼ିବା ନେଇ ଖବର ପାଇବା ପରେ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ପରେ ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ୍ ଟିମ୍ ମଧ୍ୟ ସାମିଲ ହୋଇଥିଲା। ତେବେ ଏହି ଅଘଟଣ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୋଠା ଭୁଶୁଡ଼ି ପଡ଼ିବାର କାରଣ ଖୋଜିବା ସକାଶେ ମୁଖ୍ୟମନ୍ତ୍ରୀ ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଦୁର୍ଘଟଣା ପାଇଁ ଦାୟୀ କୌଣସି ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ ନାହିଁ ବୋଲି ଶ୍ରୀମତୀ ➪ପୃଷ୍ଠା-୬

### ଫେରିଲା ତାତି, ଅସମ୍ଭାଳ ଗୁଳୁଗୁଳି

## ଆରେ ବାପ୍‌ରେ! ୫୨ ଡିଗ୍ରୀ



● ୪୩.୫ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ
● ୪୦ ଡିଗ୍ରୀ ଉପରେ ୧୧ ସହର ତାପମାତ୍ରା
● ରାଜଧାନୀରେ ୫୨ ଡିଗ୍ରୀ ପରି ତାତି ଅନୁଭୂତ
● ଗ୍ରୀଷ୍ମ ପ୍ରବାହ ସ୍ତର ଆହୁରି ବଢ଼ିବା ଆଶଙ୍କା
● ୨୫ ଯାଏଁ କାଳବୈଶାଖୀ, ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ
● ପ୍ରାକ-ମୌସୁମୀରେ ୫୫% ଅଧିକ ବର୍ଷା

**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ଗତ କିଛି ଦିନ ହେଲା ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ଯୋଗୁଁ ପାଣିପାଗରେ ବିଶେଷ ଉଷ୍ଣତା ପ୍ରକାଶ ପାଇନଥିଲା। ବରଂ ଜନସାଧାରଣ ଭୀଷଣ ତାତିରୁ ଆଶ୍ୱସ୍ତି ପାଇଥିଲେ। କିନ୍ତୁ ଆଜି ଅଚାନକ ପାଗର ମିଜାଜ୍ ବଦଳିଛି ଓ ଭୀଷଣ ମାତ୍ରାରେ ଗରମ ଅନୁଭୂତ ହୋଇଛି। ଏପରିକି ଗୁଳୁଗୁଳିରେ ଜନଜୀବନ ଏକରକମ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆଜି ଦିନତମାମ ଭୁବନେଶ୍ୱରରେ ଆର୍ଦ୍ରତା ପରିମାଣ ୬୦ ପ୍ରତିଶତରୁ ଅଧିକ ରହିଥିଲା। ଯେଉଁଥିପାଇଁ ସକାଳ ସାଢ଼େ ୮ଟାରେ ରାଜଧାନୀର ତାପମାତ୍ରା ୩୧ ଡିଗ୍ରୀ ରେକର୍ଡ ହୋଇଥିଲେ ବି ୮୦ ପ୍ରତିଶତ ଆର୍ଦ୍ରତା କାରଣରୁ ୪୨ ଡିଗ୍ରୀ ପରି ତାତି ଅନୁଭୂତ ହୋଇଥିଲା। ସେହିଭଳି ଅପରାହ୍ନ ସାଢ଼େ ୨ଟା ସମୟରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଥିଲେ ମଧ୍ୟ ୫୨ ଡିଗ୍ରୀ ଭଳି ତାତି ଅନୁଭୂତ ହୋଇଥିଲା। ଭୀଷଣଆର୍ଦ୍ରତା ପ୍ରଭାବରେ ଦେହରୁ ଅସମ୍ଭବ ପ୍ରକାରେ ଝାଳ ବହିଚାଲୁଥିଲା। ଆଉ ସେ ସମୟରେ ରାଜଧାନୀରେ ଆର୍ଦ୍ରତାର ପରିମାଣ ୬୧ ପ୍ରତିଶତ ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଆଜି ସକାଳୁ ଭୀଷଣ ଖରା ହେବା ସହ ଗୁଳୁଗୁଳି ମାତ୍ରା କ୍ରମଶଃ ବଢ଼ିଚାଲିଥିଲା। ଏପରିକି ଦ୍ୱିପ୍ରହର ସମୟରେ ଶୋଇବା କି ବସିବା ଅସମ୍ଭବ ମନେ ହୋଇଥିଲା। ତେଣୁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଚଳିତ ବର୍ଷ ଫେବୃଆରୀ ଆରମ୍ଭରୁ ଯେପରି ଢଙ୍ଗରେ ଗୁଳୁଗୁଳି ଓ ଖରା ହୋଇଥିଲା, ପରବର୍ତ୍ତୀ ସମୟରେ ସେଥିରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି। କିନ୍ତୁ ଗତ ପ୍ରାୟ ସପ୍ତାହେ ହେବ ପାଣିପାଗ ନରମ ରହିଥିଲା। ନିକଟରେ ଆଇଏମଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆଗାମୀ ତିନି ମାସ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ସ୍ତର ଆହୁରି ବୃଦ୍ଧି ପାଇପାରେ। ଦେଶର ପୂର୍ବ ଭାଗରେ ➪ପୃଷ୍ଠା-୬

### ବଜ୍ରାଘାତରେ ମହିଳାଙ୍କ ସମେତ ୨ ମୃତ

**ଟିଟିଲାଗଡ଼:** ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଅନୁଭୂତ ହେଉଥିବା ବେଳେ ଆଜି ବଜ୍ରାଘାତରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଉକ୍ତ ମହିଳା ଜଣଙ୍କ ହେଲେ ସଇଁତଳା ଥାନା ଅନ୍ତର୍ଗତ ଡୁଷ୍ଟାପାଲି ଗାଁର ସ୍ନେହଲତା ବୁଡେକ। ଆଜି ➪ପୃଷ୍ଠା-୬

## ଲୋକଙ୍କ ପାଖକୁ ଯିବେ ସରକାର



● ଆଜି ସମ୍ବଲପୁରରେ ଅଭିଯୋଗ ଶୁଣାଣି
● ବରିଷ୍ଠ ଅଧିକାରୀଙ୍କ ସହ ରହିବେ ୧୧ ମନ୍ତ୍ରୀ

**ସମ୍ବଲପୁର,୨୦।୪ (ସଂଚାର ବ୍ୟୁରୋ):** ଲୋକଙ୍କ ପାଖକୁ ଯିବେ ସରକାର। ସବୁ ସୋମବାର ଲୋକେ ନିଜର ଅଭିଯୋଗ ନେଇ ଦୂରଦୂରାନ୍ତରରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିବେନି। ନିଜେ ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଖକୁ ଯାଇ ସେମାନଙ୍କ ଅଭିଯୋଗପତ୍ର ଆଣିବେ ଆଉ ଅନ୍ ଦି ସ୍ପଷ୍ଟ ହେବ ସମାଧାନ। ଏନେଇ ଆଭିମୁଖ୍ୟରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସମ୍ବଲପୁରରେ କରିବେ ଅଭିଯୋଗ ଶୁଣାଣି।

ସୋମବାର ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି। ଏଥିପାଇଁ ପ୍ରଶାସନ ପକ୍ଷରୁ ଚାଲିଛି ବ୍ୟାପକ ପ୍ରସ୍ତୁତି। ଶନିବାର ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସ୍ଥିତି ପରଖିଥିଲେ। ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥିତି ପରଖିଛନ୍ତି। ପ୍ରଶାସନ ସହ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ସଚିବଙ୍କ ପ୍ରକୋଷ୍ଠ, ଜରୁରୀ ସେବା ଆଦି ବିଭିନ୍ନ ପ୍ରକୋଷ୍ଠ ଖୋଲୁଥିବାରୁ ➪ପୃଷ୍ଠା-୬



### ୩୦ ଘଣ୍ଟା ପରେ ଉଠିଲା ଶବ

## ପରିବାରକୁ ମିଳିଲା ୨୦ ଲକ୍ଷ, ଚାକିରି

**ରାଉରକେଲା,୨୦।୪(ସଂଚାର ବ୍ୟୁରୋ):** ରାଉରକେଲାରେ ରେଲଲାଇନ୍ ନିର୍ମାଣକୁ ବିରୋଧ ଘଟଣାକୁ ନେଇ ଯୁବକଙ୍କ ମୃତ୍ୟୁ ପ୍ରସଙ୍ଗରେ ୩୦ ଘଣ୍ଟା ପରେ ଉଠିଲା ଶବ। ମୃତକଙ୍କ ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହ ପତ୍ନୀଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ପ୍ରତିଶ୍ରୁତି। ମୃତକଙ୍କ ଦୁଇ ପିଲାଙ୍କ ପାଠପଢ଼ା ଦାୟିତ୍ୱ ନେଲେ ସରକାର। ଏହାପରେ ରାତିରେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି ଗ୍ରାମବାସୀ।

ଗତକାଲି ପୁଲିସ ସହ ମୁହାଁମୁହିଁ ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ଗତକାଲିଠାରୁ ଗ୍ରାମବାସୀ ଶବ ଉଠାଉ ନ ଥିଲେ। ଆଉ ଶବ ସହ ଭୋକ ଉପାସରେ ପଡ଼ିରହିଥିଲେ ଆତ୍ମୀୟ, ପରିଜନ ଓ ବନ୍ଧୁବାନ୍ଧବ। ମୁଣ୍ଡ ପିଟି କାନ୍ଦୁଥିଲେ ସଭିଏଁ। ନା ଆଖିରୁ ଲୁହ ଶୁଖୁଛି ନା ଘଟଣାସ୍ଥଳରେ ଉତ୍ତେଜନା ଥମିନଥିଲା। ରାଉରକେଲାରେ ରେଲଲାଇନ୍ ନିର୍ମାଣକୁ ବିରୋଧରୁ ଯୁବକଙ୍କ ମୃତ୍ୟୁ ଘଟଣା ପରେ ଏମିତି ଏକ ବିକଳ ଚିତ୍ର ଦେଖିବାକୁ ମିଳିଥିଲା ବନ୍ଧମୁଣ୍ଡାରେ। ଆଜି ଭୀଷଣ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଥିଲେ ମଧ୍ୟ ଏହା ମୃତକଙ୍କ ପରିବାର ଲୋକଙ୍କ ଆକ୍ରୋଶକୁ ପ୍ରଭାବିତ କରିପାରିନଥିଲା। ସେମାନେ ଖରାରେ ବି ଧାରଣାରେ ବସିଥିଲେ। ଗତକାଲିଠୁ ସେମାନେ ଶବକୁ ଧରି ଗତ ପ୍ରାୟ ୩୦ ଘଣ୍ଟା ହେଲା ବିକ୍ଷୋଭ କରୁଛନ୍ତି । ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାସୁଝା କରାଯାଇଥିଲେ ମଧ୍ୟ ନଛୋଡବନ୍ଧା ଗ୍ରାମବାସୀ। ଗତ ୪୦ ଦିନ ହେଲା ବନ୍ଧମୁଣ୍ଡା ଡୁମେର୍ତ୍ତାରୁ ରାଉରକେଲା ଇସ୍ପାତ କାରଖାନାକୁ ରେଳ ଲାଇନ ନିର୍ମାଣକୁ ବିରୋଧ କରି ବିକ୍ଷୋଭ ଚାଲିଥିବା ବେଳେ ଗତକାଲି ଜେସିବି ଚାପାରେ ଜଣେ ଆନ୍ଦୋଳନଙ୍କ ମୃତ୍ୟୁ ପରେ ଆହୁରି ତୀବ୍ର ହୋଇଛି ଆନ୍ଦୋଳନ। ଘଟଣାସ୍ଥଳକୁ ଯାଇ ରାଜଗାଙ୍ଗପୁର ଓ ବୀରମିତ୍ରପୁର ବିଧାୟକ ଆନ୍ଦୋଳକାରୀଙ୍କ ସହ ଆଲୋଚନା କରିଛନ୍ତି। ➪ପୃଷ୍ଠା-୬

## ୬ ଦିନ ହେଲା ମିଳୁନି ନିଖୋଜ ଶିଶୁର ପତ୍ତା



ରାଜରାସ୍ତାରେ ଅଞ୍ଚଳବାସୀ

**ଡେଲାଙ୍ଗ,୨୦।୪(ସଂଚାର ବ୍ୟୁରୋ):** ରାଜ୍ୟରେ ଥମୁନି ଛୁଆ ଚୋରି ଓ ଶିଶୁ ନିଖୋଜ ଘଟଣା। ସପ୍ତାହକ ତଳେ ରାଜଧାନୀ, ଦୁଇ ଦିନ ତଳେ ମୟୂରଭଞ୍ଜ ଠାକୁରମୁଣ୍ଡା ପରେ ଏପଟେ ପୁରୀ ଡେଲାଙ୍ଗରେ ଛୁଆ ନିଖୋଜ ଘଟଣା ନେଇ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ଅବଶ୍ୟ ଇତିମଧ୍ୟରେ ରାଜଧାନୀ ଘଟଣା ଭଳି ଠାକୁରମୁଣ୍ଡା ମାମଲାରେ ଛୁଆ ଉଦ୍ଧାର ହୋଇସାରିଛି। କିନ୍ତୁ ଡେଲାଙ୍ଗ ଘଟଣା ଏବେ ବି ରହସ୍ୟାବୃତ୍ତ ରହିଛି। ୬ ଦିନ ହେବ ନିଖୋଜ ଥିବା ୧୧ ବର୍ଷର ପୁଅ ଆଶୀର୍ବାଦ ମିଳୁନଥିବାରୁ ଆଜି ରାସ୍ତାକୁ ଓହ୍ଲାଇଛନ୍ତି ପରିବାର ଓ ଅଞ୍ଚଳବାସୀ। ୬ ଦିନ ହେବ ୧୧ ବର୍ଷର ପୁଅକୁ ନପାଇ ଭାଙ୍ଗି ପଡିଛି ମାଆ ଆଉ ପୁଅକୁ ପାଇବା ଆଶାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁହାରୀ କରୁଛି ଅସହାୟ ବାପା। ପୁରୀ ଡେଲାଙ୍ଗ ବ୍ଲକ୍ ରତନପୁର ଗାଁର ମାନସ ସାହୁଙ୍କ ପୁଅ ଆଶୀର୍ବାଦ ଗତ ୧୩ ତାରିଖ ➪ପୃଷ୍ଠା-୬

## ନବୀନଙ୍କ ପାଇଁ ବିଜେଡି ମୁଣ୍ଡବିନ୍ଧାର କାରଣ

### ବିଦ୍ରୋହ ଭୟରେ ହୋଇପାରୁନି କାର୍ଯ୍ୟକାରିଣୀ




**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ବିରୋଧୀ ଦଳ ମୁଖ୍ୟ ନବୀନ ପଟ୍ଟନାୟକଙ୍କ ପାଇଁ ତାଙ୍କ ନିଜ ଦଳ ବିଜେଡି ଏବେ ମୁଣ୍ଡବିନ୍ଧାର କାରଣ ହୋଇଛି। ଦଳ ଭିତରେ ଓ ବାହାରେ ଅସନ୍ତୋଷ ଏତେମାତ୍ରାରେ ବଢ଼ିଛି ଯେ ନବୀନ ନବମ ଥର ଦଳର ସଭାପତି ହୋଇସାରିଥିଲେ ବି ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା କରିପାରୁନାହାଁନ୍ତି। ଶନିବାର ନବୀନଙ୍କ ସଭାପତି ନିର୍ବାଚନ ବୈଠକକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶଶିଭୂଷଣ ବେହେରା, ପ୍ରଫୁଲ୍ଲ ମଲ୍ଲିକ, ଭୂପିନ୍ଦର ସିଂହଙ୍କ ପରି ବରିଷ୍ଠ ନେତାମାନଙ୍କୁ ଡକାଗଲାନି।

କାର୍ଯ୍ୟକାରିଣୀରେ ନିଜ ଅନୁଗତ ନେତା ନେବାକୁ ଯୋଜନା ଚାଲିଛି। ସାଙ୍ଗଠନିକ ସ୍ତରରେ ବି ନବୀନ କିଛିଟା ପରିବର୍ତ୍ତନ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏଥିସହିତ ଦ୍ୱିତୀୟ କ୍ଷମତା କେନ୍ଦ୍ର କାହାକୁ କରିବେ, ସେନେଇ ମାନସ ମନ୍ଥନ କରୁଛନ୍ତି। ଏସବୁ ଭିତରେ କାର୍ଯ୍ୟକାରିଣୀର ଗଠନ ହେଉ କି କ୍ଷମତା କେନ୍ଦ୍ର ଯାହାବି ଘୋଷଣା କଲେ ଦଳରେ ବିଦ୍ରୋହ ହେବାର ଆଶଙ୍କା କରୁଛନ୍ତି। ଯେଉଁଥିପାଇଁ ଶନିବାର ରାଜ୍ୟ ପରିଷଦରେ ନବୀନଙ୍କୁ ସଭାପତି ଭାବେ ଘୋଷଣା କରାଯିବା ପରେ ବି କାର୍ଯ୍ୟକାରିଣୀ ଗଠନ ହୋଇପାରିନି। ଏମିତିରେ ବି ଦଳ ଭିତରେ ଫାଟ ଜଳ ଜଳ ହୋଇ ଦିଶୁଛି, ଯେଉଁଥିପାଇଁ ଏଯାଏଁ ୧୫ ସାଙ୍ଗଠନିକ ଜିଲ୍ଲାରେ ସଭାପତି ଚୟନ ହୋଇପାରିନାହିଁ। ଏହାକୁ ଦଳର କେତେକ ନେତା ବି ସ୍ୱୀକାର କରିଛନ୍ତି। ଖାଲି ➪ପୃଷ୍ଠା-୬



### କାନ ଡେରିଥା

ନବମ ଥର ବି ସଭାପତି ପଦ
ନବୀନ ଯେ ପାଇଗଲେ
ପୁରୁଖା ନେତାଙ୍କୁ ଅଣଦେଖା କରି
ଗୋଟିକୁ ଚଳାଇ ଦେଲେ
ନୂଆଁ ଭାରି ଖୁସି ହେଲେ...
ବଳି ପଡିଯିବେ ଅନେକ ପୁରୁଣା
ସଭା ମଧ୍ୟେ କଥା ଚାଲେ।

■ ଦେବାଶିଷ

## ଓମ୍ ବିର୍ଲାଙ୍କୁ ଭେଟିଲେ ଜେଇଇ ଟପ୍ପର୍ ଓମ୍ ପ୍ରକାଶ



**ଜୟପୁର,୨୦।୪:** ଗତକାଲି ପ୍ରକାଶ ପାଇଥିବା ଦେଶର ବୃହତ୍ତମ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ ମେନରେ ଓଡ଼ିଶାର ଓମ୍ ପ୍ରକାଶ ବେହେରା ଶତପ୍ରତିଶତ ନମ୍ବର ରଖିବା ସହ ଟପ୍ପର ହୋଇଛନ୍ତି। କଠିନ ପରିଶ୍ରମ ଓ ଏକାଗ୍ରତା ଏବଂ ପିତାମାତାଙ୍କ ତ୍ୟାଗ ତାଙ୍କ ସଫଳତାର ମୁଖ୍ୟ କାରଣ ବୋଲି ଭୁବନେଶ୍ୱରର ବାସିନ୍ଦା ଓମ୍ ପ୍ରକାଶ କହିଥିଲେ। ଏହି କ୍ରମରେ ସେ ଆଜି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଛନ୍ତି। ଆଜି ଶକ୍ତି ନଗରସ୍ଥିତ କ୍ୟାମ୍ପ୍ ଅଫିସ୍‌ରେ ଏହି ସାକ୍ଷାତକାର ସମୟରେ ଲୋକସଭା ବାଚସ୍ପତି କୋଟାରେ ରହି ପ୍ରସ୍ତୁତି କରୁଥିବା ଓମ୍ ପ୍ରକାଶ ଓ ତାଙ୍କ ମାତାପିତାଙ୍କୁ ବଧେଇ ଜଣାଇବା ସହ ତାଙ୍କ ପରିଶ୍ରମ ଓ ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏଥିସହ ଭବିଷ୍ୟତରେ ଓମ୍ ପ୍ରକାଶ ତାଙ୍କ ଇପ୍‌ସିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନେଇ ଶ୍ରୀ ବିର୍ଲା ଆଶୀର୍ବାଦ କରିଥିଲେ। ତାଙ୍କ ସଫଳତା ପାଇଁ ପିତାମାତାଙ୍କ ଅବଦାନ ଅନ୍ୟ ଅଭିଭାବକମାନଙ୍କୁ ଉତ୍ସାହିତ କରିବ ବୋଲି ମଧ୍ୟ ସେ କହିଥିଲେ। ବିଶେଷକରି ମା' ସ୍ମିତାରାଣୀ ୩ ବର୍ଷ ଧରି ତାଙ୍କ ଅଧ୍ୟାପନା ବୃତ୍ତିରୁ ସାମୟିକ ବିରତି ନେଇ ପୁଅ ପାଖରେ ରହି ତାଙ୍କୁ ପାଠ ପଢ଼ିବାରେ ସହାୟତା କରୁଥିବା ଜାଣିବା ପରେ ଶ୍ରୀ ବିର୍ଲା ବେଶ୍ ➪ପୃଷ୍ଠା-୬


SIKSHA 'O' ANUSANDHAN
SAAT-2025
Empowering students for a brighter future
COMPUTER APPLICATIONS PROGRAMMES
■ Bachelor of Computer Applications (BCA)
■ Master of Computer Applications (MCA)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2024
■ 14th Best in University Category
■ 26th Best in Engineering Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT,
Please visit: www.soa.ac.in


## ମୋହନଙ୍କ ଭବିଷ୍ୟବାଣୀ: ବିଭାଜନମୁହାଁ ବିଜେଡି

● ୨୫ ବର୍ଷ ତଳେ ବିକାଶ ସମ୍ଭାବନା ବାରିଥିଲେ
● ଭଲ ନାହିଁ ବିଜେଡି ଭବିଷ୍ୟତ




**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେଡି ଏବେ ବିଭାଜନମୁହାଁ। ଏଭଳି ଭବିଷ୍ୟବାଣୀ କରିଛନ୍ତି ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୱାକଫ୍ ବୋର୍ଡ ବିଧେୟକରେ ବିଜେଡିର ସମର୍ଥନକୁ ନେଇ ଦଳରେ ଅସନ୍ତୋଷ ଦେଖାଦେଇଛି। ବିଜେଡିର ଆଭିମୁଖ୍ୟରେ ହଠାତ ପରିବର୍ତ୍ତନ ପାଇଁ ନେତାମାନେ ପାଣ୍ଡିଆନଙ୍କୁ ଦାୟୀ କରୁଛନ୍ତି। ପାଣ୍ଡିଆନ ହଟାଅ, ବିଜେଡି ବଞ୍ଚାଅ ବୋଲି ବରିଷ୍ଠ ନେତାମାନେ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରୁଛନ୍ତି। ବିଜେଡିରେ ଦେଖାଦେଇଥିବା ଏହି ବିବାଦରୁ ସ୍ପଷ୍ଟ ହେଉଛି ଯେ ବିଜେଡି ଯେକୌଣସି ସମୟରେ ବିଭାଜିତ ହୋଇଯିବ।

ନିକଟରେ ଦିଲ୍ଲୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ଏଭଳି କହିଛନ୍ତି। ଏହି ସାକ୍ଷାତକାରରେ ସେ ନିଜର ରାଜନୈତିକ ଜୀବନ, ଓଡିଶା ବିକାଶ ପାଇଁ ତାଙ୍କର ରୋଡମ୍ୟାପ ଆଦି ପ୍ରସଙ୍ଗରେ ମତ ରଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନବୀନ ପଟ୍ଟନାୟକ ଓଡ଼ିଶାରେ ପୁଣି ଥରେ କ୍ଷମତାକୁ ଫେରିପାରିବେ କି ବୋଲି ଜାତୀୟ ଗଣମାଧ୍ୟମର ଏକ ପ୍ରଶ୍ନରେ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ବିଜେଡି ଆଉ କ୍ଷମତାକୁ ଫେରିପାରିବ ନାହିଁ।

ସେ କହିଛନ୍ତି ଯେ ନବୀନ ପଟ୍ଟନାୟକ ପୂର୍ବରୁ ନିଜେ କିଛି କରୁନଥିଲେ। ତାଙ୍କ ପାଇଁ ବାହାରୁ ରହି ପାଣ୍ଡିଆନ ସବୁକିଛି କରୁଥିଲେ। ଆଇଏଏସ ଚାକିରି ଛାଡି ରାଜନୀତିରେ ଯୋଗଦେବା ପରେ ସେ ଦଳର ସବୁ ଦାୟିତ୍ୱ ନେଇଥିଲେ। କିନ୍ତୁ ବିଜେଡି ନିର୍ବାଚନରେ ହାରିଯିବା ପରେ ସେ ସନ୍ୟାସ ନେଇଯାଇଥିଲେ ବି ପଛରୁ ରହି ଦଳର ସବୁ ରାଜନୈତିକ ବ୍ୟାପାରରେ ମୁଣ୍ଡ ଖେଳାଉଛନ୍ତି। ଯେଉଁଥିପାଇଁ ୱାକଫ ବୋର୍ଡ ଅଧ୍ୟାଦେଶରେ ବିଜେଡିର ହଠାତ ଆଭିମୁଖ୍ୟ ପରିବର୍ତ୍ତନ ବିବାଦରେ ବରିଷ୍ଠ ନେତାମାନେ ତାଙ୍କୁ ହିଁ ଦାୟୀ କରୁଛନ୍ତି । ବିଜେଡିକୁ ବଞ୍ଚାଇବାକୁ ହେଲେ ପାଣ୍ଡିଆନଙ୍କୁ ବିଦା କରିବାକୁ ସେମାନେ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଛନ୍ତି। ଏଭଳି ସ୍ଥିତିରେ ବିଜେଡିର ଭବିଷ୍ୟତ ଭଲ ନାହିଁ ଏବଂ ଯେକୌଣସି ସମୟରେ ଦଳ ➪ପୃଷ୍ଠା-୬



## ମାଆ ଭଟ୍ଟାରିକା

**ସାଗର କୁମାର ପରିଡା**

ମାଆ ଭଟ୍ଟାରିକା ଆଦ୍ୟା ଅବିନାଶିନୀ
ବଡମ୍ବା ଗଡ଼ର ତୁହିଁ ଇଷ୍ଟ ଜନନୀ ।।
ରାଜ ଅଧିଷ୍ଠାତ୍ରୀ ଦେବୀ ହେ ମାହେଶ୍ୱରୀ
ପର୍ଶୁରାମ ପାଇଥିଲେ କୃପା ତୋହରି ।।
ତ୍ରିପୁରାସୁନ୍ଦରୀ ନାମେ ତ୍ରିଲୋକେ ଖ୍ୟାତ
ତୁମ ପରି ଦୀପ୍ତିମୟୀ କେ ହେବ ମାତ ! ।।
ମଥାରେ ସିନ୍ଦୁର ଗଳାରେ ରତ୍ନହାର
ମହାନଦୀ ଜଳ ଧୁଏ ପଦ ଯୁଗଳ ।।
ଚାରିଯୁଗେ ତୁମ ଲୀଳା ମା ଭଗବତୀ
ସତ୍ୟ ଯୁଗରେ ପୂଜିଲେ ଋଷି ଅଗସ୍ତି ।।
ତେତ୍ରୟାରେ ପର୍ଶୁରାମ ପୂଜି ଚରଣ
ମାତୃହତ୍ୟା ପାପୁ ମୁକ୍ତି ଥିଲେ ପାଇଣ ।।
ଦ୍ୱାପରଯୁଗେ ଅର୍ଜୁନ ତୁମ୍ଭ ବଳରେ
ଗୋସିଂହ ଦୈତ୍ୟ ନିହତ କଲେ ମହୀରେ ।।
ସୌନ୍ଦର୍ଯ୍ୟଲହରୀ ଲେଖି ଆଦିଶଙ୍କର
ବନ୍ଦନା କଲେ ଭକ୍ତିରେ ପଦ୍ମପୟର ।।
ଆଶ୍ୱିନ ମହାଅଷ୍ଟମୀ ଯାତ୍ରା ଦିନର
ଲୋକାରଣ୍ୟ ହୋଇଥାଏ ପୀଠ ତୁମର।।
ବଡମ୍ବା ଯଶବର୍ଦ୍ଧିନୀ ହେ ମହାମାୟୀ
କୃପାନେତ୍ରେ କାଳ କାଳ ଥାଅ ଅନାଇ ।।

**ରାଇଘର, ନବରଙ୍ଗପୁର**

## ଜୀବନ ଏକ ନାଟକ

**ନିବେଦିତା ପଣ୍ଡା**

ରଙ୍ଗମଞ୍ଚ ଏଇ ଦୁନିଆ ନାଟକେ
ଆମେ ସବୁ କଳାକାର,
ଭିନ୍ନ ଭିନ୍ନ ଆମ ଭୂମିକାଟି ସିନା
ନିର୍ଦ୍ଦେଶନା ସମୟର।
ଜନ୍ମ ଠାରୁ ଆମ ନାଟକ ଆରମ୍ଭ
ଶେଷ ହୁଏ ମଶାଣିରେ,
ମାୟା ର ମଞ୍ଚରେ ଅଭିନୟ କରୁ
ବନ୍ଧା ସ୍ୱାର୍ଥ ଶିକୁଳିରେ।
ଆୟୁଷ ସରିଲେ ଅଭିନୟ ଶେଷ
ବିଦାୟର ବେଳ ଆସେ,
ରଙ୍ଗମଞ୍ଚ ଛାଡି ଚାଲି ତ ଯାଆନ୍ତି
ମୃତ୍ୟୁ ସହ ଅବଶେଷେ।
ପାପ ଓ ପୁଣ୍ୟକୁ ପ୍ରାରବ୍ଧରେ ନେଇ
ଆତ୍ମା ଆମ ଚାଲିଯାଏ,
ମଶାଣି ଜୁଇରେ ନିଆଁର ସାଥିରେ
ଶେଷ ଦୃଶ୍ୟ ସରିଥାଏ।
ଜୀବନ ନାଟକ ଜଟିଳ ଗଣିତ
ସୂତ୍ର ମିଳେ ନାହିଁ ତା'ର,
ଜୀବନ ତ ଭାଜ୍ୟ କର୍ମ ହିଁ ଭାଜକ
ଭାଗଫଳ ଯାହା ସାର।
ତ୍ୟାଗ, ସେବା, ସତ୍ୟ, କିମ୍ବା
କ୍ରୋଧ,ମୋହ
ସବୁ ଅଟଇ ଭାଜକ,
ଭାଗଫଳ ମିଳେ ସେହି ଅନୁସାରେ
ମଣିଷ ଜୀବନଯାକ।
ଭାଗଶେଷ ଯାହା ରହିଯାଏ ଶେଷେ
ତା' କୃତକର୍ମର ଫଳ।
କ୍ରିୟମାଣ ଅବା ପ୍ରାରବ୍ଧ କର୍ମର
ସବୁ ପରା ଫଳାଫଳ !
ସେହି କର୍ମମାନ ଭୋଗ କରିବାକୁ
ଆସେ ଯେବେ ଆମ ବେଳ,
ଜୀବନ ନାଟକ ସରି ସରି ଆସେ
ହେଲେ ଉପନୀତ କାଳ।

**ରାଉରକେଲା**





**ପୁଷ୍ପଲତା ମିଶ୍ର**

# ସ୍ମୃତି ଅନୁଭୂତିରେ ଦୀପାବଳି

ଦୀପାବଳି କଥା ମନକୁ ଆସିଲେ ମନ ହେଇଯାଏ ଆନମନା ।ଏହା ଆଲୋକର ପର୍ବ, କୁମାର ପୂର୍ଣ୍ଣିମା ଦିନଠାରୁ ଦିନ ଗଣୁ ଆଉ ପନ୍ଦର ଦିନ ରହିଲା ଦୀପାବଳି। ଦୀପାବଳି ରେ ଦୀପ ଦେଇ ବାଣ ଫୁଟାଇବା ଗୋଟେ ନିଆରା ପରମ୍ପରା ବଡ ବଡୁଆ ଙ୍କୁ ଡାକିବା ର ଅନୁଭୂତି ମନ କନ୍ଦର ଏମିତି ବସା ବାନ୍ଧି ହୋଇଥାଏ ତାହା ଭୁଲିବା ସହଜ ନୁହେଁ। ଆମ ଗାଁ ଟା ସିଦ୍ଧ ବଳଦେବଜୀଉ ମନ୍ଦିର ପାଖରେ ତେଣୁ ମନ୍ଦିର ର ନିତିକାନ୍ତି ଯାହା ହୁଏ ପ୍ରାୟ ଆମ ଘରେ, ଆମ ସାହିରେ, ଗାଁରେ ପାଳିତ ହୁଏ। ସେହି ପରମ୍ପରା କ୍ରମେରେ ପୂଜାବିଧି ସବୁ ପାଳିତ ହୁଏ । ଏହି ଦୀପାବଳି ମୋ ପିଲା ଦିନର ସ୍ମୃତି ଗୋଟେ ନିଆରା ସ୍ମୃତି ହୋଇ ରହିଛି ମୋ ମାନସ ପଟରେ, ଦୀପାବଳି ପୂର୍ବ ଦୁଇଦିନ ଆଗରୁ ଘର ଦ୍ୱାର ଲିପା ପୋଛା ସରେ କପଡା ଯାହା ସବୁ ଧୋବା ଘରୁକୁ ଯାଏ ସଫା କରି ଆଣେ ଆଉ ଯାହା ଥାଏ ଘରେ ସଫା ହୁଏ। ଭାରି ପରିଷ୍କାର ଲାଗେ ସେହି ଦିନ ଟି। ପୟା ଶ୍ରାଦ୍ଧ ପାଇଁ ଅନେକ ପ୍ରକାର ରୋଷେଇ ହୁଏ ପ୍ରାୟ ସବୁ ରୋଷେଇ ଘରେ ହୁଏ ଅରୁଆ ଅର୍ଣ୍ଣ ,ମୁଗ ଡାଲି,ଶାଗ ଭଜା,ଆମ୍ବିଳ,କଦଳୀ ଭଜା,ଖିରି ଏମିତି ରୋଷେଇ ସରୁ ସରୁ ପୁରୋହିତ ଭାଇନା ଆସି ଯାଆନ୍ତି ପିଣ୍ଡ ବଢ଼ା ବାପା ପିଣ୍ଡ ପକାନ୍ତି , ଧୋବ ଫରଫର ଲୁଗା ପିନ୍ଧି ବାପା ପୁରୋହିତ ଙ୍କ ପାଖରେ ବସି ଯେତେବେଳେ ପିଣ୍ଡ ପକାନ୍ତି ସେତେବେଳେ ଝୁଣା ଘିଅ ଦୀପ ଓ ପିଣ୍ଡ ର ମହ ମହ ବାସ ରେ ଘର ମହକି ଉଠେ। ତା ପରେ ଆମ ପରିବାର ର ସମସ୍ତେ ଏକାଠି ଖାଉ ଓ ଖାଇବା ସରିବା ପରେ ଘର ପୁଣି ଲିପା ପୋଛା ହୁଏ ରାତିରେ ପିମ୍ପେଇ ଡକା ପାଇଁ ସବୁ ଜିନିଷ ପ୍ରସ୍ତୁତ କରା ହୁଏ ।ବଡ଼ ବଡୁଆ ଡକା ଯିବା ପାଇଁ କାଉଁରିଆ କାଠି ଓ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରା ଯାଏ ।ଘର ର ସମସ୍ତେ ମିଶି ଏହି ପର୍ବ ରେ ସାମିଲ ହୁଅନ୍ତି ।ସେହି ପୂଜାରେ ଉଖୁଡା ,ପାଚିଲା କଦଳୀ ,ଆଖୁ,ନଡ଼ିଆ, କାକରା ପିଠା ମଧ ହୋଇ ପୂଜା ହୁଏ। ଦୀପ ତ ସନ୍ଧ୍ୟା ରେ ଦେଇ ଥାଉ ଏବେକା ପରି ବଳିତା ନଥିଲା ,ଧୋବା ଘରୁ ସଫା ହେଇ ଆସି ଥିବା ଧଳା ଧୋବ କପଡା ରେ ବଳିତା ବଳି ଦୀପ ଲଗାଉ।ପୋଲାଙ୍ଗ ତେଲ କିମ୍ବା ଜଡ଼ା ତେଲ ରେ ଦୀପ ଦିଆ ଯାଉଥିଲା । ଜଡ଼ା ତେଲ କୁ ମୋ ବୁଢ଼ୀ ମା ଜଡ଼ା ମଞ୍ଜି ଆଣି ରାନ୍ଧି ତେଲ କରନ୍ତି । ତାଳ ଫୋଟକା ବାଣ,ଆଉ କିଛି ଝରଝରି,ସାପ ନଣ୍ଡି, ଦିଆସିଲି ବାଣ ବାପା ଆଣନ୍ତି ଏତିକି ରେ ଆମେ ସନ୍ତୁଷ୍ଟ ହେଇ ଯାଇଥିଲୁ କିନ୍ତୁ ମୁଁ ବାଣ ଫୁଟାଇବାକୁ ଭଲ ପାଏନା ।ମୁଁ ଯେତେବେଳେ ମୋ ପିଲାଙ୍କ ପାଇଁ ବାଣ କିଣିଲି ତିନିଶ କି ପାଞ୍ଚ ଶହ ଭିତରେ କିନ୍ତୁ ଏବେ ମୋ ପିଲାମାନେ ବାଣ କିଣୁଛନ୍ତି ତିନି ହଜାର କି ପାଞ୍ଚ ହଜାର ର ବାଣ ଆଖିକୁ ଦେଖା ଯାଉନି। ମୋ ଶାଶୁ ଘରେ ଦୀପାବଳି କି ପିମ୍ପେଇ ଡାକ ନାହିଁ ତେଣୁ ସେହି ଦିନ ବେଳା ପିଠା ପଣା କରେ ପଡୋଶୀ ଙ୍କ ଘର କୁ ଦିଏ ଏବଂ ପଡୋଶୀ ଘରୁ ବି ପିଠା ମିଠା ଆସେ ଆମ ଘରକୁ। ଏହା ଗୋଟେ ଭାଇ ଚାରା ପର୍ବ ।ମୁଁ କିନ୍ତୁ ବାଣ ଫୁଟାଇବାକୁ ଭଲ ପାଏନାହିଁ ,ରଙ୍ଗୋଲୀ କରେ ଦୀପ ସଜାଇ ଘର କୁ ଆଲୋକିତ କରେ। ଘରେ ପିଠା ପଣା ସାହି ପଡୋଶୀ ଘରେ ବଣ୍ଟା ହୁଏ।

**ଭୁବନେଶ୍ୱର**





**ସୁନିତା ମହାନ୍ତି**

# ଶେଷ କଥା

କେତେ ସୁନ୍ଦର ଦିଶୁଛ ତୁମେ ଆଜି। ତୁମକୁ ଆଗରୁ ଏମିତି କେବେ ଦେଖିନି। ସତରେ ତୁମେ ବହୁତ ସୁନ୍ଦର .... କିନ୍ତୁ, ଆଜି ଅଧିକ ସୁନ୍ଦର ଦେଖାଯିବାର କାରଣ ଟା ଟିକେ ମତେ କହିବ ?

ପ୍ରିୟବ୍ରତ କହୁଥିଲେ ପ୍ରୀତିକୁ, ପ୍ରୀତି କରୁଣ ଦୃଷ୍ଟିରେ ଚାହିଁ ରହିଥିଲେ ପ୍ରିୟବ୍ରତକୁ। ଦୁହେଁ ଦୁହିଁଙ୍କୁ ଭଲପାଇ ବିବାହ କରିଥିଲେ , ଆଜକୁ ତିରିଷ ବର୍ଷ ତଳେ। ଭଲ ପାଇବାର ଉପହାର ମଧ ଦେଇଥିଲେ ପ୍ରୀତି ପୁତ୍ର ସନ୍ତାନଟିଏ.. ଯିଏ ଆଜି ଆମେରିକାରେ ଡାକ୍ତରୀ ପଢୁଛନ୍ତି।

ପ୍ରୀତି ଆଜକୁ ଛଅ ମାସ ହେବ କର୍କଟ ରୋଗରେ ପୀଡିତ ଅଛନ୍ତି। ଡାକ୍ତର କହିଦେଇଛନ୍ତି ଯେ ଆମେ ଗ୍ୟାରେଣ୍ଟି ଦେଇ ପାରିବୁନି , ଏ ରୋଗର ସମୟ ସୀମା କେତେ ଦିନ।

ପ୍ରିୟବ୍ରତ ସବୁ ଦିନ ପରି ଆଜି ବି ଦୁଇକପ ଚା ଧରି ସକାଳୁ ସକାଳୁ ପ୍ରୀତି ବେଡ଼ ପାଖରେ ବସି ପ୍ରୀତିର ମୁଣ୍ଡ ଆଉଁସୁ ଥିଲେ.. ଉଠି ପଡ଼ ନିଅ ଗର୍ମା ଗରମ ଚା ପିଇ ଦିଅ। ପ୍ରୀତି ଉଠି ବସିଲେ ଏବଂ ଚା କପଟି ସ୍ୱାମୀଙ୍କ ହାତରୁ ନେଲେ। ଦୁହେଁ ଚା ପିଇ ସାରିବା ପରେ ପ୍ରୀତି କହିଲେ ଆଜି ମୋତେ ବହୁତ ଭଲ ଲାଗୁଛି, ପୂର୍ବ ଅପେକ୍ଷା। ମୁଁ ତୁମକୁ କିଛି କହିବାକୁ ଚାହୁଁଛି, ତୁମେ ମୋ ପାଖକୁ ପାଖେଇ ବସ। ମୁଁ ତୁମକୁ ମୋର ଶେଷ କଥା କେତୋଟି କହିବି। ପ୍ରିୟବ୍ରତ, ପ୍ରୀତିର କଥାନୁସାରେ ସ୍ଥିର ହୋଇ ବସିଲେ ଏବଂ ତାର ଗୋରା, ସୁନ୍ଦର, ଶୁଖିଲା, ମୁହଁକୁ ଚାହିଁ ରହିଲେ। ପ୍ରୀତି କହିଲେ ମୋର ଯେଉଁ ବ୍ୟାଙ୍କ ବାଲାନ୍ସ ଦେଢ଼ କୋଟି ପାଖାପାଖି ଟଙ୍କା ଅଛି ସେଥିରେ ତୁମେ ଗୋଟିଏ ଅନାଥାଶ୍ରମ ଖୋଲି ଦେବ ଆମର ସେ ଯେଉଁ ଗାଁ ମୁଣ୍ଡ ବରଗଛ ପାଖରେ ଦେଢ଼ ଏକର ଜାଗା ଅଛି ଏବଂ ଗୋଟିଏ ସୁନ୍ଦର ତାରିଣୀ ମନ୍ଦିର ଟିଏ କରିବ ତା ପାଖାପାଖି। ଗ୍ରାମର ଉନ୍ନତି ପାଇଁ କିଛି ଟଙ୍କା ଗାଁ କମିଟି କୁ ଦାନ କରିଦେବ। ମୋ ପୁଅ ପାପୁନ ଡାକ୍ତରୀ ପାସ କରି ଆସିଲେ ଗାଁରେ କିଛି ଦିନ ମୁକ୍ତ ଚିକିତ୍ସା କରିବ ଗରିବ ମାନଙ୍କର ତାକୁ ଏ କଥା କହିଦେବ। ଏ ସମସ୍ତ କଥା ଶୁଣି ପ୍ରିୟବ୍ରତ କହିଲେ, ତୁମେ ପାଗିଳିଙ୍କ ପରି କଣ ଏୟାଡୁ ସାଡୁ ଗପୁଛ, ମୁଁ ବୁଝି ପାରୁନି ତୁମ କଥା। ପ୍ରୀତି କହିଲେ, ସତରେ ଏଇଟା ତୁମକୁ ମୋର ଶେଷ କଥା,

ହୁଏତ ମୁଁ ନିଜକୁ ଯଦି ଭୁଲି ଯିବି ଆଉ କହିପାରିବିନି। ସ୍ୱାମୀଙ୍କ କାନ୍ଧରେ ମୁଣ୍ଡ ଗୁଂଜି ପ୍ରୀତି ଦୁଇ ଟୋପା ଲୁହ ଗଡ଼ାଇ ଦେଲେ। ପ୍ରିୟବ୍ରତ ତାଙ୍କୁ ନିଜ ଦୁଇ ବାହୁରେ ଜା..ବୁ..ଡି ଧ..ରି..ଲେ ।

**ଆଳି, କେନ୍ଦ୍ରାପଡ଼ା**



**ଅନୁପମା ବିଶ୍ୱାଳ**

# ସାଂପ୍ରତିକ ପରିସ୍ଥିତିରେ ହରିସିଂ

ପରିଣତ ବୟସରେ ବୋଝ ବୋହିବ କିଏ? ଏହା ସମ୍ପ୍ରତି ଅୟୁତ ଟଙ୍କାର ପ୍ରଶ୍ନ। ପୁତ୍ରର ନିଷ୍ଠା ଓ କର୍ତ୍ତବ୍ୟ ପାଇଁ ଦିନେ ପର୍ଶୁରାମଙ୍କ ପିତା ଋଷି ଜମଦଗ୍ନି ସପ୍ତର୍ଷି ମଣ୍ଡଳରେ ସ୍ଥାନ ପାଇଥିଲେ। ପିତାଙ୍କ ବନ ପ୍ରସ୍ଥାନ ପରେ ମା ଦେବହୁତୀଙ୍କ ମୋକ୍ଷ ପ୍ରାପ୍ତିର ବୋଝ ମୁଣ୍ଡାଇଥିଲେ ପୁତ୍ର କପିଳ। ପରସ୍ପର ସ୍ନେହ, ଶ୍ରଦ୍ଧା, ବିଶ୍ୱାସ ଓ ତ୍ୟାଗର ଡୋରିରେ ବାନ୍ଧି ହୋଇଥାଏ ଏକ ପରିବାର। ସ୍ୱାର୍ଥଠାରୁ ଦୂରେ ରହି ପ୍ରେରଣାର ଉତ୍ସ ସାଜିଥାନ୍ତି ପରିବାରର ପ୍ରତ୍ୟେକ ସଦସ୍ୟ। ଭାରତୀୟ ସଂସ୍କୃତି ସର୍ବଦା ମହାନୀୟତାର ପରିଚୟ ଦିଏ। ସଭ୍ୟତା ସଂସ୍କୃତି ଠାରୁ ଦୂରେଇ କେହି କେବେ ସୁଖ ପାଏ ନାହିଁ। ଭାଗବତ କହେ ,ଗୁରୁ ଅତିଥି ପିତାମାତା ଏ ଚାରିଜଣ ଯେ ଦେବତା। ଦେବତୁଲ୍ୟ ପିତାମାତାଙ୍କୁ ଅସମ୍ମାନ ଦେବା ଅର୍ଥ ନିଜକୁ ନିଜେ କୁଠାରଘାତ କରିବା। ବ୍ୟାସକବି ଫକୀରମୋହନଙ୍କ ଅନବଦ୍ୟ ସୃଷ୍ଟି ଡାକମୁନସି ଗଳ୍ପରେ ଏଭଳି ଏକ ସାମାଜିକ ବାର୍ତ୍ତା ପ୍ରତିଫଳିତ। ସମସ୍ତଙ୍କ ପାଇଁ ଏହା ଶିକ୍ଷଣୀୟ। ପିତା ହରିସିଂ ନିଜେ କଷ୍ଟ ସହି ପୁଅ ଗୋପାଳକୁ ପାଠ ପଢ଼ାଇଛି। ପୁତ୍ର ମୋହରେ ଅନ୍ଧ ହୋଇ ନିଜକୁ ଭୁଲି ପୁଅକଥା ଚିନ୍ତା କରିଛି। ପୁଅ କିନ୍ତୁ ବାପାଙ୍କ ସମ୍ମାନ ରଖିପାରି ନାହିଁ। ନିଜ ଆତ୍ମଗାରିମାରେ ବାପାଙ୍କୁ ହୀନ ଦୃଷ୍ଟିରେ ଦେଖିଛି। ବାପାଙ୍କ ପରିଚୟ ଦେବାକୁ ଲଜ୍ଜିତ ହୋଇଛି। ଶିକ୍ଷାର ମହିମାକୁ ସେ ବୁଝି ମଧ ଅବୁଝା ହୋଇଛି। ପିତାଙ୍କୁ ଅସମ୍ମାନ କରି ଲାଭ କରିଛି ସମ୍ମାନ। ବିଳମ୍ବରେ ହେଲେ ମଧ ବୁଢ଼ା ବାପା ନିଜକୁ ସମ୍ଭାଳି ନେଇଛି। ନିଜ ଗାଁକୁ ଯାଇ ଶେଷ ଜୀବନ ସୁଖରେ ବିତାଇଛି। ସାମ୍ପ୍ରତିକ ପରିସ୍ଥିତିରେ କିଛି ପରିବର୍ତ୍ତନ ଆସିନାହିଁ। ଆଜି ବି ହଜାର ହଜାର ହରିସିଂ ସମାଜରେ ଏହି ଅବସ୍ଥାରେ ପଡିଛନ୍ତି।



ଉଆସ ନୁହେଁ ବୃଦ୍ଧାଶ୍ରମ ହିଁ ଆଶ୍ରୟସ୍ଥଳ ପାଲଟିଛି। ସେବକ ସେବିକା ପୁଅ ଝିଅର ସ୍ଥାନ ନେଉଛନ୍ତି। ଯେଉଁ ବୟସରେ ପୁଅ ବୋହୂ ସହ ହସଖୁସିରେ ରହିବା କଥା ନରହି ସେମାନେ ଆଖିରୁ ଲୁହ ଝରାଉଛନ୍ତି।

କେତେକାଂଶରେ ଦୋଷ ନିଜର। ଛୋଟ ସମୟରୁ ସନ୍ତାନମାନଙ୍କୁ କର୍ତ୍ତବ୍ୟ ପ୍ରତି ସଚେତନ କରାଇବା ଉଚିତ। ଜୀବନର ଅନ୍ୟନାମ ସଂଘର୍ଷ ଏକଥା ପିଲାମାନେ ହୃଦୟଙ୍ଗମ କରିବା ବିଧେୟ। କଷ୍ଟକଲେ କଷ୍ଟର ମୂଲ୍ୟ ବୁଝିହୁଏ। ଅତ୍ୟଧିକ ସ୍ନେହ ବିପଦର କାରଣ ହୋଇଥାଏ। ଆପଣା ହସ୍ତେ ଜିହ୍ୱା ଛେଦି,କେ ଅଛି ତାର ପ୍ରତିବାଦୀ। ପିଲାଙ୍କ ଭବିଷ୍ୟତ ଦେଖିବା ସହ ନିଜ ଭବିଷ୍ୟତ ଦୃଷ୍ଟି ଦେବାକୁ ହେବ। ଉଚ୍ଚ ଶିକ୍ଷା ଲାଭକରିବା ବାହାନାରେ ବାପା ମାଆଠାରୁ ସନ୍ତାନ ଦୂରରେ। ଥରେ ଜନ୍ମଭୂମି ଛାଡିଲା ପରେ ଲେଉଟି ଆସିବା କୁ ପସନ୍ଦ କରୁନାହାନ୍ତି। ଗାଁଘର,ଜମିବାଡ଼ି ତାଙ୍କ ପାଇଁ ତୁଚ୍ଛ। ଯାନ୍ତ୍ରିକ ଦୁନିଆଁ କୁ ସେମାନେ ଭଲପାଉଥିବା ବେଳେ ସୁସ୍ଥ ପରିବେଶ ରେ ବଢିଥିବା ପିତାମାତା ସେଠି ନାକେଦାମ। ତେଣୁ ଅନ୍ୟକୁ ଦୋଷ ନ ଦେଇ ନିଜ ବ୍ୟବସ୍ଥା ସମୟ ପୂର୍ବରୁ କଲେ ଅବଶ୍ୟ ସୁଖ ପ୍ରାପ୍ତି ହେବ ଏବଂ ହରିସିଂ ପରି ଅବସ୍ଥା ହେବ ନାହିଁ।

**ସମ୍ବଲପୁର**



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

# ଦର୍ଦ-ଏ-ଇଶ୍କ

ମଣିଷ ଗୋଟେ ଦୁଃଖୀ ପ୍ରାଣୀ। ସଂସାରର ସବୁ ଜୀବ ଭିତରେ ଶ୍ରେଷ୍ଠ କିନ୍ତୁ ସବୁଠାରୁ ଦୁଃଖୀ। ସନ୍ନ୍ୟାସୀ ବା ପାଗଳଙ୍କୁ ଆମେ ଏଥିରୁ ବାଦ୍ ଦେବା। ଭଗବାନ୍ ଆଦ୍ୟ ପୁରୁଷ ଆଡାମ୍ ଓ ଆଦ୍ୟ ନାରୀ ଇଭକୁ ସୃଷ୍ଟି କଲାବେଳେ ପାରିଜାତରେ ଥିବା ଏକ ନିର୍ଦ୍ଦିଷ୍ଟ ଫଳ ଖାଇବାକୁ ନିଷିଦ୍ଧ କଲେ। କାରଣ ଈଶ୍ୱର ଚାହୁଁ ଥିଲେ ଯେ ତାଙ୍କ ସୃଷ୍ଟ ଅମୃତର ସନ୍ତାନ ସଦା ସର୍ବଦା ନିଜର ନିରୀହପଣରେ ଆନନ୍ଦିତ ରୁହନ୍ତୁ। ମାତ୍ର ସୈତାନର ପ୍ରଲୋଭନରେ ପ୍ରଥମେ ଇଭ ଓ ପରେ ଆଡ଼ାମ୍ ନିଷିଦ୍ଧ ଫଳ ଖାଇବା ପରେ ଜ୍ଞାନ ପ୍ରାପ୍ତି ହେତୁ ଈଶ୍ୱରଙ୍କ କ୍ରୋଧର ଶିକାର ହେଲେ ଓ ଦୁଃଖ, ରୋଗ, ଶୋକ ପରି ବିପର୍ଯ୍ୟୟକୁ ଡାକି ଆଣିଲେ ବୋଲି ବିଶ୍ୱାସ କରାଯାଏ। ତେବେ ଏହା ବୁଝିବାକୁ ହେବ ଯେ ମଣିଷ ଅଧିକ ବାହ୍ୟ ଜ୍ଞାନ ବା ବ୍ୟବହାରିକ ଜ୍ଞାନ ଆହରଣ କରିବା ତା ପାଇଁ ଦୁଃଖକୁ ଡ଼ାକି ଆଣେ। ଉଦାହରଣ ସ୍ୱରୂପ ଯେପରି ଗ୍ରାମ୍ୟ ବଧୂଟିଏ ତାର ଘର ସଂସାର, ପରିବାର ଓ ଗ୍ରାମ୍ୟ ଜୀବନକୁ ନେଇ ସନ୍ତୁଷ୍ଟ ଥାଏ। ସ୍ନେହ, ପ୍ରେମ ଓ ଶ୍ରଦ୍ଧାରେ ସେ ତାର କର୍ତ୍ତବ୍ୟ କରୁଥାଏ। ପୂର୍ବ କାଳରେ ମହିଳା ମାନେ ସେହିପରି ପୁରାଣ, ଆଧାତ୍ମିକ ପୁସ୍ତକ ମଧରେ ନିଜର ଜ୍ଞାନ ଆହରଣ କରିବା ଦ୍ୱାରା ପରିବାରରେ ଶାନ୍ତି ବଜାୟ ରଖି ପାରୁଥିଲେ, କାରଣ ସେମାନେ ସେହି ସୀମିତ ପୃଥିବୀକୁ ହିଁ ତାଙ୍କର ସମସ୍ତ ସଂସାର ବୋଲି ଭାବି ନେଉ ଥିଲେ। ଶିକ୍ଷାର ପ୍ରସାର ପରେ ଝିଅ ମାନେ ଅଧିକରୁ ଅଧିକ ଦୁନିଆ ବିଷୟରେ ଅବଗତ ହେଲେ , ନିଜର ଅଧିକାର ବିଷୟରେ ଅବଗତ ହେଲେ। ଅଧିକାର ଖଣ୍ଡିତ ହେବାର ଦୁଃଖରେ ବିରୋଧ ପ୍ରଦର୍ଶନ କଲେ ଓ ଏଥିରେ ପରିବାର ଓ ସମାଜ ଦୁଃଖିତ ହେଲା। ଗୋଟିଏ ନାରୀ ତାର ଅଧିକାର ବିଷୟରେ ସଚେତନ ହେବା କ୍ଷଣି ଅନ୍ୟମାନେ ଦୁଃଖିତ ହୋଇ ପଡିବା ଏକ ଭିନ୍ନ ପରିଭାଷା ସୃଷ୍ଟି କଲା। ସେମାନେ ସୁବିଧାବାଦୀ ଓ ସ୍ୱେଚ୍ଛାଚାରୀ ବୋଲି କୁହା ଗଲା। ନ୍ୟାୟ ସଙ୍ଗତ ଜ୍ଞାନର ବିକାଶ ପ୍ରକାରାନ୍ତରେ ଦୁଃଖର କାରଣ ପାଲଟେ ବୋଲି ଆମେ ଧରି ନେଇ ପାରିବା। ଦୁଃଖର ପରିଭାଷା ଅନେକ। ସାମାଜିକ ଗଣମାଧମରେ ଏହାର ବ୍ୟାପକ ଓ ବିଭିନ୍ନ ପ୍ରଜାତି ଦେଖିବାକୁ ମିଳେ। ଆମେ ଯେବେ ନୂଆ ନୂଆ ଓର୍କୁଟ କୁ ସମାଧି ଦେଇ ଫେସବୁକକୁ ଆସିଲୁ ପ୍ରାୟ ଲୋକଙ୍କର ଏକ ନୂଆ ଦୁଃଖ ଦେଖିଲୁ। ଲୋକଙ୍କ ଜୀବନରେ ପ୍ରେମର ଅଭାବ। କିମ୍ବା ସେପରି ଦେଖାଇବାକୁ ବୋଧେ ଭଲ ଲାଗୁଥିବ । ସେତେବେଳେ ଚାଟବକ୍ସ ଟିଏ ଖୋଲିଯାଏ ଫେସ ବୁକ୍ ସାଥିରେ। ଅଜଣା ବନ୍ଧୁମାନେ ଏତେ ଦୁଃଖୀ ଦେଖି ସତରେ ନିଜକୁ ବି ଦୁଃଖୀ ଦୁଃଖୀ ଲାଗିଲା। କିଛି ଲୋକ ତ ଏମିତି ବି ଲେଖନ୍ତି, ତୁମ ହସ ପଛରେ କିଛି ଦୁଃଖ ଲୁଚିଥିବା ପରି ଲାଗେ। ସତରେ ନା ? ଆଉ କଣ କହିବା ନା ରେ ଭାଇ ମୁଁ ଭାରି ସୁଖୀ। ଖରାପ୍ କଥା। ମଣିଷ ନିଜ ସୁଖ ଠାରୁ ଅନ୍ୟର ଦୁଃଖ ଦେଖିଲେ ବେଶି ଖୁସି ହୁଏ। ସେହି ପରି ଅନ୍ୟର ଖୁସି ଦେଖିଲେ ଦୁଃଖୀ ହେଇ ପଡେ । ତେଣୁ କେବେ କେମିତି ଘରୋଇ ସମସ୍ୟା କୁ ଦୁଃଖର ରୂପ ଦେଇ କହିବାକୁ ପଡେ। ଏଇଠୁ ଜନ୍ମ ନିଏ ଦର୍ଦ୍ - ଏ- ଇସ୍କ ବା ତୁମ ଦୁଃଖକୁ କେହି ଜଣେ ଅନୁଭବ କରି ଦୁଃଖୀ ହେଇ ପଡ଼ିବା । ବା ତୁମ ଦୁଃଖକୁ ପ୍ରେମ କରି ବସିବା। ପ୍ରାୟ ନବେ ପ୍ରତିଶତ ଲୋକଙ୍କର ମନଗଢା ଦୁଃଖୀ ଦାମ୍ପତ୍ୟ ବା ବ୍ରେକ ଅପ୍ ଗପ ପଢ଼ିପଢ଼ି ଶେଷରେ ସନ୍ଦେଶ ଘରଟି ବନ୍ଦ କରିବାକୁ ହୁଏ। ୱାହ୍ସାପ ଆସିବା ପରେ ମେସେଞ୍ଜରର ଚାହିଦା ଟିକେ କମିଗଲା। କିନ୍ତୁ ଲୋକଙ୍କ ଦୁଃଖ କମିଲା ପରି ଲାଗେ ନାହିଁ। ଦୁଇ ଧାଡ଼ି ପ୍ରେମ କବିତା ଲେଖିଲେ ଲୋକେ ପଚାରନ୍ତି ଆହା, ଏଇ କବିତା ଟି କାହା ପାଇଁ? ଦୁଃଖ କବିତା ଲେଖିଲେ, କଣ ଆଜି ଭାଇନା ଙ୍କ ସହ ଝଗଡ଼ା ହେଇଚି? ଯେମିତି କବି ସତ୍ତାଟି ସମ୍ପୂର୍ଣ୍ଣ ପାରିବାରିକ ବଳୟ ଭିତରେ ହିଁ ପରିକ୍ରମା କରିବାକୁ ବାଧ। ଜଣେ ଛୁଆ ଲେଖିଲା, ମାମ, ଆପଣଂକ କବିତା ସବୁ ମୋ ପରିସ୍ଥିତି ସହ ପୁରା ମିଶି ଯାଉଛି। ମୁଁ ବି ପ୍ରେମରେ ଖୁବ୍ କଷ୍ଟ ପାଇଛି। ଆରେ ଛୁଆ, ମୁଁ କଷ୍ଟ ପାଉଛି ବୋଲି ତୁ ଜାଣିଲୁ କେମିତି? ଆମର ଜଣେ ସାର୍ କହନ୍ତି ତୁମେ କବି ଗୁଡ଼ାକ ଖାଲି ଜହ୍ନ ତାରା କୁ ନେଇ ମାତିଲ। ଆରେ, ତଳେ ଯେ ମଣିଷଗୁଡା ଅଛନ୍ତି। ସାର୍, ମଣିଷ ଆଉ ଭରସା ଯୋଗ୍ୟ ହୋଇ ରହି ନାହିଁ। ଏମାନେ ତୁଚ୍ଛା ମିଛ ଉପରେ ଗଢି ପାରନ୍ତି ପ୍ରେମର ତାଜମହଲ। କବିଟିଏ ବାଟବଣା ହେବା ଥୟ। ବରଂ ସେଇ ଜହ୍ନ ତାରା ରାଇଜ ହିଁ ଆମ ପାଇଁ ଠିକ୍। ଲୋକତ ତାଙ୍କ ଅସୁବିଧାରେ, ଏକୁଟିଆପଣରେ, ବିରହରେ ତୁମକୁ ଲୋଡ଼ିବେ। ତୁମ ଦୁଃଖ ସୁଖରେ ତାଙ୍କର ମତଲବ୍ ନଥାଏ। ତୁମେ ରାତି ପୁହାଇ କବିତା ଲେଖିଲେ କଣ ହବ? ତାକୁ ସ୍କ୍ରଲ କରି ଏଡ଼ାଇ ଯିବ ତୁମେ ପଢାଇବାକୁ ଚାହୁଁ ଥିବା ଲୋକଟି। ତୁମେ ଭଲ ପାଉଥିବା, ସମୟ ଦେଉଥିବା, ସାହାଯ୍ୟ କରୁଥିବା ଲୋକଟି ଦିନେ ତୁମକୁ ଭାବପ୍ରବଣ ଇମୋସନାଲ ଫୁଲ୍ ଟିଏ ଭାବି ଏଡାଇଦବ। ତୁମ ପ୍ରେମ ତୁମର। ତୁମ ଦୁଃଖ ବି ତୁମର। ପ୍ରେମ କବିତା ପ୍ରେମ ସୃଷ୍ଟି କରିବାକୁ ଅସମର୍ଥ। ନହେଲେ କଣ ସେକ୍ସପିଅର କଣ ଶ୍ୟାମଳୀ ସୁନ୍ଦରୀଙ୍କୁ ହରେଇ ଥାଆନ୍ତେ? ପ୍ରେମକୁ ନେଇ ଏତେ ତାତ୍ତ୍ୱିକ କବିତା ଲେଖିବା ସତ୍ତ୍ୱେ ପ୍ରକୃତ ପ୍ରେମ ପାଇଲେ କି? ପ୍ରେମକୁ ନେଇ ଯେଉଁ ଆତ୍ମିକ ସ୍ତରର ଅନୁଭବ ସବୁ ଲେଖାହୋଇଚି, ସାଧାରଣ ମଣିଷ ସେସବୁର ବିନ୍ଦୁ ବିସର୍ଗ ବୁଝେ ନାହିଁ। ମଣିଷ ନିଜର ଦୁଃଖ କହି ହାଲୁକା ଅନୁଭବ କରେ। କବି କବିତା ଲେଖି। ବାକି, ପ୍ରେମକୁ ନେଇ ଗବେଷଣା ତ ଚାଲିଥିବ। ଚିରକାଳ। ଦୁଃଖକୁ ନେଇ ମଧ। ଦୁଃଖ ମଧ ବିଳାସ ପାଲଟି ଯାଇ କାହାରି ନା କାହାରି ମନରେ ସୃଷ୍ଟି କରୁଥିବ ଦର୍ଦ-ଏ-ଇଶ୍କ।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**





## କାନ୍ଦୁଛି ବସନ୍ତ ଗ୍ରୀଷ୍ମକୁ ଦେଖି

**ଡଃ ତାନଶ୍ରୀ ପାଣିଗ୍ରାହୀ**

ହେ ବସନ୍ତ ତୁମେ ଆସିବାରେ ଧରା
ସାଜିଥାଏ ରୂପବତୀ
ତୁମରି ପରଶେ କୋଟି ପ୍ରାଣେ
ଆସେ
ଆନନ୍ଦ ଜୁଆର ପ୍ରୀତି...
ରଂଜିତ ତୁମ ମନ ଛୁଆଁ ଗୀତି
କୋଇଲି ଗାଏ ସରାଗେ
ଭରା ବଉଳର ବାସ୍ନା ଖେଳି ଯାଏ
ପ୍ରଣୟ ମଧୁର ଭାବେ...
ଗ୍ରୀଷ୍ମକୁ ଦେଖି ବସନ୍ତ ଆଖିରେ
ଆସେ ଅଜାଣତେ ଲୁହ
ହୃଦୟରେ ଶୁଭେ ବେସୁରା ରାଗିଣୀ
ଅମାପ ଦୁଃଖର କୋହ...
ଆକାଶ ଆଖିରେ ବିବର୍ଣ୍ଣ ପୃଥିବୀ
ହଜିଯାଏ ତାର ଶିରୀ
ଝରି ଝରି ଯାଏ ବୃକ୍ଷରୁ ପତର
ବସନ୍ତକୁ ଝୁରି ଝୁରି...
ମଉଳିଯାଏ ତା ରଙ୍ଗ ଗୋଧୂଳି
ଭାଙ୍ଗିଯାଏ ତା ମନ
ସବୁଜ ସପନ ପାଲଟେ ଧୂସର
ଶୂନ୍ୟ ତା ପ୍ରୀତିବନ ।।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ତମେ

**ସ୍ୱାଗତିକା ସାହୁ**

ତମେ ....
ଏ ମହାତୀର୍ଥ ର ଜଣେ ସିଦ୍ଧ ପୁରୁଷ
ମୋ ଭିତର ଏକ ଅଦୃଶ୍ୟ ଚେତନାର
ସିକ୍ତ - ଆଲୁଅର ଶିହରଣ...!
ତମ ସାନିଧ୍ୟର ତରଙ୍ଗରେ ହିଁ ....
ମୋ ଜୀଇଁବାର ଆଦମ୍ୟ ନିଶା ଭରିଛି
ସେଇ ଅଲୌକିକ ଠାଣିରେ...
ଗୁଡ଼େଇ ହୋଇଛି ମୋ ସମସ୍ତ ଅସ୍ତିତ୍ୱ
ତମେ ହିଁ ତ ବୋଳିଛ ...
ମୋ ଦେହରେ ଅନେକ ବସନ୍ତର
ସ୍ୱର୍ଣିମା ଅଧ୍ୟାୟ....
ଚୈତ୍ରର ନିଦାଘ ଛାତି ପରେ,
ନେଇ ଆସ ଆମ୍ବ ବଉଳର ମହ ମହ ବାସ୍ନା

ତମେ.....
ମୋ ବେଦନାର ମାପଯନ୍ତ୍ର
ଅଶ୍ରାର ଏକ ପର୍ଯ୍ୟାପ୍ତ ହୃଦୟ ତମେ
ଠିକ୍ ପରଖ ମୋ ମନତଳ
ସ୍ୱୀକୋରକ୍ତିକୁ
ତମ ହୃଦୟର ସଞ୍ଚିତ ଏ ସୋହାଗ
ଅନାୟସେ ପ୍ରଭାବିତ କରେ,
ଜୀବନର ପୁଞ୍ଜିଭୂତ ସ୍ଥିତିକୁ....!
ତମେ ଅଛ ତ ମୁଁ ଅଛି....
ଯାହା ତମ ଅନ୍ତର ଚାହେଁ ତାହା ମୋର ବି
ତମ ବ୍ୟାପ୍ତ ଆଖିରେ ଅଛି ଏକ
ପବିତ୍ର ଶାଶ୍ୱତ ଆକାଶ....!
ଯେଉଁଠି ମୋତେ କରିଛ ରାଣୀ
ସବୁ ଦୁର୍ଭେଦ୍ୟକୁ ଡେଇଁ ଚାଲେ
ଯେବେ ତୁମେ ଥାଅ ସାଥିରେ...

ତମେ ....
ତମେ ତ ସେହି ବ୍ୟକ୍ତିତ୍ୱ
ଯେ ମୋ ଆଖିର ବର୍ଷାକୁ
ସମାଧିସ୍ଥ କରେ ନିଜ ହୃଦ ଚଟାଣରେ
ତମ ପୁନେଇଁର ଜହ୍ନି ଫୁଲିଆ ହସରେ
ଦେଖୁନ ମୋ ଓ୍ୱିନିଦ୍ର ନୟନ ଦୁଇଟି
କେମିତି ନେଇଛି ନିଷ୍ଚଳ ରୂପ....!
ଦୁହେଁ ଦୁହିଁଙ୍କୁ ପ୍ରାପ୍ତିର ଆନନ୍ଦ
ପାଲଟି ଯାଇଛି ସତେ ଆଶୀର୍ବାଦ ।
ଆରେ ହିଁ କୃତଜ୍ଞ ମଣୁଛି ଈଶ୍ୱରଙ୍କୁ
ତମକୁ ମୋ ପାଇଁ ଗଢ଼ି ଥିବାରୁ...
ତୁମ ଶବ୍ଦ ପୁଞ୍ଜରେ ଘସି ମଜି
ଉଜ୍ଜ୍ୱଳମୟୀ ହୁଏ
ଆଗକୁ ଚାଲେ ସମୟ ଲଲାଟକୁ ଭେଦି
ସୌଭାଗ୍ୟବତୀ ମଣେ ନଜକୁ
ତମ ପରି ସରଳ ନିଛକ ପବିତ୍ର ମଣିଷ
ମୋ ଜୀବନର ଆୟୁଷ ମୁଠାରେ
ଯୋଡ଼ି ହୋଇ ଜୀବନର
ପ୍ରତି ପାହାଚରେ ସାଥି
ଦେଉଥିବାରୁ.....!

ତମ....
ହୃଦୟର ଶ୍ୱେତପତ୍ର ଏବେ ଖୁବ୍ ରଙ୍ଗୀନ
ତୁମେ ପ୍ରେମ ରଙ୍ଗର ତୂଳୀରେ...
ଯଥେଷ୍ଟ ରଙ୍ଗେଇଛି ନିଜକୁ...!
ମୋ କଲମର କଳ କଳ ଶବ୍ଦରେ ଏବେ
ମେଞ୍ଚା ମେଞ୍ଚା କବିତା ବୁଣି ହୋଇଯାଏ
ବୋଧେ ତିଆରି କରେ ....
ଇତିହାସର ଏକ ଅବାଞ୍ଛିତ ପୃଷ୍ଠା...!

**ଉମରକୋଟ, ନବରଙ୍ଗପୁର**

# ମରାମତି ହୋଇନଥିଲେ ଭୁଶୁଡ଼ିଥାନ୍ତା ରତ୍ନଭଣ୍ଡାର



**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ସ୍ନାନ ଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ସାରିବା ପାଇଁ ଚେଷ୍ଟା କରାଯାଉଛି। ମରାମତି ଚୂଡ଼ାନ୍ତ ସ୍ଥିତିକୁ ଆସିଲାଣି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମହାପ୍ରଭୁଙ୍କ ନୀତିକାନ୍ତି ବ୍ୟାଘାତ ନ କରି ମରାମତି କାମ ଚାଲିଛି। ଦିନରେ ଦେଢ଼ ଘଣ୍ଟାରୁ ଦୁଇ ଘଣ୍ଟା ମରାମତି କାମ ହେଉଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)କୁ କୌଣସି ପ୍ରକାର ତରିବରିଆ କାମ ସରିବା ସକାଶେ ବ୍ୟସ୍ତ କରାଯାଉନାହିଁ। ଯେହେତୁ ଏଏସ୍ଆଇକୁ ସମୟ କମ ଦିଆଯାଉଛି, ତେଣୁ କାମ ବିଳମ୍ବିତ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ରତ୍ନଭଣ୍ଡାର ମରାମତି ହୋଇ ନ ଥିଲେ ଏହା ନିଶ୍ଚିତ ଭାବେ ଭୁଶୁଡ଼ି ପଡ଼ିଥାଆନ୍ତା। ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ରୂପେ ୧୦୦ରୁ ୨୦୦ ବର୍ଷ ଠିକ୍ ଢଙ୍ଗରେ ରହିଲା ପରି ମରାମତି କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

ସେହିପରି ମନ୍ତ୍ରୀ ଧାଡ଼ି ଦର୍ଶନ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି ଯେ ହୁଣ୍ଡି ଶିଫ୍ଟିଂ ହେବାର ୨/୪ ଦିନ ଭିତରେ ହିଁ ଏହି ପ୍ରକ୍ରିୟା ଆରମ୍ଭ ହେବ। କାରଣ ହୁଣ୍ଡି ଶିଫ୍ଟିଂ ସହ ଧାଡ଼ି ଦର୍ଶନ ବ୍ୟବସ୍ଥାର ସମ୍ପୃକ୍ତି ରହିଛି। ହୁଣ୍ଡି ଶିଫ୍ଟିଂ ପରେ ହିଁ ଧାଡ଼ି ଦର୍ଶନ ପାଇଁ ଯାହା ବ୍ୟବସ୍ଥା ଦରକାର, ସେସବୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି। ଖୁବଶୀଘ୍ର ଏହା କାମରେ ଲାଗିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ପରିଚାଳନା ସମିତିର ଚୂଡ଼ାନ୍ତ ରୂପ ଚଳିତ ମାସ ସୁଦ୍ଧା ଶେଷ ହେବ ବୋଲି ସେ ସୂଚନାଦେଇଛନ୍ତି।

୩୦ ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଣ୍ଟର୍ ଉଦ୍‌ଘାଟିତ

# ତ୍ୱରାନ୍ୱିତ ହେବ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ବିକାଶ



**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ଆଜି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ୩୦ଟି ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଣ୍ଟର୍ ଉଦ୍‌ଘାଟିତ ହୋଇଛି। ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବା ସହିତ ପ୍ରତି ଜିଲ୍ଲାରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ, ସେଥିସକାଶେ ଏହି ସେଣ୍ଟର୍‌ଗୁଡ଼ିକ ନିର୍ମାଣ କରାଯାଇଛି। ଖେଲୋ ଇଣ୍ଡିଆ ସେଣ୍ଟରମାନଙ୍କରେ କ୍ରୀଡ଼ାବିତମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ବିଭିନ୍ନ କ୍ରୀଡ଼ା ଯଥା ଫୁଟବଲ୍, ଭଲିବଲ୍, ହକି, ଆଥଲେଟିକ୍ସ, ଖୋଖୋ, କବାଡ଼ି ଆଦି ନିମନ୍ତେ ସୁଦୃଢ଼ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରାଯିବ। ଏଥିସହ ଏହି ଖେଲୋ ଇଣ୍ଡିଆ ସେଣ୍ଟରଗୁଡ଼ିକର ଉପଯୁକ୍ତ ପରିଚାଳନା ନିମନ୍ତେ ସରକାରଙ୍କ ପକ୍ଷରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ମଧ୍ୟ ପ୍ରଦାନ କରାଯିବ। ଜିଲ୍ଲାମାନଙ୍କରେ ସ୍ଥାପିତ ହୋଇଥିବା ଏହି ଖେଲୋ ଇଣ୍ଡିଆ ସେଣ୍ଟରମାନଙ୍କରେ ପ୍ରତ୍ୟେକ ଜିଲ୍ଲାର ଆଞ୍ଚଳିକ କ୍ରୀଡ଼ାକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ପୂର୍ବରୁ ଜାତୀୟ ଓ ରାଜ୍ୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କ୍ରୀଡ଼ାବିତ ଖେଲୋ ଇଣ୍ଡିଆ ସେଣ୍ଟରର କୋଚ୍ ଭାବେ ଭବିଷ୍ୟତର କ୍ରୀଡ଼ାବିତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଏଥିସହିତ ଅଧିକରୁ ଅଧିକ କ୍ରୀଡ଼ାବିତ ଯେପରି ଖେଲୋ ଇଣ୍ଡିଆ ସେଣ୍ଟରରେ ସାମିଲ୍ ହେବେ, ତାହା ମଧ୍ୟ ସୁନିଶ୍ଚିତ କରାଯିବ। କେବଳ ପ୍ରମୁଖ ସହର ନୁହେଁ, ବରଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କ୍ରୀଡ଼ା ପ୍ରତିଭାର ବିକାଶ ସକାଶେ ଖେଲୋ ଇଣ୍ଡିଆ ସେଣ୍ଟର ନିର୍ମାଣ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଆଜି କଳିଙ୍ଗ ଷ୍ଟାଡିୟମଠାରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଖେଲୋ ଇଣ୍ଡିଆ ସେଣ୍ଟରର ଉଦଘାଟନୀ ସମାରୋହରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଖେଲୋ ଇଣ୍ଡିଆ ସେଣ୍ଟର ସ୍ଥାପନର ଲକ୍ଷ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲ୍ଲା ପ୍ରଶାସନର ଅଧିକାରୀ, କ୍ରୀଡ଼ାବିତ ଓ ପ୍ରଶିକ୍ଷକମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗଦେଇ ଏହି ସେଣ୍ଟର୍ ଖୋଲିଥିବାରୁ କ୍ରୀଡ଼ାମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର କ୍ରୀଡ଼ାବିତ ଓ ପ୍ରଶିକ୍ଷକମାନଙ୍କ ସହିତ ରାଜ୍ୟରେ କ୍ରୀଡ଼ାକ୍ଷେତ୍ରର ଯେପରି ସାମଗ୍ରିକ ବିକାଶ ହୋଇପାରିବ, ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା ଜଗତରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟର ୩୦ଟି ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଣ୍ଟରର ଉଦଘାଟନ ହେବା, ଆଗାମୀ ଦିନରେ ଓଡ଼ିଶାର ସମସ୍ତ ବ୍ଲକରେ ବ୍ଲକ ସ୍ତରୀୟ ଷ୍ଟାଡିୟମର ନିର୍ମାଣ ହେବା ଏବଂ ତୃଣମୂଳ ସ୍ତରରେ ସିଏମ-ଫୁଟବଲ ଟ୍ରଫି ପ୍ରତିଯୋଗିତାର ଆୟୋଜନ କରାଯିବା ଆଦି ପଦକ୍ଷେପ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ାପ୍ରତିଭାର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ଘଣ୍ଟାଏ କାଳ ଅନ୍ଧାରରେ ବୁଲିଲେ ରାଜ୍ୟପାଳ

**ପୁରୀ,୨୦।୪ (ସଂଚାର ବ୍ୟୁରୋ) :** ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କ ପୁରୀ ଗସ୍ତ ବେଳେ ଅଭାବନୀୟ ଘଟଣା। ଦୀର୍ଘ ଏକ ଘଣ୍ଟା କାଳ ଅନ୍ଧାରରେ ରହିଲେ ରାଜ୍ୟପାଳ। ହେଲେ ବିଦ୍ୟୁତ ଯୋଗାଣ କରିପାରିଲା ନାହିଁ ଟାଟା ପାୱାର। ପୁରୀରେ ଗତକାଲି (ଶନିବାର) ସନ୍ଧ୍ୟାରେ ଏଭଳି ଅଭାବନୀୟ ଘଟଣା ନଜରକୁ ଆସିଛି । ରାଜ୍ୟପାଳଙ୍କ ଗସ୍ତ ବେଳେ ଟାଟା ପାୱାର ବିଦ୍ୟୁତ୍ ଯୋଗାଣ ନ କରିବାକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଗତକାଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ପୁରୀ ସୁଭାଷ ବୋଷ ଛକ ନିକଟ ବୈଷ୍ଣଦେବି ଲେନକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ରେଣୁବାଳା ପଣ୍ଡା ଓ ରାଧାରାଣୀ ଦେବନାଥଙ୍କ ଘରକୁ ଯାଇ ସୁବିଧା ଅସୁବିଧା ବୁଝିଥିଲେ। ସ୍ଥାନୀୟ ଲୋକଙ୍କ ସହ ମିଶି ସରକାରଙ୍କ ଯୋଜନା ଠିକ୍ ମିଳିପାରୁଛି କି ନାହିଁ ତାହା ପଚାରି ବୁଝିଥିଲେ । ରାଜ୍ୟପାଳଙ୍କ ଗସ୍ତବେଳେ ଅନ୍ଧାର ହୋଇଥିଲା । ପ୍ରାୟ ଏକ ଘଣ୍ଟା କାଳ ରାଜ୍ୟପାଳ ସେଠାର ରହିଥିଲେ । ମାତ୍ର ଦୁର୍ଭାଗ୍ୟର ବିଷୟ ରାଜ୍ୟପାଳ ପ୍ରାୟ ଏକ ଘଣ୍ଟା ଟର୍ଚ୍ଚ ଲାଇଟରେ ଲୋକଙ୍କ ନିକଟ ସହ ରହି କଥା ହୋଇଥିଲେ । ଦୀର୍ଘ ଏକ ଘଣ୍ଟା ଭିତରେ ବି ଟାଟା ପାୱାର ବିଦ୍ୟୁତ୍ ଯୋଗାଣ କରିପାରିନଥିଲା ।

# ସମ୍ପତ୍ତି ପାଇଁ ମା'କୁ ମରଣାନ୍ତକ ଆକ୍ରମଣ, ଥାନାରେ ଏତଲା

**ନୀଳଗିରି,୨୦।୪(ସଂଚାର ବ୍ୟୁରୋ):** ଦଶମାସ ଦଶଦିନ ଗର୍ଭରେ ଧରି ପୁଅକୁ ଜନ୍ମ କରିଥିବା ମା ଶେଷରେ ସେହି ପୁଅର ନିର୍ଯାତନା ଓ ମାଡ଼ରେ ଶିକାର ହୋଇ ଥାନାର ଦ୍ୱାରସ୍ଥ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଖନ୍ତାପଡା ଥାନା ଅଧୀନସ୍ଥ ଶେରଗଡ଼ ଅଞ୍ଚଳରେ।ବୃଦ୍ଧାମାଆକୁ ସେବାକରିବା ପରିବର୍ତ୍ତେ ସାମାନ୍ୟ ସମ୍ପତ୍ତି ପାଇଁ ଉଭୟ ଶାରିରୀକ, ମାନସିକ ଯନ୍ତ୍ରଣା ଦେବାସହ ଖାଇବାକୁ ନଦେଇ ଜୀବନରୁ ମାରିଦେବାକୁ ମଧ ପଛାଇନଥିଲା। ୨୦୨୩ ମସିହାରେ ଅବସରପ୍ରାପ୍ତ ସେନା କର୍ମଚାରୀ ଖଗେନ୍ଦ୍ର ସଙ୍କ ମୃତ୍ୟୁପରେ ବିଧବାପତ୍ନୀ ଲକ୍ଷ୍ମୀପ୍ରିୟା ସ ଏକମାତ୍ର ପୁଅ ଶିବନାରାୟଣଙ୍କ ନିକଟରେ ରହି ଆସୁଥିଲେ। ଦୁଇଝିଅକୁ ବାହା ଦେଇ ବୃଦ୍ଧାମାଆ ଲକ୍ଷ୍ମୀପ୍ରିୟା ନିଜ ପୁଅକୁ ଭରସା କରି ଜୀବନ ବିତାଉଥିଲେ। ମାତ୍ର ପୁଅ ଶିବନାରାୟଣ ସ୍ତ୍ରୀ କଥାରେ ପରିଚାଳିତ ହୋଇ ବୃଦ୍ଧାମାଆ ଉପରେ ନିର୍ଯ୍ୟାତନା କରିବା ସହ ଖାଇବାକୁ ନଦେଇ ଘରୁ ତଡ଼ି ଦେଇଥିଲେ। ଏପରିକି ମାଆର ପିନ୍ଧିଥିବା ସୁନା ଅଳଙ୍କାର ମଧ ଜୋର ଜବରଦସ୍ତି ଛଡ଼ାଇ ନେଇଥିଲେ। ଗତ ୧୬ତାରିଖରେ ମାଡ଼ ମାରି ମାଆର ହାତକୁ ଭାଙ୍ଗି ଦେଇଥିଲା। ପୋଡଶୀ ମାନେ ଘଟଣାସ୍ଥଳରେ ପହଂଚି ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ପରେ ଗାଆଁରେ ରହୁଥିବା ଝିଅ ଘଟଣା ସମ୍ପର୍କରେ ଜାଣିବାପରେ ସଙ୍ଗେସଙ୍ଗେ ମାଆ ନିକଟରେ ପହଞ୍ଚି ଚିକିତ୍ସା ପାଇଁ ବାଲେଶ୍ବର ନେଇଥିଲେ। ଏନେଇ ବୃଦ୍ଧା ଲକ୍ଷ୍ମୀପ୍ରିୟା ଶେରଗଡ଼ ଫାଣ୍ଡିରେ ଅଭିଯୋଗ କରିଥିବା ବେଳେ ୧୧୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ପି.କେ ରାଉତ ସୂଚନା ଦେଇଛନ୍ତି।

# ବାଲିଆପିଟା-ପଣସିଆ ରାସ୍ତାରେ ଡକାୟତି: ଯୁବକ ଗୁରୁତର

**ବୈଶିଙ୍ଗା,୨୦।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ପଣସିଆ ବଜାର ଉପକଣ୍ଠ ବାଲିଆପିଟା-ପଣସିଆ ରାସ୍ତାରେ ଶନିବାର ବିଳମ୍ବିତ ରାତ୍ରିରେ ଜନୈକ ଯୁବକଙ୍କୁ ଭୁଜାଲିରେ ହାଣି ତାଙ୍କ ବାଇକ୍ ସହିତ ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ପଣସିଆ ଗ୍ରାମର ଆକାଶ ପଣ୍ଡିତ (୩୫ ବର୍ଷ) ପ୍ରତ୍ୟେକ ଦିନ ସକାଳେ ଘରୁ ବାହାରି ବାଲେଶ୍ୱର ସହରରେ ନିଜ କର୍ମସ୍ଥଳକୁ ଯାଇ ରାତିରେ ଫେରିଥାନ୍ତି। ତେବେ କାଲି ରାତିରେ ଘରକୁ ଫେରିବା ବେଳକୁ ଘର ପହଞ୍ଚିବାକୁ ଆଉ ମାତ୍ର ଅଧ କିଲୋମିଟର ଥିବା ସମୟରେ ରାତି ଏଗାରଟା ବେଳେ ମୁଖାପିନ୍ଧା ଦୁଇ ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କୁ ଏକ ନିଛାଟିଆ ସ୍ଥାନରେ ଅଟକାଇଥିଲେ। ସେମାନେ ତାଙ୍କ ଦୁଇ ହାତକୁ ଭୁଜାଲିରେ ହାଣି ସେ ତଳେ ପଡିଯିବାରୁ ତାଙ୍କଠାରୁ ଟଙ୍କା , ମୋବାଇଲ ଓ ହିରୋ ସିଡ଼ି ଡିଲକ୍ସ ନଂ ଓଡି ୧୧ ୟୁ ୦୦୫୧ ନମ୍ବର ଗାଡ଼ିକୁ ନେଇ ବାଲେଶ୍ୱର ଦିଗରେ ପଳାଇଯାଇଥିଲେ।

ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଥାନାରେ ଆଜି ସକାଳ ଠାରୁ ଏସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ହେଁ ସନ୍ଧ୍ୟା ସୁଦ୍ଧା ମାମଲା ରୁଜୁ କରାଯାଇ ନଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ ବୈଶିଙ୍ଗା ଥାନାଧିକାରୀ ଛୁଟିରେ ଥିବା ବେଳେ ଏ ବାବଦରେ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳଙ୍କୁ ପଚାରିବାରୁ ସେ ମଧ ଏଭଳି ଘଟଣା ଘଟିଥିବା ନେଇ ଏଯାଏ କୌଣସି ସୂଚନା ପାଇନାହାନ୍ତି। ତେବେ ଖୁବ୍‌ଶୀଘ୍ର ସେ ଘଟଣା ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିବେ କହିଥିଲେ। ଏଭଳି ସ୍ଥିତିରେ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ଦିଗରେ ପୋଲିସ ପ୍ରଶାସନ କେତେ ତତ୍ପର ତାହା ସହଜେ ଅନୁମେୟ। ସାଧାରଣ ଜନତା ଗୁହାରି କରିବେ କାହାକୁ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି।

● ସିଟିଜେନ୍ ଫୋରମ୍‌ର ଏଜିଏମ୍ ସମ୍ପନ୍ନ

# ଏସ୍‌ପିଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ




**କେସିଙ୍ଗା,୨୦।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାସ୍ଥିତ ସିଟିଜେନ ଫୋରମ୍‌ର ସଭାପତି ଡ. ହେମସାଗର ସାହାଙ୍କ ନେତୃତ୍ୱରେ କେସିଙ୍ଗା ସହରସ୍ଥିତ ବିଦ୍ୟାପୀଠ ସଭାଗୃହରେ ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଏସ୍‌ପି ନାଗରାଜ ଦେବେରାକୋଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେସିଙ୍ଗା ଏସ୍‌ଡିପିଓ ରଞ୍ଜନ ସେନାପତି, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାରୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କେସିଙ୍ଗା ସହରର ବିଭିନ୍ନ ସମସ୍ୟାର ସମାଧାନ ନେଇ ୯ ଦଫା ସମ୍ବଳିତ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଜଗନ୍ନାଥପଡ଼ାରେ ଏକ ଆଉଟ ପୋଷ୍ଟ ସ୍ଥାପନ ପାଇଁ ଦାବି କରାଯାଇଥିବା ବେଳେ ସହରରେ ବିଭିନ୍ନ ସ୍ଥାନରେ ହେଉଥିବା ଚୋରି ରୋକିବା ଦିଗରେ ପଦକ୍ଷେପ ନେବା ସକାଶେ ମଧ୍ୟ ଦାବି କରାଯାଇଛି। ଦାବିପତ୍ର ପାଇବା ପରେ ଏସ୍‌ପି ଶ୍ରୀ ଦେବେରାକୋଣ୍ଡା ସ୍ଥାନୀୟ ଥାନାଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଜଗନ୍ନାଥ ମନ୍ଦିର ନିକଟରେ ଆଉଟ ପୋଷ୍ଟ ସ୍ଥାପନ, ଦେଶୀ କୁଚିଆ ମଦ ବିକ୍ରି ରୋକିବା,ସହରର ମଧ୍ୟ ଭାଗରେ ଥିବା କବାଡି ଗୋଦାମଗୁଡିକୁ ସ୍ଥାନାନ୍ତର, ଟ୍ରାଫିକ ସମସ୍ୟା ଦୂର, ବ୍ୟବସାୟୀଙ୍କ ଗୋଦାମଗୁଡ଼ିକୁ ସହରର ବାହାରକୁ ସ୍ଥାନାନ୍ତର, ସହରର ମୁଖ୍ୟ ଜାଗାରେ ସିସି କ୍ୟାମେରା ଲଗାଇବା, ପାଷ୍ଟିକୁଡି ଛକରେ ଦୁର୍ଘଟଣା ରୋକିବା ଆଦି ସମସ୍ୟାର ସମାଧାନ ପାଇଁ ମଧ୍ୟ ଦାବି କରାଯାଇଛି। ଏଥିସହିତ ଉଠା ଜଳସେଚନ କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେଲା ଅଚଳାବସ୍ଥାରେ ପଡ଼ିଛି। ଉକ୍ତ ୩୦ ଡେସିମିଲ୍ ଜାଗାକୁ ଏନ୍‌ଏସିକୁ ହସ୍ତାନ୍ତର କରିବା ପାଇଁ ଜିଲା ପ୍ରଶାସନକୁ ସିଟିଜେନ ଫୋରମ୍ ପକ୍ଷରୁ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଟିଜେନ ଫୋରମ୍‌ର ସମ୍ପାଦକ ବି. ଚନ୍ଦ୍ରଶେଖର ଆଚାରୀ ମଞ୍ଚ ପରିଚାଳନା କରିଥିବା ବେଳେ କେସିଙ୍ଗା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନାୟକ ନାଏକ ଧନ୍ୟବାଦ ଦେଇଥିଲେ।

● ନିଖୋଜ ମହିଳାଙ୍କ କଙ୍କାଳ ଉଦ୍ଧାର

# ସ୍ୱାମୀ ବିରୋଧରେ ହତ୍ୟା ଅଭିଯୋଗ

**ବନ୍ତ,୨୦।୪(ସଂଚାର ବ୍ୟୁରୋ):** ନଦୀହୁଡ଼ାରୁ ନିଖୋଜ ମହିଳାଙ୍କ କଙ୍କାଳ ଉଦ୍ଧାର ହେବା ପରେ ସ୍ତବ୍ଧ ପାଲଟିଯାଇଛନ୍ତି ବାପା-ମା'। ବନ୍ତ ଥାନା ଅନ୍ତର୍ଗତ ସେଣ୍ଡତୀରା ପଞ୍ଚାୟତ ଫୁଲଗଡ଼ିଆ ଗାଁର ନାଜିର ମୁଣ୍ଡାଙ୍କ ଝିଅ ରାଧା ମୁଣ୍ଡା। କେତେ ସ୍ୱପ୍ନ ନେଇ ସ୍ୱାମୀର ହାତ ଧରିଥିଲେ । ବାପା ମା' ବି ଅଭାବ ଅନଟନ ଭିତରେ ଝିଅକୁ ବାହା ଦେଇଥିଲେ। କିନ୍ତୁ ଝିଅକୁ ବାହା ଦେବାଟା ଯେ ସେମାନଙ୍କର ମସ୍ତବଡ଼ ଭୁଲ ହେବ, ସେମାନେ ତାହା କଦାପି ଭାବି ବି ନଥିଲେ। କାହିଁକିନା ନଈ କୂଳରୁ ମିଳିଛି ଝିଅର କଙ୍କାଳ। କେନ୍ଦୁଆପଦା ଫାଣ୍ଡି ଅଧୀନ କଳାହାଣ୍ଡିଆ ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା କପାଳୀ ନଦୀ କୂଳରୁ ଏହି କଙ୍କାଳ ଉଦ୍ଧାର ହୋଇଛି। ଘଟଣାସ୍ଥଳରେ କେନ୍ଦୁଆପଦା ପୁଲିସ୍ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ବନ୍ତ ଥାନା ଅନ୍ତର୍ଗତ ସେଣ୍ଡତୀରା ପଞ୍ଚାୟତ ଫୁଲଗଡ଼ିଆ ଗାଁର ନାଜିର ମୁଣ୍ଡାଙ୍କ ଝିଅ ରାଧାଙ୍କୁ କଳାହାଣ୍ଡିଆ ଗାଁର ରାମ ବେହେରା ୪ ବର୍ଷ ତଳେ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେଉଥିଲା। ପରବର୍ତ୍ତୀ ସମୟରେ ରାମ ସ୍ତ୍ରୀ ରାଧାକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ରାଧାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପାଖାପାଖି ୧୫ ଦିନ ତଳେ ରାଧାନ ଅଚାନକ ନିଖୋଜ ହୋଇଯାଇଥିଲେ। ବାପ ଘରୁ ସ୍ତ୍ରୀକୁ ମୁଗ ତୋଳିବା ପାଇଁ ରାମ ଡାକିଥିଲେ ମଧ୍ୟ ସେବେଠାରୁ ରାଧାଙ୍କ ଖୋଜଖବର ପାଇନଥିଲେ ବାପା-ମା'।

ତେବେ ଗତକାଲି ରାଧାଙ୍କ ପରିବାର ଲୋକେ କଳାହାଣ୍ଡିଆ ଗାଁ ସାଳନ୍ଦୀ ନଦୀ ନିକଟରେ ରାଧାଙ୍କ କଙ୍କାଳ ପଡ଼ିଥିବା ଜାଣିବାକୁ ପାଇଥିଲେ। ଝିଅ ହାତର ଚୁଡ଼ି ଓ ହାର ଦେଖି ବାପା-ମା' ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ୍ ମାମଲା ରୁଜୁ କରି ରାମଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚରା କରୁଛି। ସେପଟେ ଏହି ଘଟଣାରେ କେନ୍ଦୁଆପଦା ଫାଣ୍ଡି, ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ପୃଥକ୍ ଚୋରି ମାମଲାରେ ଅଭିଯୁକ୍ତକୁ ଜେଲ୍

**ପାରଳାଖେମୁଣ୍ଡି,୨୦।୪(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲାର ଆର୍. ଉଦୟଗିରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତରୁଣ କୁମାର ସେଠୀ ପୃଥକ୍ ଚୋରି ମାମଲାର ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ଉପଯୁକ୍ତ ପ୍ରମାଣକୁ ଆଧାର କରି ସେ ଏହି ଦୁଇଟି ମାମଲାର ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଜଣଙ୍କ ଆର୍. ଉଦୟଗିରି ଥାନା ଅନ୍ତର୍ଗତ ଅଟଲିମା ଗ୍ରାମର ଜଗଦୀଶ ବଡରଇତ (୨୪)। ବାଇକ ଚୋରି ମାମଲାରେ ତାଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ସେହିପରି ୫ ହଜାର ଟଙ୍କା ଜୋରିମାନା ପଇଠ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜୋରିମାନା ଅନାଦେୟ ପରିପ୍ରେକ୍ଷୀରେ ତାଙ୍କୁ ଅତିରିକ୍ତ ୮ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ମାଜିଷ୍ଟ୍ରେଟ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଘଟଣା ଦିନ ଦୋକାନର ତାଲା ଭାଙ୍ଗି ଏକ ଏଲଇଡି ଟିଭି ଚୋରି ମାମଲାର ବିଚାର କରି ମାଜିଷ୍ଟ୍ରେଟ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଉକ୍ତ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ୬ ମାସ ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ବର୍ଷ ଅକ୍ଟୋବର ୨୬ରେ କ୍ରିଶଗାଲ ସିଂଙ୍କ ଘର ସମ୍ମୁଖରୁ ତାଙ୍କର ହିରୋ ଗ୍ଲାମର ବାଇକ୍(ନଂ.ଓ -୦୭ ବି- ୩୨୦୦) ଗାଡ଼ି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ଦୋକାନରୁ ଏଲଇଡି ଟିଭି ଚୋରି ହୋଇଥିବା ନେଇ ମାଲିକ ରଘୁନାଥ ମାଳବିଷୋୟୀ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ତତ୍କାଳୀନ ଥାନାଧିକାରୀ ସବ୍ୟସାଚୀ ମଲ୍ଲ ଅଭିଯୁକ୍ତ ଜଗଦୀଶ ବଡ଼ ରଇତଙ୍କୁ ଉକ୍ତ ଦୁଇଟି ଚୋରି ମାମଲାରେ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ।

# ବାର୍‌ହା ମାଂସ ଜବତ: ୩ ଗିରଫ

● ରକ୍ତଭିଜା ଟାଙ୍ଗିଆ, ଜୀବନ୍ତ ବୋମା ଓ ଝିଙ୍କ କଣ୍ଟା ଜବତ



**ନୂଆପଡ଼ା,୨୦।୪(ସଂଚାର ବ୍ୟୁରୋ):** ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ ନିର୍ଦ୍ଦେଶ କ୍ରମେ କୋମନା ବନାଞ୍ଚଳ ଅଧିକାରୀ ଚଢ଼ଉ କରି ବାରହା ଶିକାର ଅଭିଯୋଗରେ ଜଣଙ୍କୁ ଓ ମାଂସ କିଣି ତରକାରୀ ରାନ୍ଧି ଖାଇବା ଅଭିଯୋଗରେ ଆଉ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନାନୁସାରେ, କୋମନା ବନାଞ୍ଚଳ ଅନ୍ତର୍ଗତ ବୋଡ଼େନ ବ୍ଲକ ଅଧୀନ ନାଗପଡ଼ା ପଞ୍ଚାୟତ ସିର୍ଲି ଗ୍ରାମର ଖଲିଆ ମୁଣ୍ଡା ନୂଆପଡାର ଅନ୍ତରାମ ମାଝୀ (୪୦) ବିସ୍ଫୋରକ ପଦାର୍ଥରେ ବୋମା ଭିଡି ତାକୁ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜନ୍ତୁ ଶିକାର ଉଦ୍ଦେଶ୍ୟ ନେଇ ଖଞ୍ଜିଥିଲେ। ଉକ୍ତ ବିସ୍ଫୋରକ ସଂସ୍ପର୍ଶରେ ଆସି ଗୋଟିଏ ବାରହା ମରିଯିବା ପରେ ତାକୁ କାଟି ଅନ୍ତରାମ ତା'ର ମାଂସ ବିକ୍ରି କରିଦେଇଥିଲେ। ଖବର ପାଇ କୋମନା ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୁତାର ସଦଳବଳେ ଚଢ଼ାଉ କରି ତେଜରାଜ ମାଝୀ (୩୨), ଇନ୍ଦ୍ରମଣି ମାଝୀ (୨୬), କୋଦୋ ମାଝୀ, ଦଶରଥ ମାଝୀ, ଯୁଜେଷ୍ଟି ମାଝୀଙ୍କଠାରୁ ପ୍ରାୟ ଅଧ କିଲୋ ରନ୍ଧା ମାଂସ ଜବତ କରିବା ସହ ସେମାନଙ୍କୁ କୋମନା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିଥିଲେ। ପରେ ବନାଞ୍ଚଳ ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ବାରହା ଶିକାର କରିଥିବା ମୁଖ୍ୟ ଅଭିଯୁକ୍ତ ଅନ୍ତରାମଙ୍କୁ ତା'ଙ୍କ ଘରୁ ଗିରଫ କରିବା ସହ ସେଠାରୁ ୬ଟି ଜୀବନ୍ତ ବୋମା, କିଛି ବାରହା ଫାସ ଓ ୫୫ଟି ଝିଙ୍କ କଣ୍ଟା, ଗୋଟିଏ ରକ୍ତ ଭିଜା ଟାଙ୍ଗିଆ ଜବତ କରିଥିବା ଜଣାପଡ଼ିଛି। ମାଂସ କିଣି ରାନ୍ଧି ଖାଇବା ଅଭିଯୋଗରେରେ ତେଜରାଜ ଓ ଇନ୍ଦ୍ରମଣି ତଥା ବୋମା ଭିଡି ବାରହା ଶିକାର କରି ମାଂସ ବିକ୍ରି ଅଭିଯୋଗରେ ଅନ୍ତରାମଙ୍କୁ ଗିରଫ କରାଯାଇଥିବା ପ୍ରକାଶ କରି ୩ ଜଣଙ୍କୁ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ସୁତାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଆଉ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି। ପରୀକ୍ଷା ପାଇଁ ରନ୍ଧା ମାଂସର ନମୂନା ଓୟୁଏଟିକୁ ପଠାଯାଇଛି। ସେହିପରି ଜବତ ବୋମାଗୁଡ଼ିକୁ ବିଶେଷଜ୍ଞଙ୍କ ଦ୍ୱାରା ନିଷ୍କ୍ରିୟ କରିବା ସକାଶେ ପଦକ୍ଷେପ ନିଆଯାଇଛି।

# କମ୍ରେଡ ଦିବାକର ନାୟକଙ୍କ ବିୟୋଗ



**ଭୁବନେଶ୍ୱର,୨୦।୪ (ସଂଚାର ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ବହୁ ଜନଆନ୍ଦୋଳନର ସାରଥୀ କମ୍ରେଡ଼ ଦିବାକର ନାୟକ ଏପ୍ରିଲ ୧୯ ତାରିଖ ରାତ୍ର ୧୧.୧୦ ସମୟରେ ପ୍ରାଣତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ସାଥୀ ନାୟକ କିଛିଦିନ ଧରି କିଡ଼ନୀ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥା(ଏମ୍ସ)ରେ ଭର୍ତ୍ତିହୋଇ ଚିକିତ୍ସିତ ହେଉଥିଲେ। ଦୁଇଦିନ ତଳେ ସେଠାରୁ ଡିସ୍‌ଚାର୍ଜ ହୋଇ ଭଗବତୀ ଭବନରେ ରହିଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ତାଙ୍କର ବଡ଼ପୁଅ ବିଶ୍ୱଜିତ୍, ବଡ଼ଭଉଣୀ ବନଲତା ଜେନା, ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡି, ସିପିଆଇ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ନୂଆଦୁନିଆ ସମ୍ପାଦକ ରମେଶ ପାଢ଼ୀ ଓ ଯୁବସଂଘ ନେତା ଭୁବନଚାନ୍ଦ ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ୨୦ ତାରିଖ ପୂର୍ବାହ୍ନ ୧୧ଘଣ୍ଟା ପର୍ଯ୍ୟନ୍ତ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଶେଷ ଦର୍ଶନ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ନିମନ୍ତେ ପାର୍ଥିବ ଶରୀର ରଖାଯାଇଥିଲା । ତାଙ୍କର ବିୟୋଗରେ ରାଜ୍ୟ ପାର୍ଟି ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇ ରାଜ୍ୟ ପାର୍ଟି ଦପ୍ତର ଉପରେ ଲାଲ ପତାକା ଅର୍ଦ୍ଧନମିତ କରାଯାଇଛି। ସମ୍ବାଦ ପାଇ ସିପିଆଇ ସାଧାରଣ ସମ୍ପାଦକ କମ୍ରେଡ଼ ଡି. ରାଜା, ଜାତୀୟ ସମ୍ପାଦକ କେ. ନାରାୟଣା ଓ ରାମକୃଷ୍ଣ ପଣ୍ଡା ଗଭୀର ଶୋକ ପ୍ରକାଶ କରି ଶୋକବାର୍ତ୍ତାମାନ ପ୍ରେରଣକରି ପ୍ରୟାତ ସାଥୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଏବଂ ଶୋକସନ୍ତପ୍ତ ପାର୍ଟି ସାଥୀଗଣ ଏବଂ ତାଙ୍କର ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

● ଭବାନୀପାଟଣାରେ ବିଶ୍ୱ କଳା ଦିବସ ପାଳିତ

# ଆଦିବାସୀ ଐତିହ୍ୟକୁ ବେଦାନ୍ତର ପ୍ରୋତ୍ସାହନ

**ଭବାନୀପାଟଣା,୨୦।୪ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଭବାନୀପାଟଣାର ଥୁଆମୂଳ ରାମପୁରସ୍ଥିତ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଛି। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଓ ପାରମ୍ପରିକ କଳାକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ବେଦାନ୍ତର ସିଜିମାଳି ବକ୍ସାଇଟ୍ ଟିମ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା କାଳାହାଣ୍ଡି କଳା ଓ ଗବେଷଣା ମହାବିଦ୍ୟାଳୟର ଅଧ୍ୟାପକମାନଙ୍କ ଦ୍ୱାରା ପରିଚାଳିତ ସର୍ବପୁରାତନ ଆଦିବାସୀ କଳା ମଧ୍ୟରୁ ଅନ୍ୟତମ ସଉରା କଳା ସଂକ୍ରାନ୍ତ କର୍ମଶାଳା। ସଉରା କଳାର ଉତ୍ପତ୍ତି, ପ୍ରତୀକବାଦ ଓ କୌଶଳ ବିଷୟରେ ୧୨୦ରୁ ଅଧିକ ଛାତ୍ର ଏହି ଅଞ୍ଚଳର ଦେଶୀୟ ସଂସ୍କୃତି ଏବଂ ଆଜିର ବିଶ୍ୱରେ ଏହାର ପ୍ରାସଙ୍ଗିକତା ବିଷୟରେ ଜ୍ଞାନ ହସାଲ କରିଥିଲେ।

ଛାତ୍ରଛାତ୍ରୀମାନେ ସେମାନଙ୍କ କଳା ମାଧ୍ୟମରେ ଲୋକକଥା ଓ ଦୈନନ୍ଦିନ ଜୀବନର ଜୀବନ୍ତ ଚିତ୍ରଣକୁ ଦର୍ଶାଇଥିଲେ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତର ବକ୍ସାଇଟ୍ ମାଇନ୍ସ ସିଇଓ ନୀତିନ ତିୱାରୀ କହିଛନ୍ତି ଯେ ଆମର ଗୋଷ୍ଠୀ ବିକାଶ ପ୍ରୟାସ କାର୍ଯ୍ୟ କରୁଥିବା ଅଞ୍ଚଳର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ସହ ଜଡ଼ିତ ରହିଛି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିକୁ ସେମାନଙ୍କ ସୃଜନଶୀଳତା ଅନ୍ୱେଷଣରେ ସହଯୋଗ କରିବା। ବେଦାନ୍ତର ଏପରି ଉଦ୍ୟମକୁ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟ ପ୍ରକାଶ ସତ୍ୟ ପ୍ରଶଂସା କରିବା ସହ ଏହି ପଦକ୍ଷେପ ସୃଜନଶୀଳତା ଓ ସାଂସ୍କୃତିକ ଗର୍ବକୁ ପୋଷଣ କରିବାରେ ଏକ ଦୀର୍ଘ ପଥରେ ସହାୟକ ହେବ। ସୂଚନାଯୋଗ୍ୟ ଯେ ବେଦାନ୍ତ ଆଲୁମିନିୟମ ତୃଣମୂଳ ସ୍ତରର କ୍ରୀଡ଼ା ଏବଂ ସଂସ୍କୃତି, ଶିକ୍ଷା, ଭିତ୍ତିଭୂମି, ସ୍ୱାସ୍ଥ୍ୟ ପଦକ୍ଷେପ ଏବଂ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ଯତ୍ନ ଓ ଭାଗିଦାରୀର ନୈତିକତା ଉପରେ ଆଧାରିତ ବେଦାନ୍ତର ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକ କଳାହାଣ୍ଡି ଜିଲ୍ଲାର ୬୭ଟି ଗାଁର ପ୍ରାୟ ୧.୫ ଲକ୍ଷ ଓ ରାଜ୍ୟର ୫ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିପାରିଛି।




# ୭ ଦଫା ଦାବି ନେଇ ଡାକ୍ତରଙ୍କ ଗଣଇସ୍ତଫା ଧମକ



**ଭୁବନେଶ୍ୱର,୨୦।୪ (ସଂଚାର ବ୍ୟୁରୋ):** ଓଡ଼ିଶା ମେଡିକାଲ ଆସୋସିଏସନ (ଓଏମଏସଏ) ରାଜ୍ୟ ସରକାରଙ୍କୁ ଏକ ମାସ ମଧ୍ୟରେ ସାତ-ଦଫା ଦାବିପତ୍ର ପୂରଣ ନକଲେ କାର୍ଯ୍ୟ ବର୍ଜନ ଏବଂ ଗଣ ଇସ୍ତଫା ଦେବାକୁ ଧମକ ଦେଇଛି। ଓଏମଏସଏ ରବିବାର ରାଜଧାନୀରେ ଏହାର ସାଧାରଣ ସଭା ଅନୁଷ୍ଠିତ କରିବା ପରେ ଏହି ଘୋଷଣା କରିଛି। ଓଏମଏସଏ ସହ ଜଡ଼ିତ ଡାକ୍ତରମାନେ ରାଜ୍ୟରେ ତୁରନ୍ତ ଡାଇନାମିକ ଆସୁରଡ଼ କ୍ୟାରିୟର ପ୍ରୋଗ୍ରେସନ (ଡିଏସିପି) କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଦେଶର ଅନ୍ୟୂନ ୧୮ଟି ରାଜ୍ୟରେ ସରକାରୀ ହସ୍ପିଟାଲରେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କ ପାଇଁ ଡିଏସିପି କାର୍ଯ୍ୟକାରୀ ହୋଇସାରିଛି ବୋଲି ସେମାନେ ଦାବି କରିଛନ୍ତି।

ଏହା ବ୍ୟତୀତ, ଡାକ୍ତରମାନେ ଓଡ଼ିଶାରେ ଗତ ସାତ ବର୍ଷ ଧରି ହୋଇନଥିବା କ୍ୟାଡର ପୁନର୍ଗଠନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ, ଓଏମଏସଏ ରାଜ୍ୟ ସରକାରଙ୍କୁ ଓଡ଼ିଶାର ଦନ୍ତ ଚିକିତ୍ସକମାନଙ୍କୁ ଡିଏସିପି, ପୋଷ୍ଟଗ୍ରାଜୁଏସନ ପାଇଁ ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଅନୁରୋଧ କରିଛି। ସେହିପରି, ଡାକ୍ତରମାନଙ୍କ ସଂଗଠନ ସରକାରଙ୍କୁ ଅନୁରୋଧ କରିଛି ଯେ ଅସ୍ଥାୟୀ ଡାକ୍ତରମାନଙ୍କର ଚୁକ୍ତିବଦ୍ଧ ଅବଧିକୁ ଡିଏସିପି କାର୍ଯ୍ୟକାରୀ କରିବା ସମୟରେ ବିଚାରକୁ ନିଆଯାଉ। ଏହା ବ୍ୟତୀତ, ଓଏମଏସଏ ସରକାରଙ୍କୁ ଡାକ୍ତରମାନଙ୍କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି କରିବା ସମୟରେ ସ୍ୱଚ୍ଛତା ବଜାୟ ରଖିବାକୁ ଅନୁରୋଧ କରିଛି। "ଯେଉଁ ଡାକ୍ତରମାନେ କେବିକେ ଅଞ୍ଚଳରେ ପାଞ୍ଚ ବର୍ଷ ଧରି ସେବା କରିସାରିଛନ୍ତି, ସେମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଅନ୍ୟ ସ୍ଥାନକୁ ବଦଳି କରାଯାଉ," ଓଏମଏସଏ କହିଛି। ସେହିପରି ସଂଗଠନ ସରକାରୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସମସ୍ତ ଡାକ୍ତରମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମାର ବ୍ୟବସ୍ଥା କରିବାକୁ ମଧ ଅନୁରୋଧ କରିଛି। ଏହା ବ୍ୟତୀତ, ସେମାନେ ସରକାରଙ୍କୁ ଡାକ୍ତରମାନଙ୍କର ମୂଲ୍ୟାଙ୍କନ ରିପୋର୍ଟ ଜାରି କରିବା ପାଇଁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ଅଧିକାର ଦେବା ପାଇଁ ଆବଶ୍ୟକ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର



# ସୁପ୍ରିମକୋର୍ଟଙ୍କୁ ସମାଲୋଚନା

ଗଣତନ୍ତ୍ରରେ ନ୍ୟାୟପାଳିକା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ନ୍ୟାୟପାଳିକା ଯୋଗୁ ଗଣତନ୍ତ୍ର ତିଷ୍ଠି ରହିଛି। ଗଣତନ୍ତ୍ର ବା ସାମ୍ବିଧାନିକ ବିଧିବ୍ୟବସ୍ଥା ପ୍ରତି ଯେତେବେଳେ ବି ବିପଦ ସୃଷ୍ଟି ହୋଇଛି ସେତେବେଳେ ନ୍ୟାୟାଳୟ ସଙ୍କଟ ମୋଚକ ଭୂମିକା ତୁଲାଇଛି। ବିଶେଷ କରି ସୁପ୍ରିମକୋର୍ଟ ଅନେକ କ୍ଷେତ୍ରରେ ଦେଶର ସୁରକ୍ଷାରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଛି। ଯେତେବେଳେ ବି ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ସେତେବେଳେ ସୁପ୍ରିମକୋର୍ଟ ଏହାର ସୁରକ୍ଷା କରିଛନ୍ତି। ଅବଶ୍ୟ ୧୯୭୫ରେ ଜରୁରୀ ପରିସ୍ଥିତି ବେଳେ ସୁପ୍ରିମକୋର୍ଟ ଅସହାୟ ହୋଇପଡ଼ିଥିଲେ। କାରଣ ସୁପ୍ରିମକୋର୍ଟଙ୍କର ବି ଏକ ନିଜସ୍ୱ ସୀମା ରହିଛି। ସୁପ୍ରିମକୋର୍ଟ ବାରମ୍ବାର କହି ଆସିଛନ୍ତି ଯେ, ସଂସଦ ହେଉଛି ସର୍ବାଗ୍ରେ। କାରଣ ଏହା ଜନତାଙ୍କ ପ୍ରତିନିଧିତ୍ୱ କରୁଛି। ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ ସବୁଠାରୁ ମହତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ। ଜନତାଙ୍କ ପ୍ରତିନିଧି ମାନେ ଏଠାରେ ଏକତ୍ର ହୋଇ ନିଷ୍ପତ୍ତି ନିଅନ୍ତି। ସଂସଦର ମୁଖ୍ୟ ଦାୟିତ୍ୱ ହେଲା ଆଇନ ପ୍ରଣୟନ କରିବା। ସଂସଦରେ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନରେ ଯଦି ବିଲ ଗୃହୀତ ହେଲା ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଲା ତେବେ ଏହା ଆଇନରେ ପରିଣତ ହେବ। ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବାର ଯଥାର୍ଥତା ନାହିଁ। କିନ୍ତୁ ଅତୀତରେ ସିଏଏ, କୃଷି ଆଇନ ଭଳି ଅନେକ ଆଇନକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି। ଧାରା ୩୭୦ ଉଚ୍ଛେଦକୁ ମଧ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି। ସୁପ୍ରିମକୋର୍ଟରେ ଏହାର ତର୍ଜମା କରାଯାଇଛି ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ସବୁ କଥାରେ ସଂସଦର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯିବା ଏକ ଖରାପ ପରମ୍ପରା। ଏହା ଗଣତନ୍ତ୍ରର ଏକ ବିବାଦୀୟ ପ୍ରସଙ୍ଗ। ସମ୍ବିଧାନର ଧାରା ୧୪୧ରେ ସୁପ୍ରିମକୋର୍ଟଙ୍କୁ ବିଶେଷ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ସୁପ୍ରିମକୋର୍ଟ ଏହାକୁ ରାଷ୍ଟ୍ରପତିଙ୍କ ପ୍ରତି ଉପଯୋଗ କରିପାରିବେ ନାହିଁ। ଏହା ଉପରେ ଏବେ ବିତର୍କ ଆରମ୍ଭ ହୋଇଛି। ନିକଟରେ ସଂସଦରେ ୱାକଫ ଆଇନରେ ସଂଶୋଧନ ବିଲ ଗୃହୀତ ହେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହୋଇଛି। କିନ୍ତୁ ଏହା ବିରୋଧରେ ସୁପ୍ରିମକୋର୍ଟରେ ଶତାଧିକ ପିଟିସନ ଦାଖଲ ହୋଇଛି। ଏହା ଏବେ ସୁପ୍ରିମକୋର୍ଟରେ ବିଚାରାଧିନ ରହିଛି। କିନ୍ତୁ ସୁପ୍ରିମକୋର୍ଟ ଏବେ ୱାକଫ ବୋର୍ଡରେ ନିଯୁକ୍ତି ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଛନ୍ତି। ସଂଶୋଧିତ ୱାକଫ ଆଇନ ଅନୁଯାୟୀ ୱାକଫ ବୋର୍ଡରେ ଅଣମୁସଲିମ ଏବଂ ମହିଳାମାନେ ସଦସ୍ୟ ରହିପାରିବେ। ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି ଏବଂ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣୀ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଛନ୍ତି। ଏ ସମ୍ପର୍କରେ ବିଜେପିର ବରିଷ୍ଠ ସାଂସଦ ନିଶିକାନ୍ତ ଦୁବେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରି କହିଛନ୍ତି ଯେ, ସୁପ୍ରିମକୋର୍ଟ ତାଙ୍କ ସୀମା ଲଘଂନ କରୁଛନ୍ତି। ଯଦି ସବୁ କଥାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବେ ଏବଂ ସଂସଦରେ ଗୃହୀତ ବିଲ



ଉପରେ ତର୍ଜମା କରିବେ ତେବେ ସଂସଦ କାର୍ଯ୍ୟ କରିବା ବନ୍ଦ କରିଦେବା ଉଚିତ। ଯଦି ସମ୍ବିଧାନର ମୌଳିକତା ବିରୋଧରେ ଏଭଳି କିଛି ନିଷ୍ପତ୍ତି ହୋଇଥାଏ ତେବେ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇପାରିବ। ଉଦାହରଣ ସ୍ୱରୂପ ସମ୍ବିଧାନରେ ଉଲ୍ଲେଖ ଅଛି ଯେ, କୌଣସି ପରିସ୍ଥିତିରେ ମଧ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହୋଇପାରିବ ନାହିଁ। ଏହା ହେଉଛି ସମ୍ବିଧାନର ମୌଳିକ ନୀତି। ଯଦି ସରକାର ସଂରକ୍ଷଣ ସୀମା ବଢ଼ାଇବାକୁ ଉଦ୍ୟମ କରିବେ ତେବେ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇପାରିବ। କିନ୍ତୁ ୱାକଫ ଆଇନରେ ସଂଶୋଧନ ବିଲ ଗୃହୀତ ହୋଇ ଆଇନରେ ପରିଣତ ହେବା ପରେ ଏହା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିବା ଯଥାର୍ଥ ନୁହେଁ। ନିଶିକାନ୍ତ ଦୁବେ ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କୁ ସମାଲୋଚନା କରି ସେ ଭାରତରେ ସୃଷ୍ଟି ହେଉଥିବା ଧାର୍ମିକ ବିବାଦ ଏବଂ ହିଂସା ପାଇଁ ଦାୟୀ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ପ୍ରତି ତାଙ୍କର ଏହି କଟୁ ମନ୍ତବ୍ୟ ସ୍ପୃହଣୀୟ ନୁହେଁ। ଜଣେ ସାଧାରଣ ବ୍ୟକ୍ତି ଏହା କହିଥିଲେ ଚଳିଥାଆନ୍ତା। କିନ୍ତୁ ଜଣେ ସାଂସଦ ଏହା କହିବା ଅସୁନ୍ଦର କଥା। ଏହା ସୁପ୍ରିମକୋର୍ଟଙ୍କ ପ୍ରତି ଅସମ୍ମାନ। କିନ୍ତୁ ସେ ଯାହା କହିଛନ୍ତି ତାହା ଏକ ତର୍ଜମାର ବିଷୟ। ନିକଟରେ ସୁପ୍ରିମକୋର୍ଟ ଆଉ ଏକ ମାମଲାରେ କହିଛନ୍ତି ଯେ, ରାଜ୍ୟ ବିଧାନସଭାରେ ଗୃହୀତ ବିଲକୁ ଯଦି ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ରିଫର କରିଥାଆନ୍ତି ତେବେ ରାଷ୍ଟ୍ରପତି ଏହା ଉପରେ ୩ ମାସ ଭିତରେ ନିଷ୍ପତ୍ତି ନେବାକୁ ବାଧ୍ୟ। ଯଦି ବିଳମ୍ବ ହୁଏ ତେବେ ରାଷ୍ଟ୍ରପତି ଏହାର କାରଣ ସମ୍ପର୍କରେ ବିଧାନସଭାକୁ ଜଣାଇବେ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଆଉ ଏକ ବିବାଦ ଏବଂ ବିତର୍କ ଆରମ୍ଭ କରିଛି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି ଯେ, ରାଷ୍ଟ୍ରପତି ହେଉଛନ୍ତି ଦେଶର ସର୍ବୋଚ୍ଚ କର୍ତ୍ତା। ତାଙ୍କୁ ନିର୍ଦ୍ଦେଶ ଦେବାର ଅଧିକାର ସୁପ୍ରିମକୋର୍ଟଙ୍କର ନାହିଁ। ସୁପ୍ରିମକୋର୍ଟ ବିଚାରପତି ଏବଂ ପ୍ରଧାନ ବିଚାରପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରନ୍ତି। ତେଣୁ ନିଯୁକ୍ତିଦାତାଙ୍କୁ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି ବା ସଂସ୍ଥା କିପରି ନିର୍ଦ୍ଦେଶ ଦେଇପାରିବ? ସୁପ୍ରିମକୋର୍ଟ କାହାକୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ ତାଙ୍କୁ ରାଷ୍ଟ୍ରପତି କ୍ଷମା କରିପାରନ୍ତି। ତେଣୁ ସୁପ୍ରିମକୋର୍ଟ କିପରି ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବେ? ରାଷ୍ଟ୍ରପତି ଜଣେ ରବର ଷ୍ଟାମ୍ପ ହୋଇପାରନ୍ତି। କିନ୍ତୁ ସେ ହେଉଛନ୍ତି ଦେଶର ପ୍ରଥମ ନାଗରିକ ଏବଂ ସାମ୍ବିଧାନିକ ମୁଖ୍ୟ। ଏଠାରେ ସୁପ୍ରିମକୋର୍ଟ ସଂସଦ ବା ବିଧାନସଭାରେ ଗୃହୀତ ବିଲକୁ ରାଷ୍ଟ୍ରପତି ବା ରାଜ୍ୟପାଳ ଅଟକାଇପାରିବେ ନାହିଁ ବୋଲି କହୁଛନ୍ତି। କିନ୍ତୁ ସେପଟେ ସଂସଦରେ ଗୃହୀତ ୱାକଫ ଆଇନରେ ସଂଶୋଦନକୁ ଅଟକାଉଛନ୍ତି। ସୁପ୍ରିମକୋର୍ଟ ଏ କ୍ଷେତ୍ରରେ ପରସ୍ପର ବିରୋଧୀ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ଏହା ଉପରେ ବୁଦ୍ଧିଜୀବୀ, ସମ୍ବିଧାନବିତ ଏବଂ ବିଜ୍ଞବ୍ୟକ୍ତିମାନେ ତର୍ଜମା କରି ସଠିକ ନିଷ୍ପତ୍ତି ନେବା ଉଚିତ। ସଂସଦ ଓ ସୁପ୍ରିମକୋର୍ଟଙ୍କ ମଧରେ ବିବାଦ ଶୁଭଙ୍କର ବା ସ୍ୱାଗତଯୋଗ୍ୟ ନୁହେଁ। ରାଷ୍ଟ୍ରପତି ଓ ସୁପ୍ରିମକୋର୍ଟଙ୍କ ମଧରେ ଟଣାଓଟରା ବା କିଏ କାହାଠାରୁ ବଡ଼ ତାହା ଉପରେ ମଧ ବିବାଦ ଅନୁଚିତ। ସଂସଦୀୟ ଗଣତନ୍ତ୍ରର ସର୍ବୋଚ୍ଚ ସ୍ତରରେ ଏଭଳି ବିବାଦ ସ୍ପୃହଣୀୟ ବା ଗ୍ରହଣୀୟ ନୁହେଁ। ଅନ୍ୟ ପକ୍ଷରେ ସାଂସଦ ବା ରାଜନେତା ସୁପ୍ରିମକୋର୍ଟଙ୍କ ପ୍ରତି ମନ୍ତବ୍ୟ ଦେବା ବେଳେ ସଂଯମତା ରକ୍ଷା କରିବା ଉଚିତ। କଲେଜିୟମ ପ୍ରସଙ୍ଗରେ ଅତୀତରେ ଏଭଳି ବିବାଦ ଉପୁଜିଥିଲା। ଆଇନମନ୍ତ୍ରୀ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନେକ ଥର ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଛନ୍ତି। ଏ କ୍ଷେତ୍ରରେ ଏକ ସର୍ବସମ୍ମତ ଲକ୍ଷ୍ମଣରେଖା ନିର୍ଦ୍ଧାରିତ ହେବା ଉଚିତ। କେହି କାହାର ସୀମା ଅତିକ୍ରମ କରିବା ଅନୁଚିତ। କେହି କାହାର ମର୍ଯାଦା ହାନି କରିବା ଅନୁଚିତ। ଆଉ ଏଭଳି ଅନେକ ବିବାଦୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ତ୍ୱରିତ ନିଷ୍ପତ୍ତି ନେବା ଉଚିତ। ଏହାକୁ ଅଧିକ ଦିନ ଚାପି ରଖିବା ବିସ୍ଫୋରକ ରୂପ ନେଇପାରେ। ସୁପ୍ରିମକୋର୍ଟଙ୍କୁ ସମାଲୋଚନା ଏକ ଖରାପ ପରମ୍ପରା। ଏହା ଏକ ଅଭ୍ୟାସରେ ପରିଣତ ହେବା ପୂର୍ବରୁ ଏଥିରେ ରୋକ ଲାଗିବା ଉଚିତ। ଅଯୋଧା ବିବାଦର ରାୟ ପ୍ରକାଶ ପାଇବା ପରେ ଅନେକ ବ୍ୟକ୍ତି ଏବଂ ସଙ୍ଗଠନ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଥିଲେ। ଯଦି ସୁପ୍ରିମକୋର୍ଟଙ୍କ ରାୟ ଜଣଙ୍କୁ ସୁହାଉନାହିଁ ବା ତାଙ୍କ ଆଶାନୁରୂପ ହେଉନାହିଁ, ତେବେ କୋର୍ଟଙ୍କୁ ସମାଲୋଚନା କରିବା ଗ୍ରହଣୀୟ ନୁହେଁ। କୋର୍ଟଙ୍କ ରାୟରେ ଅସନ୍ତୁଷ୍ଟ ହେଲେ ଉପଯୁକ୍ତ ଯୁକ୍ତି ବଳରେ ଏହାର ପୁନର୍ବିଚାର ପାଇଁ ଅପିଲ କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ପ୍ରତି କଟୁ ବାକ୍ୟ ପ୍ରୟୋଗ ଗ୍ରହଣୀୟ ନୁହେଁ। ସେହିପରୀ ରାଷ୍ଟ୍ରପତିଙ୍କ କ୍ଷମତା ଏବଂ ଅଧିକାର ସମ୍ପର୍କରେ ମଧ ସମ୍ବିଧାନବିତମାନେ ସ୍ପଷ୍ଟ କରିବା ବିଧେୟ।

# ମୋବାଇଲରେ ଜୁଆ, ଯୁବବର୍ଗ ଭ୍ରମିତ



## ଗୋପାଳ ମହାପାତ୍ର

ଡିଜିଟାଲ ଇଣ୍ଡିଆ ଫାଉଣ୍ଡେସନ ନିକଟରେ ଏକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟରେ ଦର୍ଶାଯାଇଛିଯେ ଭାରତରେ ଅନଲାଇନଗେମ୍ବଲିଙ୍ଗ ବା ଅନଲାଇନ ଜୁଆ ଖେଳ ବଢ଼ିବାରେ ଲାଗିଛି। ଅନଲାଇନରେ ଜୁଆଖେଳକୁ ପ୍ରୋତ୍ସାହିତ କରୁଥିବା ଏହି ଅନଲାଇନ୍ ପ୍ଲାଟଫର୍ମ ବା ଆପ୍ କୁ ବିଗତ ୩ମାସ ମଧରେ ୧୬୦ କୋଟି ଥର ଲୋକେ ଦେଖିଛନ୍ତି। ଏପରିକି ଖେଳିଛନ୍ତି। ସରକାରଙ୍କ ଦ୍ୱାରା ଏହି ଜୁଆ ଖେଳକୁ ରୋକିବା ବା ନିୟନ୍ତ୍ରିତ କରିବା ପାଇଁ ସମସ୍ତ ପ୍ରୟାସ ସତ୍ୱେ ଅବୈଧ ଭାବେ ଏହି ଖେଳ ବଢ଼ିଚାଲିଛି। ସମାଜ ବିଶେଷ ଭାବେ ଯୁବ ବର୍ଗ ଓ ପିଲାଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଦି ଲାସେଣ୍ଟ ପତ୍ରିକାରେ ପ୍ରକାଶିତ ରିଛାଡର୍ ଆରାମିଷ୍ଟେଡ଼ଙ୍କ ସର୍ବେକ୍ଷଣ ଅନୁସାରେ ଅନଲାଇନ ଜୁଆ ପିଲାଙ୍କ ମାନସିକ,ଭାବନାତ୍ମକ ତଥା ସାମାଜିକ ସ୍ୱାସ୍ଥ୍ୟ ଏବଂ ପାଠପଢ଼ା ଉପରେ ପ୍ରଭାବ ପକାଉଛି। ଯୁବବର୍ଗ ଓ ପିଲାମାନେ ଅନ ଲାଇନରେ ଏହି ଜୁଆ ଖେଳରେ ଫସି ଯାଉଛନ୍ତି ଯାହା ସେମାନଙ୍କୁ ଏଥିରେ ଧିରେ ଧିରେ ଅଭ୍ୟସ୍ତ କରିଦେଉଛି। ନୂଆ ଟେକ୍‌ନିକରୁ ଅନେକ ଲାଭ ମିଳିବ ବୋଲି କୁହାଯାଉଛି କିନ୍ତୁ ସାବଧାନ ନରହିଲେ ଏହା ଗୁରୁତର କ୍ଷତି କରିବାର ସମ୍ଭାବନା ମଧ ରହିଛି। ମୋବାଇଲ ଫୋନ୍‌ରେ ଅନେକ ସୁବିଧା ମିଳିପାରୁଛି, ଏହାର ଅନେକ ଫାଇଦା ମଧ ରହିଛି କିନ୍ତୁ ଏବେ ମୋବାଇଲ ଅନେକ ପ୍ରକାରର ଜୁଆ ଖେଳର ମାଧମ ପାଲଟିବାକୁ ବସିଛି। ତାସ, ଲୁଡୁ ଏବଂ କ୍ରିକେଟ ଭଳି ଖେଳକୁ ଅନଲାଇନ୍‌ରେ ଏଭଳି ରୂପ ଦିଆଯାଉଛି ଯାହା ଜୁଆର ବିକଳ୍ପ ଅଟେ।

ଏହି ନୂଆ ପ୍ରକାରର ଜୁଆ ଖେଳର ଜାଲରେ ଅନେକ କିଶୋର ଓ ଯୁବା ଫସିଯାଉଛନ୍ତି। ଏପରିକି ଗାଁ ଗହଳିରେ ମଧ ଏହି ଅନଲାଇନ ଜୁଆର ପ୍ରସାର ବଢିବାରେ ଲାଗିଛି। ଏହି ଅନଲାଇନ୍ ଜୁଆରେ ଥରେ କିଛି ଅର୍ଥ ହାରିବା ପରେ କେମିତି ହାରିଥିବା ଅର୍ଥ ଜିତିବେ ସେଇ ଆଶାରେ ଯୁବବର୍ଗ ଅଧିକ ଖେଳୁଛନ୍ତି ଏବଂ ଜିତିବା ପରିବର୍ତ୍ତେ ଅଧିକ ଭାବେ ହାରିବାରେ ଲାଗିଛନ୍ତି। ଅଧିକ ବାର ହାରିବା ପରେ ଚାପଗ୍ରସ୍ତ ଯୁବ/ କିଶୋର ମାନେ ପରିବାରର ଅର୍ଥ କୁ ଜୁଆର ଲଗାଉଥିବା ଓ ହାରୁଥିବା ସମ୍ପର୍କରେ ଅନେକ ଖବର ମିଳୁଛି। ଅନେକ ସମୟରେ ଛୋଟ ଛୋଟ ପିଲାମାନେ ମଧ ଏହି ଜୁଆରେ ଫସିଯାଉଛନ୍ତି। ଯଦିଓ ଏହି ଖେଳ ପାଇଁ ଏକ ନିର୍ଦ୍ଧାରିତ ବୟସର ଯୁବ/ କିଶୋର ମାନଙ୍କୁ ଅନୁମତି ମିଳିଥାଏ କିନ୍ତୁ କେତେକ କ୍ଷେତ୍ରରେ ଏହାର ଉଲଂଘନ ମଧ ହେଉଛି। ଏହି ଖେଳ ଯୋଗୁଁ ଯୁବ/ କିଶୋରଙ୍କ ଧାନ ପାଠପଢ଼ାରୁ ହଟିଯାଇଥାଏ ଓ ସେମାନେ ଅନେକ ପ୍ରକାରର ଚିନ୍ତା ଓ ଚାପର ଶିକାର ହୋଇଥାନ୍ତି। ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଯେଉଁ ବୟସରେ ସେମାନେ ଏକ ଉତ୍ତମ ଜୀବନ ପାଇଁ ପ୍ରସ୍ତୁତ ହେବା କଥା ସେହି ସମୟକୁ ଜୀବନର ବରବାଦ ପାଇଁ ଲଗାଇ ଦେଉଛନ୍ତି, ଏ ପ୍ରସଙ୍ଗରେ ପରିବାରର ଲୋକେ ଜାଣିବା ପରେ ଯଦି କିଛି ଉପଦେଶ ଦିଅନ୍ତି ବା ଗାଳିଗୁଲଜ କରନ୍ତି ତେବେ ଜୁଆ ଖେଳୁଥିବା ଯୁବ/ କିଶୋର ମାନେ ଅଧିକ



ଚାପଗ୍ରସ୍ତ ହୋଇ ପିତାମାତାଙ୍କୁ ପାଲଟା ଗାଳୁଗୁଲଜ କରୁଥିବା ବାବଦରେ ମଧ ଅନେକ କଥା ଶୁଣିବାକୁ ଓ ଜାଣିବାକୁ ମିଳୁଛି। ଏହି କାରଣରୁ ଅନେକ ପିତାମାତା ମଧ ଅସୁବିଧା ଭୋଗ କରୁଛନ୍ତି।

ଅନ୍‌ଲାଇନ୍‌ରେ ଏହି ଜୁଆ ଏବେ ଯୁବ/ କିଶୋର ମାନଙ୍କ ପାଇଁ ଏକ ନିଶା ପାଲଟିବାକୁ ବସିଲାଣି। ଏର୍ଣ୍ଣେଷ୍ଟ ଆଣ୍ଡ ଯଙ୍ଗ ନ୍ନାମକ ଏକ କନସଲଟାନସ ଫାର୍ମର ରିପୋର୍ଟ ଅନୁସାରେ ଆମ ଦେଶର ଲୋକେ ଦୈନିକ ପାଖାପାଖି ୫ଘଣ୍ଟା ମୋବାଥଲ ଫୋନର ବ୍ୟବହାର କରୁଛନ୍ତି। ରିପୋର୍ଟ ଅନୁସାରେ ୨୦୨୪ ରେ ଆମ ଦେଶର ଲୋକେ ୧.୧ ଲକ୍ଷ କୋଟି ଘଣ୍ଟା ଫୋନର ବ୍ୟବହାର କରିଛନ୍ତି। ୭୦ ପ୍ରତିଶତ ଲୋକ ସୋସିଆଲ ମିଡିଆ, ଭିଡିଓ ଏବଂ ଏହି ଜୁଆ ଖେଳ ପାଇଁ ଫୋନ ବ୍ୟବହାର କରିଛନ୍ତି। ତଥ୍ୟ ଅନୁସାରେ ପ୍ରତି ମାସରେ ପ୍ରତିବ୍ୟକ୍ତି ପାଖାପାଖି ୨୭ ଜିବିରୁ ଅଧିକ ଡାଟା (ଇଣ୍ଟରନେଟ) ବ୍ୟବହାର କରିଥାନ୍ତି। ଏହା ଏକ ବିଡ଼ମ୍ବନା ନୁହେଁକି? ଭାରତକୁ ଏକ ଯୁବ ଦେଶ ବୋଲି କୁହାଯାଉଛି। କିନ୍ତୁ ଯୁବ ବର୍ଗ କରୁଛନ୍ତି କ'ଣ? ସ୍ମାର୍ଟଫୋନରେ ରିଲସ୍ ଦେଖୁଛନ୍ତି ଜୁଆଖେଳୁଛନ୍ତି। କୁହାଯାଉଛି ଫୋନ ଯୁବବର୍ଗଙ୍କୁ ଖରାପ ରାସ୍ତାକୁ ଟାଣିନେଉଛି। ନୂଆ ପିଢ଼ୀ ଖରାପ ହେବାରେ ଲାଗିଛି। ଯୁବବର୍ଗ ବରବାଦ ର ରାସ୍ତାରେ। କିନ୍ତୁ ଏସବୁ କହିବା କହିବାରେ ରହିଯାଉଛି। ମୋବାଇଲର ବ୍ୟବହାର ବଢିବାରେ ଲାଗିଛି।

ଇଣ୍ଟରନେଟ ହେଉଛି ସୂଚନା ଏବଂ ତଥ୍ୟର ଅନ୍ତହୀନ ଭଣ୍ଡାର। ଏହି ଭଣ୍ଡାରରୁ ଶିକ୍ଷା, ଜ୍ଞାନକୌଶଳ, ଭାଷାଭଳି ଅନେକ ସକାରାତ୍ମକ ତଥ୍ୟ ବାବଦରେ ଜାଣିବା ପରିବର୍ତ୍ତେ ଜୁଆ ରୂପି ନିଶାରେ ନିଶାଗ୍ରସ୍ତ ଆଜିର ପିଢ଼ୀ। ଏ କଥା ମଧ ମନେରଖିବା ଉଚିତ୍ ଯେ ଇଣ୍ଟରନେଟରେ ଘଣ୍ଟା ଘଣ୍ଟା ସମୟ ବିତାଇବା କାରଣରୁ ଗେମିଙ୍ଗ କମ୍ପାନୀ ମାଲାମାଲ ହେଉଥିବା ବେଳେ ଜୁଆ ଖେଳୁଥିବା ଲୋକେ (ଯୁବ/କିଶୋର) ବ୍ୟାପକ ଅର୍ଥ ହରାଉଛନ୍ତି। ୨୦୧୪ରେ ୧.୧ ଲକ୍ଷକୋଟି ଘଣ୍ଟାର ମୋବାଇଲ ଫୋନ ବ୍ୟବହାର ହୋଇଛି ଓ ଡାଟା (ଇଣ୍ଟରନେଟ)ର ବ୍ୟବହାର ହୋଇଛି। ଏଥିରୁ ଗେମିଙ୍ଗ୍ କମ୍ପାନୀ ଏବଂ ମନୋରଞ୍ଜନ କମ୍ପାନୀ ଅଢ଼େଇ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ଅର୍ଥାତ୍ ଗେମିଙ୍ଗ କମ୍ପାନୀ ମାନଙ୍କର ଦୁଇ ପ୍ରକାରର ଲାଭ ରହିଛି। ଜୁଆ ଖେଳରେ ଲୋକେ ହାରିବା ଯୋଗୁଁ ତାଙ୍କ ପାଖକୁ ସିଧାସଳଖ ଅର୍ଥ ଯାଇଥିବା ବେଳେ ଇଣ୍ଟରନେଟ ବ୍ୟବହାର ସୁତ୍ରରୁ ମଧ କୋଟି କୋଟି ଟଙ୍କା ପାଇଛନ୍ତି।

ଆମେ ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦୁର୍ଭାଗ୍ୟ ଯେ ପ୍ରତିବର୍ଷ ଜିଡିପି ଏବଂ ଆୟ ମଧ ବଢୁନାହିଁ। କିନ୍ତୁ ଆମର ବଢ଼ୁଛି କ'ଣ? ହୁଏତ ଆମ ଅପେକ୍ଷା ଅନ୍ୟ ଦେଶର ଲୋକେ ଅଧିକ ସମୟ ଫୋନ ବ୍ୟବହାର କରୁଥାଇ ପାରନ୍ତି, କିନ୍ତୁ ଆମର ସେଥିରେ ଯାଏ ଆସେ କ'ଣ? ଆମେ ନିଜକୁ ନିଜେ ଦେଖିବା ଆବଶ୍ୟକ। ଟେକ୍ନୋଲୋଜି ଭଲ ଜିନିଷ, ଏହାକୁ ଆପଣେଇବା ଉଚିତ କିନ୍ତୁ ଏହାର ଠିକ୍ ଉପଯୋଗ କରାଯିବା ଆବଶ୍ୟକ। ଆମେ ଯଦି ସଚେତନ ନହେବା ତେବେ ଏହି ଜୁଆ ନିଶାରୁ ବର୍ତ୍ତିବା ଅସମ୍ଭବ। ଅନ୍ୟପକ୍ଷରେ ସରକାର ମଧ ଅନଲାଇନ୍ ଗେମିଙ୍ଗ କମ୍ପାନୀ ମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ସହ ଏଭଳି ପ୍ଲାଟଫର୍ମ ଗୁଡିକୁ ସଂପୁର୍ଣ୍ଣ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଜ୍ଞାନୀ ହୁଅ, ଧନୀ ପଛେ ନହୁଅ



## କିଶୋର କୁମାର ଜେନା

ଆଧାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ। ଆଧାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ। ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି। ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା। ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ ବୁଝି ପାରିବା ନାହିଁ। କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ। ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର। ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି। ଏଣୁ ଜାଗ୍ରତ ରହିବା ଜରୁରୀ। କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ। ଏହା ମୋହ, ମାୟା ଏବଂ ଲୋଭର ନିଦ। କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ। ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ। ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ। ଆତ୍ମବିଶ୍ୱାସ ଘନିଭୂତ ହେବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ। ଇର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ। ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ। ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ। ଆଧାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତ୍ତା ଦେଇଥାଏ। ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ। ବାପାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି, କେହି ତାଙ୍କୁ ଭୁଲି ନାହାନ୍ତି କିମ୍ବା ତାଙ୍କୁ ଉପେକ୍ଷା କରିନାହାନ୍ତି, ଏହା ହିଁ ଥିଲା ତାଙ୍କର ବ୍ୟକ୍ତିତ୍ୱ। ଥରେ ବାପା ମୋ ବଡ଼ଭାଇଙ୍କୁ କହିଲେ ଯେ, ଗଚ୍ଛଭରଚ୍ଛ ଉରମଚ୍ଛରର ଆମେ ନେଇଛେ, ସେଗୁଡ଼ାକ ସବୁ ଆଣ, ପ୍ରାୟ ପଚାଶ ହଜାର ଟଙ୍କାର ଗଚ୍ଛଭରଚ୍ଛ ଉରମଚ୍ଛରରକୁ ସେ ନିଆଁରେ ପୋଡ଼ି ଦେଲେ। ବଡ଼ ଭାଇଙ୍କ କହିବା ଅନୁଯାୟୀ, ବାପାଙ୍କର ଉକ୍ତି ଥିଲା ଯେ, ଗରିବ ଲୋକ ଟଙ୍କା ନେଇ ଦେଇପାରୁନାହାନ୍ତି ତା ବୋଲି ତାଙ୍କ ଘରବାଡ଼ି ନିଲାମ କରିବି? ତାଙ୍କର ଏହି ଅମାୟିକ ଗୁଣ ଜନସାଧାରଣରେ ବହୁତ ଆଦୃତ ଥିଲା। ଯଦିଓ ସେ ବେଶୀ ପାଠ ପଢ଼ିନଥିଲେ, କିନ୍ତୁ ତାଙ୍କର ଜ୍ଞାନରେ ସେ ଅନ୍ୟମାନଙ୍କର ସମ୍ମାନନୀୟ ହେଉଥିଲେ।



ସଂସ୍କୃତ ଭାଷା ପ୍ରତି ତାଙ୍କର ବହୁତ ଆଦର ଥିଲା, ତେଣୁ ସେ ଗୋଟିଏ ସଂସ୍କୃତ ଟୋଲ ନିଜ ଖର୍ଚ୍ଚରେ ପ୍ରତିଷ୍ଠା କରି, ବହୁତ ଗରିବ ବ୍ରାହ୍ମଣ ପିଲାଙ୍କୁ ସଂସ୍କୃତ ଶିକ୍ଷାଦାନ କରାଇଥିଲେ। ମୋର ନିଜ କଥା ମୁଁ ଯେତେବେଳେ ବ୍ୟବସାୟରେ ଖୁବ ଉଚ୍ଚକୁ ଉଠି ଚାଲିଥିଲି, ସେତେବେଳେ ସେ ମୋତେ ପାଖକୁ ଡାକି ଓକିଲାତି କରିବା ପାଇଁ କହିଥିଲେ। ତାଙ୍କ କଥା ମାନି ମୁଁ ଓକିଲାତି ଆରମ୍ଭ କଲି, ଓକିଲାତି ଆରମ୍ଭ କରିବା ପୂର୍ବରୁ ମୁଁ ଯେତେବେଳେ ତାଙ୍କୁ ମୁଣ୍ଡିଆ ମାରିବାକୁ ଗଲି, ସେ ମୋତେ ଆଶୀର୍ବାଦ କରି କହିଥିଲେ, "ଜ୍ଞାନୀ ହୁଅ, ଧନୀ ପଛେ ନହୁଅ'। ତାଙ୍କର ପ୍ରବଳ ଆଗ୍ରହ ଜ୍ଞାନ ପ୍ରତି ଥିଲା। ଓଡ଼ିଶା ଇତିହାସରୁ ପୃଥିବୀ ଇତିହାସ ପର୍ଯ୍ୟନ୍ତ ତାଙ୍କର ସ୍ମରଣ ଭିତରେ ଖୁବ ସୁନ୍ଦର ଭାବରେ ସାଇତା ହୋଇ ରହିଥିଲା। ବାପାଙ୍କର କେହି ଭାଇ କିମ୍ବା ଭଉଣୀ ନଥିଲେ। ୧୯୬୪ ମସିହା କଥା। ମୋର ବଡ଼ ଜେଜେଙ୍କ ପୁଅ ଆମର ବଡ଼ ବାପା। ତାଙ୍କ ପୁଅକୁ ସେ ନିଜ ଖର୍ଚ୍ଚରେ ଜର୍ମାନ ପଠାଇଥିଲେ ଉଚ୍ଚଶିକ୍ଷା ପାଇଁ। ସେତେବେଳେ ଆମେମାନେ ବହୁତ ଛୋଟ ଛୋଟ ଥିଲୁ। ବାପାଙ୍କ ପାଖରେ ଆବଶ୍ୟକୀୟ ଅର୍ଥ ନଥିଲା। ତେଣୁ ବାପା ଜମି ବିକ୍ରି କରି ଆବଶ୍ୟକୀୟ ଅର୍ଥ ବଡ଼ବାପାଙ୍କ ପୁଅକୁ ଦେଇଥିଲେ ଜର୍ମାନ ଯିବା ପାଇଁ। ବାପାଙ୍କର ଆଉ ଗୋଟିଏ ଗୁଣ ସେ ନିଜ ପାଇଁ କିଛି କରିବା ପାଇଁ ଆଗ୍ରହି ନଥିଲେ। ମୋ ଜୀବନର ବହୁତ ଆନନ୍ଦ ମୁଁ ବାପାଙ୍କୁ ନେଇ ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତର ପ୍ରାୟ ସମସ୍ତ ତୀର୍ଥ ଦର୍ଶନ କରାଇଥିଲି। ବାପା ଏବଂ ବୋଉଙ୍କୁ ଧରି ବିଭିନ୍ନ ତୀର୍ଥକୁ ଯିବା ମୋ ଜୀବନର ଏକ ଅମୂଲ୍ୟ ଗତି ହୋଇ ରହିଛି।

ଯୁଗାବତାର ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ସମ୍ଭାଷଣର ପବିତ୍ର ସ୍ମରଣୀୟ ଧାଡ଼ିଟି ମନେପଡୁଛି - "ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ପଷ୍ଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ସ୍ୱର୍ଗତଃ ମୋ ବାପା କୃଷ୍ଣମୋହନ ଜେନାଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - "କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

ଆଇନଜୀବୀ, ବଙ୍ଗାଳିସାହି, କଟକ, ମୋବାଇଲ୍:
୭୩୨୫୯୦୪୯୨୭/୭୩୭୭୪୩୯୦୭୭

# ମାନବ, ମନ ଓ ଇନ୍ଦ୍ରିୟ



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଣିଷର ମନ ଠିକ୍ ଗୋଳିଆ ପାଣି ପରି। ଏହା ଯେତେ ବେଳେ ଗୋଳମାଳିଆ ଥାଏ,ତାହାକୁ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହଁ। ଏହି ପରିପ୍ରେକ୍ଷୀରେ ମନକୁ କିଛି ସମୟ ବିଶ୍ରାମ ଦେବା ଆବଶ୍ୟକ ଆଉ ଏହା କରିପାରିଲେ ଏହା ଆପେ ସ୍ଥିର ହେବ। ଏହାକୁ ଶାନ୍ତ କରିବା ପାଇଁ ଆଉ ଚେଷ୍ଟା କରିବାକୁ ପଡ଼ିବନାହିଁ। ମନ କେବଳ ଶାନ୍ତ ଥିବା ବେଳେ ହିଁ ଭଲ ଭାବେ ବିଚାର କରିହୁଏ ଏବଂ ଉଚିତ୍ ନିଷ୍ପତ୍ତି ନେଇହୁଏ। ଏହି ମନ କୁ ନେଇ ଗୋଟେ ସୁନ୍ଦର କଥା ଅଛି ଆଉ ଏହା ଗୌତମ ବୁଦ୍ଧଙ୍କ ଜୀବନ ସହ ସମ୍ପର୍କିତ ଏକ ଘଟନା। ଦଳେ ଅନୁଗାମୀଙ୍କ ସହ ଥରେ ଗୌତମ ବୁଦ୍ଧ ଯାତ୍ରା କରୁଥିଲେ। ପଥରେ ପଡ଼ିଲା ପୁଷ୍କରିଣୀଟିଏ ଆଉ ପଥ-ପ୍ରାନ୍ତରେ ଥିବା ତରୁର ଛାୟା ବୁଦ୍ଧଙ୍କୁ ଆକର୍ଷିତ କଲା। ସେ କିଛି କ୍ଷଣ ସେଠାରେ ବିଶ୍ରାମ ନେବାକୁ ଇଚ୍ଛା କଲେ। ପୁଷ୍କରିଣୀରୁ ପାଣି ମୁନ୍ଦିଏ ଆଣିବା ପାଇଁ ଜଣେ ଶିଷ୍ୟଙ୍କୁ କହିଲେ। ଶିଷ୍ୟ ପାଣି ପାଇଁ ପହଞ୍ଚି ଦେଖିଲେ, କିଛି ଲୋକ ସ୍ନାନରେ ବ୍ୟସ୍ତ। ପାଣିର ଅବସ୍ଥା ଦେଖି, ସେ ଖାଲି ହାତରେ ଫେରିଲେ ଏବମ୍ପ ବୁଦ୍ଧଙ୍କୁ ଜଣାଇଲେ। ବୁଦ୍ଧ କହିଲେ- ବ୍ୟସ୍ତ ହେବାରେ କ'ଣ ଅଛି ? କିଛି ସମୟ ବିଶ୍ରାମ ନିଅ ତାପରେ ଯିବ। ଘଣ୍ଟାକ ପରେ ପୁନର୍ବାର ପାଣି ପାଇଁ ଶିଷ୍ୟଙ୍କୁ ପଠାଇଲେ। ଏଥର ଶିଷ୍ୟ ନିର୍ମଳ ଜଳ ସହ ଫେରିଲେ ଏବଂ ତାହା ପାନକରି, ବୁଦ୍ଧ ତୃଷ୍ଣା ମେଣ୍ଟାଇଲେ। କହିଲେ- ଦେଖିଲ, ଜଳ କିପରି ଆପେ ସ୍ୱଚ୍ଛ ହୋଇଗଲା ? ତୁମକୁ କିଛି କରିବାକୁ ପଡ଼ିଲାନାହିଁ ! ଠିକ୍ ସେହି ପରି ଆନ୍ଦୋଳିତ ମନ ଆପେ ଶାନ୍ତ ହୋଇଥାଏ। ଏହାକୁ ଶାନ୍ତ କରିବା ପାଇଁ ଆଦୌ ବ୍ୟସ୍ତ ହେବା ଅନାବଶ୍ୟକ।

ତେବେ ଆସନ୍ତୁ ଜାଣିବା ଏହି ମନ ଉପରେ କେତେକ ଗୁଢ଼ ତତ୍ତ୍ୱ କଥା। ମନୁଷ୍ୟର ପାଞ୍ଚଟି ଜ୍ଞାନ ଇନ୍ଦ୍ରିୟ ଏବଂ ପାଞ୍ଚଟି କର୍ମ ଇନ୍ଦ୍ରିୟ ରହିଛି। ମନ ଏକ ଇନ୍ଦ୍ରିୟ ହୋଇଥିବାରୁ ସର୍ବଦା ଇନ୍ଦ୍ରିୟମାନଙ୍କୁ ସମର୍ଥନ କରେ। ମନ ସଞ୍ଜମ ହେଲେ ଇନ୍ଦ୍ରିୟମାନେ ଶୀତଳ ହୋଇଯାଆନ୍ତି। ଶାସ୍ତ୍ରମାନଙ୍କରେ ଇନ୍ଦ୍ରିୟ ମାନଙ୍କର ରାଜା ହେଉଛି ମନ ଏବଂ ଚିତ୍ତବୃତ୍ତି ଗୁଡିକ ହେଉଛନ୍ତି ସେମାନଙ୍କ ନେତା। ଦେଶର ରାଜା ଭଲ ବ୍ୟକ୍ତି ହୋଇଗଲେ ହିଁ ପ୍ରଜାମାନେ ସୁଖଶାନ୍ତିରେ ରହିବେ। ସେଥିପାଇଁ ମନୁଷ୍ୟ ମନକୁ ସଂଯମ କରିବା ନିହାତି ଦରକାର ହୋଇଥାଏ। ଯାହାଫଳରେ ସମଗ୍ର ଶରୀର ସୁସ୍ଥ ରହିଥାଏ। ମନର କାମ ହେଉଛି ତିନୋଟି ପର୍ଯ୍ୟାୟରେ ବିଭକ୍ତ। ତାହା ହେଲା ଇନ୍ଦ୍ରିୟ ଲାଳସା, କାମ ଉତ୍ତେଜନା ଓ ଧନ ସଞ୍ଚୟ ପାଇଁ ସର୍ବଦା ଲାଗିରହେ। ମନର ପ୍ରଥମ କାମ ହେଲା ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ଖାଇବା ପାଇଁ ମନ ସବୁବେଳେ ଆଗ୍ରହ ପ୍ରକାଶ କରେ। ବେଳେବେଳେ ଆବଶ୍ୟକ ଠାରୁ ଅଧିକ ଖାଇ ଶରୀରକୁ ରୋଗୀ କରି ଛଟ-ପଟ ହୁଏ। ମନର ଦ୍ୱିତୀୟ କାମ ହେଲା କାମସେବନ। ମନ କାମସେବନ ପାଇଁ ଇନ୍ଦ୍ର ଭୁବନ ତିଆରି କରେ। ମନୁଷ୍ୟ କାମୁକ ହୋଇଗଲେ ଶରୀର ଦୁର୍ବଳ ହୋଇ ରୋଗ ମାଡ଼ିବସେ। ସେଥିପାଇଁ ରାମକୃଷ୍ଣ ପରମହଂସ କହିଛନ୍ତି ଯୋଗମାର୍ଗରେ ଯାଉଥିବା ସାଧକମାନେ କାମିନୀ ଓ କାଞ୍ଚନ ଠାରୁ ଦୂରେଇ ରହିବା ଉଚିତ। ମନର ତୃତୀୟ କାମ ହେଉଛି ଅଧିକ ଧନ ସଞ୍ଚୟ କରି ବଡ଼ଲୋକିଆ ଦେଖାଇ ଗର୍ବ ଅହଂକାର କରିବା।



ଆଜିର ପରିସ୍ଥିତିରେ ଅଧକାଂଶ ଲୋକ ମନ ମୁତାବକ କାମକରି ଦୁଃଖ-କଷ୍ଟ ଭୋଗକରି ରୋଗରେ ପଡ଼ି ଛଟପଟ ହେଉଛନ୍ତି। ମନୁଷ୍ୟ ଶରୀରକୁ ସବୁକିଛି ମନେକରି ଆତ୍ମଜ୍ଞାନ ଭୁଲି ବିପଦରେ ପଡ଼ୁଛି। ସେଥିପାଇଁ ମନୁଷ୍ୟ ସାଧନା ମାର୍ଗରେ ଯାଇ ଇନ୍ଦ୍ରିୟ ସଂଯମ କରିବା ଉଚିତ। ଜଣେ ଉତ୍ତମ ବ୍ୟକ୍ତିର ପ୍ରଥମ କାମ ହେଲା ସରଳ, ସୁପାଚ୍ୟ, ସାତ୍ତ୍ୱିକ, ପୋଷଣଯୁକ୍ତ ନିରାମିଷ ଭୋଜନ କରିବା ଉଚିତ। କାରଣ ଅନ୍ନ ଅନୁସାରେ ମନର ଗଠନ ହୋଇଥାଏ। ମନକୁ ସଂଯମ କରିବା ପାଇଁ ଜପ-ଧାନ ଓ ଆସନ-ପ୍ରାଣାୟାମ କରିବାକୁ ପଡ଼େ। ମନ ଏକାଗ୍ର ହୋଇଗଲେ ମନୁଷ୍ୟକୁ ଶାନ୍ତି ମିଳିଥାଏ। ମନ ଅଶାନ୍ତ ରହିଲେ ନର୍କକୁଣ୍ଡରେ ପକାଇ ଛଟପଟ କରିବ। ସବୁକିଛି ହେଉଛି ମନର ଖେଳ। ଦ୍ୱିତୀୟ ଇନ୍ଦ୍ରିୟ ହେଲା ବ୍ରହ୍ମଚର୍ଯ୍ୟ। ମନୁଷ୍ୟ ବ୍ରହ୍ମଚର୍ଯ୍ୟ ପାଳନ ନ କଲେ ସାଧନା ମାର୍ଗରେ ଯାଇ ବିଫଳତା ଲାଭ କରିବ। ମନୁଷ୍ୟ ଯାହା ଭୋଜନ କରେ ଶରୀର ଭିତରେ ରସ, ରକ୍ତ ଓ ହାଡ଼ମାଂସ ତିଆରି ହୋଇ ଶେଷ ୪୦ ଦିନ ପରେ ଶୁକ୍ର ବା ବ୍ରହ୍ମଚର୍ଯ୍ୟ ତିଆରି ହୁଏ। ମନୁଷ୍ୟ ବ୍ରହ୍ମଚର୍ଯ୍ୟ ହେଲେ ମାନସିକ ଶାନ୍ତି ଏବଂ ଶାରୀରିକ ସୁଖ ଅନୁଭବ କରିବ। ମୁଖମଣ୍ଡଳ ତେଜିୟାନ ଦେଖାଯିବ। ଶରୀରରୁ ରୋଗ ଚାଲିଯିବ। ଆତ୍ମବଳ ବଢ଼ି ଯେଉଁ କାମରେ ହାତ ଦେବ ତାହାକୁ ସଫଳ ହେବ।

ବର୍ତ୍ତମାନ ସମୟରେ ଧନ-ରତ୍ନ ବହୁତ ବଢ଼ିଯାଇଛି ଏବଂ ଅଧିକାଂଶ ଲୋକ ଭଲ ରୋଜଗାର ମଧ କରୁଛନ୍ତି କିନ୍ତୁ ସେମାନଙ୍କୁ ସନ୍ତୋଷ ମିଳୁନାହିଁ। କାରଣ ସେମାନେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ପାଗଳାମିର ଲକ୍ଷଣ ଦେଖାଉଛନ୍ତି। ନିଜକୁ ଅସହାୟ ମନେକରି ଜୀବନ କାଟୁଛନ୍ତି। ମନୁଷ୍ୟର ମସ୍ତିଷ୍କ ହେଉଛି ସବୁଠାରୁ ଶ୍ରେଷ୍ଠ। ଆଜି କେତେକ ଲୋକ ଅପରାଧ ମନୋବୃତ୍ତି ରଖି କାମୁକ ସ୍ୱଭାବର ହୋଇ ଭୟ ଓ ନିରାଶା ଜୀବନ ବିତାଉଛନ୍ତି। ସେଥିପାଇଁ ମନ ଓ ଶରୀରକୁ ପବିତ୍ର କରିବା ଉଚିତ। ସେଥିପାଇଁ କୁହାଯାଏ ମନୁଷ୍ୟର ବୃଦ୍ଧି, ବିବେକ ଓ ଜ୍ଞାନ ଆସିଗଲେ, ସେ ଆତ୍ମସନ୍ତୋଷ ଓ ଜନ ସମ୍ମାନ ଲାଭ କରେ। ଇନ୍ଦ୍ରିୟ ରୂପୀ ଅଶ୍ୱମାନଙ୍କୁ ଯେଉଁ ଜୀବ ନିଜର ଚଞ୍ଚଳ ମନର ଲଗାମରେ ବାନ୍ଧି ପାରେନା, ସେ ଜୀବର ଜୀବନ ବିକାରଗ୍ରସ୍ତ ହୋଇ ମାୟାରେ ଛନ୍ଦି ହୁଏ। ମାୟାର ପ୍ରଭାବ ଓ ନିଜ ବିକାରଗ୍ରସ୍ତ କର୍ମ ଦ୍ୱାରା ସେ ସଂସାରରେ ଦୁଃଖ ଓ ଅଶାନ୍ତି ଭୋଗ କରେ। ନିଜକୁ କର୍ତ୍ତା ବା ଭୋକ୍ତାର ଅହଂକାର ନେଇ, ନିଜର ହିଁ କ୍ଷତି ସାଧନ କରେ, ଏ ଜଗତରେ ହୁଏ ଘୃଣ୍ୟ, କାରଣ ସେ ହୋଇଯାଏ ସ୍ୱେଚ୍ଛାଚାରୀ, ଗର୍ବୀ, ଅହଙ୍କାରୀ, ବିନାଶ ପଥର ଯାତ୍ରୀ। ସେଥିପାଇଁ ନିଜକୁ ଭୋକ୍ତା ନ କରି ଭୋଗ୍ୟ କରି ଦେବା ଉଚିତ୍। ଏହା ହୋଇପାରିଲେ ମନରେ ବିରାଜମାନ ହେବ ଶାନ୍ତି, ନିର୍ଭିକତା, ନିସ୍‌ବାର୍ଥପରତା, ନିର୍ମଳ ଭାବ ଉତ୍ତମ ବିଚାରବୁଦ୍ଧି, ସର୍ବୋପରି ଧାର୍ମିକ ଚେତନା।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍: ୯୯୩୮୯୦୬୦୭୦

## ବିଶ୍ୱର ପ୍ରଥମ ୨୧ କିମି ଦୌଡ଼ିଲେ

# ୨୧ ରୋବୋ



**ବେଜିଂ, ୨୦।୪ (ପି.ଟି.):** ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକଠାରୁ ବହୁ ଆଗରେ ଥିବା ନେଇ ଚାଇନା ପୁଣିଥରେ ପ୍ରମାଣିତ କରିଛି। ଶନିବାର ବେଜିଂରେ ବିଶ୍ୱର ପ୍ରଥମ ରୋବୋ ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଛି। ବେଜିଂସ୍ଥିତ ଅର୍ଥନୈତିକ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଆୟୋଜିତ ଏହି ନିଆରା ମାରାଥନ୍ ଦୌଡ଼ରେ ୨୧ଟି ହ୍ୟୁମାନଏଡ୍ ରୋବୋ ମଣିଷଙ୍କ ସହ ୨୧ କି.ମି. ପର୍ଯ୍ୟନ୍ତ ଦୌଡ଼ିଥିଲେ। ଏହି ମାରାଥନ୍‌ରେ ଦୌଡ଼ିବା ପାଇଁ ମଣିଷ ଓ ରୋବୋଙ୍କ ପାଇଁ ଭିନ୍ନ ଭିନ୍ନ ଟ୍ରାକ୍ ହୋଇଥିଲା। ବିଭିନ୍ନ ଆକୃତି ଏବଂ ଆକାରର ରୋବୋ ଦୌଡୁଥିବାବେଳେ ସେମାନଙ୍କୁ ଦେଖିବା ପାଇଁ ଟ୍ରାକ୍‌ର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସମାଗମ ଘଟିଥିଲା। ଦର୍ଶକମାନେ ରୋବୋ ଏବଂ ସେମାନଙ୍କ ଅପରେଟରଙ୍କୁ ଉତ୍ସାହିତ କରିଥିଲେ। ଏହି ଐତିହାସିକ ଦୌଡ଼ ପ୍ରତିଯୋଗିତାରେ ଚାଇନାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ୨୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ମାରାଥନ୍ ପାଇଁ ଗତ କିଛି ସପ୍ତାହ ଧରି ଏହି ଟିମ୍‌ଗୁଡ଼ିକର ସଦସ୍ୟମାନେ ସେମାନଙ୍କ ରୋବୋକୁ ପ୍ରସ୍ତୁତ କରିବା ସହ ସେଗୁଡ଼ିକର ପରୀକ୍ଷଣ କରିଥିଲେ। ରେସ୍ ଆରମ୍ଭର ଠିକ୍ ପୂର୍ବରୁ ସମସ୍ତ ରୋବୋ ଏକ ଜିଗ୍‌ଜାଗ୍ ଫର୍ମେଶନରେ ୧ ମିଟରର ବ୍ୟବଧାନରେ ଧାଡ଼ିରେ ଛିଡ଼ା ହୋଇଥିଲେ। ଏହାପରେ ପ୍ରତ୍ୟେକ ରୋବୋ ଗୋଟିଏ ପରେ ଗୋଟିଏ କରି ଦୌଡ଼ିବା ଆରମ୍ଭ କରିଥିଲେ। ଦୌଡ଼ିବା ସମୟରେ ଏହି ରୋବୋଗୁଡ଼ିକୁ ସେମାନଙ୍କ ଇଞ୍ଜିନିୟର ଦୂରରୁ ଅପରେଟ କରୁଥିଲେ।

## ଭୟଙ୍କର ଭବିଷ୍ୟବାଣୀ

# ଥଣ୍ଡା ହେବ ସୂର୍ଯ୍ୟ



**ନୂଆଦିଲ୍ଲୀ, ୨୦।୪:** ବୁଲଗେରିଆର ପ୍ରସିଦ୍ଧ ଭବିଷ୍ୟବକ୍ତା ବାବା ଭେଙ୍ଗା। ଯିଏ ନିଜ ଜୀବନକାଳ ମଧ୍ୟରେ ଶହ ଶହ ଭବିଷ୍ୟବାଣୀ କରିଛନ୍ତି, ସେଥିମଧ୍ୟରୁ ଅନେକ କିଛି ସତ ହୋଇଛି । ନିକଟରେ ତାଙ୍କର ଆଉ ଏକ ଭୟଙ୍କର ଭବିଷ୍ୟବାଣୀ ଆଲୋଚନାର ବିଷୟ ପାଲଟିଛି । ବାବା କହିଛନ୍ତି, ୨୨୦୧ ମସିହାରେ ସୂର୍ଯ୍ୟ ଥଣ୍ଡା ହେବା ଆରମ୍ଭ କରିବ । ଯେଉଁ କାରଣରୁ ପୃଥିବୀର ତାପମାତ୍ରା ଦ୍ରୁତ ଗତିରେ ହ୍ରାସ ପାଇବା ଆରମ୍ଭ କରିବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ସୂର୍ଯ୍ୟର ଶୀତଳୀକରଣ ଏକ ଲମ୍ବା ପ୍ରକ୍ରିୟା । ବୈଜ୍ଞାନିକଙ୍କ ମତରେ, ସୂର୍ଯ୍ୟର ଜୀବନକାଳ ପ୍ରାୟ ୧୦ ବିଲିୟନ ବର୍ଷ। ଏଥିମଧ୍ୟରୁ ୪.୬ ବିଲିୟନ ବର୍ଷ ପୂରଣ ହୋଇସାରିଛି ଆଉ ୫.୬ ବିଲିୟନ ବର୍ଷ ବାକି ଅଛି। ବାବା ଭେଙ୍ଗାଙ୍କ ଅନୁସାରେ, ବର୍ତ୍ତମାନଠୁ ୧୭୬ ବର୍ଷ ପରେ ସୂର୍ଯ୍ୟ ଥଣ୍ଡା ହେବା ଆରମ୍ଭ କରିବ । ଯାହା ପୃଥିବୀ ଉପରେ ବଡ଼ ପ୍ରଭାବ ପକାଇବ। କହିରଖୁ କି, ସୂର୍ଯ୍ୟକୁ ଥଣ୍ଡା ହେବାକୁ କିମ୍ବା ଲାଲ୍ ମହାକାଶ ପର୍ଯ୍ୟାୟରେ ପ୍ରବେଶ କରିବାକୁ ଲକ୍ଷ ଲକ୍ଷ ବର୍ଷ ସମୟ ଲାଗିବ । ୧୭୬ ବର୍ଷ ପରେ ଅର୍ଥାତ୍ ୨୨୦୧ ସୁଦ୍ଧା ସୂର୍ଯ୍ୟ ତା'ର ଶକ୍ତି ହରାଇବାକୁ ଆରମ୍ଭ କରିବ । ସୂର୍ଯ୍ୟର ସୌରଚକ୍ରରେ ପରିବର୍ତ୍ତନ ଯୋଗୁଁ ପୃଥିବୀ କିଛି ବର୍ଷ ପାଇଁ ଅସ୍ୱାଭାବିକ ଭାବରେ ଥଣ୍ଡା କିମ୍ବା ଗରମ ପାଗ ଅନୁଭବ କରିବାର ସମ୍ଭାବନା ରହିଛି। ସୌର ଜ୍ୱଳନ କିମ୍ବା ସୌର କାର୍ଯ୍ୟକଳାପ ହ୍ରାସ ଯୋଗୁଁ ତାପମାତ୍ରାରେ ସାମାନ୍ୟ ହ୍ରାସ ସମ୍ଭବ । ବାବା ଭେଙ୍ଗାଙ୍କ ପୂରା ନାଁ ଭେଙ୍ଗେଲିଆ ପାଣ୍ଡେଭା ଡିମିଟ୍ରୋଭା। ସେ ୧୯୧୧ ମସିହାରେ ବୁଲଗେରିଆରେ ଜନ୍ମଗ୍ରହଣ କରିଥିବା ବେଳେ ଏକ ସାଧାରଣ ଗ୍ରାମୀଣ ପରିବାରରୁ ଆସିଥିଲେ। ପିଲାଦିନୁ ହିଁ ସେ ତାଙ୍କ ଦୃଷ୍ଟିଶକ୍ତି ହରାଇଥିଲେ। କିନ୍ତୁ, ତାଙ୍କର ପାଖରେ ଥିଲା ଅଲୌକିକ ଶକ୍ତି। ସେ ଭବିଷ୍ୟତ ଦେଖିବାର କ୍ଷମତା ହାସଲ କରିଥିଲେ, ଯାହା ସହାୟତାରେ ସେ ଶହ ଶହ ଭବିଷ୍ୟବାଣୀ କରିଥିଲେ। ଲୋକମାନେ ବିଶ୍ୱାସ କରନ୍ତି ଯେ, ବାବା ଭେଙ୍ଗାଙ୍କୁ ପ୍ରାକୃତିକ ବିପର୍ଯ୍ୟୟ, ରାଜନୈତିକ ଘଟଣା ଏବଂ ବିଶ୍ୱ ଯୁଦ୍ଧ ବିଷୟରେ ପୂର୍ବରୁ ଜଣାଥିଲା । ଏହି କାରଣରୁ ତାଙ୍କୁ 'ବାଲକାନର ନୋଷ୍ଟ୍ରାଡାମସ'କୁହାଯାଏ। ବାବା ଭେଙ୍ଗାଙ୍କ ପ୍ରସିଦ୍ଧ ସଠିକ୍ ଭବିଷ୍ୟବାଣୀ ହେଉଛି, ୨୦୦୧ରେ ଘଟିଥିବା ୯/୧୧ ଆତଙ୍କବାଦୀ ଆକ୍ରମଣ, ୧୯୯୭ରେ ପ୍ରିନ୍ସ ଡାଏନାଙ୍କ ମୃତ୍ୟୁ, ୨୦୦୦ ମସିହାର କୁର୍ସ୍କ ବୁଡ଼ାଜାହାଜ ଦୁର୍ଘଟଣା, ୨୦୨୦ର କରୋନା ମହାମାରୀ ।

# ଅଛନ୍ତି ଏଲିୟନ୍ !

## ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ଦେଲେ ସଙ୍କେତ



**ଲଣ୍ଡନ, ୨୦।୪:** ଭାରତୀୟ-ବ୍ରିଟିଶ ଜ୍ୟୋତିର୍ବିଜ୍ଞାନୀ ଡକ୍ଟର ନିକ୍କୁ ମଧୁସୂଦନ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ତାଙ୍କ ଟିମ୍ ପକ୍ଷରୁ କେ୨-୧୮ବି ନାମକ ଏକ ଦୂରବର୍ତ୍ତୀ ଗ୍ରହରେ ଏଲିୟନ୍ ଜୀବନର ସମ୍ଭାବ୍ୟ ସଙ୍କେତକୁ ଚିହ୍ନଟ କରାଯାଇଛି। ଆମେରିକୀୟ ମହାକାଶ ସଂସ୍ଥା (ନାସା)ର ଜେମସ୍ ଓ୍ୱେବ୍ ସ୍ପେସ୍ ଟେଲିସ୍କୋପର ବ୍ୟବହାର କରି ଏହି ଟିମ୍‌ର ବୈଜ୍ଞାନିକମାନେ ସୌରଜଗତ ବାହାରେ ଏଲିୟନଙ୍କ ସମ୍ଭାବ୍ୟ ଜୀବନ ଚିହ୍ନଟ ନେଇ ସବୁଠୁ ଶକ୍ତିଶାଳୀ ସଙ୍କେତ ପାଇଛନ୍ତି। ପୃଥିବୀଠାରୁ ୧୨୦ ଆଲୋକବର୍ଷ ଦୂରରେ ଅବସ୍ଥିତ କେ୨-୧୮ବି ଗ୍ରହର ବାୟୁମଣ୍ଡଳରେ ମଧୁସୂଦନ ଓ ତାଙ୍କ ଟିମ୍ ଏକ ଆକର୍ଷଣୀୟ ରାସାୟନିକ ସଙ୍କେତକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ମୁଖ୍ୟତଃ ଡାଇମିଥାଇଲ ସଲ୍‌ଫାଇଡ(ଡିଏମ୍‌ଏସ୍) ଏବଂ ଡାଇମିଥାଇଲ ଡାଇ ସଲ୍‌ଫାଇଡ (ଡିଏମ୍‌ଡିଏସ୍) ରହିଛି। ପୃଥିବୀରେ ଏହି ଗ୍ୟାସ୍‌ଗୁଡ଼ିକ ମୁଖ୍ୟତଃ ସାମୁଦ୍ରିକ ଶୈବାଳ ଦ୍ୱାରା ଉତ୍ପାଦିତ ହୋଇଥାଏ। ମଧୁସୂଦନ କହିଛନ୍ତି, କେ୨-୧୮ବି ଗ୍ରହର ବାୟୁମଣ୍ଡଳରେ ପ୍ରଚୁର ଉଦ୍‌ଯାନ ଥିବାବେଳେ ଏହାତଳେ ସମ୍ଭବତଃ ସମୁଦ୍ର ରହିଛି। ଏହି ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ଉକ୍ତ ଗ୍ରହରେ ବାହ୍ୟ ଜୀବ ସନ୍ଧାନର ସମ୍ଭାବନାକୁ ସୃଷ୍ଟି କରିଛି। ପ୍ରକାଶ ଯେ, ମଧୁସୂଦନ ବାରାଣସୀସ୍ଥିତ ବନାରସ ହିନ୍ଦୁ ୟୁନିଭର୍ସିଟିରୁ ବିଟେକ୍ କରିବା ପରେ ବ୍ରିଟେନ୍ ଯାଇ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରେ ମାଷ୍ଟର ଡିଗ୍ରୀ ଏବଂ ପିଏଚ୍‌ଡି କରିଥିଲେ। ୨୦୧୩ରୁ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିବା ସହ ଜଣେ ଗବେଷକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ଭୋଟର ତାଲିକା ଅନିୟମିତତାକୁ ଇସିଆଇଙ୍କ ଖଣ୍ଡନ

● ସର୍ବମୋଟ ୯୦ ଆବେଦନ ଦାଖଲ ହୋଇଛି

**ନୂଆଦିଲ୍ଲୀ,୨୦।୪:** ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଭୋଟର ତାଲିକା ସମ୍ପର୍କିତ ଅନିୟମିତତା ଦାବିକୁ ଖଣ୍ଡନ କରିଛନ୍ତି। ମହାରାଷ୍ଟ୍ରରେ ୯ କୋଟି ୭୦ ଲକ୍ଷ ପଞ୍ଜିକୃତ ଭୋଟର ମଧ୍ୟରୁ ତାଲିକା ସଂଶୋଧନ ପାଇଁ କେବଳ ୮୯ଟି ପ୍ରଥମ ଆବେଦନ ଓ ଇସିଆଇଙ୍କ କାର୍ଯ୍ୟାଳୟରେ ଗୋଟିଏ ଦ୍ୱିତୀୟ ଆବେଦନ ଦାଖଲ ହୋଇଛି ବୋଲି କୁହାଯାଇଛି। ବିରୋଧୀ ଦଳ ପକ୍ଷରୁ ସଂସଦର ଗତ ଶୀତକାଳୀନ ଅଧିବେଶନରେ ଉଠାଯାଇଥିବା ଭୋଟର ତାଲିକା ଅନିୟମିତତା ଅଭିଯୋଗକୁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ସଂଖ୍ୟାତ୍ମକ ତଥ୍ୟ ସହିତ ଖଣ୍ଡନ କରିଛନ୍ତି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ୨୦୧୪ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନୁଚିତ ଭାବେ ଭୋଟର୍ ତାଲିକାରେ ସାମିଲ୍ ହୋଇଥିବା ନେଇ ଅଭିଯୋଗ କରିବା ସହ ଏହା ଉପରେ ଆଲୋଚନା ଦାବି କରିଥିଲେ। କିନ୍ତୁ ଇସିଆଇ ଏପରି ଅଭିଯୋଗକୁ ଖଣ୍ଡନ କରିବା ସହ ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ଅଭିଯାନ ଅନୁସାରେ, ଭୋଟର ତାଲିକା ସୁଦୃଢ଼ ଓ ସଠିକ୍ ରହିବା ନିମନ୍ତେ ବାର୍ଷିକ ଅପଡେଟ୍ କାର୍ଯ୍ୟ ସାଂଘିକ ଭାବେ ଚାଲିଥାଏ। ଏସ୍‌ଏସ୍‌ଆର୍ ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ ଓ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ ଦିଆଯାଏ ବୋଲି କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଭାରତରେ ମୋଟ ପଞ୍ଜିକୃତ ଭୋଟର ୯୨ କୋଟି ୨୦ ଲକ୍ଷ ହୋଇଥିବା ବେଳେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର, ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ସଂଖ୍ୟା ୧୩ ଲକ୍ଷ ୯୦ ହଜାର ଓ ମହାରାଷ୍ଟ୍ରରେ ଜାନୁଆରୀ ୨୦୨୫ରେ ଏସ୍‌ଏସ୍‌ଆର୍ ପରେ ୮୯ଟି ପ୍ରଥମ ଓ ଗୋଟିଏ ଦ୍ୱିତୀୟ ପରିବର୍ତ୍ତନ ଆବେଦନ ଆସିଛି।

## ଯୌତୁକ ପାଇଁ ସ୍ତ୍ରୀର ଚୁଟି କାଟିଲା ସ୍ୱାମୀ

**ନୂଆଦିଲ୍ଲୀ,୨୦।୪:** ବିବାହ ଯୌତୁକରେ ଫ୍ରିଜ ଏବଂ କୁଲର ନ ପାଇବାରୁ ସ୍ୱାମୀ ରାଗି ଯାଇ ନିଜ ସ୍ତ୍ରୀଙ୍କ ଚୁଟି କାଟି ଦେଇଛନ୍ତି । ହଁ ଆଜ୍ଞା ଏଭଳି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶ ହରପାଲପୁର ଥାନା ଅଞ୍ଚଳରେ । ପୀଡିତାଙ୍କ ପିତାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୀଡିତାଙ୍କ



ବାପାଙ୍କ ଅଭିଯୋଗ ଅନୁସାରେ ତାଙ୍କ ଝିଅକୁ ବାହା ଦେବାର ମାତ୍ର ବର୍ଷେ ହୋଇଛି । ବାହାଘରର ମାତ୍ର କିଛିଦିନ ଭିତରେ ଫ୍ରିଜ୍ ଓ କୁଲର ପାଇଁ ଆରମ୍ଭ ହୋଇଯାଇଥିଲା ନିର୍ଯ୍ୟାତନା। କିଛି ଦିନ ତଳେ ଏହାକୁ ନେଇ ଜ୍ୱାଇଁ ରାଗିଯାଇଥିଲେ ଏବଂ ରାଗରେ ଝିଅର ଚୁଟି କାଟିପକାଇଥିଲେ। ଘଟଣାଟି ହରପାଲପୁର ଥାନା ଅଞ୍ଚଳର । ପୀଡିତା ମହିଳାଙ୍କ ବିବାହ ସାଣ୍ଡି ସହରର ଜଣେ ଯୁବକଙ୍କ ସହ ଏକ ବର୍ଷ ପୂର୍ବରୁ ହୋଇଥିଲା । ପୀଡିତା ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ ଯୌତୁକରେ ଏକ ଫ୍ରିଜ ଏବଂ କୁଲର ମାଗୁଥିଲେ । ଯେତେବେଳେ ତାଙ୍କର ଦାବି ପୂରଣ ହୋଇପାରି ନଥିଲା ଯାହାଫଳରେ ସେ ନିଜ ସ୍ତ୍ରୀ କୁ ନିର୍ଯ୍ୟାତନା ଦେବା ଆରମ୍ଭ କରିଦେଇଥିଲେ। ଏହାପରେ ବିରକ୍ତ ହୋଇ ମହିଳା ଜଣକ କିଛି ଦିନ ପୂର୍ବରୁ ବାପାଙ୍କ ସହ ନିଜ ଘରକୁ ଆସିଥିଲେ । ଶୁକ୍ରବାର ଦିନ, ଅଭିଯୁକ୍ତ ସ୍ୱାମୀ ମଧ୍ୟ ତାଙ୍କ ଶ୍ୱଶୁର ଘର ପହଞ୍ଚିଥିଲେ । ପୀଡିତାଙ୍କ ବାପା କହିଛନ୍ତି ଯେ କ୍ରୋଧରେ ତାଙ୍କ ଜ୍ୱାଇଁ ଝିଅର ଛୁଟି କାଟି ଦେଇଥିଲେ । ରାତିରେ, ପୀଡିତାଙ୍କ ବାପା କଟା ହୋଇଥିବା ଚୁଟିକୁ ଧରି ଧରି ପୋଲିସ ଷ୍ଟେସନରେ ପହଞ୍ଚି ଅଭିଯୋଗ କରିଥିଲେ । ପୋଲିସ ଷ୍ଟେସନ ଇନଚାର୍ଜ କୌଶଲ କିଶୋର ଯାଦବ କହିଛନ୍ତି ଯେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଶନିବାର ସକାଳେ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ଧାରା ଏବଂ ଡିପି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ପୋଲିସ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ତଦନ୍ତ ଜାରି ରଖିଛି ।

## ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସହ ମାଡ଼ ହେଲା ମିନିବସ୍



**ବେଙ୍ଗାଲୁରୁ,୨୦।୪:** କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦର ସୁରକ୍ଷାରେ ଅବହେଳା।ବିମାନବନ୍ଦରରେ ପାର୍କିଂ ହୋଇଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ସହିତ ଧକ୍କା ହୋଇଛି ମିନି ବସ୍। ଯାହାକି ବିମାନବନ୍ଦରର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରର ମୁଖପାତ୍ର କହିବା ଅନୁସାରେ, ମିନି ବସ୍ ଟି ଇଣ୍ଡିଗୋ ବିମାନର ଅଣ୍ଡରକ୍ୟାରେଜ ସହିତ ଧକ୍କା ହୋଇଥିଲା। ଏହି ଘଟଣାରେ କେହି ଆହତ ହୋଇ ନାହାଁନ୍ତି। ବିମାନ ସହିତ ଧକ୍କା ହେବା ପରେ ମିନି ବସ୍‌ର ଛାତ କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣା ଦୁଇ ଦିନ ପୂର୍ବେ ଶୁକ୍ରବାର ଘଟିଥିଲା। ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଶୁକ୍ରବାର (୧୮ ଏପ୍ରିଲ) ଦିନ ପ୍ରାୟ ୧୨:୧୫ ସମୟରେ, ରକ୍ଷଣାବେକ୍ଷଣ କାମ କରୁଥିବା ସଂସ୍ଥା ଦ୍ୱାରା ପରିଚାଳିତ ଏକ ମିନି ବସ୍ କେମ୍ପେଗୌଡା ରନୱେରେ ଠିଆ ହୋଇଥିବା ଏକ ବିମାନର ଅଣ୍ଡରକ୍ୟାରେଜ ସହିତ ଧକ୍କା ହୋଇଥିଲା। ଏହା ମଧ୍ୟ ସୂଚନା ଦିଆଯାଇଥିଲା ଯେ ସମ୍ପୃକ୍ତ ପକ୍ଷଙ୍କ ସହ ସମନ୍ୱୟ ରଖି ସମସ୍ତ ଆବଶ୍ୟକୀୟ ପ୍ରୋଟୋକଲ ତୁରନ୍ତ କାର୍ଯ୍ୟକାରୀ କରାଯାଇଥିଲା। ଏହା ସହିତ, ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅଧିକାରୀ କହିଛନ୍ତି ଯେ ଯାତ୍ରୀ ଏବଂ ବିମାନବନ୍ଦର କର୍ମଚାରୀଙ୍କ ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା। ଇଣ୍ଡିଗୋ ଏୟାରଲାଇନ୍ସ ମଧ୍ୟ ଏହି ବିଷୟରେ ଏକ ବିବୃତ୍ତି ଜାରି କରିଛି। ଇଣ୍ଡିଗୋ ଏୟାରଲାଇନ୍ସ କହିଛି, 'ବେଙ୍ଗାଲୁରୁ ବିମାନବନ୍ଦରରେ ପାର୍କିଂ ହୋଇଥିବା ଏକ ଇଣ୍ଡିଗୋ ବିମାନ ଏବଂ ଏକ ଥାର୍ଡ ପାର୍ଟି ଯାନ ମଧ୍ୟରେ ଘଟିଥିବା ଘଟଣା ବିଷୟରେ ଆମେ ଅବଗତ।' ଏହି ମାମଲାର ତଦନ୍ତ ଜାରି ରହିଛି। ଆବଶ୍ୟକତା ଅନୁଯାୟୀ ଏହି ପ୍ରସଙ୍ଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭାରତ ବିରୋଧରେ ବାଂଲାଦେଶର ବଡ଼ ଷଡଯନ୍ତ୍ର

**ନୂଆଦିଲ୍ଲୀ,୨୦।୪:** ଭାରତ ବିରୋଧରେ ବାଂଲାଦେଶ ସରକାରଙ୍କ ବଡ଼ ଷଡଯନ୍ତ୍ର। ଦକ୍ଷିଣ ତ୍ରିପୁରାର ମୁହୁରି ନଦୀ ନିକଟରେ ଆଉ ଏକ ବନ୍ଧ ନିର୍ମାଣ କରୁଥିବା ଜଣାପଡ଼ିଛି, ଯାହା ରାଜ୍ୟର ନିକଟବର୍ତ୍ତୀ ସହରଗୁଡ଼ିକରେ ବନ୍ୟା ଆଶଙ୍କା ସୃଷ୍ଟି କରିଛି। ଭାରତ ଏବଂ ବାଂଲାଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହି ଘଟଣା ଘଟିଛି। ଶନିବାର ବେଲୋନିଆର ସିପିଏମ୍ ବିଧାୟକ ଦୀପଙ୍କର ସେନ୍ ଏହି ପ୍ରସଙ୍ଗରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ତୁରନ୍ତ ହସ୍ତକ୍ଷେପ ଦାବି କରିଥିଲେ।

ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ, ସ୍ଥାନୀୟ ବାସିନ୍ଦାଙ୍କ କହିଛନ୍ତି ଯେ ଏହି ବନ୍ଧ ପ୍ରାୟ ୧.୫ କିଲୋମିଟର ଲମ୍ବା ଏବଂ ୨୦ ଫୁଟ ଉଚ୍ଚ। ଦୀପଙ୍କର ସେନ୍ କହିଛନ୍ତି, "ଇନ୍ଦିରା-ମୁଜିବ ଚୁକ୍ତିନାମା ଅନୁଯାୟୀ, କୌଣସି ଦେଶ ଜିରୋ ଲାଇନ୍‌ର ୧୫୦ ଗଜ ମଧ୍ୟରେ କୌଣସି ନିର୍ମାଣ କରିପାରିବେ ନାହିଁ, କିନ୍ତୁ ଏହି ବନ୍ଧ ୫୦ ଗଜରୁ କମ୍ ଦୂରତାରେ ଏବଂ କିଛି ସ୍ଥାନରେ ୧୦ ଗଜରୁ କମ୍ ଦୂରତାରେ ନିର୍ମିତ ହୋଇଛି। ଏହି ଧାରା ଅନୁଯାୟୀ, ବାଂଲାଦେଶର ଆପତ୍ତି ଯୋଗୁଁ ଦକ୍ଷିଣ ତ୍ରିପୁରାରେ ଅନେକ ଜଳ ଉତ୍ତୋଳନ ପ୍ରକଳ୍ପ ବନ୍ଦ କରି ଦିଆଯାଇଥିଲା।

ସିଏମଓର ସୂତ୍ରର କହିବା ଅନୁସାରେ, ସେ ଏହି ପ୍ରସଙ୍ଗରେ ରିପୋର୍ଟକୁ ଅପେକ୍ଷା କରିଛନ୍ତି, ସେଭଳି ସ୍ଥାନୀୟ ପୋଲିସ କହିଛନ୍ତି ଯେ ସେମାନେ ଘଟଣାର ତଦନ୍ତ କରିବେ। ଦକ୍ଷିଣ ତ୍ରିପୁରାର ଏସପି ମୌର୍ଯ୍ୟ କୃଷ୍ଣ ସି ସେନ୍ କହିଛନ୍ତି, "ଏହି ଘଟଣା ଆମ ନଜରକୁ ଆସିଛି ଏବଂ ଆମେ ଏହାର ତଦନ୍ତ କରୁଛୁ। ବର୍ତ୍ତମାନ ସୁଦ୍ଧା, ଚିନ୍ତା କରିବାର



କିଛି ନାହିଁ।" ସେ କହିଛନ୍ତି ଯେ ବାଂଲାଦେଶ ନିରନ୍ତର କାର୍ଯ୍ୟ ସହିତ ପ୍ରତିଦିନ ୧୦ ଟି ଡ୍ରେଜରର ବ୍ୟବହାର କରୁଛି।

ଭାରତ-ବାଂଲାଦେଶ ସୀମାନ୍ତରେ ବେଲୋନିଆ ସହର ନିକଟରେ ଏଭଳି କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ମୁହୁରି ନଦୀର ଉତ୍ତର କୂଳରେ ନେତାଜୀ ସୁଭାଷ ଚନ୍ଦ୍ର ନଗର ଏବଂ ଈଶାନ ଚନ୍ଦ୍ର ନଗର ଗ୍ରାମ ପଞ୍ଚାୟତରେ ବାସ କରୁଥିବା ୫୦୦ ରୁ ଅଧିକ ପରିବାର ବର୍ଷା ଋତୁରେ ବନ୍ୟା ଆସିବାର ଭୟ କରୁଛନ୍ତି। ଏହି ବନ୍ଧ ନିର୍ମାଣ ନଦୀ ଜଳକୁ ଅବରୋଧ କରିବ ଏବଂ ବେଲୋନିଆ ସହରକୁ ସମ୍ଭାବ୍ୟ ଭାବରେ ବନ୍ୟାରେ ପରିଣତ କରିପାରେ। ଚଳିତ ବର୍ଷ ଜାନୁଆରୀରେ, ମୁଖ୍ୟମନ୍ତ୍ରୀ ମାଣିକ ସାହା ବାଂଲାଦେଶ ଦ୍ୱାରା ଉନାକୋଟୀ ଜିଲ୍ଲାର କୈଳାସହରରେ ସମାନ ନଦୀବନ୍ଧ ନିର୍ମାଣ ପ୍ରସଙ୍ଗ ଉଠାଇଥିଲେ। ସ୍ଥାନୀୟ କଂଗ୍ରେସ ବିଧାୟକ ବିରଜିତ ସିହ୍ନା ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ ଏବଂ ବନ୍ୟା ବିପଦ ଏବଂ ବାହ୍ୟ ବିପଦ ବିଷୟରେ ମଧ୍ୟ କହିଥିଲେ। ଏହା ସତ୍ତ୍ୱେ, ବାଂଲାଦେଶ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲା, ଯାହା ଫଳରେ ଭାରତକୁ ମନୁ ନଦୀରେ ମୌସୁମୀ ବନ୍ୟାକୁ ରୋକିବା ପାଇଁ କୈଳାସହର ଚାରିପାଖରେ ବାଂଲାଦେଶର ଉଚ୍ଚତାଠାରୁ ବଡ଼ ବନ୍ଧ ନିର୍ମାଣ ପାଇଁ ଏକ ପ୍ରକଳ୍ପ ଆରମ୍ଭ କରିବାକୁ ପଡିଥିଲା

## 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ'ପ୍ରସଙ୍ଗରେ ଦିଲ୍ଲୀରେ ବୈଠକ




**ନୂଆଦିଲ୍ଲୀ,୨୦।୪:** ରବିବାର ଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଦିଲ୍ଲୀର ବିଧାୟକ ମାନଙ୍କ ସହିତ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ବିଷୟରେ ଆଲୋଚନା କରାଯାଇଛି।

ଏହି ବୈଠକରେ ଉପସ୍ଥିତ ବିଶିଷ୍ଟ ନେତାଙ୍କ ମଧ୍ୟରେ ବିଜେପି ସଭାପତି ବିରେନ୍ଦ୍ର ସଚ୍ଚେଦେବା, ମନ୍ତ୍ରୀ ପଙ୍କଜ ସିଂ, ରବିନ୍ଦ୍ର ଇନ୍ଦ୍ରରାଜ, ସାଂସଦ ଯୋଗେନ୍ଦ୍ର ଚାନ୍ଦୋଲିଆ, ସାଂସଦ କମ୍ବଲଜିତ ସହରାୱତ, ବିଧାୟକ ଗଜେନ୍ଦ୍ର ଯାଦବ, ବିଧାୟକ ସତୀଶ ଉପାଧ୍ୟାୟ, ହରିଶ ଖୁରାନା ଏବଂ ଅନ୍ୟ ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ବାସ୍ତବରେ, ସୁନୀଲ ବଂଶଲ ସେହି ହାଇପାୱାର କମିଟିର ଅଂଶ,'ଯାହା ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ଉପରେ ଜନମତ ପାଇଁ ଗଠିତ।ସୂଚନା ଅନୁଯାୟୀ, ସେ ଏହା ପୂର୍ବରୁ ଅନେକ ରାଜ୍ୟରେ ଏପରି ବୈଠକରେ ଅଂଶଗ୍ରହଣ କରିଛନ୍ତି ଏବଂ ଦିଲ୍ଲୀରେ ତାଙ୍କର ଉପସ୍ଥିତି ସମାନ ଶୃଙ୍ଖଳାର ଏକ ଅଂଶ ଥିଲା। କୁହାଯାଉଛି ଯେ ଏହି ବୈଠକ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଦେଶର ପ୍ରତ୍ୟେକ ରାଜ୍ୟରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ସମ୍ପର୍କରେ ଅନୁଷ୍ଠିତ ହେଉଥିବା ବୈଠକର ଏକ ଅଂଶ।

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ନୀତି ସମ୍ପର୍କରେ ଦଳର ରୂପରେଖ ଏବଂ ପ୍ରଚାର ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯିବ ବୋଲି କୁହାଯାଉଥିଲା। ଆପଣଙ୍କୁ କହି ରଖୁଛୁ ଯେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ'ର ଧାରଣା ହେଉଛି ସାରା ଦେଶରେ ଏକକାଳୀନ ନିର୍ବାଚନ କରାଇବା। ଏହାର ଅର୍ଥ ହେଉଛି ସାରା ଭାରତରେ ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ଏକକାଳୀନ ଅନୁଷ୍ଠିତ ହେବ। ଏହାର ଅର୍ଥ ହେଉଛି ପ୍ରାୟ ସମାନ ସମୟରେ ଭୋଟଦାନ ହେବ। ବର୍ତ୍ତମାନ, ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକର ନିର୍ବାଚନ ପୃଥକ ଭାବରେ ଅନୁଷ୍ଠିତ ହେଉଛି।

## ଦିଲ୍ଲୀରେ ଲାଗୁ ହେଲା ମୋଦୀ ମଡେଲ

### ଜଣେ ମନ୍ତ୍ରୀ ୭ ବିଧାୟକଙ୍କୁ ଦାୟିତ୍ୱ

**ନୂଆଦିଲ୍ଲୀ,୨୦।୪:** ଦିଲ୍ଲୀରେ ଦ୍ରୁତ ବିକାଶ ପାଇଁ ରେଖା ଗୁପ୍ତା ସରକାର ପ୍ରଧାନମନ୍ତ୍ରୀ ମୋଦିଙ୍କ ମଡେଲକୁ କାର୍ଯ୍ୟକାରୀ କରଛନ୍ତି। କେନ୍ଦ୍ରର ମୋଦି ସରକାରଙ୍କ 'ସଂସଦ ଆଦର୍ଶ ଗ୍ରାମ ଯୋଜନା' ପରି, ଦିଲ୍ଲୀ ସରକାର ମଧ୍ୟ ଏହାର ସମସ୍ତ ମନ୍ତ୍ରୀଙ୍କୁ ସାତ ଜଣ ବିଧାୟକଙ୍କ ଦାୟିତ୍ୱ ଦେଇଛନ୍ତି। ଅର୍ଥାତ ପ୍ରତ୍ୟେକ ମନ୍ତ୍ରୀଙ୍କ ସହିତ ୭ ଜଣ ବିଧାୟକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ୮ ଜଣଙ୍କ ଦଳ ସେହି ୭ଟି ବିଧାନସଭା



ଆସନରେ ଯୋଜନା ଅଧୀନରେ କାମ କରିବେ। ଏହା ସୁନିଶ୍ଚିତ କରିବ ଯେ ବିକାଶ ଯୋଜନାଗୁଡ଼ିକ ଫାଇଲରେ ଫସି ରହିବ ନାହିଁ। ଏହାର କାର୍ଯ୍ୟ ଶୀଘ୍ର କରାଯାଉ। ଏହାର ବୈଠକ ପ୍ରତି ସପ୍ତାହରେ ଅନୁଷ୍ଠିତ ହେବ। ମିଳିଥିବା ସୂଚନା ଅନୁସାରେ, ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ଦାୟିତ୍ୱ ପାଇଥିବା ମନ୍ତ୍ରୀମାନେ ଏକ ହ୍ୱାଟସଆପ ଗ୍ରୁପ ମଧ୍ୟ ତିଆରି କରିଛନ୍ତି। ଏହି ଗ୍ରୁପରେ ସରକାରୀ ଯୋଜନା ବିଷୟରେ ସୂଚନା ଶେୟାର କରାଯାଇଛି। ଏହା ସୁନିଶ୍ଚିତ କରାଯାଇଛି ଯେ ସରକାର ଯାହା ବି ନିଷ୍ପତ୍ତି ନେଉଛନ୍ତି, ସେମାନଙ୍କର ସୂଚନା ଲୋକଙ୍କ ପାଖରେ ପହଞ୍ଚିପାରିବ। ଏହା ମାଧ୍ୟମରେ ବିଧାୟକମାନେ ସେମାନଙ୍କର ରିପୋର୍ଟ ମଧ୍ୟ ଦେବେ, ଯାହାକୁ ମୁଖ୍ୟମନ୍ତ୍ରୀ ବା ରେଖା ଗୁପ୍ତାଙ୍କୁ ପଠାଯିବ। ସରକାର ତୁରନ୍ତ କାମ କରିବା ଲକ୍ଷ୍ୟରେ ଏହି ପ୍ରୟାସ ଆରମ୍ଭ କରିଛନ୍ତି। ଦିଲ୍ଲୀ ସରକାରଙ୍କ ସୂତ୍ର ଅନୁଯାୟୀ, ରାଜଧାନୀରେ ଅଧିକାଂଶ ଭାଜପା ବିଧାୟକଙ୍କର ପ୍ରଶାସନିକ ଅଭିଜ୍ଞତାର ଅଭାବ ଅଛି। ଅନେକ ସମୟରେ ସରକାରୀ ପ୍ରକ୍ରିୟା ଯୋଗୁଁ ସେମାନଙ୍କ ଅଞ୍ଚଳରେ କାମ ଅଟକିଯାଏ। ଅନେକ ଥର ସେମାନେ ଯାଇ କୁହନ୍ତି, କିନ୍ତୁ କାମ ଫାଇଲରେ ଫସି ରହିଥିବାରୁ ତାହା ସରିପାରେ ନାହିଁ। ଏହାକୁ ଧ୍ୟାନରେ ରଖି, ମନ୍ତ୍ରୀମାନଙ୍କୁ ସିଧାସଳଖ ଦାୟିତ୍ୱ ଦିଆଯାଇଛି ଯାହା ଦ୍ୱାରା ଫାଇଲଗୁଡ଼ିକ କ୍ଲରିକାଲ କାମରେ ଫସି ନ ରହେ।

ହିନ୍ଦୁ ମନ୍ତ୍ରୀଙ୍କ ଉପରେ ଆକ୍ରମଣ ଘଟଣାରେ ଭରସା ଦେଲେ ପାକ୍ ପ୍ରଧାନମନ୍ତ୍ରୀ

# ଆକ୍ରମଣକାରୀଙ୍କୁ ମିଳିବ କଠୋର ଦଣ୍ଡ



**ନୂଆଦିଲ୍ଲୀ,୨୦।୪:** ପାକିସ୍ତାନର ସିନ୍ଧ ପ୍ରଦେଶରେ ଜଣେ ହିନ୍ଦୁ ମନ୍ତ୍ରୀଙ୍କ ଉପରେ ଆକ୍ରମଣ ହୋଇଛି। ସୂଚନା ଅନୁଯାୟୀ, ଏହି ଆକ୍ରମଣ ନୂତନ କେନାଲ ପ୍ରକଳ୍ପ ବିରୋଧରେ ଏକ ରାଲି ବାହାର କରୁଥିବା ପ୍ରଦର୍ଶନକାରୀ ମାନେ ଜଣେ ହିନ୍ଦୁ ରାଜ୍ୟ ମନ୍ତ୍ରୀଙ୍କ ଉପରେ କରିଛନ୍ତି। ଶନିବାର ଦିନ ପାକିସ୍ତାନ ମୁସଲିମ ଲିଗ୍-ନୱାଜ୍ ସାଂସଦ ଏବଂ ଧାର୍ମିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଖେଲ ଦାସ କୋହିସ୍ତାନି ଥାଟ୍ଟା ଜିଲ୍ଲା ଦେଇ ଯାଉଥିବା ସମୟରେ ଏହି ଆକ୍ରମଣ ହୋଇଛି । ହଠାତ୍ ପ୍ରଦର୍ଶନକାରୀ ମାନେ ତାଙ୍କ କାରକେଡ୍ ଉପରେ ଟମାଟୋ ଏବଂ ଆଳୁ ଫିଙ୍ଗିବା ଆରମ୍ଭ କରିଥିଲେ ଏବଂ ସଂଘୀୟ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। ପାକିସ୍ତାନୀ ଅଧିକାରୀମାନେ କହିଛନ୍ତି ଯେ, ଆକ୍ରମଣରେ କୋହିସ୍ତାନିଙ୍କ କୌଣସି କ୍ଷତି ହୋଇନାହିଁ। ରେଡିଓ ପାକିସ୍ତାନ ରିପୋର୍ଟ କରିଛି ଯେ, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ କୋହିସ୍ତାନୀଙ୍କୁ ଫୋନ୍ କରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, "ଜନ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ। ଏହି ଘଟଣାରେ ସମ୍ପୃକ୍ତ ଲୋକଙ୍କୁ କଠୋର ଦଣ୍ଡ ଦିଆଯିବ।" ସୂଚନା ମନ୍ତ୍ରୀ ଆତା ତାରାର ସିନ୍ଧ ପୋଲିସ ମହାନିରୀକ୍ଷକ (ଆଇଜିପି) ଗୁଲାମ ନବୀ ମେମନଙ୍କ ଠାରୁ ଘଟଣାର ବିବରଣୀ ଏବଂ ସଂଘୀୟ ଗୃହ ସଚିବଙ୍କ ଠାରୁ ଏକ ରିପୋର୍ଟ ମାଗିଛନ୍ତି। ସିନ୍ଧ ମୁଖ୍ୟମନ୍ତ୍ରୀ ସୟଦ ମୁରାଦ ଅଲ୍ଲୀ ଶାହ ମଧ୍ୟ ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି। ସେ ହାଇଦ୍ରାବାଦ ଜୋନର ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସଙ୍କୁ ଆକ୍ରମଣରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ତୁରନ୍ତ ଗିରଫ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜମ୍ମୁରେ ପ୍ରବଳ ବର୍ଷା ସହ ଭୂସ୍ଖଳନ ୩ ମୃତ





**ଜମ୍ମୁ,୨୦।୪:** ଜମ୍ମୁ-କଶ୍ମୀରରେ ପାଗ ପୁଣି ଥରେ ତାଣ୍ଡବ ରଚିଛି। ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ପ୍ରବଳ ପବନ ରାଜ୍ୟର ଅନେକ ଅଞ୍ଚଳରେ ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଦେଇଛି। କିଛି ସ୍ଥାନରେ, ନଦୀଗୁଡ଼ିକ ଗାଁଗୁଡ଼ିକୁ ବୁଡ଼ାଇ ଦେଇଥିବା ବେଳେ, ଅନ୍ୟ ସ୍ଥାନରେ ଭୂସ୍ଖଳନ ରାସ୍ତା ଅବରୋଧ କରିଛି। ଏହା ଆଶ୍ୱସ୍ତିର ବିଷୟ ଯେ ପୋଲିସ ଏବଂ ପ୍ରଶାସନର ସତର୍କତା ଯୋଗୁଁ ସମୟ ମଧ୍ୟରେ ଅନେକ ଜୀବନ ରକ୍ଷା ହୋଇପାରିଲା। ତଥାପି, ଏଥିରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ରାମବନରେ ରାତିସାରା ପ୍ରବଳ ପବନ ଏବଂ କୁଆପଥରବୃଷ୍ଟି ଯୋଗୁଁ ସହର ଏବଂ ଆଖପାଖ ଅଞ୍ଚଳରେ ଅନେକ ଭୂସ୍ଖଳନ ହୋଇଥିଲା। ଏହି କାରଣରୁ ଜାତୀୟ ରାଜପଥ ଅବରୋଧ ହୋଇଥିଲା ଏବଂ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। କିଛି ପରିବାରଙ୍କ ଧନସମ୍ପତ୍ତିର କ୍ଷତି ମଧ୍ୟ ହୋଇଛି। ରାମବାନ ଜିଲାର ଧରମକୁଣ୍ଡ ଅଞ୍ଚଳରେ ପ୍ରବଳ ବର୍ଷା ହେବା ପରେ, ଡ୍ରେନ ପାଣି ଗାଁରେ ପ୍ରବେଶ କରିଥିଲା, ଯାହା ଫଳରେ ହଠାତ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବନ୍ୟାରେ ଦଶଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ୨୫ ରୁ ୩୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସବୁଠାରୁ ବଡ଼ ଚିନ୍ତାର ବିଷୟ ଥିଲା ଯେ ଏହି ଅଞ୍ଚଳରେ ପ୍ରାୟ ୯୦ ରୁ ୧୦୦ ଲୋକ ଫସି ରହିଥିଲେ, କିନ୍ତୁ ଧରମକୁଣ୍ଡ ପୋଲିସର ତତ୍ପରତା ଯୋଗୁଁ ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା। ଏ ସମ୍ପର୍କରେ ସାଂସଦ ସୂଚନା ଦେଇଛନ୍ତି ଯେ ସେ ଡେପୁଟି କମିଶନର ବସିର-ଉଲ-ହକ ଚୌଧୁରୀଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ଜିଲା ପ୍ରଶାସନର ତୁରନ୍ତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସେ କହିଥିଲେ ଯେ ଆର୍ଥିକ ହେଉ କିମ୍ବା ଅନ୍ୟାନ୍ୟ, ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି। ଆବଶ୍ୟକ ହେଲେ, ସାଂସଦ ପାଣ୍ଠିରୁ ମଧ୍ୟ ସହାୟତା ଯୋଗାଇ ଦିଆଯିବ। ଗୁଜବରେ ଧ୍ୟାନ ନଦେବା ଏବଂ ପ୍ରଶାସନ ସହିତ ମିଶି ପରିସ୍ଥିତିର ସାମ୍ନା କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ସର୍ବକନିଷ୍ଠ ଖେଳାଳି ଭାବେ ଇତିହାସ ରଚିଲେ ବୈଭବ



**ନୂଆଦିଲ୍ଲୀ, ୨୦।୪:** ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ। ୧୪ ବର୍ଷ ବୟସରେ ଲକ୍ଷ୍ନୌ ବିପକ୍ଷରେ ପଡ଼ିଆକୁ ଓହ୍ଲାଇ ଆଇପିଏଲ୍ ଖେଳିବାରେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି । ସୂର୍ଯ୍ୟବଂଶୀ ଇମ୍ପାକ୍ଟ ଖେଳାଳି ଭାବେ ଡେବ୍ୟୁ ମ୍ୟାଚରେ ରାଜସ୍ଥାନର ପାଳି ଆରମ୍ଭ କରିଥିଲେ। ପ୍ରଥମ ବଲକୁ ଛକା ମାରି ସମସ୍ତଙ୍କୁ ଚକିତ କରିଥିଲେ। ୨୦ ବଲ୍ ରୁ ୨ଟି ଦର୍ଶନୀୟ ଚୌକା ଓ ତିନିଟି ଛକା ସହ ୧୭୦ ଷ୍ଟ୍ରାଇକ୍ ରେଟ୍ ରେ ୩୪ ରନ୍ କରି ଷ୍ଟମ୍ପିଂ ହୋଇଯାଇଥିଲେ। ତାଙ୍କର ଏହି ପାଳିକୁ ନେଇ ପ୍ରଶଂସା କରିଛନ୍ତି ବହୁ ପୂର୍ବ କ୍ରିକେଟର। ଚଳିତବର୍ଷ ଆଇପିଏଲ୍ ନିଲାମରେ ସୂର୍ଯ୍ୟବଂଶୀଙ୍କୁ ରାଜସ୍ଥାନ ରୟାଲ୍ସ ୧.୧ କୋଟି ଟଙ୍କାରେ କିଣିଥିଲା। ସେତେବେଳକୁ ତାଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିଲା। ଆଇପିଏଲ୍ ରେ ନିଲାମ ହେବାରେ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ ସେ। ଯେତେବେଳେ ବୈଭବ ସୂର୍ଯ୍ୟବଂଶୀ ଆଉଟ୍ ହେଲେ, ସେ ନିଜ ଭାବନାକୁ ନିୟନ୍ତ୍ରଣ କରିପାରିଲେ ନାହିଁ ଏବଂ ପଡ଼ିଆ ମଝିରେ କାନ୍ଦିବାକୁ ଲାଗିଲେ। ବୈଭବ ସୂର୍ଯ୍ୟବଂଶୀଙ୍କ ଆଖିରୁ ଲୁହ ଝରି ପଡ଼ିଲା ଏବଂ କ୍ୟାମେରା ଏହି ଭାବପ୍ରବଣ ମୁହୂର୍ତ୍ତକୁ କଏଦ ହୋଇଥିଲା। ଏହା ପରେ, ବୈଭବ ସୂର୍ଯ୍ୟବଂଶୀ ଲୁହ ପୋଛି ପଡିଆ ବାହାରକୁ ଚାଲିଗଲେ। ବୈଭବ ସୂର୍ଯ୍ୟବଂଶୀଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ବୈଭବ ସୂର୍ଯ୍ୟବଂଶୀ ଜଣେ ଯୁବ ଭାରତୀୟ କ୍ରିକେଟର। ବିହାରରେ ୨୦୧୧ ମସିହା ୨୭ ମାର୍ଚ୍ଚରେ ଜନ୍ମ ଗ୍ରହଣ କରିଥିଲେ ବୈଭବ। କାଲିର ମ୍ୟାଚରେ ଲକ୍ଷ୍ନୌ ରାଜସ୍ଥାନ ପାଇଁ ୧୮୧ ରନର ଟାର୍ଗେଟ ରଖିଥିଲା। ଏହି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ୨ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଶେଷ ଓଭରରେ ଜିତିବା ପାଇଁ ୯ ରନ ଦରକାର ଥିବା ବେଳେ ଆବେଶ ଖାନଙ୍କ ଦମଦାର ବୋଲିଂ ଲକ୍ଷ୍ନୌକୁ ବିଜୟର ସ୍ୱାଦ ଚଖାଇଛି। ବୈଭବ ସୂର୍ଯ୍ୟବଂଶୀ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ୍। ସେ ବାମହାତୀ ସ୍ପିନ୍ ମଧ ବୋଲିଂ କରନ୍ତି। ବିହାର ପାଇଁ ଘରୋଇ କ୍ରିକେଟ୍ ଖେଳନ୍ତି ବୈଭବ ସୂର୍ଯ୍ୟବଂଶୀ। ଆଇପିଏଲ ୨୦୨୫ ମେଗା ନିଲାମରେ ରାଜସ୍ଥାନ ରୟାଲ୍ସ ବୈଭବ ସୂର୍ଯ୍ୟବଂଶୀଙ୍କୁ ୧.୧୦ କୋଟି ଟଙ୍କାରେ କିଣିଥିଲା। ଆଇପିଏଲ ନିଲାମରେ ମନୋନୀତ ହୋଇଥିବା ବୈଭବ ସୂର୍ଯ୍ୟବଂଶୀ ହେଉଛନ୍ତି ସବୁଠାରୁ କମ୍ ବୟସ୍କ ଖେଳାଳି ବୈଭବ ସୂର୍ଯ୍ୟବଂଶୀ। ବୈଭବ ସୂର୍ଯ୍ୟବଂଶୀ ୧୨ ବର୍ଷ ବୟସରେ ୨୦୨୪ ମସିହାରେ ରଣଜୀ ଟ୍ରଫିରେ ବିହାର ପାଇଁ ପ୍ରଥମ ଶ୍ରେଣୀ ଡେବ୍ୟୁ କରିଥିଲେ। ଏହା ପରେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ରୁ କ୍ତି ପାଇଥିବା ସର୍ବକନିଷ୍ଠ ଖେଳାଳି ହୋଇଥିଲେ।




## ପାଣ୍ଡ୍ୟାଙ୍କ ଆଇପିଏଲ୍ ଯାତ୍ରାର ୧୦ ବର୍ଷ

**ମୁମ୍ବାଇ, ୨୦।୪:** ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆଇପିଏଲ୍ ଯାତ୍ରାକୁ ଶନିବାର ୧୦ ବର୍ଷ ପୂରିଛି। ଏଥିଲାଗି ପାଞ୍ଚ ଥର ବିଜେତା ମୁମ୍ବାଇ ଇଣ୍ଡିଆନ୍ ତାଙ୍କୁ ଭାବପୂର୍ଣ୍ଣ ଅଭିବାଦନ ଜଣାଇଛି। ସାମାଜିକ ଗଣମାଧମରେ ଲେଖା ଲେଖି ଆଇପିଏଲ୍ ପ୍ରତି ପାଣ୍ଡ୍ୟାଙ୍କ ଅବଦାନକୁ ସଲାମ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ତାଙ୍କୁ ଦଳ 'କୁଂଫୁ ପାଣ୍ଡ୍ୟା' ଭାବେ ବର୍ଣ୍ଣନା କରିଛି। ଏହି ଶୀର୍ଷକରେ ଦଳ ପକ୍ଷରୁ କୁହାଯାଇଛି ଯେ ଜଣେ ପ୍ରତିଭାବାନ ଅଲରାଉଣ୍ଡର୍, ସମୟକ୍ରମେ ଯିଏକି ଜଣେ କିଂବଦନ୍ତି ଖେଳାଳିରେ ପରିଣତ ହୋଇଛନ୍ତି। ୨୦୧୫ ମସିହା ଆଜିର ଦିନରେ ହାର୍ଦ୍ଦିକ ପାଣ୍ଡ୍ୟା ନୀଳ ଓ ସ୍ୱର୍ଣ୍ଣିମ ଜର୍ସି ପିନ୍ଧିଥିଲେ। ଏହା ଭିତରେ ସ୍ୱର୍ଣ୍ଣିମ ଇତିହାସର ଲମ୍ବା ଧାରା ସୃଷ୍ଟି କରିସାରିଛନ୍ତି ସେ। ଏହି ପୋଷ୍ଟକୁ ପ୍ରଶଂସକ ବେଶ୍ ପସନ୍ଦ କରିବା ସହ ପାଣ୍ଡ୍ୟାଙ୍କୁ ଆଇପିଏଲ୍‌ର ଅନ୍ୟତମ ଶ୍ରେଷ୍ଠ ଫିନିସର ଆଖ୍ୟା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୁମ୍ବାଇ ଇଣ୍ଡିଆନ୍ସରୁ ଆଇପିଏଲ୍ ଜୀବନ ଆରମ୍ଭ କରିଥିବା ପାଣ୍ଡ୍ୟା ୭ଟି ଋତୁ ପରେ ଗୁଜରାଟ ଟାଇଟନ୍ସରେ ଯୋଗ ଦେଇଥିଲେ। ତାଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ୨୦୨୨ରେ ବିଜେତା ହେବା ସହ ୨୦୨୩ରେ ଉପବିଜେତା ହେବାର ଗୌରବ ଅର୍ଜନ କରିଥିଲା। ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରି ରୋହିତ ଶର୍ମାଙ୍କଠାରୁ ଅଧିନାୟକ ପଦ ଗ୍ରହଣ କରିଥିଲେ। ଯାହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଥିଲା।

## ଭାରତ ଆସିବନି ପାକିସ୍ତାନ



**ନୂଆଦିଲ୍ଲୀ, ୨୦।୪:** ଭାରତ ଆସିବନି ପାକିସ୍ତାନ ମହିଳା କ୍ରିକେଟ ଟିମ। ନିରପେକ୍ଷ ସ୍ଥାନରେ ମ୍ୟାଚ କରିବାକୁ ଦାବି। ଦାବି କଲେ ପିସିବି ଅଧକ୍ଷ ମୋହସିନ୍ ନକଭି। ପାକିସ୍ତାନ ମହିଳା କ୍ରିକେଟ ଟିମ ଚଳିତ ବର୍ଷ ଶେଷରେ ଆଇସିସି ଏକଦିବସୀୟ ବିଶ୍ୱକପ୍ ପାଇଁ ଭାରତ ଯାତ୍ରା କରିବ ନାହିଁ । ନିକଟ ଅତୀତରେ ଖେଳାଯାଇଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫି ଭଳି ହାଇବ୍ରିଡ୍ ମଡେଲକୁ ଅନୁସରଣ କରି ଏକ ନିରପେକ୍ଷ ସ୍ଥାନରେ ମ୍ୟାଚ୍ କରିବାକୁ ଦାବି କରିଛନ୍ତି ପିସିବି ଅଧକ୍ଷ। ଯେମିତି ଭାରତ ଚାମ୍ପିଅନସ ଟ୍ରଫି ଖେଳିବାକୁ ପାକିସ୍ତାନ ଆସିଲାନି ସେହିପରି ପାକିସ୍ତାନ ମଧ ଭାରତ ଯିବନାହିଁ ବୋଲି ସ୍ପଷ୍ଟ କରିଛନ୍ତି ନକଭି। ଭାରତ ଏବଂ ଆଇସିସି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିବାରୁ ସେମାନେ ନିରପେକ୍ଷ ସ୍ଥାନ ନିଷ୍ପତ୍ତି ନେବେ। ଭାରତ ଏବଂ ଆଇସିସି ଯେଉଁ ସ୍ଥାନ ଚୟନ କରିବେ ସେମାନେ ସେଠାରେ ଖେଳିବାକୁ ରାଜି ବୋଲି କହିଛନ୍ତି ପାକିସ୍ତାନ କ୍ରିକେଟ୍ ବୋର୍ଡ ଅଧକ୍ଷ । ଆସନ୍ତା ସେପ୍ଟେମ୍ବର ୨୯ ରୁ ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ଭାରତ। ୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ପାକିସ୍ତାନ ଗସ୍ତ କରିନଥିଲା ଭାରତ। ଯାହାକୁ ନେଇ ବହୁ ବାଦ ବିବାଦ ପରେ ୟୁଏଇରେ ଖେଳାଯାଇଥିଲା ମ୍ୟାଚ। ଏଥିରେ ଭାରତ ଚାମ୍ପିଅନ ହୋଇଥିଲା।

**ନିରପେକ୍ଷ ସ୍ଥାନରେ ମ୍ୟାଚ୍ କରିବାକୁ ଦାବି କଲେ ପିସିବି ଅଧକ୍ଷ ମୋହସିନ୍ ନକଭି**

## ଗିଲ୍‌ଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲଗାଇଲା ବିସିସିଆଇ



**ନୂଆଦିଲ୍ଲୀ,୨୦।୪:** ଜରିମାନା ଗଣିବେ ଗୁଜରାଟ ଟାଇଟାନ୍ସ (ଜିଟି) ଅଧିନାୟକ ଶୁଭମନ ଗିଲ। ୨୦୨୫ ଆଇପିଏଲରେ ସ୍ଲୋ ଓଭର ରେଟ ପାଇ ତାଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି। ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବିପକ୍ଷରେ ଜିଟି ୭ ଉଇକେଟରେ ଜିତିବା ପରେ ବିସିସିଆଇ ଦ୍ୱାରା ଏହି ଜରିମାନା ଲାଗୁ କରାଯାଇଛି। ଏନେଇ ଆଇପିଏଲ୍ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି। ପୂର୍ବରୁ ଡିସିର ଅକ୍ଷର ପଟେଲ, ମୁମ୍ବାଇ ଇଣ୍ଡିଆନ୍ସର ହାର୍ଦ୍ଦିକ ପାଣ୍ଡ୍ୟା, ରାଜସ୍ଥାନ ରୟାଲ୍ସର ରିୟାନ ପରାଗ ଏବଂ ସଞ୍ଜୁ ସାମସନ ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟସର ଋଷଭ ପନ୍ତଙ୍କ ଉପରେ ମଧ ସ୍ଲୋ ଓଭର ରେଟ ପାଇଁ ଜରିମାନା ଲଗାଯାଇଛି। ତେବେ ଅଧିନାୟକଙ୍କ ଉପରେ ଲଗାଯାଇଥିଲେ ହେଁ ଦଳ ଏହି ବିଜୟ ସହିତ ବଡ଼ ଉପଲବ୍ଧି ହାସଲ କରିଛି। ଗୁଜରାଟ ଟାଇଟାନ୍ସ ୭ଟି ମ୍ୟାଚରୁ ୫ ଜିତି ୧୦ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଛି। ଦିଲ୍ଲୀ କ୍ୟାପିଟାଲ୍ସ ମଧ ୧୦ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ଅଛି, କିନ୍ତୁ ନେଟ ରନ୍ ରେଟ୍ ଆଧାରରେ ପଛରେ ଅଛି। ଏବେ ଜିଟି ପରବର୍ତ୍ତୀ ମ୍ୟାଚ ଇଡେନ ଗାର୍ଡେନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷରେ ଖେଳିବ। ସୋମବାର ସାରେ ମ୍ୟାଚ ଖେଳାଯିବ, ଯେଉଁଥିରେ ଜିଟି ସେମାନଙ୍କର ବିଜୟ ଧାରା ଜାରି ରଖିବାକୁ ଚେଷ୍ଟା କରିବ। ଏହି ବିଜୟ ସହିତ ଗୁଜରାଟ ଟାଇଟାନ୍ସ ପୁଣି ଥରେ ସେମାନଙ୍କର ଶକ୍ତି ପ୍ରଦର୍ଶନ କରିଛି ଏବଂ ପ୍ଲେଅଫ ଦୌଡ଼ରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି।

## ଫୁଟବଲ ଆସୋସିଏସନ୍ ଅଫ୍ ଓଡିଶାର ନୂଆ ସଭାପତି ହେଲେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ



**କଟକ,୨୦/୦୪:** ଓଡ଼ିଶା ଫୁଟବଲ ଆସୋସିଏସନ୍‌ର ନୂଆ ସଭାପତି ଭାବେ ଦାୟିତ୍ୱ ନେଲେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ। ଦାୟିତ୍ୱ ନେବା ସହ ପୂର୍ବରୁ ଯେଉଁ ମାନେ ଫୁଟବଲ ଆସୋସିଏସନ୍‌ର ଦାୟିତ୍ୱରେ ଥିଲେ ସେମାନଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ ଅନୁଭବି ମାନଙ୍କ ଅନୁଭବକୁ ନେଇ ଓଡିଶା ଫୁଟବଲକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାର ପ୍ରୟାସ କରିବେ ବୋଲି କହିଛନ୍ତି ଟଙ୍କଧର। ସେପଟେ ଏବେ ସବୁ କ୍ରୀଡା ସଙ୍ଗଠନରୁ ବିଜେଡି ହଟି ବିଜେପି ନେତା ମାନେ ଦାୟିତ୍ୱ ନେଉଥିବା ସମ୍ପର୍କରେ ପ୍ରତିକ୍ରିୟା ରଖି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି କ୍ରୀଡ଼ା ସଂଗଠନ ସରକାରଙ୍କ ସହ ରହିଲେ ହିଁ କ୍ରୀଡ଼ାର ଉନ୍ନତି ହେବ। ଶନିବାର ବାରବାଟୀକୁ ଆସି ବିଧିବଦ୍ଧ ଭାବେ ଟଙ୍କଧର ଫାଓ ସଭାପତି ପଦ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ସହ ଟଙ୍କଧର ପୂର୍ବରୁ ଫାଓ ଦାୟିତ୍ୱରେ ଯେଉଁ ମାନେ ଥିଲେ, ସେମାନେ ଓଡିଶା ଫୁଟବଲର ଉନ୍ନତି ପାଇଁ ଅନେକ କିଛି କରିଛନ୍ତି ବୋଲି ମତ ରଖିଛନ୍ତି ଟଙ୍କଧର। ପୂର୍ବ କର୍ମକର୍ତ୍ତା ମାନେ ଯେଉଁ କାମ ଅଧୁରା ଛାଡ଼ି ଯାଇଛନ୍ତି, ତାକୁ ଆଗକୁ ବଢାଇବା ତାଙ୍କର ଦାୟିତ୍ୱ ବୋଲି କହିଛନ୍ତି ଟଙ୍କଧର। ଫୁଟବଲ ସମ୍ପର୍କରେ ଯେଉଁ ମାନଙ୍କର ଅନୁଭବ ରହିଛି ବା ଅଭିଜ୍ଞତା ରହିଛି, ସେମାନଙ୍କ ପରାମର୍ଶ ଅନୁସାରେ ଓଡିଶା ଫୁଟବଲକୁ ଅନ୍ତର୍ଜାତୀୟ ସ୍ତରର କରିବା ପାଇଁ ସବୁ ପ୍ରକାର ପ୍ରୟାସ ହେବ ବୋଲି କହିଛନ୍ତି ଟଙ୍କଧର। ଓଡ଼ିଶାରେ ଶାସନ ପରିବର୍ତ୍ତନ ପରେ ସବୁ କ୍ରୀଡ଼ା ସଙ୍ଗଠନରେ ବିଜେପିର ପ୍ରତିନିଧିତ୍ୱ ବଢୁଥିବା ଦେଖା ଯାଇଛି। ଫୁଟବଲ ସହ ଅଲିମ୍ପିକ ଆସୋସିଏସନ୍ ଓ ଓସିଏରେ ବିଜେପି ନେତା ମାନେ ପ୍ରମୁଖ ପଦ ପଦବୀରେ ରହିଲେଣି। ଏଭଳି ପରିବର୍ତ୍ତନ କିନ୍ତୁ ଆବଶ୍ୟକ ବୋଲି କହିଛନ୍ତି ଫାଓ ସମ୍ପାଦକ ତଥା ବରିଷ୍ଠ କ୍ରୀଡା ସଙ୍ଗଠକ ଆଶୀର୍ବାଦ ବେହେରା। ଆଶୀର୍ବାଦଙ୍କ କହିବା ଅନୁସାରେ କ୍ରୀଡା ସଙ୍ଗଠନରେ ସରକାରୀ ଦଳର ପ୍ରତିନିଧିତ୍ୱ ରହିଲେ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି କରିବା ସହଜ ହୋଇଥାଏ।

## ଦଳ ସହ ବୁଲିବୁଲି ଅସୁସ୍ଥ ହେଲେ ପ୍ରୀତି

**ନୂଆଦିଲ୍ଲୀ, ୨୦।୪:** ଆଜି ଆଇପିଏଲ ୨୦୨୫ରେ, ଡବଲ୍ ହେଡରର ପ୍ରଥମ ମ୍ୟାଚ୍ ମୁଲାନପୁର କ୍ରିକେଟ ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ୍ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧରେ ଖେଳାଯାଉଛି। ଚଳିତ ସିଜିନରେ ଏହି ଗ୍ରାଉଣ୍ଡରେ ଖେଳାଯିବାକୁ ଏହା ଶେଷ ମ୍ୟାଚ୍, ଏହା ପରେ ପଞ୍ଜାବ ଧର୍ମଶାଳାରେ ଏହାର ଘରୋଇ ମ୍ୟାଚ୍ ଖେଳିବ। ଏହା ପୂର୍ବରୁ, ଦଳର ମାଲିକାଣୀ ପ୍ରୀତି ଜିଣ୍ଟା ଅସୁସ୍ଥ ହୋଇପଡିଛନ୍ତି, ସେ ନିଜେ ଏ ବିଷୟରେ ସୂଚନା ଦେଇଛନ୍ତି। ଘରୋଇ ଷ୍ଟାଡିୟମରେ ଖେଳାଯାଉ କିମ୍ବା ବାହାରେ ଖେଳାଯାଉ, ପଂଜାବ କିଙ୍ଗ୍ସର ମାଲିକାଣୀ ପ୍ରୀତି ଜିଣ୍ଟା ଶ୍ରେୟସ ଆୟର ଏବଂ ଦଳକୁ ସମର୍ଥନ କରିବା ପାଇଁ ପ୍ରତ୍ୟେକ ମ୍ୟାଚ୍‌ରେ ଯୋଗ ଦିଅନ୍ତି। ସେ ଗତ ମ୍ୟାଚ୍‌ରେ ବେଙ୍ଗାଲୁରୁରେ ମଧ ଉପସ୍ଥିତ ଥିଲେ, ଯେଉଁଠାରେ ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ପଞ୍ଜାବ ୫ ୱିକେଟ୍‌ରେ ଜିତିଥିଲା। ରବିବାର ମ୍ୟାଚ୍ ପୂର୍ବରୁ, ପ୍ରୀତି ଏକ ପୋଷ୍ଟ ମାଧମରେ କହିଛନ୍ତି ଯେ ତାଙ୍କୁ ଜ୍ୱର ହୋଇଛି। ସେ କହିଛନ୍ତି ଯେ ଏହା ପଛରେ କାରଣ ହେଉଛି ଟୁର୍ଣ୍ଣାମେଣ୍ଟର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ, ଗରମ ପାଗ ଏବଂ ହୋଟେଲର ବାରମ୍ବାର ପରିବର୍ତ୍ତନ। ପଞ୍ଜାବ କିଙ୍ଗ୍ସର ସହ-ମାଲିକ ଲେଖିଛନ୍ତି, "ମୁଁ ନିଶ୍ଚିତ ଯେ ଏତେ ବ୍ୟସ୍ତବହୁଳ ଯାତ୍ରା, ଅତ୍ୟଧିକ ଗରମ ଏବଂ ଏୟାର କଣ୍ଡିସନିଂ ଏବଂ ନିରନ୍ତର ହୋଟେଲ ରୁମ ପରିବର୍ତ୍ତନ କରିବା ଯୋଗୁଁ ଜ୍ୱର ହୋଇଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରେ...

ଧିରେ ଧିରେ କାଳବୈଶାଖୀ ପ୍ରଭାବ କମିବା ସହ ଆଗାମୀ କିଛିଦିନ ପରେ ତାପମାତ୍ରା ୪ରୁ ୬ ଡ଼ିଗ୍ରୀ ବୃଦ୍ଧି ହେବାର ସମ୍ଭାବନା ରହିଛି। ଅତ୍ୟଧିକ ଗରମ ଯୋଗୁଁ ପାୱାର ଗ୍ରୀଡ ଉପରେ ଚାପ ବୃଦ୍ଧି ପାଇବା ଏକରକମ ନିଶ୍ଚିତ। ଏହାର ପ୍ରଭାବ ଜଳଭଣ୍ଡାରଗୁଡ଼ିକରେ ପାଣିର ସ୍ତର ଉପରେ ମଧ୍ୟ ପଡ଼ିବ। ତେବେ ଆଜି ପ୍ରବଳ ଗରମ ଅନୁଭୂତ ହୋଇଥିବା ବେଳେ ରାଜ୍ୟର ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ସେହିପରି ଝାରସୁଗୁଡ଼ାରେ ୪୩.୫ ଡିଗ୍ରୀ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱର ଓ ପଡ଼ୋଶୀ କଟକରେ ତାପମାତ୍ରା ୩୭ ଡିଗ୍ରୀ ଭିତରେ ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୪୦ ଡିଗ୍ରୀ ଉପରେ ତାପମାତ୍ରା ଅନୁଭୂତ ହୋଇଥିବା ସହରଗୁଡ଼ିକ ହେଲା ବଲାଙ୍ଗିର (୪୨.୪), ଟିଟିଲାଗଡ଼ (୪୨), ସମ୍ବଲପୁର (୪୧.୯), ସୁନ୍ଦରଗଡ଼ (୪୧.୮), ବୌଦ୍ଧ (୪୧.୫), ହୀରାକୁଦ ଓ ସୋନପୁର (୪୧.୩), ନୂଆପଡ଼ା (୪୧), ଭବାନୀପାଟଣା (୪୦.୮) ଓ ରାଉରକେଲା (୪୦.୧)।

କିନ୍ତୁ ଆଗାମୀ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଓ ପବନ ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେଣୁ ଆଜିର ତାତି ଜାରି ରହିବ ନାହିଁ ବୋଲି ଜନସାଧାରଣ ଆଶା କରିଛନ୍ତି। କେନ୍ଦ୍ର ପକ୍ଷରୁ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଆଲର୍ଟ ଅନୁସାରେ, ଉକ୍ତ ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି ସହ ବର୍ଷା ଓ କେତେକ ସ୍ଥାନରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲା ହେଲା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡ଼ା। ଉକ୍ତ ଜିଲ୍ଲାଗୁଡ଼ିକରେ ୩୦ରୁ ୪୦ କି ଘଣ୍ଟା ପ୍ରତି ଏବଂ ଆଉ କେତେକ ସ୍ଥାନରେ ଘଣ୍ଟା ପ୍ରତି ୫୦ କିମି ବେଗରେ ପବନ ସହ ଝଡ଼ତୋଫାନ ସମ୍ଭାବନା ରହିଛି। ମିଳିଥିବା ସୂଚନାନୁସାରେ, ରାଜ୍ୟ ଉପରେ ୨ଟି ଟ୍ରଫ୍ ଲାଇନ୍ ବା ନିମ୍ନ ରେଖା ସକ୍ରିୟ ରହିଛି, ଯାହା ପ୍ରଭାବରେ ବର୍ଷା ହେଉଛି। ଆସନ୍ତାକାଲି ମଧ୍ୟ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ପ୍ରାକ-ମୌସୁମୀ ଋତୁରେ ଗତ ମାର୍ଚ୍ଚ ୧ରୁ ଏପ୍ରିଲ୍ ୧୯ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ସାଧାରଣତଃ ୩୮.୯ ମିମି ପର୍ଯ୍ୟନ୍ତ ବର୍ଷା ହେଉଥିବା ବେଳେ ଚଳିତ ବର୍ଷ ଏହା ୬୦.୫ ମିମି ରହିଛି, ଯାହାକି ସ୍ୱାଭାବିକଠାରୁ ୫୫ ପ୍ରତିଶତ ଅଧିକ।

### ବଜ୍ରାଘାତରେ ...

ଅପରାହ୍ଣରେ କାଳବୈଶାଖୀ ଯୋଗୁଁ ସଇଁତଳା ଅଞ୍ଚଳରେ ଝିପିଝିପି ବର୍ଷା ହେବା ସହ ପବନ ବହିଥିଲା। ଏହାଛଡ଼ା ଭୀଷଣ ଜୋର୍‌ରେ ବିଜୁଳି ମାରିବା ଫଳରେ ଚେଳି ଚରାଇବାକୁ ଯାଇଥିବା ସ୍ନେହଲତା ଏକ ଗଛମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଭୀଷଣ ଜୋର୍‌ରେ ବଜ୍ରାଘାତ ହେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ପୁଲିସ୍‌କୁ ଖବର ଦେଇଥିଲେ। ଗୁରୁତର ଭାବେ ଆହତ ହୋଇଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ଗୌରାଙ୍ଗ ଦଳପତି। ସେହିପରି ପାଟଣାଗଡ଼ରେ ଅନ୍ୟ ଜଣେ ମୃତ୍ୟୁବରଣ କରିଛନ୍ତି। ସେ ହେଉଛନ୍ତି ବେଲପଦା ଥାନାଞ୍ଚଳର ସାରମୁହାଣ ଗ୍ରାମର ଗଙ୍ଗାଧର ଧରୁଆ। ସେ ବାଗ୍‌ଡୋର୍ ଗ୍ରାମରେ ଟ୍ରାକ୍ଟର ଯୋଗେ ହଳ କରୁଥିବା ସମୟରେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି।ଚାଷ କରୁଥିବା ସମୟରେ ତେବେ ଅନ୍ୟ ଦୁଇ ମୃତକଙ୍କ ସମ୍ପର୍କରେ ବିଶେଷ କିଛି ସେପଟେ ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବଜ୍ରପାତରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଆଜି କାଳବୈଶାଖୀ ବର୍ଷା ସହ ବଜ୍ରପାତ ହୋଇଥିଲା।

### ଲୋକଙ୍କ...

ତା'ର ତଦାରଖ କରିଛନ୍ତି। ଜିଲ୍ଲାପାଳ, କମିଶନର, ପୁଲିସ ଆଇଜି, ସିଏମଓର ଅଫିସର କିଛି ଅଧିକାରୀ ସହ ଆଲୋଚନା କରିଛନ୍ତି। ସକାଳ ୮ଟାରୁ ଅଭିଯୋଗ ଶୁଣାଣି ଆରମ୍ଭ ହୋଇ ଦିନ ଗୋଟାଏ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ ନିଜ ନିଜ ଅଭିଯୋଗ ଦର୍ଶାଇବା ସକାଶେ ୧ ହଜାର ଲୋକ ପୋର୍ଟାଲରେ ପଞ୍ଜିକରଣ କରିଛନ୍ତି। ୫ ଶହ ଅଫଲାଇନ ମାଧ୍ୟମରେ ଅଭିଯୋଗ ଶୁଣାଣିରେ ସାମିଲ ହେବେ। ଲୋକଙ୍କ ଅନେକ ସମସ୍ୟାର ଅନ୍ ଦି ସ୍ପଟ୍ ସମାଧାନ ହେବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

ଅଭିଯୋଗ ଶୁଣାଣି ପାଇଁ ପୁଲିସର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି। ମହାନଗର ନିଗମ କାର୍ଯ୍ୟାଳୟ ଅଞ୍ଚଳରେ ୧୮ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ଅତିରିକ୍ତ ଏସପି, ଏସଡିପିଓ , ଥାନାଧିକାରୀ ମଧ୍ୟ ନିୟୋଜିତ ରହିବେ। ୫୩ ନମ୍ବର ଜାତୀୟ ରାଜପଥରୁ ମହାନଗର ନିଗମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଟ୍ରାଫିକ, ପାର୍କିଂ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ୧୧ ଜଣ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ମଧ୍ୟ ଶିବିରରେ ମହଜୁଦ ରହିବେ ।

ଜନ ଅଭିଯୋଗ ଶୁଣାଣିରେ ସାମିଲ ପାଇଁ ଆବେଦନକାରୀଙ୍କୁ ପଞ୍ଜିକୃତ ସ୍ୱୀକାରପତ୍ର ଓ ବ୍ୟକ୍ତିଗତ ପରିଚୟପତ୍ର ସହ ନିଜର ଅଭିଯୋଗପତ୍ର ଆଣିବାକୁ କୁହାଯାଇଛି । ପ୍ରଥମ ଥର ପାଇଁ ରାଜ୍ୟର କୌଣସି ମୁଖ୍ୟମନ୍ତ୍ରୀ ଜିଲ୍ଲା ସ୍ତରରେ ଅଭିଯୋଗ ଶୁଣାଣି କରୁଛନ୍ତି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏଣିକି ଜିଲ୍ଲା ସ୍ତରରେ ଅଭିଯୋଗ ଶୁଣାଣି କରାଯିବ। ଏହି କ୍ରମରେ ଆସନ୍ତାକାଲି ସମ୍ବଲପୁରରେ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ। ଏଥିରେ ସମ୍ବଲପୁର ଓ ଆଖପାଖ ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡିକରୁ ପ୍ରାୟ ଦେଢ ହଜାର ଲୋକ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିବେ।

### ଭୁଶୁଡ଼ିଲା...

ଗୁପ୍ତା କହିଛନ୍ତି। ଏଥିସହ ସେ ଆହତଙ୍କ ଆଶୁ ସୁସ୍ଥତା ମଧ୍ୟ କାମନା କରିଛନ୍ତି। ଉକ୍ତ କୋଠାର ତଳ ମହଲାରେ ୨/୩ଟି ଦୋକାନ ଘରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏହା ଭୁଶୁଡ଼ିବାର ମୁଖ୍ୟ କାରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ସେହିପରି କୋଠାକୁ ସଂଯୋଗ କରୁଥିବା ରାସ୍ତାଟି ବେଶ୍ ଅଣଓସାରିଆ ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ଯାବତୀୟ ସମସ୍ୟା ଉପୁଜିଥିବା ଜଣେ ଏନ୍‌ଡିଆର୍‌ଏଫ୍ ଅଧିକାରୀ କହିଛନ୍ତି।

କିନ୍ତୁ ମୁସ୍ତାଫାବାଦର ବିଜେପି ବିଧାୟକ ମୋହନ ସିଂ ବିଷ୍ଟ ଏପରି ଅଘଟଣ ପାଇଁ ସ୍ଥାନୀୟ ସରକାରୀ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ପାଖାପାଖି ଦୁଇ ମାସ ତଳେ ଯାଞ୍ଚ୍ କରାନଯାଇ କୋଠା ନିର୍ମାଣ ପାଇଁ ଅନୁମତି ଦିଆଯାଉଥିବାରୁ ସେ ଏହାକୁ ବିରୋଧ କରିଥିଲେ। କିନ୍ତୁ ଆଜି ଏହାର କୁପରିଣାମ ସ୍ଥାନୀୟ ଲୋକଙ୍କୁ ଭୋଗିବାକୁ ପଡ଼ିଛି ବୋଲି ବିଧାୟକ ଶ୍ରୀ ବିଷ୍ଟ କହିଛନ୍ତି।ର

### ୬ ଦିନ...

ସଂଧ୍ୟାରେ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ହଠାତ ନିଖୋଜ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ପରଦିନ ଡେଲାଙ୍ଗ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ୍‌ର ସବୁ ଚେଷ୍ଟା ପରେ ବି ଅଦ୍ୟାବଧି କିଛି ବି ସଫଳତା ମିଳିନି କି ଆଶୀର୍ବାଦ କେଉଁଠି ଅଛି, ତାହା ଜଣାପଡ଼ିନାହିଁ। ଦମକଳ ବାହିନୀ, ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମର ତନାଘନା ପରେ ବି ମିଳିପାରିନି ଆଶୀର୍ବାଦ ନେଇ କୌଣସି ସୂଚନା। ତେଣୁ ତାକୁ ଉଦ୍ଧାର କରିବା ପାଇଁ କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବିରେ ଆଜି ରାଜରାସ୍ତାକୁ ଓହ୍ଲାଇଥିଲେ ଅଞ୍ଚଳବାସୀ। ସେମାନେ ଡେଲାଙ୍ଗ-କଣାସ ଓ ଖୋର୍ଦ୍ଧା-ପଛନାୟିକିଆ ରାସ୍ତାକୁ ଅବରୋଧ କରିବା ସହ ମାମଲାରେ ପୁଲିସ୍ ଓ ପ୍ରଶାସନଠାରୁ ନ୍ୟାୟ ଦାବି କରିଥିଲେ। ପୁରୀ ଅତିରିକ୍ତ ଏସପି ଘଟଣାସ୍ଥଳରେ ପହଞ୍ଚିବା ପରେ ଏହି ଆନ୍ଦୋଳନ ପ୍ରଶମିତ ହୋଇଥିଲା। କିନ୍ତୁ ଆଶୀର୍ବାଦ ଏବେ କେଉଁଠି, କେଉଁ ଅବସ୍ଥାରେ ଅଛି, ସେ ସମ୍ପର୍କରେ କାହାରି ପାଖରେ କିଛି ବି ଉତ୍ତର ନାହିଁ।

### ମୋହନଙ୍କ...

ବିଭାଜିତ ହୋଇପାରେ ବୋଲି ସେ କହିଛନ୍ତି।

ସେହିଭଳି ରାଜ୍ୟର ବିକାଶ ପାଇଁ ତାଙ୍କ ସ୍ୱପ୍ନ କଥା କହିବାକୁ ଯାଇ ସେ କହିଛନ୍ତି ଯେ ୨୦୦୦ ମସିହାରେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ରାଜ୍ୟର କେଉଁ କେଉଁ ଅଞ୍ଚଳର କିଭଳି ବିକାଶ ହୋଇପାରିବ, କିପ୍ରକାର ନୀତି ଅବଲମ୍ବନ କରାଯିବା ଉଚିତ, ସେନେଇ ତାଙ୍କର ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ୨୦୧୯ରେ ସେ ବିରୋଧୀ ଦଳ ମୁଖ୍ୟ ସଚେତକ ହେବା ପରେ ଦେଖିଲେ ଯେ ନବୀନ ପଟ୍ଟନାୟକଙ୍କ ସରକାର ରାଜ୍ୟରେ କୌଣସି ବିକାଶମୂଳକ କାମ କରୁନାହାଁନ୍ତି। ଏନେଇ ସେ ସେତେବେଳେ ସରକାରଙ୍କୁ କାଠଗଡାରେ ଛିଡା କରାଇଥିଲେ। ଏବେ କିନ୍ତୁ ଲୋକେ ବିକାଶ ପାଇଁ ପରିବର୍ତ୍ତନକୁ ଆପଣେଇଛନ୍ତି। ରାଜ୍ୟରେ ସରକାର ବଦଳିଛି। ତେଣୁ ଲୋକଙ୍କ ଭରସା ଓ ବିଶ୍ୱାସକୁ କିଭଳି କାର୍ଯ୍ୟରେ ରୂପାନ୍ତରିତ କରିବୁ, ସେନେଇ ଆମେ କାମ କରୁଛୁ ବୋଲି ଶ୍ରୀ ମାଝୀ କହିଛନ୍ତି।

### ଓମ୍ ବିର୍ଲାଙ୍କୁ...

ଖୁସି ହେବା ସହ ତାଙ୍କର ଏହି ତ୍ୟାଗ ପୁଅ ପାଇଁ ଭବିଷ୍ୟତ ଜୀବନର ରାସ୍ତା ସୁଗମ କରିବ ବୋଲି ମତ ଦେଇଥିଲେ। ସେହିପରି କୋଟାରେ କୋଚିଂ ନେବା ସମୟରେ ତାଙ୍କର ଅଭିଜ୍ଞତା ସମ୍ପର୍କରେ ମଧ୍ୟ ଶ୍ରୀ ବିର୍ଲା ଓମ୍‌ପ୍ରକାଶଙ୍କୁ ପଚାରି ବୁଝିଥିଲେ। ଏନେଇ ଶ୍ରୀ ବିର୍ଲା ତାଙ୍କ 'ଏକ୍ସ' ହ୍ୟାଣ୍ଡ୍‌ଲରେ ସବିଶେଷ ସୂଚନା ଦେବା ସହ ସାକ୍ଷାତ ସମୟର ଫଟୋ ଅପଲୋଡ୍ କରିଛନ୍ତି। ଓମ୍ ପ୍ରକାଶଙ୍କ ସାଥୀରେ ମା' ସ୍ମିତା ରାଣୀ ଓ କୋଚିଂ ନିର୍ଦ୍ଦେଶକ ରାଜେଶ ମାହେଶ୍ୱରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସଭା ବାଚସ୍ପତି ଜେଇଇ ମେନରେ କୃତକାର୍ଯ୍ୟ ହୋଇଥିବା ଦେଶର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଉଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ଉଦ୍ୟମ ପାଇଁ ମଧ୍ୟ ସେ ପ୍ରଶଂସା କରିଥିଲେ।

### ନବୀନଙ୍କ ...

ବିଜେଡି କାର୍ଯ୍ୟକାରିଣୀ ନୁହେଁ, ଟ୍ରଷ୍ଟ ବୋର୍ଡ ବି ଗଠନ ନେଇ ଘୋଷଣା ହୋଇନାହିଁ। ବିଜେଡି ସମ୍ବିଧାନ ଅନୁଯାୟୀ, ୭ ଜଣ ସଦସ୍ୟଙ୍କୁ ନେଇ ଟ୍ରଷ୍ଟ ବୋର୍ଡ ଗଠନ ହେବା କଥା, ଯାହାର କାମ ଦଳର ପାଣ୍ଠି ଓ ସମ୍ପତ୍ତିର ତଦାରଖ କରିବା। କିନ୍ତୁ ଟ୍ରଷ୍ଟ ବୋର୍ଡ ସମ୍ପର୍କରେ କୌଣସି ଘୋଷଣା ହୋଇନଥିବାରୁ ଦଳରେ ଏବେଠୁ ନେତା ଓ କର୍ମୀଙ୍କ ଭିତରେ ଅସନ୍ତୋଷ ଦେଖାଦେଲାଣି। ୨୦୨୪ ବିପର୍ଯ୍ୟୟ ପରେ ବରିଷ୍ଠଙ୍କଠାରୁ ଆରମ୍ଭ କରି କନିଷ୍ଠ ଯାଏଁ ଅଧିକାଂଶ ଏବେ ଦଳୀୟ ପରିଚାଳନା ନେଇ ପ୍ରଶ୍ନବାଚୀ ଲଗାଇଛନ୍ତି। ଏଭଳି ସ୍ଥଳରେ ଦଳ ସୁପ୍ରିମୋଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି। କାର୍ଯ୍ୟକାରିଣୀ ହୋଇପାରୁନିଥିବାରୁ ଯୁବ, ଛାତ୍ର ଓ ମହିଳା ବିଜେଡି ପରି ଛାମୁଆ ସଂଗଠନଗୁଡ଼ିକର ପୁନର୍ବିନ୍ୟାସ କେମିତି ହେବ, ତାକୁ ନେଇ ଦଳ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି।

### ପରିବାରକୁ...

ତଥାପି ବାହାରିପାରିନି ସମାଧାନ ବାଟ । ସେହିପରି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅଧିକାରୀ ଓ ପଶ୍ଚିମାଞ୍ଚଳ ଡିଆଇଜି ମଧ୍ୟ ବିକ୍ଷୋଭସ୍ଥଳରେ ବୁଝାସୁଝା କରି ବିଫଳ ହୋଇଛନ୍ତି। ସେପଟେ ଗତକାଲି ଘଟଣାକୁ ନେଇ ଆଜି ପୂରା ବନ୍ଧମୁଣ୍ଡାରେ ବନ୍ଦ ପାଳନ କରାଯାଇଛି ।

## କଳା ଓ ବାଣିଜ୍ୟ ଛାତ୍ର ବି ହୋଇପାରିବେ ପାଇଲଟ

**ନୂଆଦିଲ୍ଲୀ,୨୦।୪:** ଏଣିକି କଳା ଓ ବାଣିଜ୍ୟରେ ଯୁକ୍ତ ଦୁଇ ପାସ କରିଥିବା ଛାତ୍ରଛାତ୍ରୀ ମଧ୍ୟ ପାଇଲଟ ହୋଇପାରିବେ। କମର୍ସିଆଲ ବିମାନ ଉଡାଣ ପାଇଁ ସେମାନଙ୍କୁ ମଧ୍ୟ ଲାଇସେନ୍ସ ମିଳିପାରିବ । କମର୍ସିଆଲ ପାଇଲଟ୍ ହେବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦ୍ୱାଦଶ ଶ୍ରେଣୀରୁ ପଦାର୍ଥ ବିଜ୍ଞାନ ଏବଂ ଗଣିତ ବିଷୟର ଆବଶ୍ୟକତାକୁ ହଟାଇବା ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ବିଚାର କରୁଛି। ଯଦି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହାକୁ ଅନୁମୋଦନ କରନ୍ତି ତେବେ କଳା ଏବଂ ବାଣିଜ୍ୟ ବିଷୟର ଛାତ୍ରଛାତ୍ରୀମାନେ କମର୍ସିଆଲ ପାଇଲଟ୍ ଲାଇସେନ୍ସ (ସିପିଏଲ୍)



ପାଇପାରିବେ।

ଭାରତରେ କେବଳ ବିଜ୍ଞାନ ଛାତ୍ରମାନେ କମର୍ସିଆଲ ପାଇଲଟ୍ ଲାଇସେନ୍ସ ପାଇପାରିବା ନିୟମ ରହିଛି । ଏଏଲ୍‌ପିଏ ଇଣ୍ଡିଆ, ଏୟାରଲାଇନ୍ ପାଇଲଟ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଏହାକୁ ସମର୍ଥନ କରିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଏବଂ ଡିଜିସିଏକୁ ଲେଖାଯାଇଥିବା ଏକ ଚିଠିରେ ସେ ସମ୍ଭାବ୍ୟ ସୁଧାରକୁ ପ୍ରଶଂସା କରି ଏହାକୁ ଏକ ସାହସିକ ଏବଂ ପ୍ରଗତିଶୀଳ ପଦକ୍ଷେପ ବୋଲି କହିଛନ୍ତି। ଚିଠିରେ କୁହାଯାଇଛି ଯେ, ଅନାବଶ୍ୟକ ଶିକ୍ଷାଗତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଦ୍ୱାରା ବିମାନ କର୍ମଚାରୀଙ୍କ ମଧ୍ୟରେ ଅଧିକ ବିବିଧତା ଆସିବ ।

ବିଶେଷଜ୍ଞଙ୍କ ମତ ଅନୁଯାୟୀ, ପ୍ରସ୍ତାବିତ ସୁଧାର ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବିମାନ ସେବା କ୍ଷେତ୍ରର ବର୍ଦ୍ଧିତ ମାନବ ସମ୍ବଳ ଚାହିଦା ପୂରଣ କରିବା ପାଇଁ ବିମାନ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପ୍ରମୁଖ ପଦକ୍ଷେପର ଏକ ଅଂଶ । ଡିଜିସିଏର ସୁରକ୍ଷା, ତାଲିମର ଗୁଣବତ୍ତା ସମାପ୍ତ କରିବାକୁ ଲାଗୁଥିବା ସମୟ ଆଧାରରେ ଫ୍ଲାଇଂ ସ୍କୁଲ ବିଦ୍ୟାଳୟଗୁଡ଼ିକୁ ବର୍ଗୀକରଣ କରିବା ପାଇଁ ଏକ ରାଙ୍କିଂ ସିଷ୍ଟମ ବିକଶିତ କରାଯାଉଛି ।

ଅଧିକାରୀଙ୍କ କହିବା ଅନୁଯାୟୀ, ଅନେକ ପରିବର୍ତ୍ତନ କରାଯାଇଛି ଯାହା ଖୁବଶୀଘ୍ର ଲାଗୁ କରାଯିବ । ଭାରତର ବିମାନ ଚଳାଚଳ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡାଯିବ। ଯଦି ଏହାକୁ ଅନୁମୋଦନ ମିଳିଯାଏ, ତେବେ ଏହି ସଂସ୍କାର କେବଳ ପାଇଲଟ୍ ତାଲିମର ସୁବିଧାକୁ ଗଣତାନ୍ତ୍ରିକ କରିବ ନାହିଁ ବରଂ ଭାରତ ପାଇଁ ଭବିଷ୍ୟତରେ ସଂଯୋଗୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଏକ ଶିଳ୍ପକୁ ପ୍ରୋତ୍ସାହନ ଦେବ ।

# ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଖୋର୍ଦ୍ଧା, ୨୦।୪ (ସଂଚାର ବ୍ୟୁରୋ) :** ଆଜି ଅପରାହ୍ନରେ ଜିଲ୍ଲା ସଦର ମହକୁମାସ୍ଥିତ ଟିଏଲସି ରୋଡ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖରେ ୩କୋଟି ୬୫ଲକ୍ଷ ବ୍ୟୟରେ ୩ ମହଲା ବିଶିଷ୍ଟ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ କଲ୍ୟାଣ ନିଗମ ଲିଃ ଦ୍ୱାରା ନବନିର୍ମିତ ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ ଓଡ଼ିଶାର ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱକରକମଳରେ ଫିତାକାଟି ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟିତ କରି ଜିଲ୍ଲାବାସୀଙ୍କ ସେବା ଉଦେଶ୍ୟରେ ଉତ୍ସର୍ଗ କରିବା ସହ ଅବକାରୀ ନିୟମ ଓ ଅଧିନିୟମ ପ୍ରଣୟନ ଦ୍ୱାରା ଚୋରା ମଦ କାରବାର ବିକ୍ରି ବନ୍ଦ କରିବା, ଚୋରା ବେପାରୀଙ୍କୁ ପ୍ରତିହତ କରିବା ଓ ନିଶାରକୁ ପ୍ରଭାବ ସହ ନିଶା କ୍ରିତଦାସରୁ ସମାଜକୁ ବଞ୍ଚାଇ ଏକ ନିଶାମୁକ୍ତ ସଶକ୍ତ ସମାଜ ଗଠନରେ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଉଦ୍ଗାପନ କରିଥଲେ। ଆହୁରି ମଧ ମନ୍ତ୍ରୀ କହିଲେ ଯେ ଅବକାରୀ କର୍ମଚାରୀ ମାନଙ୍କୁ ଆର୍ମ-୩ ଅସ୍ତ୍ର ଦିଆଯାଇ ଚୋରା ବେପାରୀଙ୍କୁ ଦୃଢ଼ ମୁକାବିଲା କରି ସାରା ରାଜ୍ୟକୁ ସଶକ୍ତ କରାଯିବ ।

ସମ୍ମାନିତ ଅତିଥି ରୂପେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂହ, ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ମାନ୍ୟବର ସାଂସଦଙ୍କ ପ୍ରତିନିଧି, ରାଜ୍ୟ ଅବକାରୀ ବିଭାଗ ଶାସନ ସଚିବ ଗୁହା ପୁନମ ତାପସ କୁମାର, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ଧର୍ମେନ୍ଦ୍ର ମଲ୍ଲିକ, ଅଧିକ୍ଷିକା ଅବକାରୀ, ଖୋର୍ଦ୍ଧା ସୁମତି ତ୍ରିପାଠୀ, ଭୁବନେଶ୍ୱର ଅଧିକ୍ଷକ, ଅବକାରୀ, ଦେବାଶିଷ ପଟେଲ, ଅଧିକ୍ଷକ, ଅବକାରୀ କଟକ କରୁଣା ଶଙ୍କର ତିୱାରୀ, ଯୁଗ୍ମ ଆୟୁକ୍ତ, ଅବକାରୀ ରାଜେନ୍ଦ୍ର ଭୋତ୍ରା, ଅଶୋକ କୁମାର ଗଡତିଆ, ଡମ୍ବରୁଧର ଖଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର ଦେବବ୍ରତ କର, ଶ୍ରୀତପା ମିଶ୍ର, ଅନନ୍ୟା ସୃଷ୍ଟି ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସଂପୃକ୍ତ ବିଭାଗୀୟ କର୍ମଚାରୀ, ଜନପ୍ରତିନିଧି ଏବଂ ଗଣମାଧମ ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଓ ସମ୍ମାନିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ବିଧାୟକଙ୍କ ଦ୍ୱାରା ଆୟୁଷ୍ମାନ ଆରୋଗ୍ୟ ଉପସ୍ୱାସ୍ଥ୍ୟ କେନ୍ଦ୍ର ଗୃହର ଶିଳାନ୍ୟାସ

# ହାତ ପାହାନ୍ତାରେ ଲୋକେ ପାଇବେ ସ୍ୱାସ୍ଥ୍ୟ ସେବା: ସାରଦା

**ମାହାଙ୍ଗା, ୨୦।୪ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ପ୍ରୟାସ ମାହାଙ୍ଗାରେ ସ୍ୱାସ୍ଥ୍ୟର ବିକାଶ ଦିଗରେ ନବ ନିର୍ବାଚିତ ମାହାଙ୍ଗା ବିଧାୟକଙ୍କ ଦୃଢ଼ ସଂକଳ୍ପ ମାହାଙ୍ଗାର ପ୍ରତି ପଞ୍ଚାୟତ ଲୋକଙ୍କ ହାତ ପାହାନ୍ତାରେ ପହଞ୍ଚିବ ସ୍ୱାସ୍ଥ୍ୟସେବା। ଯାହାକୁ ଅଖି ଆଗରେ ରଖି ଆଜି ଅପରାହ୍ନରେ ମାହାଙ୍ଗା ବ୍ଲକ୍ ଗୋକନ, ଉଷୁମା ଓ ଜଳେଶ୍ୱରପୁର ଗ୍ରାମପଞ୍ଚାୟ କାନପୁର ଠାରେ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ୩ଟି ଆୟୁଷ୍ମାନ ଆରୋଗ୍ୟ ଉପସ୍ୱାସ୍ଥ୍ୟ କେନ୍ଦ୍ର ଗୃହର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ମାହାଙ୍ଗାର ଜନପ୍ରିୟ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ନିଜର ଶତାଧିକ ସମର୍ଥକଙ୍କ ଗହଣରେ ଆସି ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଦୀର୍ଘ ୧୦ ମାସ ମଧରେ ମାହାଙ୍ଗା ବ୍ଲକର ୩୭ଗୋଟି ପଞ୍ଚାୟତରେ ସ୍ୱାସ୍ଥ୍ୟ ବିଭାଗର ବିକାଶ କରିବା ପାଇଁ ଓ ମାହାଙ୍ଗାର ପ୍ରତ୍ୟେକଟି ବ୍ୟକ୍ତି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନହେବେ ସେହି ପରିପ୍ରେକ୍ଷିରେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଯୋଜନାରେ ୩ଟି ଆୟୁଷ୍ମାନ ଆରୋଗ୍ୟ ଗୃହ ବା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଲୋକଙ୍କ ସେବାରେ ସମର୍ପିତ କରାଗଲା ଏବଂ ଚଳିତବର୍ଷ ଯେପରି ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ବା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଆୟୁଷ୍ମାନ କାର୍ଡ ପ୍ରତ୍ୟକ ପରିବାର ବର୍ଗ ଲୋକଙ୍କୁ ବଣ୍ଟନ କରାଯାଉଛି ଏହି ଅବସରରେ ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ବିକାଶକୁ ନଜରରେ ରଖାଯାଇ ଆଜି ଆୟୁଷ୍ମାନ ଆରୋଗ୍ୟ ନୂତନ ଗୃହର ଶୁଭ ଶିଳାନ୍ୟାସ କରାଯାଇଛି।



ବର୍ତ୍ତମାନ ସୁଦ୍ଧା ପାଖା ପାଖି ୨୦ଟି ଆୟୁଷ୍ମାନ ଆରୋଗ୍ୟ ନୂତନ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟ ସରିଥିବା ବେଳେ ଆଗାମୀ ୬ମାସ ମଧରେ ପ୍ରତ୍ୟକ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୃହ ସ୍ଥାପନା କାର୍ଯ୍ୟ ସରିବା ସହ ମାହାଙ୍ଗା ବ୍ଲକର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତରୀ ପଦ ସହ ପାରା ମେଡିକାଲ ଷ୍ଟାଫ୍ ପଦ ପଦବୀ ପୂରଣ ହେବ। କୌଣସିବି ବ୍ୟକ୍ତି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେ ନାହିଁ ବୋଲି ଶ୍ରୀଯୁକ୍ତ ପ୍ରଧାନ କହିଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଚନ୍ଦନ ରାଉତ, ନାରୀ ନେତ୍ରୀ ଯାଜ୍ଞାସେନୀ ଜେନା, ବିଧାୟକଙ୍କ ସହଯୋଗି ଭକ୍ତ ଚରଣ ରାଉତ, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ରନାଥ ସାହୁଙ୍କ ସମେତ ବହୁ ଜନପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

## ଦୋକାନ ସହ ବାଇକ୍ ଉପରେ ମାଡିଗଲା ଅପେରା ଗାଡ଼ି



**କେନ୍ଦ୍ରାପଡ଼ା, ୨୦।୪ (ସଂଚାର ବ୍ୟୁରୋ):** କଟକ ଚାନ୍ଦବାଲି ଜାତୀୟ ରାଜପଥ ଦୁହୁରିଆ ବଜାର ନିକଟ ଜିଲ୍ଲା ଶିକ୍ଷ୍ୟା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ପୃଥ୍ୱୀରାଜ ଅପେରାର ଏକ ଟ୍ରକ୍ (ଓଡ଼ି:୦୪:ଏଚ୍:୨୧୨୨) ବେପରୁଆ ଗାଡି ଚାଳନା କରି କାର୍ଯ୍ୟାଳୟ ସାମ୍ନାରେ ରାସ୍ତା କଡ଼ରେ କରିଥିବା ୨ରୁ୩ଟି ଦୋକାନ ଉପରେ ମାଡିଯିବା ସହ ଫୁଟ୍‌ପାଥରେ ଥିବା ଏକ ମୋଟର ସାଇକଲକୁ ଚକା ତଳେ ଘୋଷାଡି ନେଇଥିଲା । ସୌଭାଗ୍ୟ ବଶତଃ ବାଇକ୍ ଆରୋହୀ ନିଜ ବାଇକ୍‌ଟିକୁ ରାସ୍ତା କଡରେ ରଖି କିଛି ଦୂର ଚାଲି ଯାଇଥିବାରୁ ସେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି ଆଜି ରବିବାର ଛୁଟି ଦିନ ଥିବାରୁ ଜିଲ୍ଲା ଶିକ୍ଷ୍ୟା ଅଧିକାରୀଙ୍କ କାର୍ଯ୍ୟାଳୟ ବନ୍ଦ ଥିଲା, ଯେଉଁଥିପାଇଁ ସେହି ୨-୩ ଟି ଦୋକାନ ବନ୍ଦ ଥିବା ସହ ସେଠାରେ ଲୋକଙ୍କ ଭିଡ଼ ମଧ ନଥିଲା ଯାହା ଫଳରେ କିଛି ନିରୀହ ଜୀବନ ଯିବାରୁ ବଞ୍ଚି ଯାଇଥିବା ଦେଖଣାହାରୀ କହିଛନ୍ତି । ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ସଦର ପୋଲିସ ପହଞ୍ଚି ଟ୍ରକ୍ ଚାଳକକୁ ନିଜ ହେପାଜତ୍‌କୁ ନେବାସହ ଦୁର୍ଘଟଣା ଘଟାଇଥିବା ଟ୍ରକଟିକୁ ମଧ ଥାନାକୁ ଆଣିଥିଲେ ।

## ନଦୀରେ ବୁଡିଗଲେ ପଞ୍ଚମ ଶ୍ରେଣୀ ଛାତ୍ରୀ

**ସାଲେପୁର, ୨୦।୪ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଅଞ୍ଚଳର ଉଜଡିହ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ନଦୀକୁ ଗାଧୋଇ ଯାଇଥିବାବେଳେ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଉଜଡିହ ଗ୍ରାମର ରବୀନ୍ଦ୍ର ସେଠୀଙ୍କ ଝିଅ ସୁପ୍ରିୟା ସେଠୀ(୧୦) ଆଜି ସକାଳ ପ୍ରାୟ ୧୧ଟା ସମୟରେ ସାଙ୍ଗପିଲାଙ୍କ ସହ ବିରୂପା ନଦୀକୁ ଗାଧୋଇ ଯାଇଥିବାବେଳେ ହଠାତ୍ ନଦୀପାଣିରେ ବୁଡ଼ିଯାଇଥିଲା। ସାଙ୍ଗମାନଙ୍କ ଚିତ୍କାର ଶୁଣି ଡେନାଇଟ୍ କ୍ରିକେଟ୍ ମ୍ୟାଚ୍ ଖେଳି ଫେରୁଥିବା କେତେକ ଯୁବକ ନଦୀପାଣିରେ ପଶି ବୁଡ଼ିଯାଇଥିବା ଶିଶୁକନ୍ୟାକୁ ଉଦ୍ଧାର କରି ପ୍ରଥମେ ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁକନ୍ୟାର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

**ନାଉଗାଁ, ୨୦।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା(ମଝିପଡ଼ା) ଗ୍ରାମରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଗ୍ରାମର ମା' କୁତାମଚଣ୍ଡୀ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନବଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଳପୂର୍ଣ୍ଣ କଳସ ଅଣାଯାଇ ପୀଠରେ ସ୍ଥାପନ କରାଯାଇ ରିତିନିତୀ ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେହ ସୂର୍ଯ୍ୟପୂଜା ସହିତ ହନୁମାନ ଚାଳିଶା, ଶ୍ରୀରାମ ରଚିତ ମାନସ ଆଦି ପାଠ କରାଯାଉଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶଙ୍କର ବାରିକ ଦାୟିତ୍ୱ ତୁଲାଇଥିବା ବେଳେ ଗ୍ରାମର ମା'କୁତାମଚଣ୍ଡୀ ହେଲ୍ପ କ୍ଲବ ଓ ଗ୍ରାମବାସୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ।

ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍

## ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇ ମହାବୀର ସ୍ପୋର୍ଟିଂ ସେମିରେ



**କୋଣାର୍କ, ୨୦।୪ (ସଂଚାର ବ୍ୟୁରୋ):** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ କୋଣାର୍କ କପ ଟୋଣ୍ଟି ଟୋଣ୍ଟି କ୍ରିକେଟ ଟୁର୍ଣ୍ଣାମେଂଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ମୁକ୍ତେଶ୍ୱରର କ୍ରିକେଟ କ୍ଲବ୍ କୁ ହରାଇ ପୁରୀ ମହାବୀର ସ୍ପୋଟିଂ ସେମିଫାଇନାଲ କୁ ଉତ୍ତୀର୍ଣ୍ଣ ହୋଇଛି । ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ଦଳ ନିର୍ଦ୍ଧାରିତ ୧୮ ଓଭର ମ୍ୟାଚ୍ ରେ ୭ ୱିକେଟ କରାଇ ୧୪୭ ରନ ସଂଗ୍ରହ କରିଥିଲେ । ମୁକ୍ତେଶ୍ୱର ଦଳର ଶ୍ରେୟାଂସୁ କୁମାର ପଟ୍ଟନାୟକ ସର୍ବାଧିକ ୬୯ ରନ ସଂଗ୍ରହ କରିଥିଲେ । ମହାବୀର ସ୍ପୋର୍ଟିଂର ପଦ୍ମଲୋଚନ ପଣ୍ଡା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ମହାବୀର ସ୍ପୋର୍ଟିଂ ସାତ ୱିକେଟ ହରାଇ ୧୭ ଓଭର ୧ ବଲ ଖେଳି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଅଜୟ ମାଝୀ ସର୍ବାଧିକ ୩୮ ରନ , ଚନ୍ଦନ ଜେନା ୭ଟି ବଲ ରେ ଦ୍ରୁତ ଅପରାଜିତ ୨୫ ରନ କରି ମୁକ୍ତେଶ୍ୱର ଠାରୁ ମ୍ୟାଚ୍ ଛଡାଇ ନେଇଥିଲା । ଚନ୍ଦନ ଜେନା ମ୍ୟାନ ଅଫ୍ ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଉଦଘାଟନୀ ସମାରୋହରେ କାକଟପୁର ବିଧାୟକ ତଥା ପୂର୍ବତନ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

## ଭିତରକନିକାରେ ପ୍ରଶିକ୍ଷଣ ନେଲେ ୩୭ ବନପାଳ



**ରାଜନଗର, ୨୦।୪ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମୀ, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି ୩୭ ବନପାଳ। ଚମ୍ପୁଆର ନିକୋଲସ ଫରେଷ୍ଟ ଟ୍ରେନିଂ ସ୍କୁଲର ୩୭ ଜଣ ବନପାଳ ଭିତରକନିକା ଜାତୀୟ ଉଦ୍ୟାନରେ ପହଁଚି ଭିତରକନିକା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଘଂଚ ଜଙ୍ଗଲ ଭିତରେ ଦୁଃସାହସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାରହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଏବଂ ଅଲିଭ ରିଡଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା, କାଳିଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଭାରତର ଦ୍ୱିତୀୟ ବୃହତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସଂପର୍କରେ ଅବଗତ ହୋଇଛନ୍ତି। ଏସିଏଫ ଗଗନ ବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନ କୁମାର ନାୟକ ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ବନପାଳ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ମଦ ଜବତ, ମହିଳାଙ୍କ ସମେତ ୪ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା, ୨୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଅଭିଯୋଗ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚଢାଉକରି ଚୋରା ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ରାଜନଗର ଥାନା କୁରୁ ଗ୍ରାମର ପ୍ରଦୀପ କୁମାର (ନରେନ୍ଦ୍ର), ଶୁଶାନ୍ତ ମଲ୍ଲିକ, ଶିଳ ପୋଖରୀର ଲକ୍ଷ୍ମୀବାଳା ମଣ୍ଡଳ ଓ ବଡନୌକଣା ଗ୍ରାମର ସରୋଜ ଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରି ଏମାନଙ୍କ ଠାରୁ ବ୍ୟାପକ ଚୋରାମଦ ଜବତ କରି କୋର୍ଟଚାଲାଣ କରାଯାଇଛି। ଏହି ଚଢାଉ ସମୟରେ ଅବକାରୀ ଅଧିକ୍ଷକ ବିପ୍ଳବ ଚରଣ ମଣ୍ଡଳ, ନିରୀକ୍ଷକ ପଦ୍ମ ଲୋଚନ ନାୟକ, ଉପନିରୀକ୍ଷକ ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟକର୍ମଚାରୀ ଉପସ୍ଥିତ ଥିଲେ।

## ରାସ୍ତାଧସି ଓଲଟିଲା ବାଲିବୋଝେଇ ହାଇୱା

**କେନ୍ଦ୍ରାପଡା, ୨୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପବାଟ ଦେଇ ଶାମଗୁଡିଆ ଯାଉଥିବା ଏକ ବାଲି ବୋଝେଇ ହାଇୱା ଓଲଟି ପଡିବାରୁ ଡ୍ରାଇଭର ଗୁରୁତର ହୋଇଥିବା ଜଣାପଡିଛି। ବାଲି ବୋଝେଇ ହାଇୱା ଶାମଗୁଡିଆ ମେଡିକାଲ୍ ବାଟ ଦେଇ ଯାଉଥିବାବେଳେ ସାଇଡ୍ ରାସ୍ତା ଧଷିଯିବାରୁ ଓଲଟି ପଡିଥିଲା।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର



**ମହାକାଳପଡ଼ା, ୨୦।୪ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ମେରଦା ଗ୍ରାମର ବଳିଆ ମଠର ବିପରୀତ ଦିଗରେ ଏକ ମୁକୁଳା ଟ୍ରାନ୍ସଫର୍ମର ବିପଦଶଙ୍କୁଳ ଅବସ୍ଥାରେ ରହିଛି। ପୁରୁଣା ଲୁହା ଖୁଣ୍ଟରେ ବସି ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର। ସୁରକ୍ଷା ବାଡ଼ ନଥିବାରୁ ବୁଲା ଗାଈଗୋରୁଙ୍କ ପାଇଁ ଏହି ଟ୍ରାନ୍ସଫର୍ମର ବିପଦର କାରଣ ସାଜିଛି। ମୁଖ୍ୟ ରାସ୍ତା କଡ଼ରେ ଏହି ଟ୍ରାନ୍ସଫର୍ମର ଥିବାରୁ ଏହାର ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

## ଲବଣ ସତ୍ୟାଗ୍ରହ ପୀଠର ୯୫ତମ ସମାରୋହ ପାଇଁ ପ୍ରସ୍ତୁତି ବୈଠକ

**ଅସ୍ତରଙ୍ଗ/କାକଟପୁର, ୨୦।୪ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ କୁହୁଡି ଠାରେ ଆସନ୍ତା ମେ ୨୧ ତାରିଖ ଦିନ ପାଳିତ ହେବାକୁ ଥିବା ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ କୁହୁଡି ସ୍ଥିତ ଲବଣ ସତ୍ୟାଗ୍ରହ ସ୍ୱାମୀଜି ପୂର୍ଣ୍ଣାନନ୍ଦ ସ୍ମୃତି ବିଦ୍ୟାପୀଠ ଠାରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି।



ଉକ୍ତ ସମାରୋହରେ ପ୍ରତ୍ୟୁଷରୁ ପ୍ରଭାତ ଫେରି, ଗଣ ଦୌଡ଼,ସ୍ମୃତିସ୍ତମ୍ଭ ନିକଟରେ ଶ୍ରଦ୍ଧା ସୁମନ ଅର୍ପଣ, ବନ୍ଦେ ମାତରଂ, ବନ୍ଦେ ଉତ୍କଳ ଜନନୀ ଗାନ, ବିଶେଷ ବ୍ୟକ୍ତି ଓ ସ୍ୱାଧୀନତା ସଂଗ୍ରାମୀ ଦାୟଦ ମାନଙ୍କୁ ସମ୍ବର୍ଦ୍ଧନା, ସ୍ମରଣିକା ଉନ୍ମୋଚନ, ଆଲୋଚନା ଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ମହାସମାରୋହରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତି ଗ୍ରହଣ କରା ଯାଇଛି। ଏହି ବୈଠକରେ ଉପଦେଷ୍ଟା ମହେଶ୍ୱର ନାୟକ, ପ୍ରମୋଦ କୁମାର ନାୟକ,ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ, ଭୋଳାନାଥ ସ୍ୱାଇଁ, ଅର୍ଜୁନ ମଲ୍ଲିକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଶଙ୍କର ମିଶ୍ର, କ୍ଷେତ୍ରବାସୀ ଦାସ, ଗୋବିନ୍ଦ ସ୍ୱାଇଁ, ସତ୍ୟବ୍ରତ ଲେଙ୍କା, କ୍ଷୀରୋଦ ମହାନ୍ତି, ବନବିହାରୀ ଗ୍ରହାଚାର୍ଯ୍ୟ, ଶ୍ରୀଧର ନାୟକ, ଦେବ ନାୟକ, ହେମନ୍ତ ମଲ୍ଲ, ପବିତ୍ର ସ୍ୱାଇଁ, ରବୀନ୍ଦ୍ର ମହାନ୍ତି ହରିହର ସ୍ୱାଇଁ, ବାଇଧର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅମଲା ସଂଘ ସାଧାରଣ ସମ୍ପାଦକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ବୋରିଗୁମ୍ମା/ଜୟପୁର, ୨୦।୪ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁର ସହର ସ୍ଥିତ ଯାଦବ ଭବନ ଠାରେ ଓଡ଼ିଶା ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ତରସିଆଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଚିତ୍ତରଞ୍ଜନ ତରାସିଆଙ୍କୁ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ଓଡ଼ିଶା ମାଧମିକ ବିଦ୍ୟାଳୟ କର୍ମଚାରି ସଂଘ ଓ ଜୟପୁର ସିଟି କର୍ଡିନେସନ୍ କମିଟି କର୍ମକର୍ତ୍ତା ଓ କର୍ମଚାରୀ ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଆୟୋଜିତ ସଭାରେ ସଭାପତି ଶଶୀଭୂଷଣ ଦାଶ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଶ୍ରୀ ଚିତ୍ତରଞ୍ଜନ ତରାସିଆ ରାଜ୍ୟ ସାଧାରଣ ସମ୍ପାଦକ ମଞ୍ଚରେ ମଞ୍ଚାସିନ ହୋଇଥିଲେ। ମୁଖ୍ୟ ବକ୍ତା ଭାବେ ନରେନ୍ଦ୍ର ନାଥ ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ଜୟପୁର ସିଟି କର୍ଡିନେସନ୍ କମିଟି ସମ୍ପାଦକ, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ମହାନ୍ତି ଓ ଯୁଧିଷ୍ଠିର ରାଉଳ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଚିତ୍ତରଞ୍ଜନ ତରାସିଆ ଜିଲ୍ଲା ସ୍ତରୀୟ କର୍ମଚାରୀ ମାନଙ୍କର ଦାବିଗୁଡ଼ିକୁ ନିଶ୍ଚିତ ଭାବରେ ପୁରଣ ହେବ ଏ ନେଇ ସେ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ।

## ସନ୍ଥ ନିରଙ୍କାରୀ ମିଶନ ପକ୍ଷରୁ ରକ୍ତଦାନ ଶିବିର

**ଆଳି, ୨୦।୪ (ସଂଚାର ବ୍ୟୁରୋ):** "ଆମେ ରକ୍ତର ଧାରା ବୁହାଇ ଦେବା ନାଳୀରେ ନୁହେଁ ମାନବର ନାଡୀରେ" ସନ୍ଥ ନିରଙ୍କାରୀ ମିଶନର ଏହି ବାଣୀକୁ କାର୍ଯ୍ୟକାରୀ କରି ପ୍ରତିବର୍ଷ ଏପ୍ରିଲ ୨୪ ତାରିଖକୁ ମାନବ ଏକତା ଦିବସ ଭାବେ ପାଳନ କରିବା ସହିତ ରକ୍ତଦାନ ଶିବିର ଆୟୋଜନ କରିଥାଏ । ଏହି ପରିପ୍ରେକ୍ଷୀରେ ଆଳି ଶାଖା ପକ୍ଷରୁ ସିଙ୍ଗିରି ସ୍ଥିତ କାମଦେବ ସାଧନା ପବ୍ଲିକ ସ୍କୁଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇ ଯାଇଛି ।



ଆଳି ସ୍ୱାସ୍ଥ୍ୟକେନ୍ଦ୍ର ର ବରିଷ୍ଠ ଡାକ୍ତର ଇନ୍ଦ୍ରଭାନୁ ପ୍ରଧାନ, ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ମଲ୍ଲିକ, ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ସମିତି ସଭ୍ୟ ପ୍ରତାପ କୁମାର ବାରିକ, ସାଧନା ପବ୍ଲିକ ସ୍କୁଲ ପରିଚାଳନା କମିଟି ସଦସ୍ୟ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଅନୁଷ୍ଠାନିକ ଭାବେ ଶିବିରକୁ ଉଦଘାଟନ କରିବା ପରେ ମିଶନ ଓ ସ୍ଥାନୀୟ ସ୍ୱେଚ୍ଛାକୃତ ରକ୍ତଦାତା ଉପସ୍ଥିତ ହୋଇ ରକ୍ତଦାନ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପ ସତ୍ୱେ ଆଗ୍ରହ ସହକାରେ ରକ୍ତଦାତା ମାନଙ୍କର ଭିଡ଼ ଲାଗି ରହିଥିଲା । ଶିବିର ଆରମ୍ଭରୁ ମିଶନର ଆଠଗଡ ଶାଖା ମୁଖୀ ତଥା ଜ୍ଞାନ ପ୍ରଚାରକ ସୁଦର୍ଶନ ପଣ୍ଡା, ପ୍ରାକ୍ତନ ସରପଞ୍ଚ ସୁମନ୍ତ ଦାସ, ଆମ ଓଡିଶା ରକ୍ତଦାନ ଶିବିର ସଂଯୋଜକ ଅଶୋକ ବାରିକ, ସମାଜସେବୀ ଭରତ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

ସଙ୍ଘର୍ଷର ଆଉ ଏକ ନାଁ ମନୋଜ

# ହାତରେ ଚାଲୁଛନ୍ତି ଜୀବନ ବାଟ

**ଅସ୍ତରଙ୍ଗ/କାକଟପୁର, ୨୦।୪ (ସଂଚାର ବ୍ୟୁରୋ):** ଜୀବନ ଯନ୍ତ୍ରଣା ଦେଇଛି। ଯନ୍ତ୍ରଣାକୁ ପାଦରେ ଆଡ଼େଇ ସେ ଲମ୍ବାପଥ ଚାଲୁଛନ୍ତି। ଦୁଃଖର ଶିକୁଳିରୁ ମୁକୁଳି ଚେନାଏ ହସ ଫୁଟାଇବାକୁ ପ୍ରୟାସ କରିଛନ୍ତି। ସଂଘର୍ଷ ପିଛା ଛାଡୁନି, କିନ୍ତୁ ସେ ହାର୍ ମାନି ନାହାନ୍ତି। ନିଜ ହାତରେ ଲେଖୁଛନ୍ତି ନିଜର ଭାଗ୍ୟ। ଯନ୍ତ୍ରଣାକୁ ପୁଞ୍ଜି କରି ଜୀବନ ଯୁଦ୍ଧରେ ଜଣେ ଯୋଦ୍ଧା ଭାବେ ନିଜକୁ ଗଢ଼ି ଚାଲିଛନ୍ତି ଦିବ୍ୟାଙ୍ଗ ମନୋଜ।



ପୁରୀ ଜିଲ୍ଲା କାକଟପୁର ମୁଖ୍ୟ ବଜାର ବସଷ୍ଟାଣ୍ଡ ରେ ଭିକ୍ଷାବୃତ୍ତି କରୁଥିବା ମନୋଜ ବେହେରା (୪୦) ଜନ୍ମରୁ ଦିବ୍ୟାଙ୍ଗ। ଦୁଇ ଗୋଡ଼ ଅଚଳ ହୋଇଥିବାରୁ ପାଦ ବଦଳରେ ହାତ ସାହାଯ୍ୟରେ ଚାଲିବାକୁ ଚେଷ୍ଟା କରି ସଫଳ ହୋଇଛନ୍ତି। ମନୋଜ ବେହେରା ମିର୍ଜାପୁର ଅଞ୍ଚଳ ବାସିନ୍ଦା ହୋଇଥିବା ବେଳେ ପୁରୀରେ ଦୀର୍ଘ ବର୍ଷହେବ ବସବାସ କରନ୍ତି। ଦିବ୍ୟାଙ୍ଗ ହୋଇଥିବାରୁ ଭିକ୍ଷାବୃତ୍ତି କରି ପରିବାରରେ ଥିବା ପତ୍ନୀ ଓ ଦୁଇ ପିଲାଙ୍କୁ ଆହାର ମୁଠେ ଖାଇବାକୁ ଦେବା ସହ ପରିବାର ଚଳାଇଥାନ୍ତି। କିନ୍ତୁ ପ୍ରତ୍ୟେକ ସପ୍ତାହର ୩ ଦିନ ପୁରୀରୁ କାକଟପୁର ବାସିନୀ ମା ମଙ୍ଗଳାଙ୍କ ମନ୍ଦିର ସାମ୍ନାକୁ ଆସିଥାନ୍ତି ଭିକ୍ଷାବୃତ୍ତି କରିବାକୁ।

ରବିବାର ଦିନ ମନୋଜ କାକଟପୁର ବାସିନୀ ମା ମଙ୍ଗଳାଙ୍କୁ ଦର୍ଶନ କରିବାକୁ ପୁରୀରୁ ବସ ଯୋଗେ ଆସିବା ପରେ ଦୁଇ ହାତକୁ ସାହାରା କରି ଯାଇଥିଲେ ମା ମଙ୍ଗଳାଙ୍କ ପାଖକୁ। ବାଟରେ ଯାହାକୁ ଦେଖୁଥିଲେ କିଛି କ୍ଷଣ ରହି କହୁଥିଲେ କିଛି ସାହାଯ୍ୟ ମିଳୁ ଆଜ୍ଞା, ଆପଣଙ୍କ ସାହାଯ୍ୟ ମୋ ପରିବାର ପେଟରେ ଆହାର ମୁଠେ ଦେବ। ଦୀର୍ଘ ସମୟ କାକଟପୁର ବଜାରରେ ଭିକ୍ଷାବୃତ୍ତି କରି ପୁନର୍ବାର ପୁରୀ ଫେରିଯାଇଥିଲେ।

ନିଜର ଶାରୀରିକ ଅକ୍ଷମତାକୁ ଭ୍ରୂକ୍ଷେପ ନକରି ପରିବାର ପ୍ରତିପୋଷଣ ସହ ବଞ୍ଚିବା ପାଇଁ ମନୋଜ ଙ୍କ ସଙ୍ଘର୍ଷ କରୁଛନ୍ତି। ଶେଷରେ କେବଳ ଏତିକି କୁହାଯାଇପାରେ, ଇଚ୍ଛାଶକ୍ତି ଓ କଠିନ ଅଧବସାୟ ବଳରେ ଯେ କୌଣସି ଅସମ୍ଭବ କାମ ବି ସମ୍ଭବ ହୋଇପାରେ।



## ଶ୍ରୀ ସୋମନାଥ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ନାଟକ ମଞ୍ଚସ୍ଥ

**ନିଶ୍ଚିନ୍ତକୋଇଲି, ୨୦।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତ ବରପଡାସ୍ଥ ଶ୍ରୀ ଶ୍ରୀ ସୋମନାଥ ମହାଦେବଙ୍କ ପୀଠରେ ଶ୍ରୀ ସୋମନାଥ ସାଂସ୍କୃତିକ ପରିଷଦର ୫୩ତମ ବାର୍ଷିକ ଉତ୍ସବ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନିଗମ ପ୍ରସାଦ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାତ୍ରା ଜଗତର ବିଶିଷ୍ଟ ଅଭିନେତା କେଦାର ନାୟକ ଯୋଗଦେଇ ଯାତ୍ରା ନାଟକ ମଞ୍ଚସ୍ଥ ଦ୍ୱାରା ଜନସାଧାରଣଙ୍କ ମନୋରଞ୍ଜନ ହେବା ସହ ସମାଜକୁ ଶିକ୍ଷା ଓ କୁସଂସ୍କାର ଦୂର ହୁଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ସରପଞ୍ଚ ରମାକାନ୍ତ ମହାନ୍ତି ଯୋଗଦେଇ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ଜ୍ଞାନରଞ୍ଜନ ଦାସ, ମୁଖ୍ୟ ଉପଦେଷ୍ଟା ଚନ୍ଦ୍ରଶେଖର ପଣ୍ଡା, ପୂର୍ବତନ ସମ୍ପାଦକ ରାମକୃଷ୍ଣ ମିଶ୍ର, ସମ୍ପାଦକ ଦୀପକ କୁମାର ପଣ୍ଡା,ସଭ୍ୟ କୈଳାଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର ୩ଜଣ ତନ୍ତ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଗ୍ରାମର କଳାକାରଙ୍କ ଦ୍ୱାରା ଏବଂ କଳ୍ପତରୁ ସେଠୀଙ୍କ ନିର୍ଦ୍ଦେଶନାରେ 'ହାଃ କୃଷ୍ଣ ବୋଲି ଯାଉ ଯିବ' ଓ 'କହିବାକୁ ଲାଜ ଶୁଣିଲେ ପାପ' ନାଟକ ମଞ୍ଚସ୍ଥ ହୋଇଥିଲା।

# ସିଟି salad

## ବାବୁଙ୍କ ସହିତ ଦୁର୍ଲଭ ସଂଯୋଗ

ନିକଟରେ ରାଜ୍ୟ ସରକାର ଜଣେ ଅବସରପ୍ରାପ୍ତ ବାବୁଙ୍କୁ ନିଯୁକ୍ତି ଦେଇଛନ୍ତି। ତେବେ ବାବୁଙ୍କ ନେଇ ରୋଚକ ଆଲୋଚନା ଚାଲିଛି। ତାଙ୍କ ଚାକିରି ସହିତ କିଛି ଦୁର୍ଲଭ ସଂଯୋଗ ରହିଛି। ବାବୁ ଚାକିରିରେ ଥିବାବେଳେ କୋଇଲା ସ୍କାମ୍‌ରେ ଜଡିତ ଥିଲେ। ନିଲମ୍ବିତ ବି ହୋଇଥିଲେ। ତେବେ ଦୁର୍ଲଭ ସଂଯୋଗଟି ହେଉଛି ସେତେବେଳେ ବାବୁଙ୍କ ବିରୁଦ୍ଧରେ ଯେଉଁ କାର୍ଯ୍ୟକାରୀ ସଭାପତି ଦୁର୍ନୀତି ଅଭିଯୋଗ ଆଣି ରାସ୍ତାଘାଟ କମ୍ପାଉଥିଲେ ସିଏ ଏବେ ଦଳର ସଭାପତି। ସେହିଭଳି ବିରୋଧିଦଳର ଯେଉଁ ନେତା ସେତେବେଳ ବାବୁଙ୍କ ନାଁରେ ସିବିଆଇ ତଦନ୍ତପାଇଁ ଦାବି କରୁଥିଲେ ସିଏ ଏବେ କେନ୍ଦ୍ର ମନ୍ତ୍ରୀ। ଏଥି ସହିତ ବାବୁଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଥିବା ଦଳ ଏବେ ଶାସନ କ୍ଷମତାରେ। ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କ କହିବାକଥା କ୍ୱଚିତ୍ ସରକାରୀ ବାବୁଙ୍କ ଭାଗ୍ୟରେ ଏଭଳି ଦୁର୍ଲଭ ସଂଯୋଗ ଦେଖିବାକୁ ମିଳିଥାଏ। କାରଣ ଏଭଳି ଦୁର୍ଲଭ ଯୋଗ ସତ୍ୱେ ବାବୁ ସରକାରଙ୍କର ପ୍ରିୟପାତ୍ର। ତେବେ ଆଉ ଜଣେ ଜ୍ୟୋତିଷବିଦ୍ୟା ସମ୍ପର୍କରେ ସମ୍ୟକ ଜ୍ଞାନ ରଖିଥିବା ବାବୁଙ୍କ କହିବା କଥା ଯେ ନିକଟରେ ଶନି ଚଳନ ଯୋଗୁଁ ବାବୁଙ୍କ ଯୋଗ ଭଲ ପଡିଛି। କୋଇଲା ଓ ଶନିଙ୍କ ମଧରେ ସାମଞ୍ଜସ୍ୟ ଥିବାରୁ ବାବୁଙ୍କର ସବୁ ରିଷ୍ଟ ଖଣ୍ଡନ ହୋଇଯାଇଛି। ଆଗକୁ ବାବୁଙ୍କୁ ଆଉ କେଉଁ କେଉଁ ପୁରସ୍କାର ମିଳୁଛି ତାହା ଖାଲି ଦେଖିବାକଥା।



## ବିନା ବେତନ ଚାକିରି ପାଇଁ ରାଜି

ସରକାରୀ ଚାକିରିରୁ ଅବସର ନେଇଥିବା ଜଣେ ବାବୁ ଏବେ ବିନା ପଇସାରେ ମାନେ ବିନା ମାସିକ ପାଉଣାରେ ଖଟୁଛନ୍ତି। ଏ ଦପ୍ତରରୁ ସେ ଦପ୍ତରକୁ ଦଉଡୁଛନ୍ତି। ସରକାରୀ ବୈଠକରେ ଯୋଗ ଦେଉଛନ୍ତି। ତେବେ ବାବୁଙ୍କର ଏଭଳି କାରନାମା ସଂକ୍ରାନ୍ତରେ ବିଏମସି ଦପ୍ତରରେ ଏବେ ଜୋରଦାର ଆଲୋଚନା। ବିଏମ୍‌ସିର ଜଣେ ବାବୁଙ୍କ କହିବାକଥା ଯେ ବିଏମ୍‌ସିରେ ହାକିମାତି କରୁଥିବା ଏହି ବାବୁ ଜଣଙ୍କ ଅଳ୍ପଦିନ ତଳେ ଅବସର ଗ୍ରହଣ କରିଛନ୍ତି। ତେବେ ଅବସର ପରେ ବିଭାଗରେ ଆସ୍ଥାନ ଜମାଇବାପାଇଁ ବହୁ ଉଦ୍ୟମ କରି ବିଫଳ ହେବାପରେ ଏବେ ବିନା ଦରମାରେ ଖଟିବାକୁ ରାଜି। ସରକାରୀ ଗାଡି ଖଣ୍ଡେ ଧରି ସଚିବାଳୟ ଠାରୁ ଆରମ୍ଭ କରି ବିଏମ୍‌ସି ଦପ୍ତର ପର୍ଯ୍ୟନ୍ତ ଚକ୍କର କାଟୁଛନ୍ତି। ବେଳେବେଳେ ସରକାରୀ ସମୀକ୍ଷା ବୈଠକରେ ବି ଯୋଗ ଦେଉଛନ୍ତି। ବିଏମ୍‌ସି ଦପ୍ତରରେ ତଳିଆ କର୍ମଚାରୀମାନଙ୍କୁ ନାଲିଆଖି ଦେଖାଇବାକୁ ପଛାଉ ନାହାନ୍ତି। ନିର୍ଯ୍ୟାତନାର ଶିକାର କିଛି କର୍ମଚାରୀ ବାବୁଙ୍କ ସଂକ୍ରାନ୍ତରେ ଖୋଳତାଡ କରିବାରୁ ଜାଣିବାକୁ ପାଇଛନ୍ତି ଯେ ବିନା ପାଉଣାରେ ଖଟୁଥିବା ଏହି ବାବୁଙ୍କର ଖାତା ଖତିଆନା ନାହିଁ। ଆଗକୁ କିଛି ବି ହେବାର ନାହିଁ। ତେବେ ବାବୁ ଜଣଙ୍କ ମୁଣ୍ଡରେ କାହାର ହାତ ରହିଛି ତାହାର ଏବେ ପତ୍ତା ଲଗାଇବାରେ କିଛି କର୍ମଚାରୀ ବ୍ୟସ୍ତ। ସେତକ ସୂଚନା ପାଇଲା ପରେ ବିଏମସିର ଏହି କରିତ୍‌କର୍ମୀମାନେ ବାବୁଙ୍କୁ ପାନେ ଦେବେ ବୋଲି ଆଲୋଚନା ଜୋର ଧରିଛି।




## ପ୍ଲେଟ ଧରି ନେତା ଛୁ...



ନେତାମାନେ ପ୍ଲେଟ ଧରି ଛୁ ମାରିଲେ। ପ୍ଲେଟ ଦାୟିତ୍ୱରେ ଥିବା ସରକାରୀ ବାବୁ ସେମାନଙ୍କୁ ଅଟକାଇବାକୁ ବି ସାହସ କଲେନି। ଶେଷରେ ନିଜ ଦରମା ପଇସାରୁ ପ୍ଲେଟ୍ ବିଲ୍ ପଇଠ କରିଛନ୍ତି। ଏଭଳି ଘଟଣା ଘଟିଛି ଖୋଦ୍ ଜଗନ୍ନାଥ ଧାମ ପୁରୀରେ। ନିକଟରେ ସେଠାରେ ତାଲିମ ନେବାକୁ କିଛି ନେତା ଯାଇଥିଲେ। ସେମାନଙ୍କ ପାଇଁ ସ୍ପେଶାଲ ସର୍କିଟ୍ ହାଉସରେ ଖାଦ୍ୟ ପେୟ ବ୍ୟବସ୍ଥା ହୋଇଥିଲା। ଦାୟିତ୍ୱରେ ଜଣେ ସରକାରୀ ବାବୁ ଥିଲେ। ନେତାମାନେ ତାଲିମ ନେଇସାରି ଆସି ପହଞ୍ଚିଲା ମାତ୍ରେ ସେମାନଙ୍କ ପାଇଁ ଖାଇବା ବ୍ୟବସ୍ଥା ହେଲା। ଯେହେତୁ ବଡ ନେତା ତେଣୁ ଦାମୀ ଶଙ୍ଖ ପ୍ଲେଟରେ ଖାଦ୍ୟ ପରସାଗଲା। ପ୍ଲେଟରେ ଖାଦ୍ୟ ବଢାଯିବାପରେ ନେତାମାନେ ହାତରେ ଧରିଲେ। ଏତିକିବେଳେ ଜଣେ ନେତା କହିଲେ, ଡେରି ହୋଇଗଲାଣି, ଗାଡିରେ ଖାଇଦେବା। ଏତକ ଶୁଣିଲାମାତ୍ରେ ଅନ୍ୟମାନେ ହାତରେ ପ୍ଲେଟ ଭର୍ତ୍ତି ଖାଦ୍ୟ ଧରି ଗାଡି ଭିତକୁ ଖପା ଖପ୍ ଡିଆଁ ମାରିଲେ। କହିଲେ ଆମେ ଗାଡିରେ ଖାଇଦେବୁ। ହେଲେ ପ୍ଲେଟକୁ କ'ଣ କରିବେ କହିଲେ ନାହିଁ। ବିଚରା ଦାୟିତ୍ୱରେ ଥିବା ସରକାରୀ ବାବୁ ଜଣଙ୍କ ଆଁ କରି ଅନାଇଥାନ୍ତି। ନେତାଏ ଯିବାପରେ ପ୍ଲେଟ ପଇସା ନିଜ ପକେଟରୁ ପଇଠ କରିବାକୁ ପଡିଲା। ହାତରୁ ତଣ୍ଡ ଗଣୁଥିବା ସରକାରୀ ବାବୁ ଜଣଙ୍କ ଖାଲି ଭାବୁଥାନ୍ତି, ଯାହା ହେଉ ନେତାମାନେ ତାଲିମକୁ ସାଂଗେ ସାଂଗେ କାମରେ ଲଗାଇଦେଲେ।

## ଚେଜିଂ ରୁମ୍ ଚିନ୍ତାରେ ବାବୁ




ରାଜ୍ୟ ସାରା ଏବେ ସଭା ସମିତି ନିୟମିତ ଭାବେ ଚାଲିଛି। ଟେଣ୍ଡ ବନ୍ଧା, ଫୁଲ ସଜା, ଚେୟାର ପକାଇବା ସହିତ ଖାଇବା ପିଇବା ପାଇଁ ବାବୁ-ନେତା ଏକାକାର ହୋଇଛନ୍ତି। ଆୟୋଜକମାନେ ବି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ହେଲେ ଅସ୍ଥାୟୀ ସ୍ଥାନରେ ସଭା ପାଇଁ ଏବେ ଆୟୋଜକ ବିଶେଷକରି ସ୍ଥାନୀୟ ବାବୁମାନଙ୍କୁ ଚେଜିଂ ରୁମ୍ ଅଡୁଆ ହୋଇଛି। ଜଣେ ମନ୍ତ୍ରୀ କହୁଛନ୍ତି ମୁଁ ଯେଉଁ ସଭାକୁ ଯିବେ ତାହା ନିକଟରେ ଚେଜିଂ ରୁମ୍ ରହିବା ନିହାତି ଦରକାର। ସେଠାରେ ଟିକେ ଫ୍ରେସ ହୋଇ ଡ୍ରେସ ଚେଞ୍ଜ କଲାପରେ ମୁଁ ମଞ୍ଚ ଉପରକୁ ଉଠିବି। ଏହି ମନ୍ତ୍ରୀ ଜଣଙ୍କ ଯୁଆଡେ ଯାଉଛନ୍ତି ତାଙ୍କ ବରାଦ ଆଗରୁ ପହଞ୍ଚି ଯାଉଛି। ତେବେ ଯେଉଁମାନେ ତାଙ୍କ କାରବାର ଜାଣିଛନ୍ତି ସେମାନେ ଆଗତୁରା ଚେଜିଂ ରୁମ୍‌ର ବ୍ୟବସ୍ଥା କରିଦେଉଛନ୍ତି। ଆଉ ଯେଉଁମାନେ ଜାଣି ନାହାନ୍ତି ସେମାନେ ଗାଳି ଶୁଣୁଛନ୍ତି। ତେବେ ଯେଉଁଠାରେ ମନ୍ତ୍ରୀଙ୍କ ପାଇଁ ଚେଜିଂ ରୁମ୍ ହେଉଛି ସେଠକୁ ମନ୍ତ୍ରୀ ଯିବା ପୂର୍ବରୁ ତାଙ୍କ ଲୁଗାପଟା ଧରି ଜଣେ ଭୃତ୍ୟ ଆଗୁଆ ପହଞ୍ଚି ଯାଉଛି। ତେବେ ବିଜେଡି ସରକାର ସମୟରେ ମାନ୍ୟବରଙ୍କ ପାଇଁ ଏଭଳି ଚେଜିଂ ରୁମ୍ ହେଉଥିବାବେଳେ ଏବେ ସେହି ଷ୍ଟାଇଲରେ ମଞ୍ଚ ନିକଟରେ ରୁମ୍ ତିଆରି ହେଉଛି। ହେଲେ ମନ୍ତ୍ରୀଙ୍କର ଏଭଳି ଆଚରଣ ଏବେ ବହୁ ଲୋକଙ୍କୁ ଖୋରାଜ ଯୋଗାଇଥିଲେ ମଧ ମନ୍ତ୍ରୀଙ୍କର କିନ୍ତୁ କାହାରି ଆଲୋଚନାକୁ ସେଭଳି ଖାତିର ନାହିଁ।

## ସ୍କୁଲ ପାଇଁ ଅଛି..ବିଶ୍ୱବିଦ୍ୟାଳୟ ପାଇଁ ନାହିଁ

ସ୍କୁଲ ଉଠାଇବାପାଇଁ ଚଟାପଟ୍ ଜମି ମିଳିଯାଉଛି। ହେଲେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ପାଇଁ ଦଶ ବର୍ଷ ହେଲା ଜାଗା ଖୋଜା ଚାଲିଛି। ଏଭଳି ଘଟଣା ଆଉ କେଉଁଠି ନୁହେଁ, ଖୋଦ ରାଜଧାନୀରେ। ରାଜଧାନୀରେ ଥିବା ସୈନିକ ସ୍କୁଲ ସ୍ଥାନାନ୍ତରଣ ପାଇଁ ରାଜ୍ୟ ସରକାର ତୁରନ୍ତ ରାଜଧାନୀ ଉପକଣ୍ଠରେ ୧୫୦ ଏକର ଜମି ଯୋଗାଇ ଦେବାକୁ ରେଡି ହୋଇଯାଇଛନ୍ତି। ଏ ନେଇ ଏବେ ଚର୍ଚ୍ଚା ଜୋର ଧରିଥିବାବେଳେ ବିବାଦ ବି ମୁଣ୍ଡ ଟେକିଛି। ବାଦ ବିବାଦ ଭିତରେ ସ୍କୁଲର ଭାଗ୍ୟ ଝୁଲୁଛି। ହେଲେ ଏହାରି ଭିତରେ ରୋଚକ ଖବରଟିଏ ଆସିଛି। ମା' ରମାଦେବୀଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟ ପାଇଁ ରାଜଧାନୀ ଆଖପାଖରେ ଜମି ଖଣ୍ଡିଏ ମିଳିପାରୁ ନାହିଁ। ଫଳରେ ପିଲାଙ୍କ ପାଠପଢା ହେଉନାହିଁ। ରାଜଧାନୀରେ ଏବେ ଗୋଟିଏ ଆଲୋଚନା ଯେଉଁ ସରକାର ସ୍କୁଲ ପାଇଁ ରାତାରାତି ଜମି ଯୋଗାଇ ଦେଉଛନ୍ତି ସେହି ସରକାର ବିଶ୍ୱବିଦ୍ୟାଳୟ ପାଇଁ ଜମି କିଭଳି ପାଉ ନାହାନ୍ତି। ତେବେ ଏହା ପଛରେ ଯେଉଁ ଗନ୍ଧ ଉପଖ୍ୟାନ ରହିଛି ତାହା ବି ଅତ୍ୟନ୍ତ ରୋଚକ। ସୈନିକ ସ୍କୁଲ ନିକଟରେ ଥିବା ଗନ୍ଧରୁ ପିଲାଙ୍କୁ ଦୂରେଇ ନେବାପାଇଁ ସରକାର ତତ୍ପର ହୋଇ ଜମି ପାଇଯାଇଥିବାବେଳେ ରମାଦେବୀ ବିଶ୍ୱବିଦ୍ୟାଳୟ ପାଖରେ ଗନ୍ଧ ନଥିବାରୁ ସେଠା ପ୍ରତି ସରକାର ସେଭଳି ଗୁରୁତ୍ୱ ଦେଉ ନାହାନ୍ତି।




## ଜଗଜ୍ଜୀବନଙ୍କ ୟୁଟର୍ଣ୍ଣ ସବୁ ଭୁଲିଯାଆନ୍ତୁ ବାପି ବାବୁ

**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ଯାତ୍ରା ମାଲିକ-କଳାକାର କଳିରେ ନୂଆ ଟ୍ୱିଷ୍ଟ। ବିବାଦ ବଢିବା ଦେଖି ୟୁଟର୍ଣ୍ଣ ମାରିଲେ ରାଜଧାନୀ ଓ ପାର୍ବତୀ ଯାତ୍ରା ପାର୍ଟିର ପରିଚାଳକ ଜଗଜ୍ଜୀବନ ପଣ୍ଡା। ସେ କହିଛନ୍ତି ଯେ, ରାଗରୁଷାରେ ସବୁ ହେଉଛି। କଳାକାରଙ୍କ ପାଇଁ ମଧ୍ୟ ଆମେ ଚିନ୍ତିତ। ବାପି ବାବୁଙ୍କୁ ଅନୁରୋଧ, ଏବେ ପୁରୁଣା କଥା ଭୁଲିଯାଆନ୍ତୁ ଆଉ ପୁରୁଣା ସ୍ଥିତିକୁ ଫେରୁଆସନ୍ତୁ। ସମସ୍ତେ ମିଳିମିଶି ପୁଣି ଥରେ କାମ କରିବା। ସେପଟେ ଜଗତସିଂହପୁର ଜିଲ୍ଲା ଉତ୍ତର ଶାସନଠାରେ ପାର୍ବତୀ ଗଣନାଟ୍ୟର କଳାକାର ଓ କର୍ମଚାରୀ ଧର୍ମଘଟ କରିଛନ୍ତି। ଦୁଇମାସ ହେଲା ମାଲିକ ପାରିଶ୍ରମିକ ଦେଉ ନଥିବାରୁ ଏଥିରେ ୧୦ରୁ ଊର୍ଦ୍ଧ୍ୱ କଳାକାର ସାମିଲ୍ ହୋଇଛନ୍ତି। ତେବେ ଏ ସମ୍ପର୍କରେ ତାଙ୍କ ପାଖରେ କିଛି ଖବର ନଥିବା ଶ୍ରୀ ପଣ୍ଡା କହିଛନ୍ତି।

# କଳାଗ୍ରାମ ରଘୁରାଜପୁରରେ ରାଜ୍ୟପାଳ

**ପୁରୀ,୨୦।୪(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ପତ୍ନୀ ଜୟଶ୍ରୀ କମ୍ଭମପାଟି ଆଜି ଅପରାହ୍ଣରେ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ। ରାଜ୍ୟପାଳ ଦମ୍ପତି ରଘୁରାଜପୁରରେ ପହଞ୍ଚିବା ପରେ ଗୋଟିପୁଅ କଳାକାରମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ ଦମ୍ପତି ରଘୁରାଜପୁରର ପଟ୍ଟଚିତ୍ର ଓ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ଦେଖି ଅଭିଭୂତ ହୋଇଥିଲେ। ଏଥିସହ ସେମାନେ କଳା ଗୁରୁ ଓ ଶିଳ୍ପୀମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ସଦର ବିଡିଓ ସମ୍ବିତ ଶତପଥୀ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଉମାପତି ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗ୍ରାମ ସମ୍ପାଦକ ଅଭିରାମ ଦାସ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ, ଦଶଭୂଜା ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦର ସମ୍ପାଦକ ସେବେନ୍ଦ୍ର ଦାସ, ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର ଓ ଅନ୍ୟ ଶିଳ୍ପୀମାନେ ଉପସ୍ଥିତ ଥିଲେ।



● ବିବାହିତା ମହିଳାଙ୍କୁ ପ୍ରେମ-ପ୍ରତାରଣା

## ବନ୍ଧାହେଲେ କଲେଜ ଅଧ୍ୟକ୍ଷ



**କୁଚିଣ୍ଡା,୨୦।୪(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖି ଶେଷରେ ତାଙ୍କୁ ପ୍ରତାରଣା କରିବା ଅଭିଯୋଗରେ କୁଚିଣ୍ଡା ପୁଲିସ ଗତକାଲି ଜଣେ କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିଛି। ଏହି ଅଧ୍ୟକ୍ଷ ଜଣଙ୍କ ହେଲେ କୁଚିଣ୍ଡା ବ୍ଲକ କଲ୍ଲେହିପାଲି ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା (୫୮)। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ତାଙ୍କ ଘର ମହୁଲପାଲି ଥାନା ଅନ୍ତର୍ଗତ କୁର୍ମିମୁଣ୍ଡା ଗ୍ରାମରେ ବୋଲି ଜଣାପଡ଼ିଛି। ପୀଡ଼ିତା ମହିଳାଙ୍କ ଏତଲା କ୍ରମେ ପୁଲିସ କୁଚିଣ୍ଡା ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୯୬/୨୯୭/୩୫୧(୨)ରେ ୮୧/୨୫ ନମ୍ବରରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ମିଳିଥିବା ସୂଚନାନୁସାରେ, କଲ୍ଲେହିପାଲି ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଶ୍ରୀ ବେହେରା ତାଙ୍କ ଗ୍ରାମର ଜନୈକା ବିବାହିତା ମହିଳାଙ୍କ ସହ ଦୀର୍ଘ ବର୍ଷ ହେବ ପ୍ରେମ ସମ୍ପର୍କ ରଖିଆସିଥିଲେ। ଏପରିକି ତାଙ୍କୁ ପୁନଃ ବିବାହର ପ୍ରଲୋଭନ ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ଏନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଜାଣିବା ପରେ ତାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା ଓ ଶେଷରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଘରୁ ତଡ଼ିଦେଇଥିଲେ। ତେଣୁ ମହିଳା ଜଣଙ୍କ ଅନ୍ୟ କୌଣସି ଉପାୟ ନ ପାଇ ଶ୍ରୀ ବେହେରାଙ୍କୁ ବିବାହ କରିବା ସକାଶେ ଜିଦ୍ ଧରିଥିଲେ। କିନ୍ତୁ ବିବାହିତ ହୋଇଥିବାରୁ ତାଙ୍କୁ ବିବାହ କରିପାରିବେ ନାହିଁ ବୋଲି ଶ୍ରୀ ବେହେରା ସ୍ପଷ୍ଟ ଭାବେ ମନା କରିଦେଇଥିଲେ। ଏପରିକି ତାଙ୍କୁ ହତ୍ୟା ଧମକ ମଧ୍ୟ ଦିଆଯାଇଥିଲା।

ରାଜଧାନୀରେ ଯୁବକଙ୍କୁ ଗୁଳି ଘଟଣାରେ ଟ୍ୱିଷ୍ଟ

## ନିଜକୁ ଗୁଳି କରିଥିଲା ଦୀପ୍ତି



**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ପ୍ରେମରେ ବିଫଳ ହୋଇ ଯୁବକ ରଚିଥିଲେ ହାଇଡ୍ରାମା। ଏପରିକି ତାଙ୍କ ଚାଲାକୀ ପଣିଆରେ ପୁଲିସ୍ ଓ ପରିବାର ଲୋକେ ବି ଚକ୍କର ଖାଇଗଲେ। ସିନେମାର କାହାଣୀ ପରି ଥିଲା ଘଟଣା। ହେଲେ ପୁଲିସ ଏହାର ପର୍ଦ୍ଦାଫାସ୍ କରିଛି ଆଉ ଗୁଳିକାଣ୍ଡର ଶିକାର ହୋଇଥିବା ପୀଡ଼ିତ ବାସ୍ତବରେ ପୀଡ଼ିତ ନୁହେଁ, ଅଭିଯୁକ୍ତ ବୋଲି ସ୍ପଷ୍ଟ ହୋଇଛି।। ଘଟଣାର ବାସ୍ତବତା ଶୁଣିଲେ ନିଶ୍ଚିତ ଭାବେ ଆପଣ ମୁଣ୍ଡ ଘୂରାଇଦେବ। ନିକଟରେ ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଅଞ୍ଚଳରେ ଦୀପ୍ତି ମହାପାତ୍ର ନାମକ ଯୁବକକୁ ଗୁଳିମାଡ଼ ହୋଇଥିବା ନେଇ ଖବର ଆସିଥିଲା। କେହି ଦୁର୍ବୃତ୍ତ ତାକୁ ଗୁଳି କରି ଫେରାର ହୋଇଯାଇଥିବା ସୂଚନା ମିଳିଥିଲା। ଖବର ପାଇ ପୁଲିସ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଆହତ ଦୀପ୍ତିକୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଆଣିଥିଲା। ଏଥିସହ ପୁଲିସ୍ ଗୁଳିକାଣ୍ଡର ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଖୋଳତାଡ଼ ପରେ ଯାହା କିଛି ବାହାରକୁ ଆସିଥିଲା, ସେଥିରେ ସମସ୍ତ ଆଖି ଖୋସିହୋଇଯାଇଥିଲା। କାରଣ ଦୀପ୍ତିକୁ କେହି ଗୁଳି କରିନଥିଲେ, ବରଂ ସେ ଅନ୍ୟକୁ ଫସାଇବା ପାଇଁ ନିଜେ ନିଜକୁ ଗୁଳି କରିଥିଲା। ପୁଲିସଠାରୁ ମିଳିଥିବା ସୂଚନାନୁଯାୟୀ, ଗତ ୨୦୨୪ରେ ଏକ ଦୁଷ୍କର୍ମ ମାମଲାରେ ଜେଲ ଯାଇଥିବା ଦୀପ୍ତି ଜେଲରୁ ଫେରିବା ପରେ ଏପରି ଷଡ଼ଯନ୍ତ୍ର ଚିନ୍ତା କରିଥିଲା। ତାଙ୍କ ବିରୋଧରେ ଦୁଷ୍କର୍ମ ପୀଡ଼ିତାଙ୍କ ସ୍ୱାମୀଙ୍କୁ ଫସାଇବା ସକାଶେ ନିଜକୁ ଗୁଳି କରିବା ଭଳି ରିସ୍କ ନେବାକୁ ଦୀପ୍ତି ପଛାଇନଥିଲା।

ଷଡ଼ଯନ୍ତ୍ର ଅନୁସାରେ, ଦୀପ୍ତି ପୀଡ଼ିତାଙ୍କ ଘର ସାମନାରେ ଠିଆ ହୋଇ ନିଜ ହାତକୁ ଗୁଳି କରି ଦେଇଥିଲେ। ଏବେ ସେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୁଲିସ୍ ଖୋଳତାଡ଼ରେ ତାଙ୍କ ବିରୋଧରେ ପ୍ରମାଣ ପାଇଥିବାରୁ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରେ ଦୀପ୍ତିକୁ ଗିରଫ କରିବ। ସେହିପରି ଏହି ଗୁଳିକାଣ୍ଡରେ ବ୍ୟବହୃତ ହୋଇଥିବା ବନ୍ଧୁକ ପାଇଁ ପୁଲିସ୍ ଅମରେଶ ପ୍ରଧାନ ଓରଫ ବାଙ୍ଗୁରୁ ନାମକ ବ୍ୟକ୍ତିକୁ ଗିରଫ କରିଛି। ତେବେ ଅନ୍ୟ ଜଣଙ୍କୁ ଫସାଇବା ସକାଶେ ଓ ପ୍ରତିଶୋଧ ନେବା ପାଇଁ ଯେଭଳି ସିନେମା ଢଙ୍ଗରେ ଦୀପ୍ତି ଯୋଜନା କରିଥିଲେ, ତାହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। କିନ୍ତୁ ଅନ୍ୟକୁ ଫସାଇବାକୁ ନିଜେ ଫସିଥିବାରୁ ଏହା ଦୀପ୍ତି ପାଇଁ ଘାତକ ସାବ୍ୟସ୍ତ ହୋଇଛି।

## ଚୋରି ଶିଶୁକନ୍ୟା ଠାବ, ଦୁଇ କିନ୍ନର ଗିରଫ



**ଯାଜପୁର,୨୦।୪(ସଂଚାର ବ୍ୟୁରୋ):** କିନ୍ନର ବେଶରେ ଥିବା ଦୁଇ ଜଣ ପୁରୁଷଙ୍କୁ ଆଜି ଅସଲ କିନ୍ନରମାନେ ଧରିବା ସହ ସେମାନଙ୍କୁ ପୁଲିସ୍ ଜିମା ଦେଇଛନ୍ତି। ଏଥିସହ ମୁଖ୍ୟ ଅଭିଯୁକ୍ତଠାରୁ ଅପହୃତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାରୁ ଶିଶୁ କନ୍ୟାକୁ ଅପହରଣ କରିଥିଲା ଜନୈକ ଛଦ୍ମବେଶୀ କିନ୍ନର। ଯାଜପୁର ଜିଲ୍ଲାରୁ ଏହି କିନ୍ନର ଓ ତା'ର ଜଣେ ସହଯୋଗୀକୁ ଆଜି ଗିରଫ କରାଯାଇଛି। ୩ ଦିନ ତଳେ ଉକ୍ତ ୫ ବର୍ଷର ଶିଶୁକନ୍ୟାକୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳରୁ ତିନି ଦିନ ତଳେ ୫ ବର୍ଷର ଶିଶୁ କନ୍ୟାକୁ ଜଣେ ଛଦ୍ମବେଶୀ କିନ୍ନର ଚୋରି କରିନେବା ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଯାଜପୁର ରୋଡ କିନ୍ନର ସଂଘ ଶାନ୍ତି ସେନାର କର୍ମକର୍ତ୍ତାମାନେ ଉକ୍ତ କିନ୍ନରଙ୍କୁ ମାଡ଼ିବସିଥିଲେ। ଉକ୍ତ ୫ ବର୍ଷର ଶିଶୁକନ୍ୟାକୁ ଲିପୁ ନାୟକ ନାମକ ଛଦ୍ମବେଶୀ କିନ୍ନର ଅପହରଣ କରିନେଇ ଯାଜପୁର ରୋଡ ଅଞ୍ଚଳରେ ରଖିଥିଲା। ଶିଶୁ କନ୍ୟାର ମା' ଲିପୁକୁ ତାଙ୍କ ଛୁଆକୁ ଜଗିବାକୁ କହି କିଛି ସମୟ ପାଇଁ କୁଆଡ଼େ ଯାଇଥିଲେ। ଏହି ସମୟରେ ଲିପୁ ଉକ୍ତ ଶିଶୁଟିକୁ ଧରି ସେଠାରୁ ଫେରାର ହୋଇଯାଇଥିଲା। ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ୍ କରି ଠାକୁରମୁଣ୍ଡା ପୁଲିସ ତାକୁ ଧରିବାରେ ସକ୍ଷମ ହୋଇଛି। ଏହି ମାମଲାରେ ଲିପୁ ସହ ତା'ର ଜଣେ ସହଯୋଗୀକୁ ଯାଜପୁର ରୋଡ୍ ପୁଲିସ ଅଧିକ ପଚରାଉଚରା କରୁଥିବା ଜଣାପଡ଼ିଛି।ସେହିପରି ଅଲ ଓଡ଼ିଶା ଟ୍ରାନ୍ସଜେଣ୍ଡର ଆସୋସିଏସନ ସେକ୍ରେଟାରୀ କାଜଲ ନାୟକ ଏହି ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ତିନି ଦିନ ତଳେ ଠାକୁରମୁଣ୍ଡା ପୁଲିସ ଅପହରଣ ସମ୍ପର୍କରେ ସୂଚନା ଦେଇଥିଲେ। କିନ୍ତୁ ଅପହର୍ତ୍ତା ବାସ୍ତବରେ କିନ୍ନର ନ ଥିଲେ। ବରଂ ଉଭୟ ପୁରୁଷ ହୋଇଥିଲେ ହେଁ ଶାଢ଼ି ଚୁଡ଼ି ପିନ୍ଧି କିନ୍ନର ବେଶରେ ରହୁଥିଲେ। ତେବେ ଆଜି କାଚହୁଡ଼ି ସାହିରୁ ସେ ଓ ତାଙ୍କର କେତେକ ସହଯୋଗୀ ଲିପୁ ଓ ତା'ର ଜଣେ ସହଯୋଗୀକୁ ଧରିବା ସହ ଯାଜପୁର ରୋଡ ଥାନା ପୁଲିସକୁ ହସ୍ତାନ୍ତର କରିଥିବା କାଜଲ କହିଛନ୍ତି। ପୁଲିସ୍ ଖୋଳତାଡ଼ ସମୟରେ ଲିପୁ ଘର କେନ୍ଦୁଝରର ତେଲକୋଇରେ ବୋଲି ଜାଣିବାକୁ ପାଇଛି। ତେବେ ପଚରାଉଚରା ସମୟରେ ଲିପୁ ଉକ୍ତ ଶିଶୁକୁ ଚୋରି କରିନାହିଁ ବୋଲି କହିବା ସହ ଖୁବ୍‌ଶୀଘ୍ର ତାକୁ ମା'କୁ ଫେରାଇ ଦେଇଥାନ୍ତା ବୋଲି କହିଛି।

## ୭ ବର୍ଷୀୟା କନ୍ୟାକୁ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୦।୪(ସଂଚାର ବ୍ୟୁରୋ):** ଢେଙ୍କାନାଳ ହିନ୍ଦୋଳରେ ଚାଞ୍ଚଲ୍ୟ। ଜନୈକା ୭ ବର୍ଷୀୟା କନ୍ୟାଙ୍କୁ ଜଣେ ଦୁର୍ବୃତ୍ତ ଦୁଷ୍କର୍ମ କରିବା ସହ ତାକୁ ମୁମୂର୍ଷୁ ଅବସ୍ଥାରେ ତାଳପତ୍ର ଘୋଡ଼ାଇ ଫେରାର୍ ହୋଇଯାଇଥିଲା। ତେବେ ଏହି ଘଟଣାରେ ମୋଟଙ୍ଗା ଥାନା ବଦାଲୁ ଗାଁର ଶିବ ସାହୁ (୩୨)କୁ ଗିରଫ କରାଯାଇଛି। ସେ ତା' ମାମୁଘରକୁ ଆସିଥିବା ବେଳେ ନିଶାସକ୍ତ ଅବସ୍ଥାରେ ଏପରି କାଣ୍ଡ ଭିଆଇଥିବା ସ୍ୱୀକାର କରିଛି। ଉକ୍ତ ଶିଶୁକନ୍ୟାକୁ ଗୁରୁତର ଅବସ୍ଥାରେ ତାକୁ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ତାକୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଶିଶୁକନ୍ୟାଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବୋଲି ଘଟଣା ସହ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କର କୌଣସି ଟେର୍ ପାରିନଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ଅପରାହ୍ଣରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅଞ୍ଚଳର ଉକ୍ତ କୁନି ଝିଅଟି ଗାଁ ପାଖ ତାଳବଣକୁ ତାଳ ଗୋଟାଇବାକୁ ଯାଇଥିଲା। ତେବେ ସେଠାରେ ତାକୁ ଏକୁଟିଆ ପାଇ କେହି ଦୁର୍ବୃତ୍ତ ଜଙ୍ଗଲକୁ ଟେକିନେଇ ଦୁଷ୍କର୍ମ କରିବା ପରେ ଶୋଚନୀୟ ଅବସ୍ଥାରେ ତାଳପତ୍ର ଘୋଡାଇ ଦେଇ ସେଠାରୁ ପଳାଇଯାଇଥିଲା। ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ସେମାନେ ନ ପାଇବାରୁ ଏନେଇ ପଡ଼ୋଶୀଙ୍କୁ ଜଣାଇଥିଲେ। ସମସ୍ତେ ମିଳିମିଶି ଖୋଜିବା ପରେ ଉକ୍ତ ନାବାଳିକାକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଏନେଇ ଖବର ପାଇ ହିନ୍ଦୋଳ ପୁଲିସ ସନ୍ଧାନୀ କୁକୁର ମାଧ୍ୟମରେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିବା ସହ ସନ୍ଦେହରେ ଜଣେ ଯୁବକକୁ ଅଟକ ରଖି ପଚରାଉଚରା ଚଳାଇଥିଲା। ତେବେ ଏପରି ଏକ ଲଜ୍ଜାଜନକ ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି।

## ଦୁଇ ନାବାଳକଙ୍କୁ ସିଗାରେଟ୍ ଚେଙ୍କ ସହ ପରିସ୍ରା ପିଆଇଲେ

**ବଳଙ୍ଗା,୨୦।୪(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ବଳଙ୍ଗା ଥାନା କୋଟକୋସାଙ୍ଗରେ ଏକ ଅମାନବୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଦୁଇ ଜଣ ନାବାଳକଙ୍କୁ କେତେକ ଦୁର୍ବୃତ୍ତ ଛାତିଥରା ନିର୍ଯାତନା ଦେଇଛନ୍ତି। ଦୁର୍ବୃତ୍ତମାନେ ସେମାନଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ସହ ସିଗାରେଟ ଚେଙ୍କ ଦେଇଛନ୍ତି। ଏତିକିରେ ବି ମନ ସେମାନଙ୍କ ମନ ଶାନ୍ତି ହୋଇନଥିଲା। ତେଣୁ ସେମାନେ ଉଭୟ ନାବାଳକଙ୍କୁ ପରିସ୍ରା ପିଆଇବା ଭଳି ଅମାନବୀୟ କାର୍ଯ୍ୟ ମଧ୍ୟ କରିଥିବା ଅଭିଯୋଗ ହୋଇଛି। କୋଟକୋସାଙ୍ଗ ଓ ପ୍ରଧାନସାହି ମଧ୍ୟରେ ବିବାଦକୁ ନେଇ ଏପରି ବର୍ବର କାଣ୍ଡ ଘଟିଥିବା ବେଳେ ଦୁଇଟି ନିରୀହ ନାବାଳକଙ୍କୁ ସେମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଛି। ବିଦ୍ୟୁତ୍ ଖୁଣ୍ଟରେ ଦୁର୍ବୃତ୍ତମାନେ ସେମାନଙ୍କୁ ବାନ୍ଧିବା ପରେ ନାବାଳକ ଦ୍ୱୟ ଯେତେ କାକୁତି ମିନତି ହୋଇଥିଲେ ମଧ୍ୟ ସେଥିପ୍ରତି କେହି ବି କର୍ଣ୍ଣପାତ କରିନଥିଲେ। ଏନେଇ ସୂଚନା ପାଇ ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ନାବାଳକଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ଏନେଇ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଏହାକୁନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶିଶୁପୁତ୍ରକୁ ଉଦ୍ଧାର କରିବାକୁ ଯାଇ ପୁଲିସ୍ ହଟହଟା

# ୩ ପୁଲିସ କର୍ମଚାରୀ ଆହତ

**ସୋର,୨୦।୪(ସଂଚାର ବ୍ୟୁରୋ):** ଶିଶୁପୁତ୍ରକୁ ଉଦ୍ଧାର କରିବାକୁ ଯାଇ ହଟହଟା ପୁଲିସ। ଅଭିଯୁକ୍ତ ଆକ୍ରମଣରେ ୩ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ବାଲେଶ୍ୱର ସୋର ଥାନା ରେଓ୍ୱାଦା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଆହତଙ୍କ ମଧ୍ୟରେ ଜଣେ ପୁଲିସ ଅଧିକାରୀ ମଧ୍ୟ ରହିଥିବା ଜଣାପଡ଼ିଛି। ବାଲେଶ୍ୱର ସୋର ଥାନା ରେଓ୍ୱାଦା ଗାଁରେ ରହୁଥିବା ସଂଯୁକ୍ତା କରଙ୍କୁ ମାଡ଼ ମାରି ତାଙ୍କ ସ୍ୱାମୀ ସମରେନ୍ଦ୍ର ପାଣିଗ୍ରାହୀ ନିଜର ୪ ବର୍ଷର ଶିଶୁକୁ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏସଆଇ ଆଶିଷ ବିଶ୍ୱାଳ କନଷ୍ଟେବଳ ରାଜଲକ୍ଷ୍ମୀ ଓ ଅଭିଯୋଗକାରୀ ସଂଯୁକ୍ତାଙ୍କୁ ନେଇ ଶିଶୁପୁତ୍ର ଉଦ୍ଧାର କରିବାକୁ ଯାଇଥିଲେ। ସମରେନ୍ଦ୍ରଙ୍କ ଘରେ ପହଞ୍ଚି ଶିଶୁପୁତ୍ରକୁ ମାଗିବାରୁ ସମରେନ୍ଦ୍ର ପୁଲିସ ଉପରକୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ କରିଛନ୍ତି ସଂଯୁକ୍ତା। ଏଥିସହ ପୁଲିସ ଗାଡ଼ି ଉପରକୁ ଆକ୍ରମଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଯାହାପରେ ପୁଲିସ ଅଧିକ ଫୋର୍ସ ନେଇ ଅଭିଯୁକ୍ତକୁ କାବୁ କରି ଶିଶୁକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ପୁଲିସ ଅଭିଯୁକ୍ତ ମଧ୍ୟରେ ଅନେକ ସମୟ ଧରି ଚାଲିଥିଲା ମାରପିଟ। ପୁଲିସ ଗାଡ଼ି ଆଗରେ ସମରେନ୍ଦ୍ର ବସି କାନ୍ଦୁଥିବା ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ହୋଇଛି। ତେବେ ନିଜ ମା'ଠାରୁ କାହିଁକି ଶିଶୁପୁତ୍ରକୁ ନେଇଯାଇଥିଲା ଜଣେ ବାପା। କ'ଣ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣ ଯୋଗୁଁ ମନାନ୍ତର ହୋଇଥିଲା କି? ଯେଉଁଥିପାଇଁ ଏଭଳି ଉଦ୍ୟମ କରିଥିଲା ସ୍ୱାମୀ? ଏଭଳି ଭୟଙ୍କର ପରିସ୍ଥିତି କାହିଁକି ଉପୁଜିଥିଲା, ତା'ର କାରଣ ଅଦ୍ୟାବଧି ଜଣାପଡ଼ିନାହିଁ। ତେବେ ଏହି ଘଟଣାରେ କିଏ ସତ କିଏ ମିଛ ତାହା ତଦନ୍ତ ପରେ ହିଁ ଜଣାପଡ଼ିବ।




Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଅଧିକ ଭାରତୀୟ ସାମଗ୍ରୀ ଆମଦାନି କରିବ ଚୀନ୍



## ବାଣିଜ୍ୟ ଯୁଦ୍ଧ ପରେ ଦ୍ୱିପାକ୍ଷିକ ସମ୍ପର୍କରେ ନୂଆ ମୋଡ଼

**ନୂଆଦିଲ୍ଲୀ, ୨୦।୪:** ଅଧିକ ଭାରତୀୟ ସାମଗ୍ରୀ ଆମଦାନି କରିବାକୁ ଚୀନ୍ ପ୍ରସ୍ତୁତ। ବିଶ୍ୱ ବାଣିଜ୍ୟ ଯୁଦ୍ଧ ବଢ଼ିବା ସହ ଭାରତ ଏବଂ ଚୀନ୍ ମଧ୍ୟରେ ସମ୍ପର୍କ ଏକ ନୂଆ ମୋଡ଼ ନେବାକୁ ଯାଉଛି। ବର୍ଦ୍ଧିତ ବାଣିଜ୍ୟିକ ଅସନ୍ତୁଳନ ସତ୍ତ୍ୱେ ଚୀନ୍ ସହିତ ଭାରତର ବାଣିଜ୍ୟିକ ନିଅଣ୍ଟ ୯୯୨୦ କୋଟି ଡଲାର ରହିଛି। ବର୍ତ୍ତମାନ ବେଜିଂ ଭାରତ ସହ ଅର୍ଥନୈତିକ ସହଯୋଗିତା ବଢ଼ାଇବାକୁ ଚାହୁଁଛି। ଗଣମାଧ୍ୟମକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ଚୀନ୍ ରାଷ୍ଟ୍ରଦୂତ ସୁ ଫେଇହୋଙ୍ଗ୍ କହିଛନ୍ତି ଯେ, ଅଧିକ ପ୍ରିମିୟମ ଭାରତୀୟ ସାମଗ୍ରୀକୁ ସ୍ୱାଗତ କରିବାକୁ ଚୀନ୍ ପ୍ରସ୍ତୁତ। ଚୀନ୍‌ର ବିଶାଳ ଉପଭୋକ୍ତା ବଜାରରେ ଥିବା ସମ୍ଭାବନାର ଲାଭ ଉଠାଇବା ପାଇଁ ଆମେ ଭାରତୀୟ ବ୍ୟବସାୟଗୁଡ଼ିକୁ ସହଯୋଗ କରିବୁ। ଏହା ଭାରତୀୟ ଗଣମାଧ୍ୟମକୁ ସୁଙ୍କ ପ୍ରଥମ ସାକ୍ଷାତ୍‌କାର। ତାଙ୍କ ବୟାନରୁ ଭାରତ ଏବଂ ଚୀନ୍ ମଧ୍ୟରେ ଅର୍ଥନୈତିକ ସମୀକରଣ ବଦଳିବାର ସଂକେତ ମିଳୁଛି। ଚୀନ୍‌ର ବିଶାଳ ବଜାର ଭାରତୀୟ ରପ୍ତାନିକାରୀଙ୍କ ପାଇଁ ବାଣିଜ୍ୟିକ ସମ୍ଭାବନା ସୃଷ୍ଟି କରୁଥିବାବେଳେ ଚୀନ୍ ମଧ୍ୟ ଏହାର ଉଦ୍ୟୋଗଗୁଡ଼ିକ ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଭାରତକୁ ଅନୁରୋଧ କରିଛି। ଦୃଢ଼ ସହଯୋଗିତା ପାଇଁ ସୁ ସ୍ୱଚ୍ଛ, ଯୁକ୍ତିଯୁକ୍ତ ଏବଂ ପକ୍ଷପାତମୁକ୍ତ ବ୍ୟବହାର ପୋଷଣ କରିବା ପାଇଁ ଭାରତକୁ ଆହ୍ୱାନ ଦେଇଛନ୍ତି।



## ଆଜିର ସୁନା ଦର

ସୁନା ବଜାରରେ ନିଆଁ। ଦିନକୁ ଦିନ ନୂଆ ରେକର୍ଡ କରୁଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୪, ୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୬ହଜାର ୯୩୮ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭ ହଜାର ୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୬୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୮୦ ଓ ୮୯ ,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

### ଜିଓର ଜବରଦସ୍ତ ପ୍ଲାନ୍

## ୨୦୨୫ ଟଙ୍କାରେ ମିଳୁଛି ୫୦୦ ଜିବି ଡାଟା, ମାଗଣା ଓଟିଟି, ଚାଲିବ ୨୦୦ ଦିନ

**ନୂଆଦିଲ୍ଲୀ,୨୦।୪:** ଯେତେବେଳେ ଫୋନ୍‌ରୁ ରିଚାର୍ଜ ପ୍ଲାନ ଶେଷ ହୋଇଯାଏ, କେଉଁ ପ୍ଲାନ ନେବା ଠିକ୍ ହେବ ଜଣାପଡେନାହିଁ। ଏଥିଲାଗି ଅନେକ ଥର ପୁରୁଣା ଯୋଜନାକୁ ପୁଣି ଥରେ ନେବାକୁ ପଡ଼ିଥାଏ। ଏପରି ପରିସ୍ଥିତିରେ ନୂତନ ଯୋଜନା, ଅଫର



ଏବଂ ସୁବିଧାର ଲାଭ ଉଠାଇ ହୁଏନାହିଁ। ଏବେ ଆମେ ଆପଣଙ୍କୁ ଏକ ଜିଓ ପ୍ଲାନ ବିଷୟରେ କହିବୁ ଯାହା ୨୦୨୫ ଟଙ୍କାରେ ୨୦୦ ଦିନର ବୈଧତା ପ୍ରଦାନ କରେ। ଏହି ଦୀର୍ଘକାଳୀନ ଯୋଜନାରେ ଅନେକ ସୁବିଧା ଉପଲବ୍ଧ। ଯେଉଁଥିରେ ମାଗଣା ଏସଏମଏସ ଏବଂ ଓଟିଟି ସବସ୍କ୍ରିପସନ ମଧ ରହିଛି। ଏହି ଯୋଜନା ବିଷୟରେ ସମସ୍ତ ବିବରଣୀ ଜାଣିନିଅନ୍ତୁ। ଜିଓର ଏହି ଯୋଜନାରେ ଆପଣଙ୍କୁ ୨୦୦ ଦିନର ବୈଧତା ମିଳିବ। ୨ ମାସରୁ ଅଧିକ ସମୟ ପାଇଁ ଥିବା ଏହି ଯୋଜନା ମୋଟ ୫୦୦ ଜିବି ଡାଟା ପ୍ରଦାନ କରେ। ଏଥିରେ ଆପଣ ଦୈନିକ ୨.୫ ଜିବି ହାଇ ସ୍ପିଡ ୫ଜି ଡାଟା ବ୍ୟବହାର କରିବାର ସୁଯୋଗ ପାଇବେ। ଏହା ବ୍ୟତୀତ, ଆପଣ ମାଗଣାରେ ଅସୀମିତ ଭଏସ କଲିଂ ଏବଂ ପ୍ରତିଦିନ ୧୦୦ ଏସଏମଏସ ପାଇପାରିବେ। ଆପଣ କୌଣସି ବାଧା ବିନା ଏସଏମଏସ ରେ ଚାଟ କରିପାରିବେ। ଏହି ଯୋଜନାରେ ଆପଣ ସମ୍ପୂର୍ଣ୍ଣ ମନୋରଞ୍ଜନ ପାଆନ୍ତି। ଜିଓ ହଟ୍‌ଷ୍ଟାର ସବସ୍କ୍ରିପସନ ୯୦ ଦିନ ପାଇଁ ଉପଲବ୍ଧ। ଆପଣ ଜିଓ କ୍ଲାଉଡ ଷ୍ଟୋରେଜକୁ ମଧ ଆକ୍ସେସ ପାଇପାରିବେ।

ଜିଓ ହଟ୍‌ଷ୍ଟାର ଏବଂ ଜିଓ କ୍ଲାଉଡର ସୁବିଧା ପାଇବା ପାଇଁ, ଆପଣଙ୍କୁ ଆପଣଙ୍କର ପଞ୍ଜିକୃତ Jio ନମ୍ବର ସହିତ ଲଗଇନ କରିବାକୁ ପଡିବ। ଏହା ପରେ ହିଁ ଆପଣ ସମସ୍ତ ସୁବିଧା ପାଇବେ।

ଜିଓର ଏହି ପ୍ଲାନ ୮୪ ଦିନର ବୈଧତା ସହିତ ଆସିଥାଏ। ଏହି ଯୋଜନାରେ ଆପଣଙ୍କୁ ମୋଟ ୧୬୮ ଜିବି ଡାଟା ମିଳିବ। ଯେଉଁଥିରୁ ଆପଣ ପ୍ରତିଦିନ 2GB ଡାଟା ବ୍ୟବହାର କରିପାରିବେ। ସବୁଠାରୁ ଭଲ କଥା ହେଉଛି ଏଥିରେ ଆପଣଙ୍କୁ ଆମାଜନ ପ୍ରାଇମ ଲଶଇଟର ସବସ୍କ୍ରିପସନ ଏବଂ ଜିଓ ଟିଭିର ଆକ୍ସେସ ମଧ ମିଳିବ। ଏହା ବ୍ୟତୀତ, ଆପଣ ୫୦ ଜିବି ଜିଓ କ୍ଲାଉଡ ଷ୍ଟୋରେଜ ମଧ ପାଇପାରିବେ। ଜିଓ ତାର ଗ୍ରାହକଙ୍କ ସୁବିଧା ପାଇଁ ଅନେକ ଯୋଜନା ପ୍ରଦାନ କରେ। ଯେଉଁଥିରେ ଆପଣ ଆହୁରି ଅନେକ ସୁବିଧା ପାଇବେ। ଆପଣ ଜିଓର ଅଫିସିଆଲ ୱେବସାଇଟରେ ଅନ୍ୟ ଯୋଜନାଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଦେଖିପାରିବେ।

## ଟାରିଫ୍ ୱାର୍ ମଧ୍ୟରେ ଆମେରିକାକୁ ଡାଲିମ୍ବ ପଠାଇଲା ଭାରତ

**ନୂଆଦିଲ୍ଲୀ, ୨୦।୪:** ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ଏକ ନୂଆ ବାଣିଜ୍ୟିକ ଚୁକ୍ତି, ଭାରତୀୟ ଡାଲିମ୍ବକୁ ଆମେରିକୀୟ ବଜାରରେ ପହଞ୍ଚାଇ ଦେଇଛି। ୪,୨୦୦ଟି ବାକ୍ସ ଡାଲିମ୍ବ ସମୁଦ୍ର ପଥ ଦେଇ ନ୍ୟୁୟର୍କରେ ପହଞ୍ଚିଛି। ଏହି ଚୁକ୍ତି କାରଣରୁ ଗତବର୍ଷ ଡାଲିମ୍ବର ଏକ୍ସପୋର୍ଟରେ ବୃଦ୍ଧି ଘଟିଛି। ଆଶା

### ବାଣିଜ୍ୟ କାରବାର ବଢ଼ିବା ସମ୍ଭାବନା

ରହିଛି କି , ଏଥିରେ ଭାରତ ଓ ଆମେରିକା ମଧ୍ୟରେ ୨୦୩୦ ସୁଦ୍ଧା ଟ୍ରେଡ୍‌କୁ ୫୦୦ ବିଲିୟନ ଡଲାର ଯାଏ ପହଞ୍ଚାଇବାରେ ମଧ ସହଜ ହେବ। ପୂର୍ବରୁ ଆମେରିକାରେ ଭାରତୀୟ ଡାଲିମ୍ବ ପଠାଇବା ସହଜ ନଥିଲା। ଦୃଢ଼ ନିୟମ ଓ ଦୀର୍ଘ ଦୂରତା କାରଣରୁ ଚାଷୀଙ୍କୁ ଅସୁବିଧା ହେଉଥିଲା। କିନ୍ତୁ ୨୦୨୩ରେ ଭାରତ ଓ ଆମେରିକା ଏକ ସ୍ୱତନ୍ତ୍ର ଚୁକ୍ତି କଲେ, ଏହି ଅନୁସାରେ ଭାରତୀୟ ଡାଲିମ୍ବକୁ ସମୁଦ୍ର ପଥରେ ଆମେରିକା ପଠାଗଲା। ମହାରାଷ୍ଟ୍ର , ଯାହା ଭାରତର ସବୁଠୁ ବଡ଼ ଡାଲିମ୍ବ ଉତ୍ପାଦକ ରାଜ୍ୟ, ଏହି ଚୁକ୍ତିରେ ସବୁଠୁ ଅଧିକ ଫାଇଦା ଉଠାଉଛି। ନୂଆଦିଲ୍ଲୀରୁ ଫେବୃଆରୀ ୨୦୨୪ରେ ଆମେରିକା ପାଇଁ ୪,୨୦୦ଟି ବାକ୍ସ ବା ୧୨.୬ ଟନ୍ ଫଳର ସାମଗ୍ରୀକୁ ସବୁଜ



ପତାକା ଦେଖା ଯାଇଥିଲା। ଏହାପରେ ସାମଗ୍ରୀ ଏବେ ନ୍ୟୁୟର୍କରେ ପହଞ୍ଚି ଯାଇଛି। ଏପିଇଡିଏ ଚାଷୀଙ୍କ ସାହାଯ୍ୟ ପାଇଁ ଅନେକ ପଦକ୍ଷେପ ନେବ। ସେ ଡାଲିମ୍ବକୁ ସଠିକ୍ ଉପାୟରେ ପ୍ୟାକ୍ କରିବା ଓ ତାଜା ରଖିବାର ଟ୍ରେନିଂ ଦେଇଛି। ଏହା ବ୍ୟତୀତ ଏପିଇଡିଏର ଅଧକ୍ଷ ଅଭିଷେକ ଦେବ କହିଛନ୍ତି ଯେ , ଭାରତୀୟ ଆମ୍ବ ପୂର୍ବରୁ ହିଁ ପାଖାପାଖି ୩,୫୦୦ ଟନ୍‌ର ବାର୍ଷିକ ରପ୍ତାନୀ ଯାଏ ପହଞ୍ଚି ସାରିଛି ଏବଂ ଆମର ଆଶା ଯେ , ଆଗାମୀ ବର୍ଷ ଗୁଡ଼ିକରେ ଡାଲିମ୍ବ ମଧ ଏମିତି ହିଁ ମଜବୁତ୍ ସଂଖ୍ୟାରେ ପହଞ୍ଚିବ। ଆମେରିକା ସହ ଭାରତ ପକ୍ଷରୁ ବିଟିଓକୁ ଆହୁରି ମଜବୁତ୍ କରିବା କଥା ଚାଲିଛି। ଏହାର ଫଳ ସ୍ୱରୂପ ସାମୁଦ୍ରିକ ପଥରେ ଭାରତୀୟ ଡାଲିମ୍ବ ଆମେରିକାର ବଜାର ଗୁଡ଼ିକରେ ପହଞ୍ଚୁଛି। ଡାଲମ୍ବ ରପ୍ତାନୀରେ ୨୦୨୫ରେ ବୃଦ୍ଧି ହୋଇଥିବା ରେକର୍ଡ କରାଯାଇଛି। ଏହାର ଏକ୍ସପୋର୍ଟ ବାର୍ଷିକ ୨୧ପ୍ରତିଶତରୁ ବଢି ୫୯.୭୬ ମିଲିୟନ ଡଲାର ହୋଇ ଯାଇଛି। ଭାରତର ଡାଲିମ୍ବ ଆମେରିକା ବ୍ୟତୀତ ୟୁଏଇ, ବାଂଲାଦେଶ, ନେପାଳ , ନେଦରଲ୍ୟାଣ୍ଡ ,ସାଉଦୀ ଆରବ , ଶ୍ରୀଲଙ୍କା , ଥାଇଲ୍ୟାଣ୍ଡ ବାହାରିନ୍ , ଓମାନ ଭଳି ଦେଶକୁ ମଧ ଯାଇଥାଏ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୬୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୨୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଓଡ଼ିଶାରେ ଧିମେଇଛି ଗାଡ଼ି ବିକ୍ରି ଗତି



**ଭୁବନେଶ୍ୱର,୨୦।୪:** ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶରେ ମୋଟର ଯାନ ବିକ୍ରିରେ ଘରୋଇ ସ୍ତରରେ ପ୍ରାୟ ୬ ପ୍ରତିଶତର ବୃଦ୍ଧି ରେକର୍ଡ କରିଛି। ଅଟୋମୋବାଇଲ ଡିଲର୍ସ ସଂଗଠନ, ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା)ର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୪-୨୫ରେ ୨,୬୧,୪୩,୯୪୩ ୟୁନିଟ ରିଟେଲ ସେଲ ହୋଇଛି। ଏହି ଆର୍ଥିକବର୍ଷରେ ଓଡ଼ିଶାରେ ୮,୦୨,୧୭୯ ୟୁନିଟ୍ ରିଟେଲ ସେଲ ସହ ୨.୨୫ ଅଭିବୃଦ୍ଧି ରେକର୍ଡ କରାଯାଇଛି। ମାତ୍ର ଚଳିତବର୍ଷ ମାର୍ଚ୍ଚମାସରେ ରିଟେଲ ସେଲ ତଥ୍ୟ ଅନୁସାରେ ରାଜ୍ୟରେ ଗାଡ଼ିବିକ୍ରି ପରିମାଣ ଧିମେଇଛି। ୨୦୨୪ ମାର୍ଚ୍ଚ ଏବଂ ୨୦୨୫ ମାର୍ଚ୍ଚ ମାସର ରିଟେଲସେଲକୁ ତୁଳନା କଲେ ୫.୫୧% ହ୍ରାସ ଦେଖିବାକୁ ମିଳିଛି। ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮% ହ୍ରାସ ଦେଖିବାକୁ ମିଳିଥିବାବେଳେ ୩ ଚକିଆ ଯାନ କ୍ଷେତ୍ରରେ ୧.୭୨%, କମର୍ସିଆଲ ଯାନକ୍ଷେତ୍ରରେ ସର୍ବାଧିକ ୨୬.୫୪% ହ୍ରାସ ଘଟିଛି। ପାସେଞ୍ଜର ଯାନକ୍ଷେତ୍ରରେ ୬.୪୪% ଏବଂ ଟ୍ରାକ୍ଟର ବିକ୍ରିରେ ୩୧.୨୭% ଅଭିବୃଦ୍ଧି ହୋଇଛି। 'ବାହନ' ତଥ୍ୟାନୁସାରେ ୨୦୨୫ ପ୍ରଥମ ତ୍ରୈମାସରେ ୪୫ଟି ବର୍ଗରେ ୨,୧୧,୩୧୩ ୟୁନିଟ୍ ଯାନ ବିକ୍ରି ହୋଇଛି। ୨୦୨୪ର ପ୍ରଥମ ତ୍ରୈମାସର ତଥ୍ୟ ଅନୁସାରେ ୫୦ବର୍ଗର ୨,୨୫,୫୩୫ ୟୁନିଟ୍ ଏବଂ ୨୦୨୩ର ପ୍ରଥମ ତ୍ରୈମାସରେ ୫୩ ବର୍ଗର ୧୯୯୦୧୪ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ସମସ୍ତ ତଥ୍ୟକୁ ବିଶ୍ଳେଷଣ କରି ଅଟୋମୋବାଇଲ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି ବିଶେଷ ନିଜ ନିଜର ମତାମତ ରଖିଛନ୍ତି।

ବିବାହ ଋତୁରେ ଗାଡ଼ି ବଜାର ଭଲ ପ୍ରଦର୍ଶନ କରିଥାଏ। ମାତ୍ର ଚଳିତବର୍ଷ ଏହା ଭଲ ପରିଦର୍ଶନ କରିନାହିଁ। ଯଦିଓ ପ୍ରିମିୟମ୍ ସେଗମେଣ୍ଟରେ ସେପରି ପ୍ରଭାବ ପଡ଼ିନାହିଁ ବର୍ତ୍ତମାନ ଲୋୟର ସେଗମେଣ୍ଟରେ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ଯୁବପିଢ଼ି ବିଶେଷ କରି ସହରାଞ୍ଚଳ ଗ୍ରାହକ ବର୍ତ୍ତମାନ ବର୍ତ୍ତମାନ ୧୦୦ରୁ ୧୫୦ ସିସି ଦୁଇ ଚକିଆ ଯା ପରିବର୍ତ୍ତେ ସେମାନେ ଇଭି ସ୍କୁଟର ବ୍ୟବହାର କରିବାକୁ ଚାହୁଁଛନ୍ତି। ଚାରିଚକିଆ ଯାନ ପାଇଁ ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ ରହିଛି। ମାତ୍ର ଦୁଇଚକିଆ ଇଭି ସ୍କୁଟର କ୍ଷେତ୍ରରେ ସେପରି ସମସ୍ୟା ନାହିଁ। ଦୁଇଚକିଆ ଯାନ ଚଳାଉଥିବା ଅଧିକାଂଶ ଲୋକ ଦିନକୁ ୭୦ରୁ ୮୦ କିଲୋମିଟର ଯାତ୍ରା କରିଥା'ନ୍ତି। ତେଣୁ ଏଥିପାଇଁ ନିଜ ଘରେ ଥରେ ଇଭି ସ୍କୁଟର ଚାର୍ଜ କରି ସେ ଯାତ୍ରା କରିପାରନ୍ତି। ସେହିପରି ସହରାଞ୍ଚଳରେ ବିଶେଷ ସମସ୍ୟା ନାହିଁ ମାତ୍ର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନ ବିକ୍ରି କ୍ଷେତ୍ରରେ ବ୍ୟବସାୟ ବିସ୍ତାର କରିବାରେ ଏବେ ଅନେକ ଆହ୍ୱାନ ରହିଛି।

# ୟୁକେରେ କମିଲା, ଭାରତରେ କାହିଁକି କମୁନି ତେଲ ଦର ?

**ନୂଆଦିଲ୍ଲୀ, ୨୦।୪:** ନିକଟରେ ବ୍ରିଟେନ ସରକାର ଦେଶରେ ପେଟ୍ରୋଲ ମୂଲ୍ୟ କମାଇଛନ୍ତି। ପରିଣାମ ସ୍ୱରୂପ ଦେଶର ମୁଦ୍ରାସ୍ଫୀତି ୨.୬%କୁ ଖସି ଆସିଛି। ଫଳରେ ବ୍ରିଟେନବାସୀଙ୍କୁ ମହଙ୍ଗା ବଜାରରୁ କିଛି ଟା ଆଶ୍ୱସ୍ତି ମିଳିଛି। ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ ଦାମ କମିବା ପରେ ସେଠାକାର ଦେଶରେ ତେଲ ଦର କମାଇଛନ୍ତି। ହେଲେ ଭାରତରେ କିନ୍ତୁ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିଥିଲେ ବି ଭାରତରେ ଦୀର୍ଘଦିନ ହେଲା ନା ପେଟ୍ରୋଲ କମୁଛି ନା ଡିଜେଲ୍। ଫଳରେ ଦେଶବାସୀ ତ ମହଙ୍ଗା ମାଡ଼ ସହୁଛନ୍ତି, ହେଲେ ମାଲାମାଲ ହେଉଛନ୍ତି କମ୍ପାନୀ। ଅନ୍ୟପଟେ ସରକାର ମଧ କମ୍ପାନୀ ଉପରେ ଲଗାମ ଲଗାଇବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ଆପଣ ଲକ୍ଷ୍ୟ କରିଥିବେ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ହେବ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କା ଉପରେ ରହିଛି। ଯାହା କମିବାର ନାଁ ନେଉନି। ଯେହେତୁ ପରିବହନ ସହିତ ସମସ୍ତ ବ୍ୟବସାୟ ଜଡ଼ିତ ରହିଛି ଏଥିପାଇଁ ପନିପରିବାର ସାମଗ୍ରୀ ଛାଡିଦେଲେ ସବୁ ଜିନିଷର ଦାମ ଅଧିକ ରହିଛି। ପନିପରିବାର ମୂଲ୍ୟ କମିବା ସାଧାରଣ କଥା। କାରଣ ଏହା ମୁଖ୍ୟତଃ ଉତ୍ପାଦନ ଓ ପାଣିପାଗ ଉପରେ ନିର୍ଭର କରେ। ହେଲେ ବାକି ସବୁ ସାମଗ୍ରୀର ଦାମ ଉଚ୍ଚାରେ ରହିଛି,ଯାହା ବିଶେଷତଃ ପରିବହନ ଉପରେ ନିର୍ଭରଶୀଳ।

ମନି ଭାସ୍କରର ଏକ ରିପୋର୍ଟ ଅନୁସାରେ ଅଶୋଧିତ ତୈଳ ମୂଲ୍ୟ ଚାରି ବର୍ଷର ସର୍ବନିମ୍ନ ସ୍ତରରେ ବ୍ୟାରେଲ ପ୍ରତି ୬୫.୪୧ ଡଲାରରୁ ବି କମ ରହିଛି। ପୂର୍ବରୁ ଏପ୍ରିଲ ୨୦୨୧ରେ, ମୂଲ୍ୟ ବ୍ୟାରେଲ ପିଛା ୬୩.୪୦ ଡଲାର ଥିଲା। ଅଶୋଧିତ ତୈଳ ଦରରେ ଏହି ବଡ଼ ହ୍ରାସ ଯୋଗୁ ପେଟ୍ରୋଲ ଏବଂ ଡିଜେଲ ବିଶୋଧନରୁ କମ୍ପାନୀଗୁଡ଼ିକ ଜବରଦସ୍ତ ଲାଭ କମାଉଛନ୍ତି। ରେଟିଂ ଏଜେନ୍ସିଗୁଡ଼ିକ ଅନୁସାରେ, ବର୍ତ୍ତମାନ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ




ଉପରେ ପ୍ରତି ଲିଟର ୧୨-୧୫ ଏବଂ ଡିଜେଲରେ ପ୍ରତି ଲିଟର ୬-୧୨ ଟଙ୍କା ଲାଭ କରୁଛନ୍ତି। ଏହା ସତ୍ତ୍ୱେ, ତେଲ କମ୍ପାନୀଗୁଡ଼ିକ ଗତ ବର୍ଷେ ହେଲାଣି ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ କରୁ ନାହାନ୍ତି। ଏନେଇ ଜାତୀୟ ଗଣାଧମ ମନି ଭାସ୍କରରେ ଖବର ପ୍ରକାଶ ପାଇଛି। ନିକଟରେ ତେଲ କମ୍ପାନୀଗୁଡ଼ିକ ମୂଲ୍ୟ କମାଇବାର ସମ୍ଭାବନା ଥିଲା। କିନ୍ତୁ ସରକାର ଲିଟର ପିଛା ଉତ୍ପାଦ ଶୁଳ୍କ ୨ ଟଙ୍କା ବୃଦ୍ଧି କଲେ। ଏହି ବାହାନାରେ ତେଲ କମ୍ପାନୀଗୁଡ଼ିକ ଦାମ କମାଇବାରୁ ବର୍ତ୍ତିଗଲେ। ଦୀର୍ଘ ସମୟ ହେଲାଣି ତେଲ କମ୍ପାନୀଗୁଡ଼ିକ କ୍ଷତି ହେଉଛି ବୋଲି କହି ମୂଲ୍ୟ କମାଉ ନାହାନ୍ତି। କିନ୍ତୁ ବାସ୍ତବତା ହେଉଛି ଯେ ଗତ ୫ ବର୍ଷ ମଧ୍ୟରେ, ୭ଟି ବଡ଼ ତେଲ ଏବଂ ଗ୍ୟାସ କମ୍ପାନୀ ମଧ୍ୟରୁ, କେବଳ ଗୋଟିଏ କମ୍ପାନୀ ଆଇଓସିଏଲ୍‌କୁ ୨୦୧୯-୨୦ ରେ ଥରେ ସାମାନ୍ୟ କ୍ଷତିର ସାମ୍ନା କରିବାକୁ ପଡ଼ିଥିଲା। ଏହା ବ୍ୟତୀତ, ତୈଳ କମ୍ପାନୀଗୁଡ଼ିକ ବର୍ଷ ବର୍ଷ ଧରି ବିପୁଳ ଲାଭ କମାଉଛନ୍ତି, ହେଲେ ତୈଳ ଦର ହ୍ରାସ କରୁ ନାହାନ୍ତି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଏନାଲଲିସି ସେଲ୍ ଅନୁଯାୟୀ, କେନ୍ଦ୍ର ଏବଂ ରାଜ୍ୟ ସରକାର ୫ ବର୍ଷ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲରୁ ୩୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ସେଥିମଧ୍ୟରୁ କେନ୍ଦ୍ର ସରକାର ଏକ୍ସାଇଜ୍ ଡ୍ୟୁଟି, କମ୍ପାନୀଗୁଡ଼ିକର ଲାଭାଂଶ ଏବଂ ଆୟକରରୁ ମୋଟ ୨୧.୪ ଲକ୍ଷ କୋଟି ଏବଂ ରାଜ୍ୟ ସରକାରଙ୍କଠାରୁ ଭାଟ୍ ଏବଂ ଲାଭାଂଶରୁ ଅଂଶ ଭାବରେ ୧୩.୬ ଲକ୍ଷ କୋଟି ଆୟ କରିଛନ୍ତି। ପେଟ୍ରୋଲ ଡିଜେଲ୍‌ରୁ ଉଭୟ ସରକାର ଓ କମ୍ପାନୀ ଲାଭ ପାଉଥିବା ବେଳେ ଜନତାଙ୍କୁ କିଭଳି ମହଙ୍ଗା ମାଡ଼ରୁ ଟିକେ ଆଶ୍ୱସ୍ତି ମିଳିବ ସେ ଦିଗରେ କିନ୍ତୁ ଧ୍ୟାନ ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଛି।

ତେଲ ଦର କମୁନି, କି ଦେଶବାସୀଙ୍କୁ ମହଙ୍ଗାମାଡ଼ରୁ ଆଶ୍ୱସ୍ତି ମିଳୁନି। ତେବେ ସରକାର ମଝିରେ ମଝିରେ ଉତ୍ପାଦାନ ଶୁଳ୍କ ବଢାଇ କମ୍ପାନୀ ଯେଉଁ ଲାଭ କମାଉଛନ୍ତି, ସେଥିରୁ କିଛି ଅଂଶ ନିଜ ତହବିଲରେ ଭରୁଛନ୍ତି। ହେଲେ ଜନତା ପକେଟ ଖାଲି ହେଉଛି। କେଉଁ କମ୍ପାନୀ କେତେ ଲାଭ କମାଉଛନ୍ତି ନଜର ପକାନ୍ତୁ।

ମନି ଭାସ୍କାରର ରିପୋର୍ଟ ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ୭ଟି ପ୍ରମୁଖ ତୈଳ କମ୍ପାନୀ ୨.୨୯ ଲକ୍ଷ କୋଟି ଟଙ୍କା ଲାଭ କରିଥିଲେ। ଏମାନେ ଗତ ୫ ବର୍ଷ ଧରି ନିରନ୍ତର ଲାଭ କରୁଛନ୍ତି। ୨୦୧୯-୨୦ରେ କେବଳ ଆଇଓସି ଯାହା ୯୩୪ କୋଟି ଟଙ୍କାର କ୍ଷତି ସହିଥିଲା। ସେହିପରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ୨.୮୬ ଲକ୍ଷ କୋଟି ଲାଭ କରିଛି। ଅନ୍ୟପଟେ ଲାଭ କମାଇବାରେ ONGC ଦ୍ୱିତୀୟ ସ୍ଥାନରେ ରହିଛି। ଏହି ତୈଳ କମ୍ପାନୀଗୁଡ଼ିକ ୨୦୧୯-୨୦ ଏବଂ ୨୦୨୩-୨୪ ମଧ୍ୟରେ ମୋଟ ୭ ଲକ୍ଷ କୋଟିରୁ ଅଧିକ ଲାଭ ଅର୍ଜନ କରିଛନ୍ତି। କିନ୍ତୁ ଲାଭର ଲୋଭରେ ଗ୍ରାହକମାନଙ୍କୁ ଯେମିତି ଏମାନେ ଭୁଲିଯାଇଛନ୍ତି। ସବସିଡି ଖର୍ଚ୍ଚର ୮୫% ପେଟ୍ରୋଲ ଏବଂ ଡିଜେଲ ଦ୍ୱାରା ଭରଣା କରାଯାଉଛି। ୨୦୨୪-୨୫ ବର୍ଷରେ ରାଜ୍ୟ ସରକାରଙ୍କ ସବସିଡି ବିଲ୍ ୪.୭ ଲକ୍ଷ କୋଟି ଥିଲା। ଏହି ବର୍ଷ କେନ୍ଦ୍ରର ମୋଟ ସବସିଡି ୩.୮୧ ଲକ୍ଷ କୋଟି ଥିଲା। ଉଭୟକୁ ମିଶାଇଲେ, ଦେଶରେ ମୋଟ ସବସିଡି ୮.୫୧ ଲକ୍ଷ କୋଟି ଥିଲା। ବଦଳରେ, ରାଜ୍ୟଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସରୁ ୩.୨ ଲକ୍ଷ କୋଟି ପାଇଲେ ଏବଂ କେନ୍ଦ୍ର ୪ ଲକ୍ଷ କୋଟି ପାଇଲା। ଉଭୟକୁ ମିଶାଇଲେ ମୋଟ ଆୟ ୭.୨ ଲକ୍ଷ କୋଟି ଥିଲା। ଅର୍ଥାତ୍, କେନ୍ଦ୍ର ଏବଂ ରାଜ୍ୟ ସରକାର ବଣ୍ଟନ କରୁଥିବା ସବସିଡିର ପ୍ରାୟ ୮୫% ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ଲଗାଇ ଆଦାୟ କରାଯାଇଥିଲା। ରିପୋର୍ଟରୁ ଯାହା ଜଣାପଡୁଛି ଯେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ଆୟର ଏକ ପ୍ରମୁଖ ଉତ୍ସ ପାଲଟିଛି। ରିପୋର୍ଟ କହୁଛି କେନ୍ଦ୍ର ସରକାର ପେଟ୍ରୋଲ ଉପରେ ୨୧.୯୦ ଟିକସ ଆଦାୟ କରୁଥିବା ବେଳେ ଡିଜେଲ ଉପରେ ଲିଟର ପିଛା ୧୭.୮୦ ଆଦାୟ କରୁଛନ୍ତି। ଦେଶର ରାଜଧାନୀ ଦିଲ୍ଲୀ ସରକାର ପ୍ରତି ଲିଟର ପିଛା ଭାଟ୍ ଭାବରେ ୧୨.୮୩ ଆଦାୟ କରୁଥିବା ବଳେ ଓଡ଼ିଶା ସରକାର ପେଟ୍ରୋଲ ଉପରେ ୨୮ ଓ ଡିଜେଲ ଉପରେ ୨୪ ପ୍ରତିଶତ ଭାଟ ସଂଗ୍ରହ କରୁଛନ୍ତି।

ଶେଷରେ ରିପୋର୍ଟରେ ଏହି ସିଦ୍ଧାନ୍ତ ଦିଆଯାଇଛି ଯେ ଭାରତର ଜିଡିପି ଗ୍ରାହକଙ୍କ ଖର୍ଚ୍ଚ ଉପରେ ବହୁଳ ଭାବରେ ନିର୍ଭର କରେ। ତଥାପି, ଆୟ ବଣ୍ଟନରେ ଉନ୍ନତି ନ ଆସିଲେ, ବ୍ୟବସାୟଗୁଡ଼ିକ କେବଳ ଉଚ୍ଚ-ଆୟ ଗୋଷ୍ଠୀର ଆବଶ୍ୟକତା ପୂରଣ କରିପାରିବେ। ଫଳରେ ଦେଶର ବହୁ ସଂଖ୍ୟାରେ ଥିବା ନିମ୍ନମଧ୍ୟବିତ୍ତ ଓ ଗରିବ ଲୋକେ ଆହୁରି ଦୁର୍ବଳ ହୋଇଯିବେ।



# କୋଶଲ୍ ବାଲ୍ମୀକି ହେମଚନ୍ଦ୍ର ଜୟନ୍ତୀ ପାଳିତ

**ସୋହେଲା,୨୦।୪(ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ସୋହେଲା ନିକଟସ୍ଥ ନର୍ସରୀ ମହିମା ଆଶ୍ରମ ଠାରେ ଆମର ଚନ୍ଦ୍ରରଉଦିଆଁର ବାର୍ଷିକ ଉତ୍ସବ ଓ କୋଶଲ ବାଲ୍ମିକୀ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଅଧାପକ ଟେକଚାନ୍ଦ ଦୁଆନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସୋହେଲା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହା, ବିଶିଷ୍ଟ ଅତିଥି ଭାବରେ ଡାକ୍ତର ଶିଶିର କୁମାର ସାହୁ, ସ୍ତମ୍ଭକାର ଡକ୍ଟର ପ୍ରୀତିଶ ଆଚାର୍ଯ୍ଯ, ସମ୍ମାନୀତ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁବାସ ମେହେର, ସମାଜସେବୀ ଅନୀଲ ପଧାନ ଓ ମୁଖ୍ୟ ବକ୍ତା ଭାବରେ ସାହିତ୍ୟିକ ଅଶୋକ ପୁଝାରୀ ଯୋଗଦେଇ ହେମଚନ୍ଦ୍ର ସାହିତ୍ଯ ଉପରେ ଆଲୋକପାତ କରିଥିଲେ । ସଭାକାର୍ଯ୍ୟକୁ କେଦାରନାଥ ସାହୁ ସଂଯୋଜନା କରିଥିଲେ । ସଂପାଦକ ବିକାଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଏବଂ ନାଟ୍ୟକାର ରାଜେଶ କାରିଆ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ଆମର ଚନ୍ଦ୍ରରଉଦିଆଁ ସମ୍ମାନରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା କବି ଗୌରଚରଣ ପଧାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ଡକ୍ଟର ସୁବାସ ମେହେରଙ୍କ ଜନ୍ମ ଦିନ ଅବସରରେ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଏହାପରେ କବି ଲଳିତ ବାରିକଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇ ଥିଲା । ଏହି କବିତା ଆସରରେ ଅତିଥି ଭାବରେ ସାହିତ୍ୟିକ ରାଜେନ୍ଦ୍ର କୁମାର ମହାନ୍ତି, ନାଟ୍ୟକାର ରାଜେଶ କାରିଆ, ଶେଖ ଜଲିଲ ଉପସ୍ଥିତ ଥିଲେ । କବି ଦିଲିପ କୁମାର ସାହୁ, ଉମେଶ ପଧାନ, ମାନସ ରଞ୍ଜନ ଦାଶ, ସୁଭାଷ ଚନ୍ଦ୍ର ଭୁଏ, ଡିଲେଶ୍ୱର ସାହୁ, ଗୌରଚରଣ ପଧାନ, ନିତ୍ୟାନନ୍ଦ ଭୋଇ ସ୍ୱରଚିତ କବିତା ପାଠ କରିଥିଲେ ।

## ପ୍ରହସନ ପାଲଟିଛି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା

# ଘର ପାଉନାହାନ୍ତି ପ୍ରକୃତ ହିତାଧିକାରୀ

**କନ୍ଧମାଳ,୨୦।୪(ସଂଚାର ବ୍ୟୁରୋ):** ସରକାର ଗରିବ, ଖଟିଖିଆ, ଦିନ ମଜୁରିଆ ଓ ଅସହାୟ ପରିବାର ମାନଙ୍କ ମୁଣ୍ଡ ପାଇଁ ଛାତ ଖଣ୍ଡେ ଖଣ୍ଡେ ଯୋଗେଇ ଦେବା ଉଦେଶ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କରିଛନ୍ତି । ହେଲେ ଏହି ଯୋଜନାରେ ବି ବାଟ ମାରଣା ହେଉଥିବା ଅଭିଯୋଗ ହେଉଛି । ପ୍ରକୃତ ହିତାଧିକାରୀ ସରକାରଙ୍କ ଏହି ପକ୍କା ଘର ଯୋଜନାରୁ ବଂଚିତ ରହୁଥିବା ନେଳେ ଧନୀ ଓ ମଧବିତ୍ତ ପରିବାରମାନେ ଏହି ଯୋଜନାର ଲାଭ ଉଠାଉଛନ୍ତି। ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଂଚାୟତ ଅନ୍ତର୍ଗତ ୮ ନମ୍ବର ୱାର୍ଡର କୁଦୁକି ଗ୍ରାମରୁ।

କୁଦୁକି ଗ୍ରାମର ପଣ୍ଡିତ ବିନ୍ଧାଣୀ ନିଜ ସ୍ତ୍ରୀ ମିନତୀ ବିନ୍ଧାଣି ଓ ପିତା ଲେଙ୍ଗୁ ବିନ୍ଧାଣୀଙ୍କୁ ନେଇ ବର୍ଷ ବର୍ଷ ଧରି ଏକ ଝାଟିମାଟି ଘରେ ଦିନ କଟୁଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଙ୍କ ପାଇଁ ସାତ ସପନ ପାଲଟିଛି । ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ଗୁହାରୀ କରି ଆସୁଥିଲେ ମଧ ଏଯାଏ ତାଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରୁ ବଂଚିତ ରଖାଯାଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସର୍ଭେ ଚାଲିଛି,



ହେଲେ ଏଯାଏ କୌଣସି ପ୍ରଶାସନିକ ଅଧିକାରୀ ପଣ୍ଡିତଙ୍କ ଘର ବାରଣ୍ଡା ମାଡି ନଥିବା ପଣ୍ଡିତ କହିଛନ୍ତି। ଆଗକୁ ବର୍ଷା ଋତୁ ଆସୁଥିବାରୁ ଘରକୁ ନେଇ ଚିନ୍ତିତ ପଣ୍ଡିତଙ୍କ ପରିବାର ।

ପଣ୍ଡିତଙ୍କ ଘର ଅଧାଅଧି ଭାଙ୍ଗି ଗଲାଣି, ଅର୍ଥ ଅଭାବ ଯୋଗୁଁ ଘରର ମରାମତି କରିପାରୁ ନାହାନ୍ତି ପଣ୍ଡିତ। କୁଲି ମଜୁରୀ କରି ପରିବାର ପୋଷୁଥିବା ପଣ୍ଡିତଙ୍କ ପାଖରେ ଏତେ ଟଙ୍କା ବା ଆସିବ କେଉଁଠୁ, ଯେଉଁଥିରେ ସେ ଘର ମରାମତି କରିବ । ସରକାରୀ ସହାୟତାରେ ମାତ୍ର ୧୦ କେଜି ଚାଉଳ ପାଉଥିବା ପଣ୍ଡିତଙ୍କୁ ବର୍ତ୍ତମାନ ଘର ଚିନ୍ତା ଘାରିଛି । ପ୍ରଶାସନ ତୁରନ୍ତ ଏହି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡେ ଯୋଗେଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ବିଦ୍ୟୁତ ଆଘାତରେ ମଇଁଷି ମୃତ

**ବାଲିଅନ୍ତା,୨୦।୪(ସଂଚାର ବ୍ୟୁରୋ):** ପାହାଳ ଥାନା ଅଧୀନ ଶିବଶକ୍ତି ନଗର ରାସ୍ତାରେ ଆଜି ଅପରାହ୍ନ ପାଖାପାଖି ୨ଟା ସମୟରେ ବିଦ୍ୟୁତ ଆଘାତରେ ଭୁବନପୁର ଗ୍ରାମ ଗୁନା ବେହେରାଙ୍କର ଏକ ମଇଁଷିର ମୃତ୍ୟୁ ଘଟିଛି। ମଇଁଷିର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ। ଖବର ପାଇ ପାହାଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ହେଲେ ଏସଂକ୍ରାନ୍ତରେ



ରିପୋର୍ଟ ଲେଖା ହେବା ବେଳକୁ ଅଭିଯୋଗ ହୋଇନଥିବାରୁ ମାମଲା ରୁଜୁ ହୋଇ ନାହିଁ। ସୂଚନା ଅନୁସାରେ ଗୁନା ସବୁଦିନ ଭଳି ଶିବଶକ୍ତିନଗର ରାସ୍ତାରେ ମଇଁଷି ଗୋଠ ନେଇ ଚରାଇବାକୁ ଯାଆନ୍ତି। ଆନୁରୂପ ଭାବେ ସେ ମଇଁଷି ନେଇ ସେଇ ବାଟେ ଯାଉଥିଲେ। ହେଲେ ହୁକ ପକାଇ ଏକ ନିର୍ମାଣାଧୀନ ଘର କାମ ନେଇ ବେଆଇନ ଭାବେ ଯାଇଥିବା ବିଦ୍ୟୁତ ସଂସ୍ପର୍ଶରେ ଗୋଟିଏ ମଇଁଷି ଆସି ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଯାଇଥିଲା। ସୌଭାଗ୍ୟବଶତଃ ଏହି ଅଘଟଣରୁ ଅନ୍ୟ ମଇଁଷି ସବୁ ଅଳ୍ପକେ ରକ୍ଷା ପାଇଯାଇଥିଲେ।

# ମଣ୍ଡଳ ଶିକ୍ଷାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ଅସ୍ତରଙ୍ଗ/କାକଟପୁର,୨୦।୪(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ କାର୍ଯ୍ୟରତ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା ଅନ୍ୟ ବ୍ଲକକୁ ବଦଳି ହୋଇଛନ୍ତି। କିନ୍ତୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଜନତା ହାଇସ୍କୁଲ ବନ୍ତିଲୋରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପରିଡାଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରା ଯୋଗ ଦେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ସମୟରେ ନିସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରିବା ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟ ଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ସ୍ମୃତି ଚାରଣ କରିଥିଲେ।

ଅନ୍ୟତମ ଅତିଥି ଭାବେ ଐଶାନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର କୁମାର ପ୍ରଧାନ, ପ୍ରିୟବ୍ରତ ପରିଡା, ସନ୍ତୋଷ ଦାସ ଯୋଗଦେଇ ଶ୍ରୀ ବେହେରା ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଥିଲେ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ ତରଫରୁ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ସେବାଶ୍ରମରୁ ଦୁଇ ସାବାଳିକା ସହିତ ଏକ ସାବାଳକ ଉଦ୍ଧାର

**ବିଞ୍ଝାରପୁର,୨୦।୪(ସଂଚାର ବ୍ୟୁରୋ):** ଶନିବାର ଦିନ ଅଳକୁଣ୍ଡ ଥାନା ଅନ୍ତର୍ଗତ ନୂଆଗାଁ ସ୍ଥିତ ବଳଦେବ ଜୀଉ ସେବାଶ୍ରମ ଉପରେ ଜିଲ୍ଲା ଶ୍ରମ ବିଭାଗ, ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ପୁଲିସର ମିଳିତ ଚଢ଼ାଉ ହୋଇଥିଲା। ତେବେ ଏହି ଚଢ଼ାଉ ବେଳେ ଦୁଇ ଜଣ ସାବଳିକା, ଜଣେ ସାବାଳକ ଏବଂ ଜଣେ ନାବାଳିକାକୁ ଉଦ୍ଧାର କରାଯାଇଥିଲେ ମଧ ଅନ୍ୟ ଅନ୍ତେବାସୀଙ୍କ କୌଣସି ପତ୍ତା ପାଇନି ପ୍ରଶାସନ। ଏଥି ସହିତ ନିଜକୁ ସେବାଶ୍ରମର ମାଲିକ ବୋଲାଉଥିବା ଦୁଷ୍ମନ୍ତ ଦାସଙ୍କୁ ମଧ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଦର୍ଶାଇ ଉଠାଇ ନେଇଛି ପୁଲିସ୍। ଶିଶୁ ସୁରକ୍ଷା ୟୁନିଟର ନିରଞ୍ଜନ କର, ମିହିର ଜେନା, ସମାଜ ମଙ୍ଗଳ ବିଭାଗର ରୋକ୍ସାନା ଜେନା ଏବଂ ଯାଜପୁର ଜିଲ୍ଲା ଏସଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କ ନେତୃତ୍ୱରେ ଏହି ଚଢ଼ାଉ ବେଳେ ମାତ୍ର ଏହି ୪ ଜଣ ଅନ୍ତେବାସୀଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ବାକି ସଦସ୍ୟ ଏବେବି ମିଳି ନାହାଁନ୍ତି।

ସୂଚନା ଅନୁଯାୟୀ ବିଭିନ୍ନ କାରଣରୁ ଆଇନଗତ ଦୃଷ୍ଟି କୋଣରୁ ସେବାଶ୍ରମର ପଞ୍ଜିକରଣ ନବୀକରଣକୁ ୨୦୨୩ରୁ ବନ୍ଦ କରିଦିଆଯାଇଥିଲା। ଖାଲି ସେତିକି ନୁହେଁ ଅନୁଦାନ ବନ୍ଦ କରାଯିବା ସହିତ ପରବର୍ତ୍ତୀ ସମୟରେ ସେବାଶ୍ରମକୁ ବେଆଇନ୍ ମଧ ଘୋଷଣା କରାଯାଇଥିଲା। କିନ୍ତୁ ସରକାରୀ ନିୟମ ଏବଂ ଆଦେଶକୁ ଉପେକ୍ଷା କରି ସେବାଶ୍ରମର ଆତ୍ମଘୋଷିତ ପରିଚାଳକ ଦୁଷ୍ମନ୍ତ ଦାସ ବିନା କର୍ମଚାରୀରେ ୩୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ସେବାଶ୍ରମରେ ରଖୁଥିଲେ। ସରକାରୀ ତଥ୍ୟ ଅନୁସାରେ ୩୪ ଜଣ ନାବାଳକ ଏବଂ ନାବାଳିକାଙ୍କୁ ଏହି ଆଶ୍ରମରେ ରଖାଯାଉଥିଲେ ମଧ ଚଢ଼ାଉ ବେଳେ ମାତ୍ର ୪ ଜଣଙ୍କୁ ଉଦ୍ଧାର କରିଥିଲା ପ୍ରଶାସନ। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହିକି ଚଢ଼ାଉ ବେଳେ ଉଦ୍ଧାର ହୋଇଥିବା ୪ ଜଣଙ୍କ ମଧରୁ ମାତ୍ର ଜଣେ ନାବାଳିକା ହୋଇଥିବା ବେଳେ ବାକି ତିନି ଜଣଙ୍କ ମଧରୁ ଜଣେ ସାବାଳକ ଏବଂ ଦୁଇ ଜଣ ସାବାଳିକା ଅଟନ୍ତି।



ନିୟମ ଅନୁସାରେ ୧୮ ବର୍ଷରୁ ଉର୍ଦ୍ଧ ବୟସ୍କଙ୍କୁ ପ୍ରାପ୍ତ ବୟସ୍କ ପରେ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିବାର ପ୍ରାବଧାନ ରହିଥିବା ବେଳେ ପରିଚାଳକ କାହିଁକି ତାଙ୍କୁ ପ୍ରଶାସନକୁ ହସ୍ତାନ୍ତର କରି ନ ଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। କୁହାଯାଉଛି ଜଣେ ପୂର୍ବତନ ମନ୍ତ୍ରୀ ଙ୍କ ପାଖ ଲୋକ ହୋଇଥିବାରୁ ପରିଚାଳକ ନିୟମକୁ ବେଖାତିର କରୁଥିବା ବେଳେ ପ୍ରଶାସନ ପୂର୍ବତନ ମନ୍ତ୍ରୀଙ୍କ ଚାପରେ ଚେପା ହୋଇଯାଇଥିଲା। ତେବେ ପ୍ରଶାସନର ଚଢ଼ାଉ ବେଳେ ଜଣେ ନାବାଳିକା ଏବଂ ଜଣେ ସାବାଳକ ଏବଂ ଦୁଇ ସାବାଳିକା ଉଦ୍ଧାର ହୋଇଥିଲେ ହେଁ ବାକି ପିଲା କୁଆଡ଼େ ଗଲେ ଏବଂ ବାକି ପିଲାଙ୍କୁ ପ୍ରଶାସନ ଉଦ୍ଧାର କେବେ କରୁଛି ତାକୁ ସମସ୍ତଙ୍କ ଅପେକ୍ଷା।

ଉଲ୍ଲେଖଯୋଗ୍ୟ ବିନା କର୍ମଚାରୀରେ ଚାଲୁଥିବା ଏହି ଅନୁଷ୍ଠାନରେ ପୂର୍ବରୁ ଦୁଇ ଜଣ ଶିଶୁଙ୍କ ମୃତ୍ୟୁ ମଧ ହୋଇଛି। ୨୦୧୨ରେ ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୭ରେ ଜଣେ ନାବାଳିକା ଆତ୍ମହତ୍ୟା କରିଥିବାର ଅଭିଯୋଗ ମଧ ରହିଛି।

## ୭ ବର୍ଷ ପରେବି କାର୍ଯ୍ୟକ୍ଷମ ହୋଇପାରୁନି ସ୍ୱଜଳ ଧାରା ପ୍ରକଳ୍ପ

# ପମ୍ପ ହାଉସରେ ତାଲା ପକାଇଲେ ଉତ୍ତ୍ୟକ୍ତ ମହିଳା

**ଦଶରଥପୁର,୨୦।୪(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ଦେଖା ଦେଇଛି ଜଳ ସଙ୍କଟ। ଏହି ପଞ୍ଚାୟତରେ ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ ହେବ କେଳାପଦୀ ପଡିଆ ଠାରେ ୨ଟି ଓ କାଳିପଡିଆ ଠାରେ ଗୋଟିଏ ସ୍ୱଜଳ ଧାରା ପ୍ରକଳ୍ପ ମାଧମରେ ୩ ଗୋଟି ବୋରିଙ୍ଗ ଖୋଳା ଯିବା ସହ ପାଇପ ବିଛା କାର୍ଯ୍ୟ ସମାପ୍ତ ହୋଇ ସାରିଥିଲେ ମଧ ବିଭାଗୀୟ ଅଧିକାରୀ ମାନଙ୍କ ଖାମ ଖିଆଲି ନୀତି ତଥା ନିମ୍ନମାନର କାର୍ଯ୍ୟ ପାଇଁ ଏହି ୨ଟି ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। କାଁ ଭାଁ କେତେ ଘରକୁ ମୁନ୍ଦେ ମୁନ୍ଦେ ପାଣି ଯାଉଥିବା ବେଳେ ତାହା ଜନସାଧାରଣଙ୍କ ଚାହିଦା ମେଣ୍ଟାଇ ପାରୁନଥିବା ଅଭିଯୋଗ ହୋଇଛି।

ବର୍ତ୍ତମାନ ପ୍ରଚଣ୍ଡ ଖରା ସାଙ୍ଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ଉକ୍ତ ପଞ୍ଚାୟତରେ ପାନୀୟଜଳ ସମସ୍ୟାକୁ ପଞ୍ଚାୟତବାସୀଙ୍କ ମଧରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ପରିଣାମ ସ୍ୱରୂପ ଆଜି ସକାଳୁ ପଞ୍ଚାୟତର ଶତାଧିକ ମହିଳାମାନେ ଏକତ୍ରିତ ହୋଇ କେଳାପଦୀ ପଡିଆ ଓ କାଳି ପଡିଆଠାରେ ବସାଯାଇଥିବା ଦୁଇଟି ପମ୍ପ ହାଉସ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ପ୍ରାୟ ୨ ଘଣ୍ଟା ପରେ ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର ଧଳ ଓ ଯୁବ ସମାଜସେବୀ ପ୍ରମୋଦ କୁମାର ପଣ୍ଡା ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାସୁଝା କରିଥିଲେ। ହେଲେ ମହିଳାମାନେ ଏଥିରେ ରାଜି ହୋଇନଥିଲେ। ଶେଷରେ ଆଉ ଗୋଟିଏ ଦିନ ପରେ ଅର୍ଥାତ ୨୧ ତାରିଖ ସୋମବାର ମଙ୍ଗଳପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣୀ ଶିବିର ହେବାକୁ ଥିବା ବେଳେ ମହିଳାମାନେ ଆସି ଅଧିକାରୀ ମାନଙ୍କୁ ଘେରାଉ କରିବା ନିଷ୍ପତି ପରେ ମହିଳାମାନେ ଆନ୍ଦୋଳନରୁ ଓହରି ଥିଲେ।



# ଭତ୍ତା ନ ପାଇ ଫେରିଗଲେ ହିତାଧିକାରୀ

**ଜୟପୁର,୨୦।୪(ସଂଚାର ବ୍ୟୁରୋ):** ଭତ୍ତା ନ ପାଇ ଖରାରେ ଫେରିଗଲେ ଲୋକେ। ସରକାରଙ୍କ ତରଫରୁ ପ୍ରତିମାସ ୧୫ ତାରିଖକୁ ସେବାଦିବସ ଘୋଷଣା ସହ ପ୍ରତି ପଂଚାୟତ କାର୍ଯ୍ୟାଳୟ ଠାରେ ୧୫ ତାରିଖ ଦିନ ବାର୍ଦ୍ଧକ୍ୟ ଓ ବୃଦ୍ଧା, ବିଧବା ଭତ୍ତା ବଣ୍ଟନ କରାଯିବ ବୋଲି ଘଷଣା କରାଯାଇଛି। କିନ୍ତୁ ବୈପାରୀଗୁଡା ବ୍ଲକ ଚନ୍ଦ୍ରପଡା, ପୂଜାରୀଗୁଡା ଓ ଦଣ୍ଡାବାଡ଼ି ପଂଚାୟତ ଠାରେ ହିତାଧିକାରୀ ଭତ୍ତା ପାଇଁ ଯାଇଥିଲେ କିନ୍ତୁ ଅପେକ୍ଷା କରି ଭତ୍ତା ନ ପାଇ ଫେରିଆସିଥିଲେ। ଏନେଇ ବୈପାରୀଗୁଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଚାରିବାରୁ ୧୭ ତାରିଖରେ ଟଙ୍କା ଉଠାଇଯାଇଛି କିନ୍ତୁ କଣ ପାଇଁ ବଣ୍ଟାହୋଇନି ବୁଝିବା ସହ ଖୁବ ଶୀଘ୍ର ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେବି ବୋଲି କହିଛନ୍ତି।

# ଟାଟା ଷ୍ଟିଲ୍ ଯୋଡା ପକ୍ଷରୁ ଜାତୀୟ ଅଗ୍ନିସେବା ସପ୍ତାହ

**ଯୋଡା,୨୦।୪(ସଂଚାର ବ୍ୟୁରୋ):** ଜନସାଧାରଣ, କର୍ମଚାରୀ, ଯୁବ ଗୋଷ୍ଠୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ମଧରେ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରେ ଟାଟା ଷ୍ଟିଲ ଯୋଡା ପକ୍ଷରୁ ସପ୍ତାହବ୍ୟାପୀ ଜାତୀୟ ଅଗ୍ନି ସେବା ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅପ୍ରେଲ ୧୪ରୁ ଆରମ୍ଭ ହୋଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ମକଡ୍ରିଲ ମାଧମରେ ଅପ୍ରେଲ ୨୦ ତାରିଖ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଉଦଘାଟନୀ ଉତ୍ସବରେ ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଗ୍ନିସମ ବାହିନୀ ର ନିଷ୍ଠାପର ସେବା ପାଇଁ ସାଧୁବାଦ ଜଣାଇଥିଲେ।

ଉଦଯାପନୀ ଉତ୍ସବରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ ଉତ୍କୃଷ୍ଟ ସେବା ପାଇଁ ୧୦ ଜଣ ଅଗ୍ନିଶମ କର୍ମଚାରୀ ମାନଙ୍କୁ ପୁରସ୍କାର ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଯୋଡା ଇଷ୍ଟ, ଖଣ୍ଡବନ୍ଧ ଲୌହ ଖଣି ସହ ସାହି, ବିଭିନ୍ନ ବସ୍ତି ଏବଂ ପାର୍ଶ୍ୱବର୍ତ୍ତୀ ସ୍କୁଲ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ବିଶେଷଜ୍ଞ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଅଗ୍ନି ନିରାପତ୍ତାର ପ୍ରତ୍ୟକ୍ଷ ପ୍ରଦର୍ଶନ, ଅଗ୍ନି ଓ ଉଦ୍ଧାର ଉପକରଣ ପ୍ରଦର୍ଶନ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏତଦବ୍ୟତୀତ, ମକଡ୍ରିଲ ମାଧମରେ ନିଆଁ ଲିଭାଇବା ଉପାୟ ଦର୍ଶା ଯାଇଥିଲା ଯାହା ସମସ୍ତଙ୍କ ପାଇଁ ଖୁବ୍ ଶିକ୍ଷଣୀୟ ଥିଲା। ଅଗ୍ନିଶମ ଟିମ ଘର, ଅଫିସ, ଶିକ୍ଷାନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଧୂଆଁ ଚିହ୍ନଟ ମେସିନ୍ ଲଗାଇବାକୁ ପରାମର୍ଶ ଦେଇଥିଲେ।






# ସୋହେଲା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉମଙ୍ଗ-୨୦୨୫

**ସୋହେଲା,୨୦।୪(ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ସୋହେଲା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ସ୍କୁଲ ପରଚାଳନା କମିଟି ସଭାପତି ଅନିଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ଡକ୍ଟର ହଳଧର ନାଗ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟା ଓ ଶିକ୍ଷାର ପାର୍ଥକ୍ୟ ସମ୍ପର୍କରେ ଏବଂ ପୋଥି ବିଦ୍ୟା ଓ ବାସ୍ତବ ଶିକ୍ଷା ସମ୍ପର୍କରେ ଧାରଣା ଦେଇ ସୃଜନଶୀଳ ପ୍ରକୃତିପ୍ରେମୀ ହେବାପାଇଁ ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ମହାବିଦ୍ୟାଳୟ, ବରଗଡର ସହକାରୀ ପ୍ରଫେସର ଡକ୍ଟର ମାନଭଞ୍ଜନ ପାଣିଗ୍ରାହୀ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଗୁଣାତ୍ମକ ଶିକ୍ଷା ତଥା ଚାପମୁକ୍ତ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ, ଡୁଙ୍ଗୁରିର ଇଂରାଜୀ ଅଧାପକ ସୂର୍ଯ୍ୟ ଭାନୁ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପରିଶ୍ରମୀ, ଅଧବସାୟୀ ସମୟାନୁବର୍ତ୍ତି ଓ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ସମସ୍ତ ପୁରାତନ ଓ ନୂତନ ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ଉପଢୌକନ ଓ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉତ୍ତମ ନମ୍ବର ରଖିଥିବା ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ କୃତୀ ଛାତ୍ର ଭାବେ ସତ୍ୟମ୍ ପାଣ୍ଡେ ଓ ଶ୍ରେଷ୍ଠ କୃତୀ ଛାତ୍ରୀ ଭାବେ ରିୟା ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟ ସମାପନ ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରବେଷଣ କରାଯାଇଥିଲା।

## ଛୋଟ ବୟସରୁ ମହାନ୍ ଚିନ୍ତାଧାରା ପୋଷଣ କରନ୍ତି ବାପି

# ପ୍ଲାଷ୍ଟିକ ବ୍ୟବହାର ବିରୋଧରେ କରୁଛନ୍ତି ସଚେତନ

**ମହାକାଳପଡ଼ା,୨୦।୪ (ସଂଚାର ବ୍ୟୁରୋ):** ବୟସ ମାତ୍ର ୨୯ ବର୍ଷ। ଏହି ବୟସରୁ ସେ ଆରମ୍ଭ କରିଛନ୍ତି ସ୍ୱଚ୍ଛ ପରିବେଶ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ପ୍ରୟାସ। ବେଳାଭୂମି ସଫେଇ, ବୃକ୍ଷ ରୋପଣ, ପରିବେଶ ସଚେତନତା ମାଧମରେ ତାଙ୍କର ଉଦ୍ୟମ ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ବିଭିନ୍ନ ସମୟରେ ନିଜ ଦେହକୁ ପ୍ଲାଷ୍ଟିକ ଜରିଆରେ ଆଚ୍ଛାଦିତ କରି ପ୍ଲାଷ୍ଟିକ ବ୍ୟବହାରର କୁ ପରିଣାମ ଓ ପରିବେଶ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। ଯେଉଁଥିପାଇଁ ତାଙ୍କୁ ପ୍ଲାଷ୍ଟିକ ମଣିଷ ଭାବରେ ଲୋକେ ଜାଣୁଛନ୍ତି।

ଏମିତି ଜଣେ ଯୁବକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଓରତ ଗ୍ରାମର କେଳୁ ଗୋଛାୟତଙ୍କ ପୁତ୍ର ବାପି ଗୋଛାୟତ। ପରିବାର କହିଲେ ଜଣେ ଭାଇ, ଭଉଣୀ ଏବଂ ବାପା ମାଆ। ୨୦୧୧ରେ ଦଶମ ପାସ୍ କରିବା ପରେ ଯୁକ୍ତ ୨ ପଢ଼ିବା ପାଇଁ ସେ ମହାକାଳପଡ଼ାର ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। କିନ୍ତୁ ଯୁକ୍ତ ୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନଥିଲେ ବାପି। ୨୦୧୯ରେ ସେ ପାରାଦ୍ୱୀପ ମହାବିଦ୍ୟାଳୟରେ ସ୍ୱଳ୍ପ ବେତନରେ ଅସ୍ଥାୟୀ ଝାଡୁଦାର କର୍ମଚାରୀ ଭାବେ କାମ କରି ଆସୁଛନ୍ତି।

ପରିବାର ପ୍ରତିପୋଷଣ ପାଇଁ ରୋଜଗାର ଜରୁରୀ ହେତୁ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ବାପିଙ୍କ ମନରେ କିନ୍ତୁ ସମାଜ ପାଇଁ କିଛି ଭଲ କାମ କରିବାର ଇଚ୍ଛା ଥିଲା। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଯୋଡ଼ି ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟ ଆଦି କରିବା ଆରମ୍ଭ କରନ୍ତି ବାପି। ବୃତ୍ତିଗତ ଜୀବନ ପାଇଁ ବନ୍ଦର ନଗରୀ ପାରାଦ୍ୱୀପ ଉପକୂଳ ଅଞ୍ଚଳରେ ଜୀବିକାକୁ ଆଦରି ବେଳାଭୂମି ବୁଲିବାକୁ ଯାଇଥିବାବେଳେ ପ୍ଲାଷ୍ଟିକ ଆବର୍ଜନାରେ ଭର୍ତ୍ତି ପ୍ରଦୂଷିତ ବେଳାଭୂମି ପରିବେଶ ଯାହା ତାଙ୍କୁ କଷ୍ଟ ଦେଇଥିଲା । ସେହି ଦିନଠାରୁ ବେଳାଭୂମିକୁ ସ୍ୱଚ୍ଛ ରଖିବା ସହିତ ପରିବେଶକୁ ସୁରକ୍ଷା ଦେବା, ପର୍ଯ୍ୟଟକଙ୍କୁ ସଚେତନତା କରିବା ପାଇଁ ସେ ଶପଥ ନେଇଥିଲେ। ଆଜି ପର୍ଯ୍ୟନ୍ତ ସେ କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ମହାକାଳପଡ଼ାର ବାହାକୁଦ ନଦୀ ତଟ, ପାରାଦ୍ୱୀପର ନେହେରୁ ବଙ୍ଗଳା ପର୍ଯ୍ୟଟନ ସ୍ଥଳୀ ଓ ପାରାଦ୍ୱୀପର ସମୁଦ୍ର ବେଳାଭୂମିକୁ ୨୮୦ ଥର ସଫେଇ କରି ପ୍ରାୟ ୪ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ଅଳିଆ ପୁନଃଚକ୍ରଣ ପାଇଁ ପାରାଦ୍ୱୀପ ପୌରପାଳିକାକୁ ହସ୍ତାନ୍ତର କରି ସାରିଛନ୍ତି। ପାରାଦ୍ୱୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଓ ବାଲିଯାତ୍ରାରେ ମଧ ପ୍ଲାଷ୍ଟିକର ଦାୟିତ୍ୱ ସମ୍ପନ୍ନ ବ୍ୟବାହାର କରିବା ପାଇଁ ନିଜକୁ ପ୍ଲାଷ୍ଟିକରେ ଆଚ୍ଛାଦିତ କରି ଲୋକମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ନକରିବାକୁ ସଚେତନତା କରିବା ସହିତ ପ୍ଲାଷ୍ଟିକ ବ୍ୟବହାର ମାଟି, ପାଣି, ପବନ, ଗୃହପାଳିତ ପଶୁ, ଜଳଚର ପ୍ରାଣୀ ଆଦିକୁ ବହୁତ ମାତ୍ରାରେ ପ୍ରଭାବିତ କରିବା ସମ୍ପର୍କରେ ସଚେତନ କରୁଛନ୍ତି।



ବାପିଙ୍କ ଏହି ନିଆରା ପରିବେଶ ସଚେତନତା ପାଇଁ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ ତାଙ୍କୁ ସାଧୁବାଦ ଜଣାଇବା ସହିତ ବିଭିନ୍ନ ସଙ୍ଗଠନ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବାପିଙ୍କ ଏହି କାର୍ଯ୍ୟ ପାଇଁ ତାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମଧ ମିଳି ସାରିଛି।

# ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟତା ସମ୍ମିଳନୀ



**କେନ୍ଦ୍ରାପଡ଼ା,୨୦।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟତା ସମ୍ମିଳନୀ କେନ୍ଦ୍ରାପଡ଼ା ପୌରପାଳିକା ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଦସ୍ୟତା ସମ୍ମିଳନୀ ବୈଠକରେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ନିର୍ବାଚନ ମଣ୍ଡଳୀ ନେତ୍ରୀ ଗୀତାଞ୍ଜଳି ସେଠୀଙ୍କ ନେତୃତ୍ୱରେ ଆୟୋଜିତ ସଦସ୍ୟତା ସମ୍ମୀଳନୀରେ ଅନ୍ୟ ଅତିଥି ମାନଙ୍କ ମଧରେ ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଅମିତାଭ ସୁଆର, ଜିଲ୍ଲା ଉପ-ସଭାପତି ଉପିନ କୁମାର ରାଉତ, ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ଝିଲ୍ଲୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ସକ୍ରିୟ ଭାବରେ ୫୦ରୁ ୧୦୦ସଦସ୍ୟ କରିଥିବା ସକ୍ରିୟ ସଦସ୍ୟ ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ମଞ୍ଚାସିନ ଅତିଥିମାନେ ବିଜେପି ଦଳର ସକ୍ରିୟ ସଦସ୍ୟ ସଦସ୍ୟା ମାନଙ୍କୁ ବିଜେପି ଦଳର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବା ସହିତ ଆଗମୀ ଦିନରେ କିପରି ସଂଗଠିତ ହୋଇ ଦଳ ପାଁଇ କାର୍ଯ୍ୟ କରିବା ନେଇ ଗୁରୁମନ୍ତ୍ର ଦେଇଥିଲେ। ଶେଷରେ ବିଜେପି ଦଳର ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ପଟ୍ଟାମୁଣ୍ଡାଇ ବ୍ଲକର ପୁର୍ବତନ ଉପାଧକ୍ଷ ସୁଶାନ୍ତ କୁମାର ଦାସ୍,ଗାଙ୍ଗପଡା ପଞ୍ଚାୟତ ଯୁବ ବାହିନୀ ସଭାପତି ଅସିତ୍ ଧଳ,ବିଜେଡିର ପ୍ରଶାନ୍ତ ପରିଡ଼ା ସହିତ କିଛି ବିଜେଡି କର୍ମୀ ଦଳ ଛାଡି ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।





# ଡେଟିଂ ଆପ୍ ବଢ଼ାଉଛି ମାନସିକ ଅସୁସ୍ଥତା!

**ଅନ୍‌ଲାଇନ୍ ଡେଟିଂ ମଞ୍ଚରେ ଅନ୍ୟ ସହିତ ନିଜ ରୂପ, ଆର୍ଥିକ ଓ ସାମାଜିକ ସ୍ଥିତିର ତୁଳନା ମନରେ ଈର୍ଷା, ଅସୁରକ୍ଷା ବଢ଼ାଏ ଓ ଆତ୍ମସମ୍ମାନରେ ହାନି ଘଟାଇଥାଏ। ଏହା ବିଷାଦ ଓ ଉଦ୍‌ବେଗ ଭଳି ମାନସିକ ରୋଗ ସୃଷ୍ଟି କରିପାରେ।**

ଏବର ଡିଜିଟାଲ୍ ଯୁଗରେ ଅଜଣା ବ୍ୟକ୍ତିଙ୍କ ସହ ନୂଆ ସମ୍ପର୍କ ସ୍ଥାପନରେ ଡେଟିଂ ଆପ୍ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଏଭଳି ସାମାଜିକ ମଞ୍ଚରେ ସହଜ ଓ ସୁବିଧାରେ ସାଥୀ ମିଳୁଛନ୍ତି ସତ, ହେଲେ ତାହା ବ୍ୟବହାରକାରୀର ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

ଏହି ଡେଟିଂ ଆପ୍‌ଗୁଡ଼ିକର ଗୋଟିଏ ବଡ଼ ଦୁର୍ଗୁଣ ହେଲା ସେଥିରେ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ରହିଥାଏ। ଏହାଦ୍ୱାରା ଜଣକ ମନରେ ହୀନମନ୍ୟତା ସୃଷ୍ଟି ହେବା ସହ ସେ ଆତ୍ମବିଶ୍ୱାସ ହରାଇବସେ। ଅନେକ ବ୍ୟବହାରକାରୀଙ୍କ ପାଇଁ ବାରମ୍ବାର ଅଣଦେଖା ହେବା ବା ପ୍ରତ୍ୟାଖ୍ୟାତ ହେବା ଘଟଣା ସ୍ୱାଭିମାନରେ ଆଘାତ ପହଞ୍ଚାଇବା ସହ ନିଜର ସକାରାତ୍ମକ ଭାବମୂର୍ତ୍ତି ବଜାୟ ରଖିବା ମଧ କଷ୍ଟକର ହୋଇପଡ଼େ। ଏଥି ସହିତ ଡେଟିଂ ଆପ୍‌ରେ ଜଣେ ନିଜ ବିଷୟରେ ଏକ ପରିମାର୍ଜିତ ବିବରଣୀ ଉପସ୍ଥାପନା କରିଥାଏ, ଯାହାକୁ ଭିତ୍ତି କରି ସାଥୀ ମନରେ ଆଶାତୀତ ଆକାଂକ୍ଷା ବସା ବାନ୍ଧିବାକୁ ଲାଗେ। ଶେଷରେ ଯେତେବେଳେ ବାସ୍ତବ ଜୀବନରେ ଏସବୁ ଅସତ୍ୟ ପ୍ରମାଣିତ ହୁଏ, ତାହା ମନରେ ହତାଶା ସୃଷ୍ଟି କରେ। ବିଭିନ୍ନ ଲୋକ ନିଜ ବିଷୟରେ ଦେଉଥିବା ଛଦ୍ମ ବ୍ୟାଖ୍ୟାନ ଦେଖି ଦେଖି କାହାକୁ ସହଜରେ ଭରସା କରିବା ମଧ କଷ୍ଟକର ହୋଇପଡ଼େ। ସେହିପରି ଜଣେ ବ୍ୟକ୍ତିକୁ କେବଳ ଗୋଟିଏ ପ୍ରୋଫାଇଲ୍ ଓ ଫଟୋଚିତ୍ରରେ ସୀମିତ କରିଦେବା ଦ୍ୱାରା ମଣିଷଙ୍କୁ ବସ୍ତୁ ଭଳି ଦେଖିବାର ସଂସ୍କୃତି ପ୍ରୋତ୍ସାହିତ ହୋଇଥାଏ। ସୁତରାଂ ଅନ୍‌ଲାଇନ୍ ଡେଟିଂ ପ୍ରକ୍ରିୟାର ଫଳାଫଳ ହେଉଛି ସହାନୁଭୂତି ଓ ବୁଝାମଣାରେ ହ୍ରାସ। ନିଜର ଏକ ନିଖୁଣ ବ୍ୟକ୍ତିତ୍ୱ ଉପସ୍ଥାପନା କରିବାର ଚାପ ଓ ଅନେକଙ୍କ ଗହଣରେ ହଜିଯିବାର ଭୟ ଡେଟିଂ ଆପ୍‌କୁ କ୍ରମାଗତ ଯାଞ୍ଚ କରିବାର ପ୍ରବଣତା ଜାତ କରାଏ। ଏହି ପ୍ରବଣତା ବ୍ୟବହାରକାରୀ ମନରେ ଉତ୍କଣ୍ଠା ଓ ଚାପ ସୃଷ୍ଟି କରେ। ବ୍ୟବହାରକାରୀମାନେ ଯେହେତୁ ଏହି ମଞ୍ଚରେ ଅନ୍ୟମାନଙ୍କ ତୁଳନାରେ ନିଜର ରୂପ, ସାମର୍ଥ୍ୟ, ଆର୍ଥିକ ଓ ସାମାଜିକ ସ୍ଥିତି ମାପିଥା'ନ୍ତି ଏହା ଈର୍ଷା, ଅସୁରକ୍ଷା ଭାବ ବଢ଼ାଇବା ସହ ଆତ୍ମସମ୍ମାନରେ ହାନି ଘଟାଇଥାଏ। ଅନ୍‌ଲାଇନ୍ ଡେଟିଂର ଆଉ ଏକ ବିପଦ ହେଉଛି 'ଘୋଷ୍ଟିଂ' ବା ହଠାତ୍ ଜଣେ ସାଥୀ ବିନା କୌଣସି କାରଣ ଦର୍ଶାଇ ହଠାତ୍ ସମସ୍ତ ପ୍ରକାର ଯୋଗାଯୋଗ ବନ୍ଦ କରିଦେବା। ଏହା ମନରେ ଭାବପ୍ରବଣତା ଓ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ ଏବଂ ଭବିଷ୍ୟତର ସମ୍ପର୍କ ବାବଦରେ ଅନିଶ୍ଚିତତା ଅନୁଭବ କରି କାହିଁକି ଏପରି ହେଲା ବୋଲି ନିଜକୁ ପ୍ରଶ୍ନ କରିବାକୁ ବାଧ କରିଥାଏ। ଏହିସବୁ ମିଶି ବିଷାଦ ଓ ଉଦ୍‌ବେଗ ପରି ମାନସିକ ରୋଗ ସୃଷ୍ଟି କରିପାରେ। ତେଣୁ ଡେଟିଂ ଆପ୍ ବ୍ୟବହାର ବେଳେ ଉପରୋକ୍ତ ଦିଗଗୁଡ଼ିକୁ ମନେ ରଖିବା ଉଚିତ, ଯାହା ଫଳରେ ନିଜର ମାନସିକ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ।

## ତ୍ୱଚା ଯତ୍ନ ଉତ୍ପାଦ: କଥାରେ ଭଲ, କାମରେ ଭେଲ

ଆଜିର ବିଜ୍ଞାପନ ଯୁଗରେ ଆମେ କୌଣସି ସାମଗ୍ରୀର ଭଲମନ୍ଦ ବିଚାର ନକରି ତାହାକୁ ତୁରନ୍ତ ବ୍ୟବହାର କରି ପକାଇଥାଉ। ଏହି କ୍ରମରେ ଆମ ଦୈନନ୍ଦିନ ଜୀବନରେ ଏଭଳି ଅନେକ ତଥାକଥିତ ତ୍ୱଚା-ଉପକାରୀ ଉତ୍ପାଦ ରହିଛି ଯାହା ଆମ ଚର୍ମର ହିତ ସାଧନ କରିବା ପରିବର୍ତ୍ତେ ଅନିଷ୍ଟ କରିଥାଏ। ଆଜି ସେଭଳି କିଛି ସାମଗ୍ରୀ ଓ ସେଗୁଡ଼ିକର ବିକଳ୍ପ ବାବଦରେ ଜାଣିବା।



'ମେକ୍‌ଅପ୍ ୱାଇପ୍' ସେମିତି ଏକ ସାମଗ୍ରୀ। ସଂପ୍ରତି ସୌନ୍ଦର୍ଯ୍ୟଚର୍ଯ୍ୟାରେ ମେକ୍‌ଅପ୍ ଏକ ଅବିଚ୍ଛେଦ୍ୟ ଅଂଶ। ତେବେ ସହଜରେ ମେକ୍‌ଅପ୍ ଛଡ଼ାଇବା ଲାଗି 'ମେକ୍‌ଅପ୍ ୱାଇପ୍' ବ୍ୟବହାର କାରାଯାଇଥାଏ। ମାତ୍ର ତାହା ତ୍ୱଚା ପାଇଁ କ୍ଷତିକାରକ। କାରଣ ଅଧିକାଂଶ ମେକ୍‌ଅପ୍ ୱାଇପ୍‌ରେ ଆଲ୍‌କୋହଲ ସମେତ ଅନ୍ୟାନ୍ୟ ଜଟିଳ ରାସାୟନିକ ପଦାର୍ଥ ରହିଥାଏ। ତାହା ଚର୍ମରେ ଥିବା ପ୍ରାକୃତିକ ତୈଳ ଆବରଣକୁ ପୋଛିନେଇ ଚର୍ମକୁ ଶୁଷ୍କ କରିଦିଏ। ସେଥିରେ ଚର୍ମକୁ ଘଷିବା ଦ୍ୱାରା ତ୍ୱଚା ଉପରେ ଘର୍ଷଣ ଶକ୍ତି ଜନିତ ତାପ ସୃଷ୍ଟି ହୋଇ ଚର୍ମ ଲାଲ ପଡ଼ି କୁଣ୍ଡାଇବା ଆରମ୍ଭ ହୋଇଥାଏ। ତେଣୁ ମେକ୍‌ଅପ୍ ଛଡ଼ାଇବା ପାଇଁ ମାଇସେଲାର୍ ୱାଟର୍ କିମ୍ବା ତୈଳଭିତ୍ତିକ କ୍ଲିନ୍‌ଜର୍ ବ୍ୟବହାର କରିବା ଉଚିତ।

ଚର୍ମରୁ ମଇଳାକୁ ଘଷିମାଜି ଛଡ଼ାଇବା ପାଇଁ ଆମେ 'ଲୁଫାହ' ବ୍ୟବହାର କରୁ। ମାତ୍ର ତାହାର ଖଦଡ଼ ସମତଳ ଚର୍ମରେ କ୍ଷୁଦ୍ର ଫାଟ ସୃଷ୍ଟି କରିବାର ଆଶଙ୍କା ରହିଛି। ଛିଦ୍ରଯୁକ୍ତ ଗଢ଼ଣ ଯୋଗୁଁ ତାହା ଅସଂଖ୍ୟ ଜଳକଣାକୁ ଧରି ରଖିପାରିଥାଏ, ଯାହା ପରୋକ୍ଷରେ ବିଭିନ୍ନ ବୀଜାଣୁ ବଢ଼ିବାର ଉତ୍ସ ହୋଇଥାଏ। ସୁତରାଂ ଚର୍ମରେ ତାହାକୁ ଘଷିଲା ବେଳେ ସଂକ୍ରମଣ ବ୍ୟାପିବା ପ୍ରାୟ ସୁନିଶ୍ଚିତ। ନିୟମିତ ଲୁଫାହରେ ଚର୍ମ ଘଷିବା ଦ୍ୱାରା ତ୍ୱଚାରୁ ପ୍ରାକୃତିକ ତୈଳ ଅଂଶ କମିଯାଇଥାଏ, ଯାହା ଚର୍ମସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ। ତେଣୁ ଲୁଫାହ ପରିବର୍ତ୍ତେ କୋମଳ କପଡ଼ା ବା ସିଲିକନ୍ ସ୍କ୍ରବ୍ ବ୍ୟବହାର କଲେ ଭଲ।

ଆଉ ଏକ ଉତ୍ପାଦ ହେଲା ଆପ୍ରିକଟ୍ ସ୍କ୍ରବ୍, ଯାହା ଦଶକ ଦଶକ ଧରି ଏକ ପ୍ରାକୃତିକ ଉତ୍ପାଦ ନାମରେ ତ୍ୱଚା ପରିଷ୍କାରକ ଭାବେ ବ୍ୟବହୃତ ହୋଇ ଆସୁଛି। ମାତ୍ର ଚର୍ମ ବିଶେଷଜ୍ଞଙ୍କ କହିବାନୁସାରେ, ଏହାର ମଞ୍ଜିର ଦନ୍ତୁରିତ ପାର୍ଶ୍ୱଗୁଡ଼ିକ ଚର୍ମରେ କ୍ଷୁଦ୍ର ଫାଟ ସୃଷ୍ଟି କରିଥାଏ। ଏହି ଆପ୍ରିକଟ୍ ସ୍କ୍ରବ୍‌ର ନିୟମିତ ବ୍ୟବହାର ବିଶେଷ କରି ସମ୍ବେଦନଶୀଳ କି ବ୍ରଣପ୍ରବଣ ଚର୍ମ ପାଇଁ ଭୀଷଣ କ୍ଷତିକାରକ।

## ଅମ୍ଳତ୍ୱର ପ୍ରାକୃତିକ ଉପଚାର

ପାକସ୍ଥଳୀରେ ଅମ୍ଳତ୍ୱ ବା ଏସିଡିଟି ବା ଏସିଡ୍ ରିଫ୍ଲକ୍ସ ହେଉଛି ଏକପ୍ରକାର ଗାଷ୍ଟ୍ରୋଇସୋଫାଜିଆଲ୍ ରିଫ୍ଲକ୍ସ ରୋଗ। ପାକସ୍ଥଳୀରେ ଏସିଡ୍ ଯେତେବେଳେ ଖାଦ୍ୟନଳୀ ଆଡ଼କୁ ପ୍ରବାହିତ ହୋଇଥାଏ, ସେତେବେଳେ ଏହି ରୋଗ ସୃଷ୍ଟି ହୋଇ ପେଟ ଓ ଛାତିରେ ଯନ୍ତ୍ରଣା ସହ ଅସହଜ ଅନୁଭବ ହୁଏ। ଅମ୍ଳତ୍ୱ ସମସ୍ୟାର କେତେକ କାରଣ ହେଉଛି ଭୁଲ୍ ଖାଦ୍ୟ ଚୟନ, ମାତ୍ରାଧିକ ଭୋଜନ, ଧୂମପାନ, ଗର୍ଭଧାରଣ, ମାନସିକ ଚାପ ଓ କୌଣସି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା। ଏସିଡିଟି ଦୂର କରିବାର କିଛି ସହଜ ଘରୋଇ ଉପଚାର ସମ୍ପର୍କରେ ଆଲୋଚନା କରିବା।

- ସକାଳେ ନଖ ଉଷୁମ ପାଣି ପିଇବା ଦ୍ୱାରା ଏସିଡିଟି ଲାଘବ ହୋଇପାରିବ। ଉଷୁମ ପାଣିରେ ଟିକେ ଗୋଲମରିଚ ଗୁଣ୍ଡ ଓ ଲେମ୍ବୁ ରସ ମିଶାଇଲେ ତାହା ଆହୁରି ଭଲ କାମ କରେ।
- ପଇଡ଼ ପାଣି ଏସିଡିଟିର ଅନ୍ୟତମ ପ୍ରକୃଷ୍ଟ ଉପଚାର। ନିୟମିତ ପଇଡ଼ ପାଣି ପିଇଲେ ପାକସ୍ଥଳୀରେ ଏସିଡ୍‌ର ମାତ୍ରାଧିକ ପ୍ରଭାବ ହ୍ରାସ ପାଏ।
- ଜିରା ପାଣି ଏକ ପ୍ରାକୃତିକ ଅମ୍ଳତ୍ୱ ହରଣକାରୀ ଉପାଦାନ। ଗୋଟିଏ ଚାମଚ ଜିରାକୁ ପାଣିରେ ପକାଇ ତାହାକୁ ୧୦-୧୫ ମିନିଟ୍ ଫୁଟାଇ ଏହା ପ୍ରସ୍ତୁତ କରିହେବ। ତାହାକୁ ଥଣ୍ଡା କରି, ଖାଇବା ପରେ ଦିନକୁ ତିନିଥର ପିଇଲେ ଅମ୍ଳତ୍ୱ ଦୂର ହୋଇଥାଏ।
- ଲେମ୍ବୁରସ ଅମ୍ଳତ୍ୱ ଦୂର କରିବା ସହ ଶରୀରର ରୋଗ ପ୍ରତିରୋଧକତା ବଢ଼ାଇଥାଏ। ଲେମ୍ବୁରସରେ ଥିବା ଭିଟାମିନ୍ 'ସି' ପାକସ୍ଥଳୀକୁ ସୁସ୍ଥ ରଖିବା ସହ ଅନ୍ୟାନ୍ୟ ସଂକ୍ରମଣରୁ ରକ୍ଷା କରିଥାଏ।
- ପାଚିଲା କଦଳୀ ଅମ୍ଳତ୍ୱ ଦୂର କରିବା ସହ ଗ୍ୟାସ୍ ସମସ୍ୟା ଯୋଗୁଁ ଛାତିପୋଡ଼ା ଦୂର କରିଥାଏ।
- ପୁଷ୍ଟିସାର, କାଲସିଅମ୍, ରିବୋଫ୍ଲାଭିନ୍ ଓ ଭିଟାମିନ୍ ସି' ଆଦି ଉପାଦାନରେ ଭରପୂର ଦହି ହେଉଛି ଅନ୍ୟତମ ପାକପୀଡ଼ା ଲାଘବକାରୀ। ଏଥିରେ ଥିବା ଉପକାରୀ ଅଣୁଜୀବଗୁଡ଼ିକ ହଜମ ପ୍ରକ୍ରିୟାରେ ସାହାଯ୍ୟ କରି ଏସିଡିଟି ସମସ୍ୟା ଦୂର କରିଥାଏ।



## ସପ୍ତାହାନ୍ତ ନିଦ୍ରା କମାଏ ହୃଦ୍‌ରୋଗ ଆଶଙ୍କା



ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ସମୟ ପାଇଁ ଶୋଇବା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆଜିକାଲିର ଆଧୁନିକ ଜୀବନଶୈଳୀ ଲୋକଙ୍କୁ କର୍ମଦିବସରେ ସ୍ୱାଭାବିକ ନିଦ୍ରାରୁ ବଞ୍ଚିତ କରି ରଖୁଛି। ତେଣୁ ଅଧିକାଂଶ କର୍ମଜୀବୀ ସପ୍ତାହ ଶେଷରେ ନିଦ୍ରା ପୂରଣ କରିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ପାଇଁ ଚୀନୀ ସ୍ୱାସ୍ଥ୍ୟ ଗବେଷକମାନେ ଏକ ଖୁସି ଖବର ଆଣିଛନ୍ତି।

ସପ୍ତାହାନ୍ତ ନିଘୋଡ଼ ନିଦ ହୃଦ୍‌ରୋଗ ଆଶଙ୍କା କମାଇଥାଏ ବୋଲି ସେମାନଙ୍କ ଗବେଷଣାରୁ ଜଣାପଡ଼ିଛି। କାର୍ଯ୍ୟବ୍ୟସ୍ତତା ଯୋଗୁଁ ପ୍ରତ୍ୟହ ବିଳମ୍ବରେ ଶୋଉଥିବା ଲୋକଙ୍କ ତୁଳନାରେ ସପ୍ତାହ ଶେଷରେ ଭୂରି ନିଦ ଯାଉଥିବା ବ୍ୟକ୍ତିମାନଙ୍କର ହୃଦ୍‌ସମସ୍ୟା କମ୍ ରହେ ବୋଲି ସ୍ପଷ୍ଟ ହୋଇଛି। ଚୀନୀ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଅନୁଧ୍ୟାନ ଅନୁଯାୟୀ, ସପ୍ତାହାନ୍ତ ନିଦ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ପାଇଁ ଅଧିକ ଉପଯୋଗୀ। ଏପରି ଭରଣାମୂଳକ ନିଦ ସହ ହୃଦ୍‌ସମସ୍ୟା ହ୍ରାସର ସମ୍ବନ୍ଧ ରହିଥିବା ସେମାନେ ଜାଣିବାକୁ ପାଇଛନ୍ତି। ଏହି ସମ୍ବନ୍ଧ ସପ୍ତାହବ୍ୟାପୀ କମ୍ ନିଦ ଲାଭ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ବେଶୀ ସ୍ପଷ୍ଟ ବୋଲି ଗବେଷକମାନେ କହିଛନ୍ତି। ୟୁକେ ବାୟୋବ୍ୟାଙ୍କରୁ ମିଳିଥିବା ୯୦,୯୦୩ ଜଣ ସ୍ୱେଚ୍ଛାସେବୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟରୁ ଏଭଳି ନିର୍ଯାସ ମିଳିଛି। ସେମାନଙ୍କ ଭିତରୁ ୧୯,୮୧୬ ସ୍ୱେଚ୍ଛାସେବୀ ନିଦ୍ରା-ବଞ୍ଚିତ ଥିଲେ। ୧୪ ବର୍ଷ ଧରି ସପ୍ତାହାନ୍ତରେ ଗଭୀର ନିଦ୍ରା ଯାଇଥିବା ନିଦ୍ରା-ବଞ୍ଚିତମାନଙ୍କଠାରେ ସପ୍ତାହ ଶେଷରେ କମ୍ ଶୋଉଥିବା ଲୋକଙ୍କ ତୁଳନାରେ ହୃଦ୍‌ଘାତ ଆଶଙ୍କା ୧୯ ପ୍ରତିଶତ କମ୍ ବୋଲି ଜଣାଯାଇଛି। ସପ୍ତାହ ଶେଷରେ ନିଦ୍ରା ଭରଣା କୌଶଳ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କି ନୁହେଁ ସେ ବାବଦରେ ଆଗରୁ କୌଣସି ଗବେଷଣା ହୋଇନଥିଲା। ଚୀନୀ ଗବେଷକମାନେ ପ୍ରଥମ ଥର ପାଇଁ ଏହା ପ୍ରମାଣିତ କରିଛନ୍ତି।

## ଯୌନ ସ୍ୱାସ୍ଥ୍ୟ ପାଇଁ ଦହି ଓ କଦଳୀ



ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶାରୀରିକ ସ୍ୱାସ୍ଥ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଯୌନ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁଷମ ସନ୍ତୁଳିତ ଖାଦ୍ୟ ଦ୍ୱାରା ଯୌନ ସ୍ୱାସ୍ଥ୍ୟରେ ଉନ୍ନତି ଅଣାଯାଇପାରିବ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଦାବି ମୁତାବକ ପାଚିଲା କଦଳୀ ଓ ଦହି ଖାଇବା ଏ ଦିଗରେ ଅଧିକ ସହାୟକ ହୋଇପାରିବ। କଦଳୀରେ ଉଚ୍ଚ ମାନର ପୋଟାସିଅମ୍ ଖଣିଜ ରହିଛି ଯାହା ରକ୍ତ ସଂଚାଳନକୁ ସୁଗମ କରିଥାଏ ଏବଂ ଯୌନ ସ୍ୱାସ୍ଥ୍ୟ ପାଇଁ ରକ୍ତ ସଂଚାଳନ ହିଁ ଗୁରୁତ୍ୱପୂର୍ଣ୍ଣ। କଦଳୀରେ ଭିଟାମିନ୍ ବି' ସମୂହ ଓ ବ୍ରୋମିଲେନ୍ ନାମକ ଏଞ୍ଜାଇମ୍ ରହିଛି, ଯାହା ପୁରୁଷଙ୍କର ପ୍ରଜନନହୀନତା ହ୍ରାସ କରି କାମୋତ୍ତେଜନା ବଢ଼ାଇଥାଏ। ସେହିପରି ଦହିରେ ଥିବା ଉପକାରୀ ଅଣୁଜୀବ (ପ୍ରୋବାୟୋଟିକ୍)ଗୁଡ଼ିକ ଅନ୍ତନାଳୀ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥା'ନ୍ତି, ଯାହା ଉନ୍ନତ ଯୌନ ସ୍ୱାସ୍ଥ୍ୟ ସହ ଜଡ଼ିତ। ଦହି ମଧ ଏକ ଉତ୍ତମ ପୁଷ୍ଟିସାର ଉତ୍ସ ଯାହା ମାଂସପେଶୀ ଓ ଶାରୀରିକ ବଳ ବଢ଼ାଇଥାଏ। ଦହି ଶରୀରକୁ ବିଭିନ୍ନ ବିପଜ୍ଜନକ ରୋଗଜୀବାଣୁ ଓ ଭୂତାଣୁ ପ୍ରତିରୋଧୀ କରିଥାଏ। ତେଣୁ କଦଳୀ ଓ ଦହିର ମିଳିତ ଆହାର ଶରୀରକୁ ଶ୍ୱେତସାର, ପୁଷ୍ଟିସାର, ଭିଟାମିନ୍ ବା ଜୀବସାର ଓ ଖଣିଜସାରର ଏକ ସନ୍ତୁଳିତ ମିଶ୍ରଣ ଯୋଗାଇଥାଏ। ଏହା ଯୌନ ସ୍ୱାସ୍ଥ୍ୟ ଲାଗି ଉପକାରୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ।

## ଗୁରୁତର ରୋଗୀଙ୍କୁ ସୁସ୍ଥ କରୁଛି କ୍ରିଟିକାଲ୍ କେୟାର୍

**➘ ଆଧୁନିକ ଚିକିତ୍ସାରେ ବର୍ତ୍ତମାନ କ୍ରିଟିକାଲ୍ କେୟାର୍ ବା ଇଣ୍ଟେନ୍‌ସିଭ୍ କେୟାର୍‌ର ଗୁରୁତ୍ୱ ବୃଦ୍ଧି ପାଉଛି। ଏହାର କାରଣ କ'ଣ?**

ଏବେ ଉଭୟ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କ୍ରିଟିକାଲ୍ କେୟାର୍ ୟୁନିଟ୍ ରଖାଯାଉଛି। ସାଧାରଣ ଭାବେ ଜଣେ ଗୁରୁତର ରୋଗୀଙ୍କୁ ୨୪ ଘଣ୍ଟିଆ ପର୍ଯ୍ୟବେକ୍ଷଣ ଓ ତ୍ୱରିତ ଚିକିତ୍ସା ଯୋଗାଇ ଦେବା ଲାଗି କ୍ରିଟିକାଲ୍ କେୟାର ୟୁନିଟ୍ ବା ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ର ସୃଷ୍ଟି। ଏଥିସହ ଆଇସିୟୁରେ ଲାଇଫ୍ ସପୋର୍ଟ ସିଷ୍ଟମ୍ ମଧ ଉପଲବ୍ଧ ଥାଏ। ରୋଗୀଙ୍କର କୌଣସି ଅଙ୍ଗ ଯଦି ଠିକ୍ ଭାବେ କାର୍ଯ୍ୟ କରିବା ବନ୍ଦ କରିଦିଏ, ତେବେ ତାଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ରଖି ଚିକିତ୍ସା କରାଯାଏ।

**➘ କେଉଁ ଧରଣର ରୋଗୀଙ୍କୁ ଆଇସିୟୁରେ ରଖି ଚିକିତ୍ସା କରିବା ଜରୁରି ହୋଇଥାଏ?**

ହୃଦ୍‌ଘାତ୍ କିମ୍ବା ମସ୍ତିଷ୍କଘାତର ଶିକାର ହୋଇଥିବା ରୋଗୀ, ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ଯକୃତ, ବୃକ୍କ ଆଦି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଚଳ ହୋଇଥିବା



ଡାକ୍ତର ଜ୍ୟୋତିର୍ମୟ ପ୍ରକାଶ ପତି
କ୍ରିଟିକାଲ୍ କେୟାର ବିଶେଷଜ୍ଞ,
ଡାକ୍ତର ରାମ ମନୋହର ଲୋହିଆ ହସ୍ପିଟାଲ୍, ନୂଆଦିଲ୍ଲୀ

ରୋଗୀଙ୍କୁ ଆଇସିୟୁ ଚିକିତ୍ସା ଦରକାର। ଏହା ବାଦ୍ କୌଣସି ଦୁର୍ଘଟଣାର ଶିକାର ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲେ ଅଥବା ନିଃଶ୍ୱାସପ୍ରଶ୍ୱାସ ବ୍ୟାହତ ହେଉଥିବା ରୋଗୀଙ୍କୁ ତୁରନ୍ତ କ୍ରିଟିକାଲ୍ କେୟାର୍ ଚିକିତ୍ସା ଦରକାର। ଜୀବନ ପ୍ରତି ବିପଦ ଥିବା ଯେକୌଣସି ରୋଗୀଙ୍କୁ ଆଇସିୟୁରେ ରଖି ଚିକିତ୍ସା କରିବା ଫଳପ୍ରଦ ହୋଇଥାଏ।

**➘ ସାଧାରଣ ଚିକିତ୍ସା ଓ ଆଇସିୟୁ ଚିକିତ୍ସା ମଧ୍ୟରେ କି ପାର୍ଥକ୍ୟ ରହିଥାଏ?**

ଆଇସିୟୁରେ ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ଥାଏ। କୃତ୍ରିମ ଭାବେ ଶ୍ୱାସକ୍ରିୟା ଚଳାଇ ରଖିବା ଲାଗି ଭେଣ୍ଟିଲେଟର୍ ବ୍ୟବସ୍ଥା ଥାଏ। ସେହିପରି ଏକ୍‌ମୋ (କୃତ୍ରିମ ଫୁସ୍‌ଫୁସ୍), ଡିଫିବ୍ରିଲେଟର୍, ସିଆର୍‌ଆର୍‌ଟି ଭଳି ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଚିକିତ୍ସା କରାଯାଏ। ଜଣେ ରୋଗୀଙ୍କର ଶରୀରର ସମସ୍ତ ଅଙ୍ଗର କାର୍ଯ୍ୟଦକ୍ଷତା ପରିମାପକ ବ୍ୟବସ୍ଥା ମଧ ଆଇସିୟୁରେ ଥାଏ। ତଦନୁଯାୟୀ ଚିକିତ୍ସା କରାଯାଏ। ଡାକ୍ତର ରୋଗୀ ପାଖରେ ୨୪ ଘଣ୍ଟା ଉପସ୍ଥିତ ଥାଆନ୍ତି। ରକ୍ତଚାପ ନିୟନ୍ତ୍ରଣ, ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ କାର୍ଯ୍ୟକାରିତା ନିୟନ୍ତ୍ରଣ, ଶରୀରର ଅମ୍ଳଜାନ ସ୍ତର ନିୟନ୍ତ୍ରଣ, କିଡ୍‌ନୀ ଡାଏଲିସିସ୍ ଓ ଅନ୍ୟ ଅଙ୍ଗସମୂହର କାର୍ଯ୍ୟକାରିତା ଅନୁଧ୍ୟାନ ମଧ ହୋଇଥାଏ। ଏସବୁ ସାଧାରଣ ୱାର୍ଡରେ ଉପଲବ୍ଧ ହୋଇ ନଥାଏ।

**➘ ଏହାଦ୍ୱାରା ରୋଗୀ କିପରି ଲାଭବାନ୍ ହେଉଛନ୍ତି?**

ଆଗରୁ ଆଇସିୟୁ ବ୍ୟବସ୍ଥା ନଥିବା ବେଳେ ଗୁରୁତର ରୋଗୀଟିଏ ପ୍ରକୃଷ୍ଟ ଚିକିତ୍ସା ଅଭାବରୁ ସୁସ୍ଥ ହୋଇ ଫେରିବା ଆଶା କମ୍ ରହୁଥିଲା। ଏବେ କିନ୍ତୁ ଗୁରୁତର ରୋଗୀ ସୁସ୍ଥ ହୋଇ ଫେରିବା ସଂଖ୍ୟା ବଢ଼ିଛି। ପୁଣି କିଡ୍‌ନୀ କିମ୍ବା ଲିଭର୍ ବିଫଳ ହୋଇଥିବା ରୋଗୀଙ୍କ ଅଙ୍ଗ ପ୍ରତିରୋପଣ ପରେ ଆଇସିୟୁରେ ତାଙ୍କୁ ଅତ୍ୟୁଚ୍ଚ ଯତ୍ନରେ ରଖାଯାଇ ସୁସ୍ଥ କରି ଛଡ଼ାଯାଉଛି। ଅପେକ୍ଷାକୃତ ବ୍ୟୟବହୁଳ ହୋଇଥିଲେ ହେଁ ଗୁରୁତର ରୋଗୀଙ୍କୁ ଆଧୁନିକ ଚିକିତ୍ସାର ସୁଫଳ ମିଳିପାରୁଛି।

**➘ କୋଭିଡ୍ କାଳରେ କ୍ରିଟିକାଲ୍ କେୟାର ବିଭାଗର ଗୁରୁତ୍ୱ ରାତାରାତି ବୃଦ୍ଧି ପାଇଥିଲା କାହିଁକି?**

କୋଭିଡ୍ ସମୟରେ ଶରୀରରେ ଅମ୍ଳଜାନ ସ୍ତର ଖସୁଥିବା ରୋଗୀ ବହୁସଂଖ୍ୟାରେ କ୍ରିଟିକାଲ୍ କେୟାର ଆବଶ୍ୟକ କରୁଥିଲେ। ପୁଣି ଅନ୍ୟ ରୋଗ ଥିବା ବ୍ୟକ୍ତି ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ହେତୁ ଗୁରୁତର ହୋଇଯାଉଥିଲେ। ସେଇ ସମୟରେ ଫୁସ୍‌ଫୁସ୍ ଫାଇବ୍ରୋସିସ୍ ଏକ ବଡ଼ ଚାଲେଞ୍ଜ ଥିଲା। ସେମାନଙ୍କୁ ଇନ୍‌ଟେନ୍‌ସିଭ୍ କେୟାରରେ ରଖାଯାଇ ସୁସ୍ଥ କରାଯାଇଥିଲା। ବହୁ ରୋଗୀ ଆସନ୍ନ ମୃତ୍ୟୁମୁଖରୁ ଫେରି ସୁସ୍ଥ ଜୀବନଯାପନ କରୁଛନ୍ତି।

### ଉନ୍ନୟନ କାମରେ ପିସି କାରବାର ଅଭିଯୋଗ

# ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ରହସ୍ୟ ପଦାକୁ ଆସିବ

**କଳାହାଣ୍ଡି, ୨୦।୪ (ସଂଚାର ବ୍ୟୁରୋ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଧର୍ମଗଡ ଅଞ୍ଚଳର ଭାଗ୍ୟ ବଦଳି ପାରୁନାହିଁ । ପ୍ରତି ବର୍ଷ ଶହ ଶହ ସଂଖ୍ୟାରେ ଏହି ଅଞ୍ଚଳରୁ ନିଜର ଜୀବିକା ପାଇଁ ଅନ୍ୟ ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜୁରାଟ, ମୁମ୍ବାଇ, ମହାରାଷ୍ଟ୍ରକୁ ଦାଦନ ଖଟିବାକୁ ଯାଆନ୍ତି । ଏହି ସମୟରେ ତାଙ୍କ ଖାଉଟି ସାମଗ୍ରୀ ପିଡିଏସ୍, ଏମ୍. ଡି ଏମ୍. ପେନ୍‌ସନ୍ ସହିତ ବହୁତ ଯୋଜନାର ଅର୍ଥ ବାଟମାରଣା ହୁଏ। ପ୍ରଶାସନ, ଜନପ୍ରତିନିଧି, ସରକାର ସମସ୍ତେ ଏ ସମ୍ବନ୍ଧରେ ଅବଗତ । ହେଲେ କାର୍ଯ୍ୟାନୁଷ୍ଠାନ ଶୂନ୍ । କାଗଜ ପତ୍ରରେ କେତେ ଶ୍ରମିକ ଚାଲାଣ ହେବ ରେକର୍ଡରେ ରହେ ତା'ର ୬୦୦ ଗୁଣ ଅଧିକ ଦାଦନ ଶ୍ରମିକ ଚାଲାଣ ହୁଅନ୍ତି। ଶ୍ରମ ବିଭାଗ, ପୁଲିସ ଓ ବିଭାଗୀୟ




ଅଧିକାରୀଙ୍କ ନିଆଦିଆରେ ଏହି କାରବାର ସୁରୁଖୁରୁରେ ଚାଲିଥିବା ସାଧାରଣରେ ଅଭିଯୋଗ ହୁଏ ।

ବର୍ତ୍ତମାନ ଧର୍ମଗଡ ବ୍ଲକ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଏମ୍‌ଜିଏନ୍‌ଆର୍ ଜିଏସ୍ ଏହି ବ୍ଲକ୍‌ର ବହୁ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଛି। ପିଡିଏସ୍ ଦୁର୍ନୀତି, ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ଶୌଚାଳୟ ଦୁର୍ନୀତି, ବିଭିନ୍ନ ଅନୁଦାନର ନିମ୍ନମାନର ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଗ୍ରାମିଣ ଆବାସ ଯୋଜନା ଚୟନରେ ଅନିୟମିତତା ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାର ରୂପାୟନ ପାଇ ଆସିଥିବା ଅର୍ଥର ଠିକ୍ ଭାବେ କାର୍ଯ୍ୟକାରି ନ କରିବା ଓ ଠିକ ସମୟରେ ପ୍ରମାଣପତ୍ର ଦାଖଲ କରା ଯାଉନାହିଁ । ଆଜି ମଧ୍ୟ ପକ୍କା ରାସ୍ତା ଗୁଡିକ ଥରେ ନିର୍ମାଣ କଲା ପରେ ବାରମ୍ବାର ତା ଉପରେ ରାସ୍ତା ନିର୍ମାଣ କରିବା ଅଭିଯୋଗ ହେଉଛି।

ଏହି ବ୍ଲକ୍‌ରେ ସୂଚନା ଅଧିକାର ଆଇନ ୨୦୦୫ ବ୍ଲକ୍ ପ୍ରଶାସନ 'ଫୁ କରୁଛନ୍ତି। ଏହି ବ୍ଲକ୍‌ରେ ଓଡ଼ିଶାର ନାଗରିକ ସେବା ୨୦୧୨ରେ ନିର୍ଦ୍ଧାରିତ ଠିକ ସମୟରେ କାମ କରେ ନାହିଁ। ଧର୍ମଗଡ ବ୍ଲକ୍‌ରେ ବ୍ଲକ ପିସି ଆକାରରେ ୨୨% ପିସି କାରବାର ହେଉଥିବା ଅଭିଯୋଗ ହେଉଛି । ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତକୁ ଆସୁଥିବା ଅନୁଦାନରେ ନିମ୍ନ ମାନର କାମ ହେଉଛି। ପ୍ରତ୍ୟେକ କାମର କୌଣସି ନିର୍ଦ୍ଧାରିତ ସମୟ ନାହିଁ ଓ କେଉଁ ସୂଚନା ଫଳକ ପ୍ରଥମେ କାମ କରିବା ପୂର୍ବରୁ ଲଗାଯାଏ ତ କେଉଁଠି କାମ ସରିଲେ ସୂଚନା ଲେଖିବା ଜନସାଧାରଣ ଅଭିଯୋଗ ହେବା ପରେ ସୂଚନା ଲେଖନ୍ତି ଠିକାଦାର। ଏହି ବ୍ଲକର ପ୍ରତ୍ୟେକ ପଞ୍ଚାୟତ କାମକୁ ଭିଜିଲାନ୍ସ ତଦନ୍ତ ହେବା ଜରୁରୀ ବୋଲି ଜନ ସାଧାରଣରେ ଦାବି ହେଉଛି । ନହେଲେ ଭବିଷ୍ୟତରେ ଧର୍ମଗଡ ବ୍ଲକ ଯେ, ଦୁର୍ନୀତିର ଗନ୍ତାଘର ପାଲଟିଯିବ ସେଥିପାଇଁ ଆଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

### ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳିତ

# ଶୃଙ୍ଖଳିତ ଅଭ୍ୟାସ ଦ୍ୱାରା ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଠିକ ରହିବ

**ଅସ୍ତରଙ୍ଗ/କାକଟପୁର, ୨୦।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ଆରତୀ ନାଏକ ଯୋଗଦେଇ ଅଙ୍ଗନବାଡି କର୍ମୀ, ସିଡିପିଓ ଏବଂ ମିଶନଶକ୍ତି ମା'ଙ୍କ ଦ୍ୱାରା ସୁସ୍ଥ ଓ ନିରୋଗୀ ଶିଶୁ ଏବଂ ମା'ଙ୍କ ନିମନ୍ତେ ସୁଷମ ଖାଦ୍ୟ ପ୍ରସ୍ତୁତି ବୁଲିଦେଖିଥିଲେ। ଶିଶୁ ଓ ମା'ମାନଙ୍କର ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ସୁଷମ ଖାଦ୍ୟ ଖାଇବା ସହ ଶୃଙ୍ଖଳିତ ଅଭ୍ୟାସକୁ ଆପଣେଇ ନେଲେ ସମସ୍ତ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଠିକ ରହିବା ସହ ସୁସ୍ଥ ନିରୋଗୀ ସମାଜ ଗଠନ ହୋଇ ପାରିବ ବୋଲି ବ୍ଲକ ଅଧକ୍ଷା ଶ୍ରୀମତୀ ନାଏକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ବ୍ୟାପକ ପ୍ରସାର ଓ ପ୍ରଚାର ନିମନ୍ତେ ପ୍ରତ୍ୟେକ ମାସରେ ଓ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ପୋଷଣ ପକ୍ଷ ଆୟୋଜନ କରାଇ ଶପଥ ପାଠ ଉତ୍ସବ କରିବାକୁ ସିଡିପିଓ ମମତା ନାୟକ ନିର୍ଦ୍ଦେଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିକିନା ବେହେରା ପ୍ରମୁଖ ଯୋଗଦେଇ ପୋଷଣ ପକ୍ଷ ମାସ ହିସାବରେ ନୁହେଁ ପ୍ରତ୍ୟେକ ଦିନ ତଦାରଖ କରିବାକୁ ଓ ଦେଶର ଭବିଷ୍ୟତର ଦାୟିତ୍ୱ ଅଙ୍ଗନବାଡି କର୍ମୀଙ୍କ ପାଖରେ ଅଛି ବୋଲି କହିବା ସହ ସୁଷମ ଖାଦ୍ୟ ଖାଉଛନ୍ତି କି ନାହିଁ ଯାଞ୍ଚ କରିବା କର୍ତ୍ତବ୍ୟ ଅଟେ। ମଣ୍ଡଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତା ନାୟକଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହ ସପ୍ତମ ପୋଷଣ (ପ୍ରଧାନମନ୍ତ୍ରୀ ସାମଗ୍ରିକ ପୁଷ୍ଟି ପାଇଁ ବ୍ୟାପକ ଯୋଜନା) ପକ୍ଷ ୨୦୨୫ତଥା ୮ଏପ୍ରିଲରୁ




୨୨ଏପ୍ରିଲ ଉପରେ ପ୍ରମୁଖ ଥିମ ଉପରେ ବକ୍ତବ୍ୟ ରଖିଥିଲେ। ପରିଶେଷରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଉପୁଜିଥିବା ସମସ୍ୟା ତଥା ଅଙ୍ଗନବାଡି ନିର୍ମାଣ କ୍ଷେତ୍ରରେ ଜମି ସମସ୍ୟା, ପାନୀୟ ଜଳ, ଶୌଚାଳୟ, ବିଜୁଳି ଆଲୋକ ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ ଅଂଶ ଗ୍ରହଣ କରିଥିଲେ।

### ୪ ବର୍ଷ ବିତିଲା, ସରୁନି ରାସ୍ତା କାମ

# ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



**ବୈଶିଙ୍ଗା, ୨୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ର ବା ରାଜ୍ୟ ସରକାର ସାଧାରଣ ଲୋକଙ୍କ ସୁବିଧା ପାଇଁ ରାସ୍ତା ତିଆରି କରୁଛନ୍ତି ସତ ମାତ୍ର ତାର କାର୍ଯ୍ୟର ଅବଧି ତଥା କାର୍ଯ୍ୟର ମାନ ତଦାରଖରେ ଅହେତୁକ ଅନୁକମ୍ପା ଯୋଗୁଁ ରାସ୍ତା ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାଇଁ ଯମଯନ୍ତ୍ରଣା ପାଲଟିଛି । ଏହାର ଉଦାହରଣ ସ୍ୱରୂପ ବୈଶିଙ୍ଗା-ମାଣତ୍ରୀ ଆର୍ ଡି. ରାସ୍ତା ଲୋକଙ୍କ ନିଦ ହଜାଇ ଦେଇ ସାରିଲାଣି। ଏହି ରାସ୍ତା ରାଜ୍ୟ ସରକାରଙ୍କ ରାଜ୍ୟ ରାଜପଥର ମାନ୍ୟତା ପାଇଛି। ଠାକୁରମୁଣ୍ଡାରୁ ଉଦଳା-ବୈଶିଙ୍ଗା -ବରହମପୁର ଠାରେ ୬୦ ନଂ ଜାତୀୟ ରାଜପଥରେ ସଂଯୋଗ ହେବା ପାଇଁ ଚାରି ବର୍ଷ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ବର୍ତ୍ତମାନ ସୁଦ୍ଧା ଅଧା କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ। ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି କାର୍ଯ୍ୟର ଅବଧି ବଢ଼ି ବଢ଼ି ଯିବା ସହିତ ବଜେଟ୍ ମଧ ବଢି ବଢି ଚାଲୁଥିବାରୁ କାର୍ଯ୍ୟ ସାରିବାକୁ ଠିକାଦାର ଇଚ୍ଛା ପ୍ରକାଶ କରୁଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ନୈଶିଙ୍ଗାରୁ ମାଣତ୍ରୀ ମଧରେ ପାଟଳିପୁରା ଠାରେ ଛଅ ମାସ ଧରି କେବଳ ମେଟାଲ ଓ ଡଷ୍ଟ ବିଛାଇ ଠିକାଦାର ଚୁପ୍ ଚାପ୍ ବସି ଯାଇଥିବାରୁ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ପାଦଚଲା ଲୋକଙ୍କ ଠାରୁ ସାଇକେଲ, ବାଇକ୍, କାର, ସମେତ ବସ ଟ୍ରକ୍ ସମସ୍ତଙ୍କ ପାଇଁ ଦୁଃଖ ଆଣିଦେଇଛି । ତା ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ଘର କରିଥିବା ଲୋକଙ୍କ ଦୁର୍ଦ୍ଦଶା ଦୁଇ ଗୁଣ ବଢି ଯାଇଛି । ରାସ୍ତାର ଧୂଳି ସମସ୍ତଙ୍କୁ କଷ୍ଟ ଦେଉଛି । ବାରମ୍ବାର ଅଭିଯୋଗ କରିବା ପରେ ମଧ ନା ଠିକାଦାର ନା ପ୍ରଶାସନ କେହି କର୍ଣ୍ଣପାତ କରୁନଥିବା ଜଣାଯାଇଛି । ଏଥି ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଚାଲିଥିଲେ ମଧ କୌଣସି ସ୍ଥାନରେ କିଛି ନୀତି ନିୟମରେ କାର୍ଯ୍ୟ ହେଉନଥିବାର ଅଭିଯୋଗ ହେଉଛି। ଠିକାଦାରଙ୍କ ଏଭଳି ମନଇଚ୍ଛା କାର୍ଯ୍ୟ ପାଇଁ ପ୍ରଶାସନ ନୀରବ ରହିବା ଘଟଣା ଉଭୟଙ୍କ ମଧରେ ମଧୁଚନ୍ଦ୍ରିକା ଚାଲି ଥିବାର ଅଭିଯୋଗ ହେଉଛି । ତୁରନ୍ତ ଏହାର ସମାଧାନ ପାଇଁ ସାଧାରଣରେ ଦାବୀ ହେଉଛି ।

## ଖରସ୍ରୋତା ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



**ଯାଜପୁର ରୋଡ଼, ୨୦।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଜହଳ ସ୍ଥିତ ଖରସ୍ରୋତା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସମିତି ଓ ବିଦ୍ୟାଳୟର ମିଳିତ ସହଯୋଗରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଅଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଶୋକ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ପଂଚାୟତ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ଜିଲ୍ଲାପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ସମାଜସେବୀ ଧର୍ମେନ୍ଦ୍ର କର ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ସୁରେନ୍ଦ୍ର କୁମାର ରାୟ ପ୍ରମୁଖ ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ପିଲାମାନଙ୍କ ଭୂମିକା ଓ ଗୁରୁ ଶିଷ୍ୟଙ୍କ ମଧରେ ରହିଥିବା ଅନାବିଳ ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରାଇଥିଲେ। ପ୍ରାତଃରେ ସ୍କୁଲ ତରଫରୁ ଏକ ମିନି ମାରାଥନ ଓ ପରେ ବାଇକ ଶୋଭାଯାତ୍ରା ସହ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୁରତରଙ୍ଗ ଗ୍ରୁପ ତରଫରୁ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଶିଙ୍କୁଲିପଦରରେ ଲାଗିଲା ନୂଆ ଟ୍ରାନ୍ସଫର୍ମର

**କନ୍ଧମାଳ, ୨୦।୪ (ସଂଚାର ବ୍ୟୁରୋ):** ଖବର ପ୍ରସାରଣର ଛଅ ଘଣ୍ଟା ନପୂରୁଣୁ ସାତଦିନ ଧରି ଅନ୍ଧାରରେ ଥିବା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତର ଶିଙ୍କୁଲି ପଦର ଗାଁ ରେ ଲଗାଯାଇଛି ଏକ ବିଦ୍ୟୁତ ଟ୍ରାନ୍ସଫର୍ମରା ଯାହା ସମ୍ଭବ ହୋଇପାରିଛି ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁଙ୍କ ପାଇଁ । ଯାହାପାଇଁ ସମଗ୍ର ଫିରିଙ୍ଗିଆ ବ୍ଲକରେ ଯନ୍ତ୍ରୀଙ୍କ ମହାନତାକୁ ପ୍ରଶଂସା ମଧ କରାଯାଇଛି ।

ସୂଚନା ଅନୁସାରେ ଏହି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତର ଶିଙ୍କୁଲି ପଦର ଗାଁରେ ଲଗାଣ ବର୍ଷା ସହ ବିଜୁଳି ଘଡ଼ଘଡ଼ିରେ ଗାଁକୁ ବିଦ୍ୟୁତ ଯୋଗାଉଥିବା ଟ୍ରାନ୍ସଫର୍ମର ପୋଡି ଯିବାରୁ ଗ୍ରାମବାସୀ ଅନ୍ଧାରରେ ଥିଲେ । ଗତ ୧୩ ତାରିଖରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ହେବାରୁ ଗାଁରେ ଲାଗିଥିବା ଟ୍ରାନ୍ସଫର୍ମର ପୋଡି ଯାଇଥିଲା । ସାତ ଦିନ ହେବ ଗାଁରେ



ଥିବା ସତରଟି ପରିବାର ଅନ୍ଧାରରେ ରହି ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବର୍ତ୍ତମାନ ଦିନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ବଢୁଥିବାରୁ ଘରେ ରହିବା ଅସମ୍ଭବ ହେଉଥିବା ବେଳେ ପିଲା ମାନଙ୍କୁ ପାଠ ପଢ଼ାରେ ମଧ ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ ଗ୍ରାମବାସୀ । ଟ୍ରାନ୍ସଫରମର ପୋଡିଯିବା ପରେ ଏହି ଶିକୁଳି ପଦର ଗାଁ ଏବଂ ଦଶ ନମ୍ବର ୱାର୍ଡର ୱାର୍ଡମେମ୍ବର ହରିଶ୍ଚନ୍ଦ୍ର କହଁରଙ୍କ ସହ ଗ୍ରାମବାସୀ ଫୁଲବାଣୀ ଯାଇ ବିଦ୍ୟୁତ ବିଭାଗରେ ବରିଷ୍ଠ ଅଧିକାରୀଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ ମଧ କରିଥିଲେ । କିନ୍ତୁ କୌଣସି ସମାଧାନ ହୋଇ ପାରିନଥିଲା ।

ତେବେ ଏହି ଖବର ରବିବାର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିବା ବେଳେ ଖବର ପ୍ରକାଶ ପାଇବାର ଛଅ ଘଣ୍ଟା ନପୂରୁଣୁ ଖୋଦ ବିଭାଗର କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁ ତାଙ୍କ ଟିମ ସହ ଉପସ୍ଥିତ ରହି ତୀବ୍ର ଖରାକୁ ମଧ ଖାତିର ନକରି ପୋଡ଼ିଯାଇଥିବା ଟ୍ରାନ୍ସଫର୍ମରକୁ ବଦଳାଇ ସେଇ ଜାଗାରେ ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିଛନ୍ତି । ଏବେ କରେଣ୍ଟ ଆସିବା ପରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରୁ ମୁକ୍ତିମିଳିଛି ବୋଲି କହିବା ସହ କାର୍ଯ୍ୟରତ ଯନ୍ତ୍ରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ଶିଙ୍କୁଲିପଦରର ଗ୍ରାମବାସୀ ।

### ଜୀବିକା ମିଶନ ଯୋଜନାରେ କୋଟି କୋଟି ଟଙ୍କା ହଡ଼ପ

# ଦୁର୍ନୀତିର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ସାଂସଦ

**ନୀଳଗିରି, ୨୦।୪(ସଂଚାର ବ୍ୟୁରୋ):** ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲା ବେଳେ ନୀଳଗିରି ବ୍ଲକରେ କୋଟିକୋଟି ଟଙ୍କା ବିଭାଗୀୟ ଅଧିକାରୀ, ଏମବିକେ ଓ ସିଆରପିଙ୍କ ମିଲିଭଗତରେ ଆତ୍ମସାତ ହୋଇଥିବା ସୂଚନା ମିଳିଛି। ଏଭଳି ମହାଦୁର୍ନୀତିକୁ ଲୁଚାଇଦେବା ଏବଂ ପ୍ରମାଣ ନଷ୍ଟ ପାଇଁ କାର୍ଯ୍ୟାଳୟ ପରିସରରେ ଚାଲିଛି ଜୋରଦାର ପ୍ରୟାସ। ତେବେ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଭିଜିଲାନସ୍ ତଦନ୍ତ ପାଇଁ ଦାବୀ ହୋଇଥିବା ସୂଚନା ମିଳିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ଦୁର୍ନୀତି ଅଭିଯୋଗ ହୋଇଥିଲା ବେଳେ ବ୍ଲକର ଧୋବଶିଳା ପଞ୍ଚାୟତର ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ୧୦୦ଜଣ ମହିଳାଙ୍କୁ ଛେଳିଚାଷ ପାଇଁ ୩ଶହରୁ ଉର୍ଦ୍ଧ୍ୱ ଛେଳି କିଣିବାପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ମାତ୍ର ୧୦ଟି ରୁଗଣ ଛେଳି



କିଣି ବାକି ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମହିଳାଗୋଷ୍ଠୀର ଅନେକ ସଦସ୍ୟା ବାଲେଶ୍ୱର ସାଂସଦଙ୍କ ନିକଟରେ ଫେରାଦ ହୋଇଥିଲେ। ସାଂସଦ ମହୋଦୟ ଘଟଣାରେ ଅନିୟମିତତା ଏବଂ ଅର୍ଥ ହରିଲୁଟ ହୋଇଥିବା ପ୍ରମାଣ ପାଇବା ପରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଗତ ଏପ୍ରିଲ ୧୧ତାରିଖରେ ଚିଠି କରିଥିଲେ। ଶନିବାର ସନ୍ଧ୍ୟାରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏବଂ ସ୍ଥାନୀୟ ବିଡ଼ିଓ ବିକ୍ରମ କେଶରୀ ପରିଡ଼ାଙ୍କ ସହିତ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଧୋବଶିଳା ପଞ୍ଚାୟତ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ (ବିପିଏମ) ଅର୍ଜୁନ ପାଲଙ୍କ ସହିତ ଏମବିକେ ରଶ୍ମିତା ସ, ଜିପିଏଲଏଫ୍ ସଭାପତି ପ୍ରଭାତୀ ସ୍ୱାଇଁ, ସମ୍ପାଦକ ସୁମିତ୍ରା ସିଂଙ୍କ ଉପସ୍ଥିତିରେ ଦୁର୍ନୀତିର ତଦନ୍ତ କରିଥିଲେ। ଏହି ଆତ୍ମନିର୍ଭର ଯୋଜନାରେ ଜିପିଏଲଏଫ୍ ପାଣ୍ଠିରୁ ଲକ୍ଷାଧିକ ସରକାରୀ ଅର୍ଥ ଆତ୍ମସାତ କରିଥିବା ବିଭାଗୀୟ ଅଧିକାରୀ ଅର୍ଜୁନ ପାଲଙ୍କ ସମେତ ପଞ୍ଚାୟତର ଏମବିକେ, ଜିପିଏଲ୍ଏଫ୍ ସଭାପତି, ସମ୍ପାଦକ ସ୍ୱୀକାର କରିଥିଲେ।

## ଆସ୍କା ସାଂସଦଙ୍କ ହିଞ୍ଜିଳି ମେଡିକାଲ ପରିଦର୍ଶନ



**ହିଞ୍ଜିଳିକାଟୁ, ୨୦।୪ (ସଂଚାର ବ୍ୟୁରୋ):** ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ରବିବାର ସନ୍ଧ୍ୟା ସମୟରେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟକୁ ଅଚାନକ ଗସ୍ତ କରି ସ୍ୱାସ୍ଥ୍ୟ ସେବାର ଅସଲ ସ୍ଥିତିର ଅନୁଧ୍ୟାନ କରିଥିଲେ । ମେଡିକାଲ ସମସ୍ତ ୱାର୍ଡକୁ ଯାଇ ପରିଦର୍ଶନ କରିଥିବା ବେଳେ ଚିକିତ୍ସା କେମିତି ଚାଲିଛି ନେଇ ରୋଗୀ ମାନଙ୍କ ସହ ଆଲୋଚନା କରିଥିଲେ । ଶେଷରେ ଚିକିତ୍ସାଳୟର ଅଧିକ୍ଷକ ଡ଼ ଶ୍ରୀକାନ୍ତ ସାହୁ ମେଡିକାଲରେ ରହିଥିବା ସମସ୍ୟା ଉପରେ ସମାଧାନ ପାଇଁ ସାଂସଦଙ୍କୁ ଜଣାଇଥିବା ବେଳେ ଖୁବ ଶୀଘ୍ର ସମାଧାନ ହେବ ନେଇ ସାଂସଦ କହିଥିଲେ । ଏହି ଗସ୍ତ ବେଳେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର, ବିଜେପି ନଗର ସଭାପତି ସୁଧାଂଶୁ ଶେଖର ସାବତ, ପୂର୍ବତନ ବିଜେପି ନଗର ସଭାପତି ସନ୍ତୋଷ ପାଣିଗ୍ରାହୀ, ରବୀନ୍ଦ୍ର ପାଣିଗ୍ରାହୀ, ରାକେଶ ରଥ, ସୁଶାନ୍ତ ପାଣିଗ୍ରାହୀ ଏବଂ କର୍ମକର୍ତ୍ତା ମାନେ ପ୍ରମୁଖ ଯୋଗ ଦେଇଥିଲେ ।

## କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ଖେଲୋ ଇଣ୍ଡିଆ ସେଣ୍ଟର ଉନ୍ମୋଚିତ



**ସୁବର୍ଣ୍ଣପୁର, ୨୦।୪(ସଂଚାର ବ୍ୟୁରୋ):** ଜିଲ୍ଲାର କ୍ରୀଡା ଓ କ୍ରୀଡ଼ାବିତଙ୍କ ବିକାଶ ତଥା ପ୍ରୋତ୍ସାହନ ନିମନ୍ତେ । ସୁବର୍ଣ୍ଣପୁର ସହର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଲୋ ଇଣ୍ଡିଆ ସେଣ୍ଟରର ଶୁଭ ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଭିଡିଓ କନଫରେନସିଙ୍ଗ ହଲ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ମାନ୍ୟବର ମନ୍ତ୍ରୀ କ୍ରୀଡା ଓ ଯୁବସେବା ବିଭାଗ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ ଖେଲୋ ଇଣ୍ଡିଆ ସେଣ୍ଟର କୁ ଆଭାସୀ ମାଧମରେ ଶୁଭ ଉନ୍ମୋଚନ କରିଥିଲେ। ସେ ଏହି ଅବସରରେ ଜିଲ୍ଲାର କ୍ରୀଡା ଓ କ୍ରୀଡ଼ାବିତଙ୍କ ନିମନ୍ତେ ଅଭିନନ୍ଦନ ବାର୍ତ୍ତା ପ୍ରଦାନ କରି ଏହି କେନ୍ଦ୍ର ଆଗାମୀ ଦିନରେ ଜିଲ୍ଲାର କ୍ରୀଡ଼ାବିତ ମାନଙ୍କୁ ଆବଶ୍ୟକ ଭିତ୍ତିଭୂମି ପ୍ରଦାନ କରି ଜିଲ୍ଲାର କ୍ରୀଡା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ସୂଚୀତ କରିଛନ୍ତି। ଓ ନିଜେ ଫିଟ୍ ରହି ସ୍କୁଲ୍ କୁ ଫିଟ୍ ରଖିବା ଜରୁରୀ ବୋଲି ମତ ରଖି ଖୁବ୍ କମ୍ ଜିଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ କୁ ବାଛି ଛନ୍ତି ତା ଭିତରେ ସୋନପୁର ଗୋଟାଏ । ଛାତ୍ରୀଙ୍କ ଭିତରେ ସୁଯୋଗ ସୃଷ୍ଟି ହେଉ ଓ କ୍ରୀଡ଼ା କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲ୍ଲା ନାଁ କରୁ ବୋଲି ମତ ରଖି ସମସ୍ତଙ୍କ ଉଦ୍ୟମରେ ଓଡ଼ିଶା ରେ ସ୍ପୋର୍ଟସ ର ଏକ ହବ୍ ତିଆରି ହେବ ବୋଲି ମନ୍ତ୍ରୀ ପ୍ରକାଶ କହିଥିଲେ । ଅଲ୍ ଇଣ୍ଡିଆ ୟୁନିଭର୍ଶିଟି ନେସେନାଲ ଚାମ୍ପିଅନସିପ ଜିତା ପାତ୍ର ଓ ସ୍କୁଲ୍ ଲେବେଲ ନେସନାଲ ଚାମ୍ପିଅନସିପ ସୁନୀତା ରାଜହଂସକୁ ମନ୍ତ୍ରୀ ପ୍ରଶଂସା କରିଥିଲେ ।

# ରେଳ ସେବା ପ୍ରଦାନରେ ବ୍ରହ୍ମପୁରକୁ ଅବହେଳା

**● ଅନୁଦାନ ସମୁଦ୍ରକୁ ଶଙ୍ଖେ ଭଳି ● ବିଧାୟକ, ସାଂସଦଙ୍କ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ**

**ବ୍ରହ୍ମପୁର, ୨୦।୪(ସଂଚାର ବ୍ୟୁରୋ):** ରାଜ୍ୟର ସର୍ବପୁରାତନ ତଥା ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ରହ୍ମପୁର ରେଳ ଷ୍ଟେସନ ଉପରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ନିର୍ଭର କରନ୍ତି। କିନ୍ତୁ ଉପଯୁକ୍ତ ରେଳ ସେବା ଏବଂ ଏହାର ବିକାଶ କ୍ଷେତ୍ରରେ ଦକ୍ଷିଣ ଓଡିଶା ବିଶେଷ କରି ବ୍ରହ୍ମପୁରକୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇ ଆସୁଛି। ଓଡ଼ିଶାର ସର୍ବାଧିକ ରାଜସ୍ୱ ଆୟ କରୁଥିବା ରେଳ ଷ୍ଟେସନ୍ ତାଲିକାରେ ବ୍ରହ୍ମପୁର ରହିଥିଲେ ସୁଦ୍ଧା ଏହାର ବିକାଶ ପାଇଁ ଆସୁଥିବା ଅନୁଦାନ ସମୁଦ୍ରଙ୍କୁ ଶଙ୍ଖେ ଭଳି। ଯାହା ଫଳରେ ଆବଶ୍ୟକୀୟ ଉନ୍ନତି ବା ରେଳ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଅବହେଳାକୁ ନେଇ ବ୍ରହ୍ମପୁର ସହରର ବିଭିନ୍ନ ସଂଗଠନ ଓ କମିଟି ପକ୍ଷରୁ ଅଭିଯୋଗ ଏବଂ ଦାବି ହୋଇ ଆସୁଛି।

ଗତ ଶୁକ୍ରବାର ବ୍ରହ୍ମପୁର ସର୍କିଟ ହାଉସ୍ ଠାରେ ଏକ ବୈଠକରେ ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ତରଫରୁ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମ୍ମୁଖରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ରାଜସ୍ୱ ଆଦାୟରେ ବ୍ରହ୍ମପୁର ଆଗରେ ଥିଲେ ମଧ ବିକାଶରେ ପଛରେ ପଡ଼ିଯାଇଛି ବୋଲି କୁହାଯିବା ସହ ବାରମ୍ବାର ସରକାରଙ୍କ ଆଗରେ ଦାବି ଉପସ୍ଥାପନ ସତ୍ତ୍ୱେ କୌଣସି ସୁଫଳ ମିଳୁନଥିବା




ଅଭିଯୋଗ ହୋଇଥିଲା। ଗତ ଫେବୃଆରୀ ୨୧ ତାରିଖରେ ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଗଞ୍ଜାମ ଜିଲାର ତିନି ଜଣ ବିଧାୟକଙ୍କ ତତ୍ତ୍ୱାବଧାନରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଏବଂ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ମଧରେ ବୈଠକ ବସିଥିଲା। ବ୍ରହ୍ମପୁର ଷ୍ଟେସନର ଉନ୍ନତିକରଣ ପାଇଁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ପରବର୍ତ୍ତି ସମୟରେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଶେଷକରି ନୂତନ ଡିପିଆର ସାମ୍ନାକୁ ଆସିବା ପରେ ତୀବ୍ର ସମାଲୋଚନା କରାଯାଉଛି।

ରାଜସ୍ୱ ଦୃଷ୍ଟିରୁ ରାଜ୍ୟରେ ତୃତୀୟ ସ୍ଥାନରେ ବ୍ରହ୍ମପୁର ରହିଛି। ବାର୍ଷିକ ଆୟ ଶହେ କୋଟିରୁ ଅଧିକ କିନ୍ତୁ ଉନ୍ନତିକରଣ ପାଇଁ ମାତ୍ର ୧୧ କୋଟି ଟଙ୍କାର ଅନୁଦାନ ପ୍ରଦାନକୁ ନିନ୍ଦା କରାଯାଇଛି। ଶୁକ୍ରବାର ବୈଠକରେ ମଧ ଏହାକୁ ନେଇ ସ୍ୱର ଉଠାଯାଇଥିଲା। ବ୍ରହ୍ମପୁର ଷ୍ଟେସନକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା, ୫ ଏବଂ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ, କୋଚିଂ ଡିପୋ ପ୍ରତିଷ୍ଠା, ଅଟକି ରହିଥିବା ବିଭିନ୍ନ ରେଳ ଫ୍ଲାଏ ଓଭର୍ ଯଥା ଜଗନ୍ନାଥପୁର, ଆମ୍ବପୁଆ ଓ ସୋରଳର ନିର୍ମାଣ, ବ୍ରହ୍ମପୁରରୁ ଭୁବନେଶ୍ୱର, ବିଶାଖାପାଟଣା ଓ ପୁରୀକୁ ନିୟମିତ ସୀଧାସଳଖ ରେଳ ଚଳାଚଳ, ବ୍ରହ୍ମପୁରରୁ ନୂଆଦିଲ୍ଲୀ, ମୁମ୍ବାଇ ଏବଂ ସୁରତକୁ ଦ୍ରୁତଗାମୀ ଦୈନିକ ଟ୍ରେନର ବ୍ୟବସ୍ଥା, ବ୍ରହ୍ମପୁରରେ ସବୁ ଦ୍ରୁତଗାମୀ ଟ୍ରେନର ରହଣି ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଏଥିସହିତ ବ୍ରହ୍ମପୁର-ସମ୍ବଲପୁର ଭାୟା ଫୁଲବାଣୀ, ଗୋପାଳପୁରରୁ ରାୟଗଡ଼ା ଏବଂ ଗୋପାଳପୁରରୁ ତାଳଚେର ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ ନେଇ ପୁଣି ଥରେ ଦାବି ରଖାଯାଇଥିଲା। ବୈଠକ ନେଇ ସାଂସଦ ଡ. ପାଣିଗ୍ରାହୀ କହିଥିଲେ ଯେ, କମିଟି ତରଫରୁ ୭ଟି ଦାବି କରାଯାଇଛି। ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ବ୍ରହ୍ମପୁର-ସମ୍ବଲପୁର ଏବଂ ଗୋପାଳପୁର-ତାଳଚେର ନୂତନ ରେଳପଥ ନିର୍ମାଣ ପାଇଁ କିଛି ବର୍ଷ ପୂର୍ବେ ଘୋଷଣା ସତ୍ତ୍ୱେ ଫଳପ୍ରଦ ହୋଇନାହିଁ। ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ସାଧାରଣରେ ହେଉଥିବା ଚର୍ଚ୍ଚା ପ୍ରକାରେ, ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ଏନେଇ ଦୃଢ଼ ଦାବି ଉପସ୍ଥାପନ କରିବାର ଇଚ୍ଛା ଶକ୍ତି ନଥିବାରୁ ବାରମ୍ବାର ଦାବି ଏବଂ ଆନ୍ଦୋଳନ ପରେ ବି ରେଳ ସେବା ଓ ବିକାଶ କ୍ଷେତ୍ରରେ ଦକ୍ଷିଣ ଓଡିଶା ଏବଂ ବ୍ରହ୍ମପୁରକୁ ଗୁରୁତ୍ୱ ଦିଆଯାଉନାହିଁ।

## ଉତ୍କଳ ଜ୍ୟୋତି ସମ୍ମାନ ପାଇଲେ ଶିକ୍ଷକ ଖଗେଶ୍ୱର ଦାଶ



**କଳିଙ୍ଗନଗର, ୨୦।୪(ସଂଚାର ବ୍ୟୁରୋ):** କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଜୟ ଦେବ ସଂସ୍କୃତି ପରିଷଦ ଓ ବିଶ୍ୱଦେବ ସମାଜ ମିଳିତ ଅନୁକୂଲ୍ୟ ୨୫ତମ ରାଜ୍ୟ ସ୍ତରୀୟ ସ୍ମାର୍ଟ ସମ୍ବର୍ଦ୍ଧନା, ପ୍ରତିଭା ପୂଜା ଓ ପ୍ରତିଭା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ମହାସମାରୋହରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାୟକ ଓ ସମ୍ମାନୀୟ ଅତିଥି ଭାବେ କଟକ ବିଧାୟକ ପ୍ରକାଶ ସେଠୀ ଯୋଗଦେଇଥିଲେ।ସଂସ୍କୃତି ପ୍ରାଣ କେନ୍ଦ୍ର କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ରବିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି।ଏହି ସମାରୋହରେ ଓଡ଼ିଶାର ବିଭିନ୍ନ ପ୍ରତିଭାବାନା ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ପୂର୍ବକ ରାଜ୍ୟ ସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଥାଏ।ଏହି କ୍ରମରେ ଆଦର୍ଶ ଶିକ୍ଷକ, ଏକ ନିଷ୍ଠ ସାଧନା, କର୍ତ୍ତବ୍ୟ ପରାୟଣତା,କର୍ମଭିମୁଖୀ କାର୍ଯ୍ୟଶୈଳି ପାଇଁ ଯାଜପୁର ଜିଲ୍ଲା ଦାନଗଦି ବ୍ଲକର ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଶ୍ରୀ ଖଗେଶ୍ୱର ଦାଶ ଙ୍କୁ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଅଛି।ଏହି ସମାରୋହରେ ବିଜେପିର ବରିଷ୍ଠ ନେତା ଗୋଲଖ ମହାପାତ୍ର ,ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ,ଶ୍ରୀତମ ଦାସ, ପ୍ରସନ୍ନ ପାଟ୍ଟଶାଣୀ ଓ ପ୍ରମୁଖ ଓ ସମସ୍ତ ଅଞ୍ଚଳରୁ ଆସିଥିବା ପ୍ରତିଭା ଉପସ୍ଥିତ ଥିଲା।